

ଶାହଙ୍କ ମୁଣ୍ଡ କାଟି ଟେବୁଲ୍ ଉପରେ ରଖିଦେବା ଉଚିତ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 159 | ଭାଗ ୩୩ | ସଂଖ୍ୟା ୧୫୯ Saturday 30 August 2025 | Page 8 Rs. 5.00 ● ଭୁବନେଶ୍ୱର ଶନିବାର ୩୦ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


‘ବିକଶିତ ଓଡିଶା ସମ୍ମିଳନୀ’ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଆଙ୍କ ସ୍ୱପ୍ନର ଦସ୍ତାବିଜ୍ ଭିଜନ-୨୦୩୬




### ବିରାଟ ପରବର୍ତ୍ତନ ଆଣିବ ଜିଏସ୍‌ଟି ସଂସ୍କାର

### ‘ଓଡିଶାର ଅଭିବୃଦ୍ଧି ଇଞ୍ଜିନକୁ ସଶକ୍ତ କରିବା’ ଶୀର୍ଷକ ଆଲୋଚନାଚକ୍ର

### ସର୍ବଶ୍ରେଷ୍ଠ ୫ ବିକଶିତ ରାଜ୍ୟରେ ଓଡ଼ିଶାକୁ ସ୍ଥାନ ଆମର ପ୍ରଥମ ଲକ୍ଷ୍ୟ

ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ)ଃ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଓ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ ବିକଶିତ ଓଡ଼ିଶା ‘ଓଡିଶାର ଅଭିବୃଦ୍ଧି ଇଞ୍ଜିନକୁ ସଶକ୍ତ କରିବା’ ଉପରେ ଏକ ଆଲୋଚନାଚକ୍ରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଦେଶର ସର୍ବଶ୍ରେଷ୍ଠ ପାଞ୍ଚଟି ବିକଶିତ ରାଜ୍ୟ ଭିତରେ ଓଡିଶାକୁ ସ୍ଥାନ ଦେବା ଆମ ସରକାରଙ୍କ ପ୍ରଥମ ଓ ଏକମାତ୍ର ଲକ୍ଷ୍ୟ ବୋଲି କହିଛନ୍ତି। ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇ ଶ୍ରୀ ମାଝୀ କହିଥିଲେ ଯେ ଆଗାମୀ ମାସରେ ହେବାକୁ ଥିବା ଜିଏସ୍‌ଟି ସଂସ୍କାର ଦେଶର ବାଣିଜ୍ୟ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆଣିବ। କାରଣ ଜିଏସ୍‌ଟି ଦର କମ ହେଲେ ଦେଶରେ ଉପଯୋଗ ପରିମାଣ ବଢ଼ିବ। ଫଳତଃ ଅଧିକ ଉତ୍ପାଦନ ହେବ, ଅଧିକ ରୋଜଗାର ବଢ଼ିବ। ଆମର ଏହି ଲକ୍ଷ୍ୟ ହାସଲ ପାଇଁ କୃଷି, ଶିଳ୍ପ ଓ ସାମାଜିକ ବିକାଶକୁ ଗ୍ରୋଥ୍ ଇଞ୍ଜିନ୍ ଭାବେ ନେଇ ଆମେ କାର୍ଯ୍ୟ ଆରମ୍ଭ କରିଛୁ। କାରଣ ଆମର ସାମଗ୍ରିକ ବିକାଶ ଆବଶ୍ୟକ। ଖଣିଜ ସମ୍ପଦର ଉପଯୋଗରେ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ସହିତ ଏକ ମାନୁଫାକ୍‌ଚରିଂ ହବ୍‌ରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଅବ୍ୟାହତ ରହିଛି। ଆହୁରି ମଧ ଏହି ଲକ୍ଷ୍ୟ ହାସଲ ପାଇଁ ଆମର ଖଣି ଏବଂ ଧାତୁ, କେମିକାଲ୍‌ସ-ପେଟ୍ରୋକେମିକାଲ୍‌ସ, ଆଇ.ଟି, ଷ୍ଟାର୍ଟଅପ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ଏମ୍‌ଏସ୍‌ଏମ୍‌ଇ ଆଦି କ୍ଷେତ୍ରର ବିକାଶକୁ ମଧ ଗୁରୁତ୍ୱ ଦେଉଛୁ। ଓଡିଶାରେ ବିକାଶ କୌଣସି ଗୋଟେ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ବର୍ଗଙ୍କ ପାଇଁ ହେବନାହିଁ। ଏହା ହେବ ସମାବେଶୀ ବିକାଶ। ଏଥିପାଇଁ ଆମେ ଏକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରିଛୁ, ଏହା ହେଉଛି ଆମ ରାଜ୍ୟର ସାଢେ ଚାରିକୋଟି ଲୋକଙ୍କ ସାମୂହିକ ସ୍ୱପ୍ନର ଦସ୍ତାବିଜ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମକୁ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ପଡିବ। ଶିକ୍ଷା, ସ୍ୱାସ୍ଥ୍ୟଠୁ ଆରମ୍ଭ କରି କୃଷି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ପଡିବ। ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବାକୁ ପଡିବ। ଏହା ସହିତ ଦକ୍ଷ ମାନବ ସମ୍ବଳ ସୃଷ୍ଟି, ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ, ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ ଏବଂ ସବୁଜ ଶକ୍ତି କ୍ଷେତ୍ରରେ ଓଡିଶାକୁ ଅଗ୍ରଣୀ କରିବାକୁ ପଡିବ। ଆମର ବିକଶିତ ଓଡ଼ିଶା ୨୦୩୬ର ରୋଡମ୍ୟାପ ତିନୋଟି ମୁଖ୍ୟ ମାର୍ଗଦର୍ଶିକା ଉପରେ ଆଧାରିତ । ପ୍ରଥମଟି ହେଲା ପିପୁଲ୍ସ ଫାଷ୍ଟ- ଆମର ପ୍ରତ୍ୟେକ ନୀତି ଓ କାର୍ଯ୍ୟକ୍ରମର କେନ୍ଦ୍ରରେ ରହିଛନ୍ତି ଜନସାଧାରଣ। ଦ୍ୱିତୀୟଟି ହେଉଛି ପ୍ରସପରିଟି ଟୁ ଅଲ୍—ରାଜ୍ୟର ବିକାଶ କେବଳ ସାମଗ୍ରିକ ଉନ୍ନତି ଦ୍ୱାରା ସମ୍ଭବ। ତୃତୀୟଟି ଟେକ୍‌ନୋଲୋଜି ନେତୃତ୍ୱାଧୀନ ଉନ୍ନତି ଭବିଷ୍ୟତକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ ଯୁଗ ଉପଯୋଗୀ କରିବା, ଆଧୁନିକ ଟେକ୍ନୋଲୋଜିକୁ ଗ୍ରହଣ କରିବା ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ ➾ପୃଷ୍ଠା-୬



# ସଂସଦ ଭବନରେ ରହିବ ରଥ ଚକ

ପୁରୀ,୨୯।୮(ସଂଚାର ବ୍ୟୁରୋ)ଃ ସଂସଦ ଭବନରେ ସ୍ଥାନ ପାଇବ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା’ ସୁଭଦ୍ରାଙ୍କ ରଥର ଗୋଟିଏ ଲେଖାଏଁ ଚକ। ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତାବକୁ ଗ୍ରହଣ କରିଛନ୍ତି। ସମ୍ପ୍ରତି ଓଡ଼ିଶା ଆସିଥିବା ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ରଥଯାତ୍ରା ଓଢ଼ୟକ୍ଷଣ ହୋଇଥିବା ୩ ଠାକୁରଙ୍କ ୩ ରଥର ଗୋଟିଏ ଲେଖାଏଁ ଚକ ସଂସଦ ପରିସରର ଏକ ପ୍ରମୁଖ ସ୍ଥାନରେ

### ପ୍ରସ୍ତାବ ଗ୍ରହଣ କଲେ ଲୋକସଭା ବାଚସ୍ପତି

ରଖିବାକୁ ବାଚସ୍ପତିଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ବାଚସ୍ପତି ଏହି ପ୍ରସ୍ତାବରେ ସହମତି ପ୍ରକାଶ କରିଥିଲେ। ଲୋକସଭା ବାଚସ୍ପତି ଓମ୍ ବିର୍ଲା ସଂସଦରେ ତିନି ରଥର ଗୋଟିଏ ଲେଖାଏଁ ଚକ ରଖିବା ପାଇଁ ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତାବକୁ ଗ୍ରହଣ କରିଥିବାରୁ ➾ପୃଷ୍ଠା-୬

# କେନ୍ଦ୍ରୀୟ ଯୋଜନା ପରଖିଲା ପିଏମ୍‌ଓ




### ଫ୍ଲାଗସିପ୍ ଯୋଜନା ହିତାଧିକାରୀଙ୍କ ସହ କଲେ ଆଲୋଚନା

**ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ)ଃ** ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା (ପିଏମ୍‌ଏ) ତରୁଣ କପୁର ଓଡ଼ିଶା ଗସ୍ତରେ ଆସିବା ସହିତ ଆଜି ଭୁବନେଶ୍ୱରର ବସ୍ତି ବସ୍ତିଗୁଡିକୁ ପରିଦର୍ଶନ କରିଥିଲେ। ତାଙ୍କ ସହିତ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀମାନେ ଥିଲେ। ଗସ୍ତ ସମୟରେ ଶ୍ରୀ କପୁର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ) ଏବଂ ପିଏମ ସ୍ୱନିଧି ଭଳି ଫ୍ଲାଗସିପ୍ ଯୋଜନାର ବାସିନ୍ଦା ଏବଂ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ୪୯ ନମ୍ବର ୱାର୍ଡର ଗୋଦାମ ବସ୍ତିର ସଦସ୍ୟମାନେ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ, ଓଡିଶା ସରକାରଙ୍କ ସହଯୋଗ ମାଧମରେ ବିଭିନ୍ନ ସରକାରୀ ଯୋଜନା ଅଧୀନରେ କିପରି ସେମାନଙ୍କ ଜୀବନରେ ଉନ୍ନତି ଆଣିଛି ତାହା ଉପରେ ଆଲୋକପାତ କରିଥିଲେ। ବାସିନ୍ଦାମାନେ ସମସ୍ତ ପରିବାର ପାଇଁ ଏକ ସୁଚିନ୍ତିତ, ସମାବେଶୀ ବାସସ୍ଥାନ ପାଇଁ ମତ ଦେଇଥିଲେ। ଏହି ଅବସରରେ ବସ୍ତିବାସିନ୍ଦା ମଧ ଏକ ପ୍ରୋଟୋଟାଇପ୍ ଆବାସ ଡିଜାଇନ୍ ଉପସ୍ଥାପନ କରିଥିଲେ, ଯାହା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା, ଯାହା ଅନୌପଚାରିକ ବସତିକୁ ଏକ ସ୍ଥାୟୀ ଓ ବାସଯୋଗ୍ୟ ପରିଣତ କରିବାକୁ ସେମାନଙ୍କର ପ୍ରସ୍ତୁତିକୁ ପ୍ରତିଫଳିତ କରେ। ଏହି ଅବସରରେ ଶ୍ରୀ କପୁର କହିଥିଲେ ଯେ ଏଠାକାର ଲୋକମାନଙ୍କ ସ୍ୱର ସମାବେଶୀ ଏବଂ ନମନୀୟ ସହରାଞ୍ଚଳ ବିକାଶ ପାଇଁ ଆମର ଜାତୀୟ ➾ପୃଷ୍ଠା-୬

# ଓଡ଼ିଶା ଅନ୍ଧାର କରିବେ ବିଦ୍ୟୁତ୍ କର୍ମଚାରୀ

### ଅଠର ଦିନ ହେଲା ଧାରଣାରେ ବସିଛନ୍ତି

### ଟାଟା ପାୱାର କରୁଛି ମନମାନୀ, ସରକାର ନୀରବ




ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ)ଃ ରାଜ୍ୟରେ ବିଦ୍ୟୁତ ବିତରଣରେ ଏକ ପ୍ରମୁଖ ଭୂମିକା ନେଉଥିବା ବିଦ୍ୟୁତ କର୍ମଚାରୀଙ୍କୁ ଟାଟା ପାବାର ଶୋଷଣ କରିଚାଲିଛି। ଏହାର ପ୍ରତିବାଦରେ ଆଗାମୀ ପାର୍ବଣ ଋତୁରେ ସାରା ଓଡିଶାକୁ ଅନ୍ଧାର କରିଦେବାକୁ ଧମକ ଦେଇଛନ୍ତି ବିଭିନ୍ନ ବିଦ୍ୟୁତ କର୍ମଚାରୀ ସଂଘ। ଆଉ ଏଭଳି ପରିସ୍ଥିତି ସୃଷ୍ଟି ହେଲେ ଏଥିପାଇଁ ରାଜ୍ୟ ସରକାର ଓ ଟାଟା ପାବାର ଦାୟୀ ରହିବେ ବୋଲି ଚେତାଇ ଦେଇଛି ବିଦ୍ୟୁତ କର୍ମଚାରୀ ସଂଘ ସମନ୍ୱୟ କମିଟି। ଯେଉଁ ଶ୍ରମିକ ଦେଶ ଗଢେ ଓ ରାଜ୍ୟ ଗଢେ ସେଇ ଶ୍ରମିକ ଆଜି ଶୋଷଣ ଶିକାର ହେଉଛନ୍ତି। ଆଜକୁ ଦିର୍ଘ ପନ୍ଦର ବର୍ଷ ହେବ ବିଦ୍ୟୁତ୍ କ୍ଷେତ୍ର ଏକ ସମ୍ବେଦନଶିଳ କାର୍ଯ୍ୟରେ ନିଜର ଶ୍ରମଦାନ କରିଥିଲେ ସୁଦ୍ଧା ସରକାର ଏବଂ ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ସ୍ଥାୟୀ କରୁନାହାନ୍ତି କି ସମାନ କାର୍ଯ୍ୟକୁ ସମାନ ଦରମା ଦେଉନାହାନ୍ତି। ବାରମ୍ବାର ଧାରଣା, ଆମରଣ ଅନଶନ ଭଳି ବହୁ ପନ୍ଥା ଆପଣେଇ ଥିଲେ ସୁଦ୍ଧା ଏହି ୩୩/୧୧ କେଭି କଣ୍ଟ୍ରୋଲ ରୁମର କର୍ମଚାରୀମାନଙ୍କ କଥା କେହି କର୍ଣ୍ଣପାତ କରୁନାହାନ୍ତି। ବାଧ ହୋଇ ଚଳିତ ମାସ ଗତ ବାର ତାରିଖ ଠାରୁ ଟିପିସିଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆଜକୁ ଅଠର ଦିନ ହେବ ବର୍ଷା ଘଡଘଡି ଓଦାପଟା ଅବସ୍ଥାରେ ଧାରଣାରତ।

ରାଜ୍ୟ ସରକାରଙ୍କ ଅଧିନରେ ପୂର୍ବରୁ ଥିବା ସେସୁ ସମୟରୁ ଏହି କଣ୍ଟ୍ରୋଲରୁମର କର୍ମଚାରୀମାନେ ଠିକା ଶ୍ରମିକ ଭାବେ ନିଯୁକ୍ତି ପାଇଥିଲେ। ପୂର୍ବ ସରକାର ସମୟରେ ପୂର୍ବତନ ଶକ୍ତି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ନିର୍ଦ୍ଦେଶରେ ଶକ୍ତି ସଚିବ ହେମନ୍ତ ଶର୍ମା ଲିଖିତ ଆକାରରେ ପ୍ରତିଶ୍ରୁତି ଦେଇଥିଲେ ମଧ ୩୩/୧୧କେଭି କଣ୍ଟ୍ରୋଲ ରୁମର ଅପରେଟରମାନଙ୍କୁ ସ୍ଥାୟୀ କରାଯିବ ବୋଲି କିନ୍ତୁ ତାହା ପାଣିର ଗାର ସଦୃଶ ➾ପୃଷ୍ଠା-୬

### ଭାରତ ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି

# ପ୍ରଥମ ତ୍ରୈମାସରେ ଅଭିବୃଦ୍ଧି ୭.୮%

### ପ୍ରତିକୂଳ ପରିସ୍ଥିତିରେ ବି ଉଲ୍ଲେଖନୀୟ ପ୍ରଦର୍ଶନ

### ଉଦ୍‌ବେଗଜନକ ଭାବେ କମିଲା ଟଙ୍କା ମୂଲ୍ୟ

**ନୂଆଦିଲ୍ଲୀ,୨୯।୮(ସଂଚାର ବ୍ୟୁରୋ)ଃ** ଭାରତ ପୁଣି ଥରେ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତିର ଆଖ୍ୟା ବଜାୟ ରଖିଛି। ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଦେଶର ଅର୍ଥନୀତିରେ ଜୋରଦାର ଅଭିବୃଦ୍ଧି ହୋଇଛି। ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୮ ପ୍ରତିଶତ ପଞ୍ଜିକୃତ କରିଛି। ଏନେଇ ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଛି ତଥ୍ୟ। ଗତବର୍ଷ ପ୍ରଥମ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ଥିଲା ୬.୫ ପ୍ରତିଶତ ଥିଲା। ପ୍ରଥମ କ୍ୱାର୍ଟର ପାଇଁ ୬.୫-୭ ପ୍ରତିଶତ ଅଭିବୃଦ୍ଧି ଆକଳନ କରାଯାଇଥିଲା। ନିର୍ମାଣ, ସେବା, ଖଣି, କୃଷି କ୍ଷେତ୍ରରେ ପୂର୍ବ ବର୍ଷ ତୁଳନାରେ ଉଲ୍ଲେଖନୀୟ ଓ ଆକର୍ଷଣୀୟ ଅଭିବୃଦ୍ଧି ଦରଜ ହୋଇଛି। ଚଳିତ ବର୍ଷ ସରକାରଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଜୁନ୍ ୨୦୨୫ ତ୍ରୈମାସିକରେ ଭାରତର ଜିଡିପି ୭.୮ ପ୍ରତିଶତ ଅଭିବୃଦ୍ଧି ପଞ୍ଜିକୃତ ହୋଇଛି। ଏହି ସଂଖ୍ୟା ଗତବର୍ଷର ସମାନ ତ୍ରୈମାସିକରେ ୬.୫ ➾ପୃଷ୍ଠା-୬

# ଦୁଇ ଅଧାପକଙ୍କ ଭରସାରେ ଆଇନ ମହାବିଦ୍ୟାଳୟ




### କ’ଣ କରୁଛନ୍ତି କୁଳପତି ଓ ରେଜିଷ୍ଟ୍ରାର?

**ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ)ଃ** ରାଜ୍ୟର ପ୍ରତିଷ୍ଠିତ ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ ମାତ୍ର ଦୁଇଜଣ ଅଧାପକରେ ଚାଲିଛି। ପ୍ରାୟ ୫୪୦ ଛାତ୍ରଛାତ୍ରୀଙ୍କ ପାଇଁ ଅଛନ୍ତି ଦୁଇ ଜଣ ଅଧାପକ। ଏକଥା ବିଚିତ୍ର ଲାଗୁଥିଲେ ବି ସତ । ସୂଚନା ଅଧିକାର ଆଇନ (ଆରଟିଆଇ)ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟରୁ ଏହି ତଥ୍ୟ ମିଳିଛି। ଏଇଥିରୁ ଅନୁମାନ କରାଯାଇଛି ଯେ ଆଇନ ମହାବିଦ୍ୟାଳୟରେ କେମିତି ଚାଲିଛି ପାଠପଢ଼ା।

ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟର ତିନି ବର୍ଷିଆ ଆଇନ ପାଠ୍ୟକ୍ରମରେ ଅଛନ୍ତି ୨୪୦ ଜଣ ଛାତ୍ରୀଛାତ୍ର ଓ ପାଞ୍ଚ ବର୍ଷିଆ ଆଇନ ପାଠ୍ୟକ୍ରମରେ ଅଛନ୍ତି ୩୦୦ ଶିକ୍ଷାର୍ଥୀ। ଛାତ୍ରଛାତ୍ରୀଙ୍କ ଠାରୁ ସେମିଷ୍ଟର ପିଛା ୪୫ ହଜାର ହିସାବରେ ବର୍ଷକୁ ୯୦ ହଜାର ଟଙ୍କା ଦେଉଛନ୍ତି ପ୍ରତି ଛାତ୍ରଛାତ୍ରୀ। ଉଭୟ ପାଠ୍ୟକ୍ରମରେ ମୋଟେ ୫୪୦ ଛାତ୍ରୀଛାତ୍ରଙ୍କୁ ପଢ଼ାଉଛନ୍ତି ଦୁଇ ଜଣ ଅଧାପକ । ସୂଚନା ଅଧିକାର କର୍ମୀ ପ୍ରତାପ ମହାନ୍ତିଙ୍କ ଏକ ସୂଚନା ଅଧିକାର ଆବେଦନର ଉତ୍ତର ଦେଇ ଏହି ସୂଚନା ଦେଇଛନ୍ତି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଜ୍ଞାନେନ୍ଦ୍ର କୁମାର ସାହୁ। ସବୁଠୁ ଆଶ୍ଚର୍ଯ୍ୟର ➾ପୃଷ୍ଠା-୬

# ସୁଙ୍କି ଘାଟିରେ ତିଆରି ହେଉଛି ଟନେଲ ଓ ୬ଥାକିଆ ହାଇୱେ



### ଚଳିତ ବର୍ଷ ଶେଷ ସୁଦ୍ଧା ସରିବ

### ସମୁଦ୍ର ପତ୍ତନଠାରୁ ୩ ହଜାର ଫୁଟ ଉପରେ ରହିଛି

କୋରାପୁଟ,୨୯।୮(ସଂଚାର ବ୍ୟୁରୋ)ଃ ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ସମୁଦ୍ର ପତ୍ତନଠାରୁ ୩ ହଜାର ଫୁଟ୍ ଉଚ୍ଚରେ ନିର୍ମାଣ ହେଉଛି ରାଜ୍ୟର ପ୍ରଥମ ଟନେଲ ସହ ୬ଥାକିଆ ହାଇୱେ। ଓଡିଶାରୁ ଆନ୍ଧ୍ର ଯିବା ପାଇଁ ତିନିଥାକିଆ ରାସ୍ତା ଓ ଆନ୍ଧ୍ରରୁ ଓଡ଼ିଶା ଆସିବା ପାଇଁ ମଧ ତିନିଥାକିଆ ରାସ୍ତା ନିର୍ମାଣ କରାଯାଉଛି। କୋରାପୁଟ ଜିଲ୍ଲାର ସୁଙ୍କି ଘାଟି ନିକଟରେ ନିର୍ମାଣ ହେଉଥିବା ଏହି ଦ୍ୱୈତ ଟନେଲ୍ ➾ପୃଷ୍ଠା-୬



## କାନ ଡେରିଥା

ଅପରାଧୀଙ୍କର ତାଲିମ କେନ୍ଦ୍ର
ପାଲଟିଯାଇଛି ଜେଲ୍
ଅପରାଧୀ ସେଠି
ଛୋଟ ଚୋରକୁ
କରି ଦେଉଅଛି ବେଲ୍
ବେଲ୍‌ରୁ ଆସି
ଅପରାଧୀ ବୁଦ୍ଧିରେ
ଛୋଟ ଚୋର ଖୋଲେ
ପୋଲିସ ବାହିନୀ ଭେଲ୍

■ ଦେବାଶିଷ

# ବିଜେଡିର ନୂଆ ନେତାଙ୍କୁ ଆରମ୍ଭରୁ ବିରୋଧ



### ଟକ୍କର ଦେବାକୁ ଗୁପ୍ତ ବୈଠକ

### ନିବାସ ଶରଣରେ ଈପ୍ସିତା-ଚିନ୍ମୟ

**ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ)ଃ** ବିଜେଡି ତାହାର ଦୁଇ ଛାମୁଆ ସଂଗଠନରେ ନୂଆ ନିଯୁକ୍ତି ଦେବାର ଦୁଇ ଦିନ ପୂରିନଥିବାବେଳେ ଏହାକୁ କିନ୍ତୁ ବିରୋଧ ଆରମ୍ଭ ହୋଇଗଲାଣି। ଛାତ୍ର ବିଜେଡି ମୁଖିଆ ଈପ୍ସିତା ସାହୁ ଓ ଯୁବ ବିଜେଡି ମୁଖିଆ ଚିନ୍ମୟ ସାହୁଙ୍କ ବାଟ ଓଗାଳିବାପାଇଁ ଗୁପ୍ତ ବୈଠକ ଆରମ୍ଭ ହୋଇଛି। ଗୁପ୍ତ ବୈଠକରେ ବିଧାୟକ ଓ ଅଭିଜ୍ଞ ଯୁବନେତାମାନେ ଥିବାରୁ ଦୁଇ ସାହୁ କିଭଳି ଆଗକୁ ବଢ଼ିବେ ତାହାକୁ ନେଇ ଦଳୀୟ କର୍ମୀ ମହଲରେ ଆଲୋଚନା ଆରମ୍ଭ ହୋଇଛି।

ଦୀର୍ଘଦିନ ଧରି ଛାତ୍ର ଓ ଯୁବ ବିଜେଡିର ମୁଖିଆ ନିଯୁକ୍ତି ନେଇ କସରତ ଚାଲିଥିବାବେଳେ ନିଜ ନିଜ ସମର୍ଥକଙ୍କୁ ଏହି ପଦବୀରେ ବସାଇବାପାଇଁ ଦଳ ଭିତରେ ଜୋରଦାର ଲବି ହୋଇଥିଲା। ହେଲେ ଶେଷରେ ଦଳପତି ଯୁବ ବିଜେଡି ସଭାପତି ଭାବେ ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ସଭାପତି ଭାବେ ଈପ୍ସିତା ସାହୁଙ୍କ ନାମରେ ମୋହର ମାରିଥିଲେ। ଦୁଇ ନେତା ବି ତତ୍କାଳ ନବୀନ ନିବାସ ଯାଇ ନବୀନଙ୍କ ସହିତ ଫଟୋ ଉଠାଇ ସେମାନଙ୍କ ମୁଣ୍ଡ ଉପରେ ସଭାପତିଙ୍କ ହାତ ରହିଥିବାର ବାର୍ତ୍ତା ଦେଇଥିଲେ। ହେଲେ ନିଜ ନିଜ ସମର୍ଥକଙ୍କୁ କଥା ଦେଇ କଥା ରଖିପାରିନଥିବା ନେତା ଏବେ ଅସନ୍ତୋଷର ନିଆଁରେ ଜଳୁଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ଗୋଟିଏ ଶିବିରର ଏହି ଦୁଇଜଣ ହୋଇଥିବାରୁ ଅନ୍ୟମାନେ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଦୁଇ ସାହୁଙ୍କ ନିଯୁକ୍ତି ପରେ କୁହୁଳୁଥିବା ଅସନ୍ତୋଷ ଆଜି ଭିନ୍ନ ରୂପ ନେଇଥିଲା। ଅସନ୍ତୁଷ୍ଟ ନେତାମାନେ ଖଣ୍ଡଗିରି ନିକଟରେ ଗୋଟିଏ ସ୍ଥାନରେ ଗୁପ୍ତ ବୈଠକ କରିଥିଲେ। ଅପମାନର ପ୍ରତିଶୋଧ ନେବାକୁ କେତେକ ମତ ଦେଇଥିବାବେଳେ ଆଉ କେତେଜଣ ନିରବରେ ରହି ଚେର କାଟିବାକୁ ମତ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଏଭଳି ସ୍ଥିତିରେ ଈପ୍ସତା-ଚିନ୍ମୟ କିଭଳି ଦଳର ଯୁବ ସଂଗଠନକୁ ଧରି ଆଗକୁ ବଢ଼ିବେ ତାହାକୁ ନେଇ କର୍ମୀମାନେ ଆଶା ଆଶଙ୍କାରେ ରହିଛନ୍ତି। କାରଣ ପୂର୍ବରୁ ଯେଉଁମାନେ ଏହି ଦୁଇ ସଂଗଠନର ଦାୟିତ୍ୱ ତୁଲାଇଥିଲେ ସେମାନେ ବିଧାନସଭାକୁ ନିର୍ବାଚିତ ହୋଇ ଆସିବା ସହିତ ➾ପୃଷ୍ଠା-୬



## ଶ୍ରୀ ବଳଦେବଜୀଉଙ୍କ ହୁଣ୍ଡିରୁ ୨ ଲକ୍ଷ ୬୯ ହଜାର ୪୦୦ ଆୟ

**କେନ୍ଦ୍ରାପଡ଼ା,୨୯।୮ (ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଜଗମୋହନ ମନ୍ଦିରରେ ଥିବା ହୁଣ୍ଡି ଖୋଲାଯାଇ ଦେବୋତ୍ତର କାର୍ଯ୍ୟାଳୟରେ ଗଣତି କରାଯାଇଛି । ଏଥିରୁ ମୋଟ୍ ୨ ଲକ୍ଷ ୬୯ ହଜାର ୪୦୦ ଟଙ୍କା ବାହାରିବା ପରେ ଏହାକୁ ମନ୍ଦିର ପାଣ୍ଠିରେ ଜମା ଦିଆଯାଇଛି। ଏହି ଗଣତି ସମୟରେ ଦେବୋତ୍ତର ସଂସ୍କାର ନିର୍ବାହୀ ଅଧିକାରୀ ବଳଭଦ୍ର ପଣ୍ଡା, ଟ୍ରଷ୍ଟବୋର୍ଡ ସଭ୍ୟ ତଥା ପୂର୍ବତନ ନଗରପାଳ ଘିରେନ ସାହୁ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ଅବସର ପ୍ରାପ୍ତ କର୍ମଚାରୀ ପତିତପାବନ ଲେଙ୍କା, ପ୍ରବୋଧ କୁମାର ପଣ୍ଡା, ଶ୍ରୀଧର ବେହେରା, କୈଳାସ ସ୍ୱାଇଁ, ରାଜକିଶୋର ମହାନ୍ତି ଓ ଦେବୋତ୍ତର ସଂସ୍କାର ଆକାଉଣ୍ଟ୍ ଶରତ ଚନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ଗଣତି କାର୍ଯ୍ୟକୁ ସଂପାଦନ କରିଥିଲେ ।

● ରାସ୍ତାରେ ଲହଡ଼ି ମାରୁଛି ନର୍ଦ୍ଦମା ପାଣି

## ପ୍ରଭାତଙ୍କ ଚିଠି ପରେ ଜିଲ୍ଲାପାଳଙ୍କୁ ଆରଡିସିଙ୍କ ତଦନ୍ତ ନିର୍ଦ୍ଦେଶ

**ମହାକାଳପଡ଼ା,୨୯।୮ (ସଂଚାର ବ୍ୟୁରୋ):** ବାରଗାଁ ପଞ୍ଚାୟତ ପାରେଶ୍ୱରପୁର ଗ୍ରାମର ଢଳେଇ ରାସ୍ତା ଉପରେ ପାଣି ଲହଡ଼ି ମାରିବା ଘଟଣାରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ରାଜସ୍ୱ ବିଭାଗୀୟ କମିଶନରଙ୍କ କାର୍ଯ୍ୟାଳୟ,କଟକ ତରଫରୁ ବରିଷ୍ଠ ପ୍ରଶାସନିକ ଅଧିକାରୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ସୂଚନା ଥାଉକି ଏ ସମସ୍ୟା ସମ୍ପର୍କରେ ଦୈନିକ ଖବରକାଗଜ ସଂଚାର ଜୁଲାଇ ୨୮ ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ମହାକାଳପଡ଼ା ତହସିଲଦାର ଶିବ ମଲ୍ଲିକ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ସରପଞ୍ଚଙ୍କ ଉପସ୍ଥିତିରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ସରପଞ୍ଚ ପମ୍ପ ଯୋଗେ ପାଣି ନିଷ୍କାସନ କରାଇଥିଲେ। ଏନେଇ ଆମ ପ୍ରତିନିଧି ତଥା ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ପ୍ରଭାତ ରଞ୍ଜନ ଜେନା ଘଟଣାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ବିଭାଗୀୟ କାର୍ଯ୍ୟାଳୟ କୁ ଚିଠି ଲେଖିଥିଲେ। ପ୍ରଭାତଙ୍କ ଚିଠି ପରେ ଆରଡିସି ଙ୍କ ୨୧ ଅଗଷ୍ଟ ରେ ଚିଠି ନମ୍ବର ୮୯୭୧ ରେ ଜିଲ୍ଲାପାଳଙ୍କୁ ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଝାରପଡା ଗାଁ ନିକଟରେ ଭାସୁଛି ମଣିଷଖିଆ କୁମ୍ଭୀର



**ରାଜନଗର,୨୯।୮ (ସଂଚାର ବ୍ୟୁରୋ):** ଚଳିତ ମାସ ୨୫ ତାରିଖ ଦିନ ରାଜନଗର ବ୍ଲକ ହାତିନା ପଞ୍ଚାୟତ ଅନ୍ତର୍ଗତ ପେଣ୍ଠ ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ ପୋଖରୀରୁ ୮ ଫୁଟ ୨ଇଞ୍ଚର ଏକ ଅଣ୍ଡିରା କୁମ୍ଭୀର ଉଦ୍ଧାର କରାଯାଇଥିଲା। ଗତ ଦୁଇ ଦିନ ହେଲା ଝାରପଡା ଗାଁ ନିକଟରେ ୨୦ ଫୁଟ ଲମ୍ବର ମଣିଷଖିଆ କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଛି। ଗତ ୨ ବର୍ଷ ତଳେ କୁମ୍ଭୀର ଭାସୁଥିବା ସ୍ଥାନ ଠାରୁ ୨୦୦ ମିଟର ଦୂରରେ ମହିଳାଙ୍କୁ ତାଙ୍କ ନିଜ ପୋଖରୀ କୂଳରୁ ଟାଣି ନେଇ ମାରିଦେଇଥିଲା। ଏବେ ଗାଁ ନିକଟରେ ସେହି କୁମ୍ଭୀର ଭାସୁଥିବାରୁ ଲୋକେ ଭୟବିତ ହୋଇପଡ଼ିଛନ୍ତି। ସ୍ଥାନୀୟ ଲୋକେ କୁମ୍ଭୀରକୁ ଉଦ୍ଧାର କରି ଅନ୍ୟତ୍ର ଛାଡିବାକୁ ବନବିଭାଗକୁ ଜଣାଇଛନ୍ତି। ଗାଁ ନିକଟରେ ଥିବା ନାଳରେ ବିରାଟ କୁମ୍ଭୀର ଭସିବା ଓ ସେହି କୁମ୍ଭୀର ପୂର୍ବରୁ ମଣିଷ ଖାଇଥିବାରୁ ପୁଣି ଆକ୍ରମଣ କରିବା ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ଓ ଭୟ ସୃଷ୍ଟି ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ ରାଜନଗର ବ୍ଲକର ସମସ୍ତ ନଦୀ ନାଳରେ ଏବେ କୁମ୍ଭୀର ଆତଙ୍କ ସୃଷ୍ଟି ହୋଇଛି। ଗତ ଏକ ବର୍ଷ ଭିତରେ ବିଭିହନ ଗାଁରୁ ପ୍ରାୟ ୨୦ ଟି କୁମ୍ଭୀର ଉଦ୍ଧାର ହେବ ଓ ତିନି ମାସ ଭିତରେ ଏଣ୍ଡୁଲାପୁର ଓ ପେଣ୍ଠ ଗାଁରୁ ୫ଟି କୁମ୍ଭୀର ଉଦ୍ଧାର ହେବା ଏହାର ପ୍ରମାଣ।

● କମଳାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ନମିଳିବା ଘଟଣା

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ କଥା ହେଲେ ସୁବ୍ରତ



**ମାର୍ଶାଘାଇ,୨୯।୮ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ଅଧୀନ କୁହୁଡ଼ି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁହୁଡ଼ି ଗ୍ରାମର କମଳା ମହାରଣାଙ୍କୁ ଆଜି ପର୍ଯ୍ୟନ୍ତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଶାସନ ତରଫରୁ ଯୋଗାଇ ଦିଆଯାଇ ନାହିଁ। ଯାହା ଫଳରେ ସେ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି। ଏନେଇ ଦୈନିକ ଖବରକାଗଜ ସଂଚାରରେ ୨୬ ଅଗଷ୍ଟରେ "ଗୁମୁରି କାନ୍ଦୁଛି କମଳା ମହାରଣା" ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ତହସିଲଦାର ଶ୍ରୀକାନ୍ତ ପରିଜା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଗତକାଲି ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ସୁବ୍ରତ କୁମାର ସେଠୀ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଙ୍କ ସହିତ ଫୋନ୍ କଲ୍ ରେ କଥା ହୋଇ କମଳାଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ବାବଦରେ କଥା ହୋଇଛନ୍ତି। ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୁବ୍ରତଙ୍କ ଠାରୁ ସମ୍ପୂର୍ଣ୍ଣ ତଥ୍ୟ ବୁଝିବା ସହିତ ତୁରନ୍ତ କମଳାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନା ଘଟଣାକୁ ବିଭାଗୀୟ ସଚିବଙ୍କୁ ଅବଗତ କରାଇଛନ୍ତି। ତୁରନ୍ତ କମଳା ମହାରଣାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଯେଉଁ ଆଶଙ୍କା ଦେଖାଦେଇଥିଲା ତାହାର ସମାଧାନ ତ୍ୱରିତ ହେବ ବୋଲି ବାଟ ସ୍ପଷ୍ଟ ହୋଇଛି।

# ବଢୁଛି ବନ୍ୟାଜଳ, ୨୦ ହଜାର ଲୋକେ ବିପନ୍ନ

**ରାଜନଗର,୨୯।୮ (ସଂଚାର ବ୍ୟୁରୋ):** ବ୍ରାହ୍ମଣୀରେ ବଡଧରଣର ତୃତୀୟ ବନ୍ୟା ଆସିବା ଯୋଗୁଁ ରାଜନଗର ବ୍ଲକର ୪ ପଞ୍ଚାୟତ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜନଗର ବ୍ଲକର ବନ୍ଧପଡା ପଞ୍ଚାୟତର ଚକିବାଙ୍କ, ଫିରିକି ଦାଣ୍ଡି, ଦକ୍ଷିଣଦାଣ୍ଡି, ଗୋବିନ୍ଦପୁର, ସନ୍ତପଡା, ଟାଙ୍ଗଣତୈଳା, ବନ୍ଧପଡା, ଓସ୍ତିଆ ପଚାୟତର ନଗଡ଼, ନଳଦିଆ, କଟକଣା, ବନ୍ଧପାଟଣା, ଓସ୍ତିଆ, ବେଲପାଳ ପଚାୟତ, ରାଜପୁର ପଚାୟତର ରାଜପୁର, ବାଲିଚନ୍ଦ୍ରପୁର, ଚନ୍ଦନପୁର, ବଳଭଦ୍ରପ୍ରସାଦ ଗାଁର ୨୦ ହଜାର ଲୋକେ ବିପନ୍ନ ହୋଇପଡ଼ିଛନ୍ତି। ସନ୍ଥପଡା ବାରିକ ସାହିରେ ଲୋକଙ୍କ ଘରେ ବନ୍ୟା ପାଣି ପଶିଛି। ଦାଣ୍ଡି ବଳଭଦ୍ରପୁର, ଅଢାଜୋରି-ଚାକିବାଙ୍କ ରାସ୍ତାରେ ବନ୍ୟପାଣି ୪ ଫୁଟ ଉପରେ ଚାଲୁଥିବାରୁ ଲୋକମାନେ ଟ୍ରାକ୍ଟର ଓ ଡିଙ୍ଗି ସାହାଯ୍ୟରେ କଷ୍ଟରେ ଯିବା ଆସିବା କରୁଛନ୍ତି।



ସରକାରଙ୍କ ପକ୍ଷରୁ ଡଙ୍ଗା କୌଣସି ବ୍ୟବସ୍ଥା କରାଯାଇନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବନ୍ୟାଜଳ ହୁ ହୁ ହୋଇ ମାଡୁଥିବା ବେଳେ ଓସ୍ତିଆ ଗାଁ ନିକଟରେ କୁମ୍ଭୀର ଭାସୁଥିବା ଦେଖି ଲୋକ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏହି ୪ ପଞ୍ଚାୟତ ଗୁଡିକରେ ପାନୀୟ ଜଳ, ଗୋ ଖାଦ୍ୟ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ପାନୀୟ ଜଳ ପ୍ରକଳ୍ପ ଓ ନଳକୂପ ଗୁଡିକ ବନ୍ୟା ଜଳରେ ବୁଡି ରହିଥିବାରୁ ପିଇବା ପାଣି ପାଇଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଈଗୋରୁଙ୍କ ଖାଦ୍ୟାଭାବ ଦେଖା ଦେଇଛି। ଚଳିତ ବର୍ଷ ତିନି ତିନି ଥର ବନ୍ୟା ଆସିଥିଲେବି ପ୍ରଶାସନ ପକ୍ଷରୁ ଏଯାଏଁ ରିଲିଫ ଯୋଗାଇ ଦିଆଗଲା ନାହିଁ। ବ୍ଲକ ପ୍ରଶାସନ ପକ୍ଷରୁ ସରପଞ୍ଚମାନଙ୍କୁ ଅର୍ଥ ପ୍ରଦାନ କରାନଯିବା କାରଣରୁ ତୃତୀୟ ବନ୍ୟାରେ ଡଙ୍ଗା ବ୍ୟବସ୍ଥା ହୋଇନଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି।

ବ୍ରାହ୍ମଣୀରେ ତୃତୀୟ ଥର ବନ୍ୟା ଆସି ବିପନ୍ନ ଲୋକେ ୪ଦିନ ହେବ ପାଣି ଘେରରେ ଥିବା ବେଳେ ରିଲିଫ ଦୂରର କଥା ପ୍ରଶାସନ ବିପନ୍ନଙ୍କ ନିକଟରେ ପହଞ୍ଚି ନଥିବାରୁ ବିପନ୍ନଲୋକେ ରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।ସରକାର ପାନୀୟଜଳ, ଗୋ-ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି।

## ସାଲେପୁରକୁ ଏନଏସି ମାନ୍ୟତା ନେଇ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦୃଢୋକ୍ତି



**ସାଲେପୁର ,୨୯।୮ (ସଂଚାର ବ୍ୟୁରୋ):** ଗତ ଗୁରୁବାର ସନ୍ଧ୍ୟାରେ ସାଲେପୁର ମଧୁମଣ୍ଡପ ଠାରେ ସାଲେପୁର ଅଞ୍ଚଳକୁ ଏନଏସି କରିବା ନେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନିଜର ମତ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ସାଲେପୁର ଭଳି ସହର ଯେ କି ଏନଏସି ମାନ୍ୟତା ପାଇବା ପାଇଁ ସରକାରଙ୍କ ସମସ୍ତ ମାନଦଣ୍ଡ ପୂରଣ କରି ଥିଲେ ବି ପୂର୍ବ ସରକାର ୨୪ ବର୍ଷ ଦୃଢ ସରକାରରେ ଥାଇଁ ମଧ ସାଲେପୁର ଭଳି ସହରକୁ ଅବହେଳା କରିଛନ୍ତି, କେବଳ ରାଜନୀତିକ ଫାଇଦା ନେବା ପାଇଁ ସାଲେପୁରରୁ ଏନଏସି ହୋଇଯାଇଛି ବୋଲି ମିଛ ଘୋଷଣା କଲେ । ହେଲେ ସାଲେପୁର ଭଳି ସହର ମୁନ୍ୟୁସିପାଲଟି ପାଇବା ଯୋଗ୍ୟ ଭଳି ସହର। ହେଲେ ପୂର୍ବ ସରକାରଙ୍କ ଅପାରଗତା ଯୋଗୁ ଆଜି ସାଲେପୁର ଏନଏସି ପାଇବାରୁ ବଞ୍ଚିତ । ଯଥାଶୀଘ୍ର ସାଲେପୁରକୁ ଏନଏସି ମାନ୍ୟତା ପ୍ରଦାନ କରାଯିବ ବୋଲି ରାଜ୍ୟ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ।

ଏହି କାର୍ଯ୍ୟକର୍ମକୁ ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ସଭାପତିତ୍ୱ କରିଥିବାବେଳେ, ସାଲେପୁର କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି ସଂଯୋଜନା କରିଥିଲେ । ଏଥିରେ କଟକ ଜିଲ୍ଲା ପୂର୍ବତନ ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ । ଜିଲ୍ଲା ଉପ ସଭାପତି ଧନେଶ୍ୱର ସାହୁ,ରମେଶ ନାୟକ, ସଂଗୀତା ଜେନା,ଶୋଭନା ସ୍ୱାଇଁ, ଦେବୀପ୍ରସାଦ ଦାଶ,ସମୀର ମହାନ୍ତି, ବେଣୁଧର ପ୍ରଧାନ,ଅନିତା ମଲ୍ଲିକ, ପ୍ରିୟରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ମନ୍ତ୍ରୀଙ୍କ ଘୋଷଣା ପରେ ସାଲେପୁର ଅଞ୍ଚଳରେ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା ।

## ଜିଲ୍ଲାପାଳଙ୍କ ବନ୍ୟାଞ୍ଚଳ ପରିଦର୍ଶନ



**ରାଜକନିକା,୨୯।୮ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ପାରିନୂଆପଡା ହାବଳଗଣ୍ଡ ପଞ୍ଚାୟତ ଓ ପଧାନପଡା ପଞ୍ଚାୟତର ବିଭିନ୍ନ ଗ୍ରାମର ବନ୍ୟା ସ୍ଥିତିକୁ ବୁଲି ଦେଖିଥିଲେ କେନ୍ଦ୍ରାପଡା ଜିଲ୍ଲାର ଜିଲ୍ଲାପାଳ ରଘୁରାମ ଆର୍ ଆୟାର। ମିଳିଥିବା ସୂଚନା ଅନୁସାରେ ଆଜି ପାରିନୂଆପଡା, କୈଥାପାଳ ଗାଁ ବନ୍ୟାଜଳ ପ୍ରବାହିତ ଅଞ୍ଚଳ ବୁଲି ଦେଖିଥିଲେ ଜିଲ୍ଲାପାଳ। ଏଥିରେ ସ୍ଥାନୀୟ ଚାଷୀ,ସାଧାରଣ ନାଗରିକ ସହିତ ଗ୍ରାମବାସୀ ଜିଲ୍ଲାପାଳଙ୍କ ପାଖେ ବନ୍ୟାର ଦୁର୍ଗତି ବିଷୟରେ ଅବଗତ କରାଇଥିଲେ। ଖରସ୍ରୋତାରେ ଆସିଥିବା ତୃତୀୟ ଥର ବନ୍ୟାରେ ବିଶେଷତ ଧାନଚାଷ ପ୍ରଭାବିତ ହୋଇଛି। ଆଉ ପୁନର୍ବାର ତଳି ରୋଇବାର ସମୟ ନାହିଁ। ଏଣୁ ଚଳିତ ବର୍ଷ ଧାନ ଫସଲ ସମୂଳେ ନଷ୍ଟ ହୋଇ ଯାଇଛି । ଏଥିପାଇଁ ସରକାର ଗୁରୁତ୍ୱ ସହ ବିଚାର କରିବାକୁ ଚାଷୀ ଦାବି ରଖିଥିଲେ। ଏହା ସହିତ ବନ୍ୟା ଯୋଗୁଁ ଗାଈଗୋରୁ ପଦାକୁ ଚରିବୁଲି ନ ପାରି ଗୋଠରେ ବନ୍ଧା ହୋଇ ଭୋକ ଓପାସରେ ଦିନ କାଟୁଛନ୍ତି। ଏଥିପାଇଁ ବି ତୁରନ୍ତ ଗୋଖାଦ୍ୟ ବ୍ୟବସ୍ଥା କରିବାକୁ ମଧ ଦାବି ହୋଇଥିଲା। ବନ୍ୟା ଘେରରେ ଥିବା ଗ୍ରାମବାସୀଙ୍କ ପାଇଁ ମଧ ରିଲିଫ୍ ପ୍ରଦାନ କରିବାକୁ ଦାବି ହୋଇଥିଲା।ଜିଲ୍ଲାପାଳ ସମସ୍ତ ଦିଗପ୍ରତି ଅନୁଭବ କରି ଗୋଖାଦ୍ୟ,ରିଲିଫ୍ ସହ ପିଇବା ପାଣିର ବ୍ୟବସ୍ଥା କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବନ୍ୟା ଛାଡ ପରେ ଗୋଖାଦ୍ୟ ଦିଆ ଯିବ ବୋଲି ମଧ କହିଥିଲେ।

## ଦୁର୍ଘଟଣାରେ ଗୋଡ଼ ହରାଇଥିବା ଯୁବକଙ୍କୁ ସହାୟତା

**ରାଜନଗର, ୨୯।୮ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଭିତରଗଡ଼ ପଞ୍ଚାୟତ ବିଷ୍ଣୁପଡା ଗ୍ରାମର ଅଙ୍କୁର ଚରଣ ଚଣ୍ଡଙ୍କ ପୁଅ ଅରୁଣ ୩୦ ବର୍ଷ ଦୁଇବର୍ଷ ତଳେ ବାଙ୍ଗାଲୋରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେ ଏକ କମ୍ପାନୀ ରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଅରୁଣ କମ୍ପାନୀ ରୁ କାମ ସାରି ରହୁଥିବା ଭଡା ଘରକୁ ଫେରିବା ପାଇଁ ଲୋକାଲ ଟ୍ରେନ ରେ ଚଢ଼ିବା ବେଳେ ଅଘଟଣ ଘଟି ତାଙ୍କର ଦୁଇ ଗୋଡ଼ କଟି ଯାଇଥିଲା।ଏଭଳି ଦୁଃଖଦ ଖବର ପାଇଁ ଅଗ୍ରଣୀ ସେସ୍ଛାସେବୀ ଅନୁଷ୍ଠାନ ମା ପଞ୍ଚୁବରାହୀ ସେବା ସଂସ୍ଥାନ ପରିବାର ତରଫରୁ ସମବେଦନା ଜଣାଇବା ସହିତ ଅରୁଣଙ୍କ ଚିକିତ୍ସା ପାଇଁ ଦଶହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।



## କୃଷି ବୈଜ୍ଞାନିକ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ




**କେନ୍ଦ୍ରାପଡ଼ା,୨୯।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜଝାଙ୍ଗ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତାପସ ରଂଜନ ସାହୁଙ୍କୁ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ମାନ୍ୟବର ରାଜ୍ୟପାଳ ପୁରସ୍କୃତ କରିଥିବା ଜଣାପଡିଛି । ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ ର ୬୪ ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ରେ ଶ୍ରୀ ସାହୁଙ୍କୁ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ସମ୍ବର୍ଦ୍ଧିତ କରା ଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ଏକାମ୍ର କ୍ଷେତ୍ର ର ବିଧାୟକ ବାବୁ ସିଂ, ଓୟୁଏଟି ର କୂଳପତି ପ୍ରଫେସର ପ୍ରଭାତ କୁମାର ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ସାଂସଦ ଖେଳ୍ ମହୋତ୍ସବକୁ ଉଦଘାଟନ କଲେ ବୈଜୟନ୍ତ

**କେନ୍ଦ୍ରାପଡ଼ା,୨୯।୮ (ସଂଚାର ବ୍ୟୁରୋ):** ପ୍ରଥମ ଥର ପାଇଁ କେନ୍ଦ୍ରାପଡା ଲୋକସଭା ନିର୍ବାଚନ ମଣ୍ଡଳୀରେ ଆରମ୍ଭ ହେବାକୁ ଥିବା "ସାଂସଦ ଖେଳ୍ ମହୋତ୍ସବ"କୁ କେନ୍ଦ୍ରାପଡା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ଶୁକ୍ରବାର ଉଦୟନଗରସ୍ଥିତ ଜିଲ୍ଲା ସଂସ୍କୃତି ଭବନରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଏହି କାର୍ଯ୍ୟକ୍ରମରେ ୭ଟି ଲୋକସଭା ନିର୍ବାଚନ ମଣ୍ଡଳୀର ବହୁ ଖେଳାଳୀ ଓ ବରିଷ୍ଠ ଖେଳାଳୀମାନେ ଯୋଗଦେଇଥିଲେ।

ଏହି ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର. ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡାର ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀ, ପାଟକୁରାର ତେଜେଶ୍ୱର ପରିଡା, ସାଲେପୁର ଅରିନ୍ଦମ ରାଏ, ଡ. କଳ୍ପନା ମଲ୍ଲିକ, କିଶୋର ପଣ୍ଡା, ରାଜନଗରର ଲଳିତ ବେହେରା, ଆଳିର କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ସୁନାକର ବେହେରା, ନୃସିଂହ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ଏହି ମହୋତ୍ସବରେ ଭାଗନେବା ପାଇଁ ଆଜି ଠାରୁ ନାମପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇ ଆସନ୍ତା ସେପ୍ଟେମ୍ବର ମାସ ୨୦ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହାପରେ ତ୍ରିସ୍ତରୀୟ ଖେଳ ଆରମ୍ଭ ହୋଇ ଡିସେମ୍ବରମାସ ୨୫ତାରିଖରେ ଶେଷ ହେବ। ଏହି ପ୍ରତିଯୋଗିତାରେ ୮ଟି ବିଭାଗରେ ଖେଳାଳୀମାନେ ଭାଗନେଇ ପାରିବେ। ପ୍ରଥମେ ଗ୍ରାମପଞ୍ଚାୟତ ସ୍ତରୀୟ ଓ ଏହାପରେ ବିଧାନସଭା ସ୍ତରୀୟ ଓ ପରେ ଲୋକସଭା କ୍ଷେତ୍ରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହାର ମୁଖ୍ୟ ଉଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ଥିବା ପ୍ରତିଭାମାନଙ୍କୁ ନେଇ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଖେଳାଳୀ ସୃଷ୍ଟି କରିବା । ଏଥିରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲାର ସମସ୍ତ ଲୋକଙ୍କର ସାହାଯ୍ୟ ସହଯୋଗ ପାଇଁ ସାଂସଦ ଶ୍ରୀ ପଣ୍ଡା ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ସ୍ତରରେ ସମ୍ମାନୀତ ହୋଇଥିବା କେନ୍ଦ୍ରାପଡାର ଟ୍ୟୁଙ୍କିଲ ସ୍ୱାଇଁ ଓ ଭାରଉତୋଳନରେ ଗୌରବ ଆଣି ଦେଇଥିବା ରମିତ ସ୍ୱାଇଁଙ୍କୁ ସାଂସଦ ଶ୍ରୀ ପଣ୍ଡା ଏହି ଅବସରରେ ସମ୍ମାନୀତ କରିଥିଲେ।

ଦୁଇ ଝିଅଙ୍କ ପାଠପଢ଼ାରେ ଲାଗିଥିଲା ଡୋରି

## ସହାୟତାର ହାତ ବଢ଼ାଇଲା ବକ୍ସ ଅଫିସ ହେଲପିଂ ହ୍ୟାଣ୍ଡ

**ଆଳି,୨୯।୮ (ସଂଚାର ବ୍ୟୁରୋ):** ବର୍ଷେ ହେବ ବାପା ଶରତ ନାୟକ ନିଖୋଜ ହୋଇ ଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାଙ୍କ ଖୋଜ ଖବର ମିଳୁନି । ପରିବାର ଲୋକ ଖୋଜା ଖୋଜି କରିବା ସହ ଥାନାରେ ଅଭିଯୋଗ କରିଥିଲେ । ଅପର ପକ୍ଷରେ ଶରତଙ୍କ ଅନୁପସ୍ଥିତ ଯୋଗୁଁ ତେଲ ନୁଣ ସଂସାରରେ ଚଳାଇବା କଷ୍ଟକର ହୋଇ ପଡ଼ିଥିବା ବେଳେ ବିଟେକ ପଢୁଥିବା ଝିଅର ପାଠପଢା ବନ୍ଦ ହୋଇଯାଇଛି। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସରକାରୀ ସ୍ତରରେ କୌଣସି ସହାୟତା ମିଳି ନଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାର ହାତ ବଢ଼ାଇଛନ୍ତି । ଏହି ଅବସରରେ ଆଜି ଆଳି ଅଞ୍ଚଳର ବକ୍ସ ଅଫିସ ହେଲପିଙ୍ଗ ହ୍ୟାଣ୍ଡର ସଦସ୍ୟ ମାନେ ଛାତ୍ରୀଙ୍କ ପାଠ ପଢା ନିମନ୍ତେ କିଛି ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।



ସୂଚନା ଅନୁଯାୟୀ ଆଳି ବ୍ଲକ କୁମାରଟଙ୍କା ଗ୍ରାମର ଶରତ ନାୟକ ପ୍ରାୟ ବର୍ଷେ ହେବ କେଉଁଆଡେ ନିଖୋଜ ହୋଇ ଯାଇଥିବା ବେଳେ ପରିବାର ଲୋକ ତାଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି। ଦୁଇ ଓଳି ଦୁଇ ମୁଠା ଖାଇବା ଯୋଗାଡ଼ କରିବା ଏହି ପରିବାର ପାଇଁ କାଠିକର ପାଠ ହୋଇଥିବାରୁ ମା ବିଟେକ ପଢୁଥିବା ବଡ଼ ଝିଅ ଶ୍ରଦ୍ଧାଞ୍ଜଳି ନାୟକର ପାଠ ପଢ଼ା ବନ୍ଦ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର କିଛି ସାମାଜିକ ଅନୁଷ୍ଠାନ ସହଯୋଗରେ ସାନଝିଅ ଶ୍ରାବଣୀ ରାଧା ନାୟକ ଆଳି ମହାବିଦ୍ୟାଳୟରେ ଯୁକ୍ତ ୨ ପାଠ ପଢୁଛନ୍ତି । ବିଟେକ ପାଠ ପଢିବା ନିମନ୍ତେ ଅଧିକ ଅର୍ଥର ଆବଶ୍ୟକତା ଥିବା ବେଳେ ସରକାରୀ ଓ ବେସରକାରୀ ଓ ସାମାଜିକ ଅନୁଷ୍ଠାନ ସହଯୋଗର ହାତ ବଢ଼ାଇବାକୁ ବକ୍ସ ଅଫିସ ହେଲପିଙ୍ଗ ହ୍ୟାଣ୍ଡ ପକ୍ଷରୁ ନିବେଦନ କରାଯାଇଛି ।

ରାଜକନିକା ପୁଲିସର ଦବଙ୍ଗଗିରି

## ଅଭିଯୋଗକାରୀଙ୍କ ଉପରେ ଜୁଲୁମ ଅଭିଯୋଗ




**କେନ୍ଦ୍ରାପଡା,୨୯।୮ (ସଂଚାର ବ୍ୟୁରୋ):** ପୂର୍ବ ସରକାରରେ ଓଡ଼ିଶା ପୁଲିସ ରାଜନେତାଙ୍କ ଇସାରାରେ ପୁଲିସ ଏକ ତରଫା କାର୍ଯ୍ୟ କରୁଥିଲେ। ସରକାର ବଦଳିବା ପରେ ଲୋକଙ୍କ ମୋହନ ସରକାର ଆସିବା ଦିନଠାରୁ ରାଜନୀତିର ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରୁଥିବାର ଦେଖାଯାଉଛି । ମାତ୍ର କେନ୍ଦ୍ରାପଡା ଜିଲ୍ଲା କନିକା ଥାନା ଅଧିକାରୀଙ୍କ ପାଇଁ ପୁଲିସ ବିଭାଗ, ଗୃହ ବିଭାଗ ବଦନାମର ପଗଡି ପିନ୍ଧିଛି । ଥାନା ଅଧିକାରୀଙ୍କ ବିଜେପିର ଆଗଧାଡିର ନେତ୍ରୀ ସୁଜାତା ବାରିକ ଥାନାରେ ଅଭିଯୋଗ କରି ବସିଥିବା ଦଳିତ ମହିଳାଙ୍କ ପାଇଁ ଥାନା ଅଧିକାରୀ ସଂଜୟ ମଲିକଙ୍କୁ ଫୋନରେ ସତ୍ୟାସତ୍ୟ ତଦନ୍ତ କରିବା ପାଇଁ ଅନୁରୋଧ ରକ୍ଷା କରିବା ଦୂରର କଥା ତାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିଥିଲେ । ଏହାର ପ୍ରତିବାଦ ଜଣାଇବା ସହ ଗୃହ ବିଭାଗ ସଚିବ ସତ୍ୟବ୍ରତ ସାଉଙ୍କୁ ଓ ଏସପିଙ୍କୁ ଅବଗତ କରାଇଥିଲେ। ଘଟଣାର ସତ୍ୟାସତ୍ୟକୁ ଅନୁଭବ କରି ଗୃହ ବିଭାଗ ସଚିବ ପୁଲିସ ମହା ନିର୍ଦ୍ଦେଶକଙ୍କୁ ତଦନ୍ତ ରିପୋର୍ଟ ପ୍ରକାଶ କରିବାକୁ ଦେଇଥିବା ଜଣାପଡିଛି । ମହିଳା ମାନଙ୍କୁ ଥାନାରେ ଉଚିତ୍ ନ୍ୟାୟ ପାଇପାରୁ ନଥିବାରୁ ସେମାନେ ବାଧ ହୋଇ ଆତ୍ମହତ୍ୟା ଭଳି ଚରମ କଥାକୁ ବାଛି ନେଇଛନ୍ତି । ଅପରପକ୍ଷରେ ପୁଲିସ ଏକ ତରଫା ନିଷ୍ପତିକୁ ବିରୋଧ କରିବା ସହ କେନ୍ଦ୍ରାପଡାର ବୁଦ୍ଧିଜୀବୀ, ଅଇନଜୀବୀ, ମହିଳା ଗୋଷ୍ଠୀ ଓ ସମାଜସେବୀମାନେ ଏଭଳି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି । ଆଇଆଇସି ସଂଜୟ ମଲିକଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଗୃହ ବିଭାଗ ଏସପିଙ୍କ ପାଖରେ ଜନ ସାଧାରଣରେ ଦାବି ହେଉଛି ।

## ଗେଜେଶ୍ୱର ବିଦ୍ୟାପୀଠରେ ଗଣେଶ ଓ ସରସ୍ୱତୀଙ୍କ ବିଗ୍ରହ ପ୍ରତିଷ୍ଠା



**ମହାକାଳପଡ଼ା,୨୯।୮ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଗଜେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଦାତ୍ରୀ ମା ସରସ୍ୱତୀ ଓ ବିଘ୍ନ ବିନାଶକ ଶ୍ରୀ ଗଜାନନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା କରାଯାଇଅଛି। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପାର୍ବତୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀ ମାନଙ୍କ ସହଯୋଗରେ ଏହି ବିଗ୍ରହ ସ୍ଥାପନା କରାଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଏହି ବିଗ୍ରହ ସ୍ଥାପନା କାର୍ଯ୍ୟ ଗଣେଶ ଚତୁର୍ଥୀ ଅବସରରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବୁଦ୍ଧିଜୀବୀ, ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପଞ୍ଚାୟତର ସରପଞ୍ଚ ନିବେଦିତା ଦାସ ଉପସ୍ଥିତ ଥିଲେ।

## ବନ୍ୟା ପ୍ରଭାବିତ ଅଞ୍ଚଳରେ କଂଗ୍ରେସ ପ୍ରତିନିଧିଦଳ

**ରାଜନଗର,୨୯।୮ (ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନ ମଣ୍ଡଳୀର ଲଗାତାର ଭାବେ ତୃତୀୟ ଥର ବନ୍ୟା ଆସି ୨୦ ହଜାର ଲୋକେ ବିପନ୍ନ ହୋଇପଡ଼ିଛନ୍ତି। ଆଜି ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ଯୁବ ନେତା ପ୍ରଶାନ୍ତ କୁମାର ରାଉତଙ୍କ ସହ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଦାମୋଦର ବିଶ୍ୱାଳ, ଯୁବ ନେତା ସୁଶୀଲ କୁମାର ପ୍ରଧାନ. ବରିଷ୍ଠ ନେତା କମଳ ଲୋଚନ ରାଉତ ନିରଞ୍ଜନ ବାରିକ ବାବୁରାମ ଜେନା ଲଛମନ ସେଠୀ ନିରଞ୍ଜନ ନାୟକ ପ୍ରମୁଖ ବିଭିନ୍ନ ପଞ୍ଚାୟତରେ ବନ୍ୟା ପ୍ରବାହିତ ଗାଁକୁ ଯାଇ ଲୋକ ମାନଙ୍କ ସହ ଆଲୋଚନା କରିଛନ୍ତି। ବନ୍ୟା ପାଣି ଘେରରେ ଦୀର୍ଘ ଦିନ ଥିବା ବେଳେ ସାଧାରଣ ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର ଦେଖା ନାହିଁ। ବନ୍ୟା ପ୍ରଭାବିତଙ୍କ ପାଖରେ ଏପର୍ଯ୍ୟନ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଶୁଖିଲା ଖାଦ୍ୟ, ପିଇବା ପାଣି, ଗୋରୁ ଗାଈମାନଙ୍କ ପାଇଁ ଗୋଖାଦ୍ୟ ପହଞ୍ଚିନଥିବାରୁ କଂଗ୍ରେସ ନେତା ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ରିଲିଫ, ଗୋଖାଦ୍ୟ ଯୋଗାଇ ଦେବାକୁ ଦାବି କରିଛନ୍ତି। ନଚେତ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି କଂଗ୍ରେସ ନେତା ଶ୍ରୀରାଉତ ଚେତାବନୀ ଦେଇଛନ୍ତି।



# ଭୁବନେଶ୍ୱର ନୁହେଁ, ସାରା ଓଡ଼ିଶା ମହିଳାଙ୍କ ପାଇଁ ସୁରକ୍ଷିତ



**ଭୁବନେଶ୍ୱର, ୨୯।୮ (ସଂଚାର ବ୍ୟୁରୋ)** : ଦେଶବ୍ୟାପୀ ୩୧ଟି ସହର ମଧ୍ୟରୁ ୧୨ ହଜାର ୭୭୦ ଜଣ ମହିଳାଙ୍କୁ ସର୍ଭେରେ ସାମିଲ କରାଯାଇଥିଲା। ସେମାନଙ୍କ ମତାମତ ଆଧାରରେ ପ୍ରସ୍ତୁତ ହୋଇଥିବା ଜାତୀୟସ୍ତରୀୟ ସୂଚକାଙ୍କ ଗୁରୁବାର ପ୍ରକାଶ ପାଇଥିଲା। ନାରୀ ସୁରକ୍ଷା ଜାତୀୟ ରିପୋର୍ଟକୁ ନେଇ ଶୁକ୍ରବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ କେବଳ ଭୁବନେଶ୍ୱର ନୁହେଁ, ମହିଳାଙ୍କ ପାଇଁ ସାରା ଓଡ଼ିଶା ସୁରକ୍ଷିତ। ମହିଳାଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ସବୁବେଳେ ପ୍ରୟାସ କରିଆସିଛନ୍ତି। ଅପରାଧୀମାନଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ସର୍ଭେରେ ମହିଳାମାନଙ୍କ ପାଇଁ ଦେଶର ସବୁଠୁ ନିରାପଦ ସହର ମଧ୍ୟରେ ଭୁବନେଶ୍ୱର ସମେତ କୋହିମା, ବିଶାଖାପଟଣା, ଐଜଓ୍ୱାଲ, ଗାଙ୍ଗଟକ୍, ଇଟାନଗର ଏବଂ ମୁମ୍ବାଇ ରହିଛି। ଅନ୍ୟପକ୍ଷରେ ପାଟନା, ଜୟପୁର, ଫରିଦାବାଦ, ଦିଲ୍ଲୀ, କୋଲକାତା, ଶ୍ରୀନଗର ଏବଂ ରାଞ୍ଚି ସବୁଠୁ ନିମ୍ନ ର୍ୟାଙ୍କରେ ରହିଥିବା ଜାତୀୟ ମହିଳା ସୁରକ୍ଷା ବାର୍ଷିକ ରିପୋର୍ଟ ଓ ସୂଚକାଙ୍କ ୨୦୨୫ରୁ ଜଣାପଡ଼ିଛି। ଭୁବନେଶ୍ୱର, କୋହିମା ଓ ଶୀର୍ଷ ର୍ୟାଙ୍କରେ ଥିବା ଅନ୍ୟ ସହରଗୁଡ଼ିକରେ ଲିଙ୍ଗଗତ ସମାନତା, ନାଗରିକ ଅଂଶଗ୍ରହଣ, ନୀତି ନିର୍ଦ୍ଧାରଣ, ମହିଳା ଅନୁକୂଳ ଭିତ୍ତିଭୂମିରେ ସୁଦୃଢ଼ ରହିଛି। ଅନ୍ୟପକ୍ଷରେ ପାଟନା, ଜୟପୁର ଭଳି ସହର ଦୁର୍ବଳ ଆନୁଷ୍ଠାନିକ ଉତ୍ତରଦାୟିତ୍ୱ, ପିତୃସତ୍ତାତ୍ମକ ମାନଦଣ୍ଡ ଏବଂ ସହରାଞ୍ଚଳ ଭିତ୍ତିଭୂମିରେ ପାର୍ଥକ୍ୟ ଯୋଗୁ ଖରାପ ର୍ୟାଙ୍କରେ ରହିଛନ୍ତି। ସର୍ଭେରେ ଭାଗନେଇଥିବା ପ୍ରତି ୧୦ ମହିଳାଙ୍କ ମଧ୍ୟରୁ ୬ ଜଣ ସେମାନଙ୍କ ସହରରେ ସୁରକ୍ଷିତ ଅନୁଭବ କରୁଥିବା କହିଥିବାବେଳେ ୪୦ ପ୍ରତିଶତ ସେତେଟା ସୁରକ୍ଷିତ ନୁହନ୍ତି କିମ୍ବା ଅସୁରକ୍ଷିତ ମଣୁଥିବା ମତ ରଖିଥିଲେ। ରାତିରେ ସୁରକ୍ଷାକୁ ନେଇ ରହିଥିବା ଧାରଣାରେ ତୀବ୍ର ହ୍ରାସ ଘଟିଛି। ବିଶେଷକରି ସର୍ବସାଧାରଣ ପରିବହନ ଓ ମନୋରଞ୍ଜନ ସ୍ଥଳରେ ସେମାନେ ସର୍ବାଧିକ ଅସୁରକ୍ଷିତ ବୋଲି ବିବେଚନା କରୁଛନ୍ତି। ଦିନବେଳା ଶିକ୍ଷାନୁଷ୍ଠାନଗୁଡ଼ିକ ୮୬ ପ୍ରତିଶତ ସୁରକ୍ଷିତ ବୋଲି ମତ ପ୍ରକାଶ ପାଇଥିବା ବେଳେ ରାତିରେ କିମ୍ବା କ୍ୟାମ୍ପସ୍ ବାହାରେ ସୁରକ୍ଷାଗତ ଧାରଣା ଯଥେଷ୍ଟ ହ୍ରାସ ପାଇଛି। ନିରାପଦ ସମ୍ପର୍କିତ ଅଭିଯୋଗ ଉପରେ କର୍ତ୍ତୃପକ୍ଷ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବିଶ୍ୱାସ ଥିବା ମାତ୍ର ଏକ-ଚତୁର୍ଥାଂଶ ମହିଳା କହିଛନ୍ତି।

# ଶ୍ରୀମନ୍ଦିରରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା



**ପୁରୀ,୨୯।୮ (ସଂଚାର ବ୍ୟୁରୋ)** : ଲୋକସଭା ବାଚସ୍ପତି ଓମ୍ ବିର୍ଲା ସପତ୍ନିକ ପୁରୀ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ସେ ପ୍ରଥମେ ସ୍ୱତନ୍ତ୍ର ସର୍କିଟ ହାଉସ ଓ ପରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଓ ଏସପି ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ଅରୁଣ ସ୍ତମ୍ଭ ନିକଟରେ ପ୍ରଣିପାତ କରି ପରେ ପରିବାର ସଦସ୍ୟଙ୍କ ସହ ଶ୍ରୀମନ୍ଦିର ଯାଇ ପ୍ରଥମେ କାଶୀ ବିଶ୍ୱନାଥ ପରେ ରତ୍ନସିଂହାସନ ସ୍ଥିତ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଏହାପରେ ସେ ମା ମଙ୍ଗଳା, ବିମଳା ଓ ମା ମହାଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ କରି ସେ ବେଶ୍ ଖୁସି ଓ ଆନନ୍ଦିତ ଥିବା କହିଛନ୍ତି । ସମଗ୍ର ଦେଶର ମଙ୍ଗଳ କାମନା କରି ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ତାଙ୍କ ସହ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ରବିନାରାୟଣ ନାୟକ, ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ଅନ୍ୟ ମନ୍ତ୍ରୀ ଉପସ୍ଥିତ ଥିଲେ ।

## ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି



**ପୁରୀ,୨୯।୮ (ସଂଚାର ବ୍ୟୁରୋ)** : ଶ୍ରୀ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି ଡ଼ଃ ସତ୍ୟଜିତ ନାୟକ । ନୂତନ ଭାବେ ଦାୟିତ୍ୱ ନେବାପରେ ଶ୍ରୀ ମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ । ଏଥିସହ ଶ୍ରୀ ମନ୍ଦିର ଭିତର ଏବଂ ବାହାର ସୁରକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିଥିଲେ। ମହାପ୍ରଭୁଙ୍କ ଆଶିର୍ବାଦରୁ ସେବା କରିବାର ସୁଯୋଗ ମିଳିଛି ମହାପ୍ରଭୁଙ୍କ ନିକଟରେ ମୁଁ ଚିର ଉପକୃତ ରହିବି । ଶ୍ରୀ ମନ୍ଦିରକୁ ଆସୁଥିବା ଭକ୍ତ ଓ ଶ୍ରୀ ମନ୍ଦିର ସୁରକ୍ଷା ପୋଲିସ ପ୍ରଶାସନ ଲାଗି ବଡ଼ ଚ୍ୟାଲେଞ୍ଜ । ଶ୍ରୀ ମନ୍ଦିର ଭିତର କ୍ୟାମେରା ବ୍ୟବହାର ଉପରେ କଡାକଡି କରାଯିବ ସୁରକ୍ଷା ବ୍ୟବସ୍ଥା । ସହର କ୍ରାଇମ କଣ୍ଟ୍ରୋଲ ଲାଗି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ନୂତନ କେନ୍ଦ୍ରାଞ୍ଚଳ ଡି ଆଇଜି ସତ୍ୟଜିତ ନାୟକ । କେନ୍ଦ୍ରାଞ୍ଚଳ ଡିଆଇଜି ଡ଼ଃ ସତ୍ୟଜିତ ନାୟକଙ୍କ ସହ ଏସପି ପ୍ରତୀକ ସିଂ ରହି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ ।

### ମାଦକ ଦ୍ରବ୍ୟରେ ଅଙ୍କୁଶ ଲଗାଇବାକୁ ହେବ ସ୍ୱତନ୍ତ୍ର ଅଭିଯାନ

# ୧ରୁ ଆରମ୍ଭ, ପ୍ରତି ଜିଲ୍ଲାରେ ମଡେଲ ନିଶା ନିବାରଣ କେନ୍ଦ୍ର




**ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ସହରରେ ଡ୍ରଗ୍ସ ଏବଂ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ସେବନ, ଚୋରାଚାଲାଣ ଏବଂ ବିକ୍ରି ଉପରେ ଅଙ୍କୁଶ ଲଗାଇବା ପାଇଁ ସ୍ୱତନ୍ତ୍ର ଅଭିଯାନ ସଂପର୍କରେ ଆଜି ରାଜ୍ୟ ଆଇନ୍, ପୂର୍ତ୍ତ ତଥା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ପୁଲିସ୍ ପ୍ରଶାସନ, ଅବକାରୀ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନସିବି)ର ଅଧିକାରୀମାନେ ଯୋଗଦେଇ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବେଆଇନ୍ ମାଦକ ଦ୍ରବ୍ୟ ବିକ୍ରି, ଚୋରାଚାଲାଣରେ ଅଙ୍କୁଶ ଲଗାଇବା ପାଇଁ ସେପ୍ଟେମ୍ବର ୧ ତାରିଖରୁ ସମ୍ପୃକ୍ତ ସବୁ ବିଭାଗମାନଙ୍କର ମିଳିତ ସମନ୍ୱୟରେ ଭୁବନେଶ୍ୱର ସହର ତଥା ରାଜ୍ୟର ସବୁ ଜିଲ୍ଲାମାନଙ୍କରେ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଆରମ୍ଭ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ନିଶା ଦ୍ରବ୍ୟ ଚୋରାଚାଲାଣ ଗ୍ରୁପ୍ ଗୁଡ଼ିକୁ ଧରିବା ଓ ଏସବୁର ପ୍ରଚ୍ଛଦପଟ୍ଟରେ ଥିବା ଚାଲାଣକାରୀଙ୍କୁ ମଧ୍ୟ ବନ୍ଧାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ପେଶାଲ ଟାସ୍କ ଫୋର୍ସ- ଅବକାରୀ-ଏନସିବି-ବିଏମସି ମିଳିତ ଭାବେ ଭୁବନେଶ୍ୱରକୁ ଏକ ନିଶାମୁକ୍ତ ସହର କରିବାକୁ କାର୍ଯ୍ୟ କରିବେ। ସ୍ପେଶାଲ ଟାସ୍କ ଫୋର୍ସ(ଏସଟିଏଫ୍) ଦ୍ୱାରା 'ଅପରେସନ ପ୍ରହାର' ଆରମ୍ଭ କରାଯିବ। ପେସାଦାର ଅପରାଧୀମାନଙ୍କୁ ବାନ୍ଧିବା ପାଇଁ ମାଦକ ଦ୍ରବ୍ୟ ଓ ମାନସିକ ସ୍ନାୟବିକ କ୍ଷତିକାରକ ତଥା ବ୍ୟବହାରିକ କୁପ୍ରଭାବ ପକାଉଥିବା ପଦାର୍ଥର ଅବୈଧ ଚାଲାଣ ପ୍ରତିରୋଧ ଅଧିନିୟମ (ପିଆଇଟି-ଏନଡିପିଏସ୍) ଧାରା ଓ ସିଆରପିସି ୧୧୦ ( ବିଏନଏସଏସ-୧୨୯) ଧାରା ଲଗାଯିବ। ନିଶା ନିବାରଣ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଅନ୍ତତଃ ଗୋଟିଏ ଲେଖାଏଁ ମଡେଲ ନିଶା ନିବାରଣ କେନ୍ଦ୍ର ରାଜ୍ୟ ସରକାର ସ୍ଥାପନ କରିବେ। ଶିକ୍ଷା ନଗରୀ ଭୁବନେଶ୍ୱରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଚଢ଼ାଉ ବ୍ୟାପକ କରାଯିବ। ମନ୍ତ୍ରୀ କହିଛନ୍ତି ଯେ ଡ୍ରଗ୍ସ, ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ବିଭିନ୍ନ କ୍ରିମିନାଲ କାର୍ଯ୍ୟକଳାପ ବଢ଼ୁଛି। ସେଥିପାଇଁ ବ୍ୟାପକ ଚଢ଼ାଉର ଆବଶ୍ୟକତା ରହିଛି। ମନ୍ତ୍ରୀ ସମସ୍ତ ବିଭାଗ ମୁଖ୍ୟମାନଙ୍କୁ ପୂର୍ଣ୍ଣ ପ୍ରୟାସ ଦ୍ୱାରା ନିଶା ନିବାରଣ କରିବା ଏବଂ ନିଶା ବେପାରୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ରଣକୌଶଳ ଅବଲମ୍ବନ ତଥା ଟେକ୍ନୋଲେଜି ବ୍ୟବହାର କରିବା ପାଇଁ ଆହ୍ୱାନ ଦେଇଛନ୍ତି।

## ଝାରପଡ଼ା ଦୁର୍ଗାପୂଜା

### ଜେଲ୍ ରୋଡ଼ ଛକ ପରିବର୍ତ୍ତେ ମେଳଣ ପଡ଼ିଆରେ ହେବ ପୂଜା

**ଭୁବନେଶ୍ୱର, ୨୯।୮ (ସଂଚାର ବ୍ୟୁରୋ)** : ଅନ୍ତ ହେଲା ବିବାଦ । ଝାରପଡ଼ା ଦୁର୍ଗାପୂଜା ମଣ୍ଡପର ବଦଳିଲା ଠିକଣା । ଏଥର ମେଳଣ ପଡ଼ିଆରେ ହେବ ଝାରପଡ଼ା ଦୁର୍ଗା ପୂଜା। ଜେଲ୍ ରୋଡ୍ ଛକ ପରିବର୍ତ୍ତେ ମେଳଣ ପଡ଼ିଆରେ ହେବ ପୂଜା । ଝାରପଡ଼ା ଦୁର୍ଗା ପୂଜା ସମିତି ପକ୍ଷରୁ ସୂଚନା ଦିଆଯାଇଛି । ପ୍ରତିବର୍ଷ ଭଳି ଏଥର ବି ମହାଆଡ଼ମ୍ବରରେ ହେବ ପୂଜା । ସବୁ ବିବାଦ ତୁଟି ଏବେ ପୁଣି ଥରେ ଝଲସିବ ପୂଜା ମଣ୍ଡପ । ଦୁଇପକ୍ଷର ଗଣ୍ଡଗୋଳ ଫଳରେ ୧୪ ବର୍ଷ ଧରି ଚାଲିଥିବା ଦୁର୍ଗାପୂଜା ଚଳିତବର୍ଷ ବନ୍ଦ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ୨୦୧୧ ମସିହାରେ ପ୍ରଥମ କରି ଝାରପଡ଼ାରେ ଗାଁ ଲୋକଙ୍କ ଦ୍ୱାରା ଦୁର୍ଗା ପୂଜା ଆରମ୍ଭ ହୋଇଥିଲା ।

## ସେପ୍ଟେମ୍ବର ୧ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ):** ଆସନ୍ତା ସେପ୍ଟେମ୍ବର ୧ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଉକ୍ତ ଦିନ ମୁଖ୍ୟମନ୍ତ୍ରୀଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଶିବିର ବନ୍ଦ ରହିବ ବୋଲି ଆଜି ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୧ରୁ ଅନ୍‌ଲାଇନ୍‌ରେ ଜିପିଏଫ୍ ଚୂଡ଼ାନ୍ତ ଦେୟ

**ଭୁବନେଶ୍ୱର, ୨୯।୮ (ସଂଚାର ବ୍ୟୁରୋ)** : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ବେସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଅବସରପ୍ରାପ୍ତ କର୍ମଚାରୀଙ୍କ ସାଧାରଣ ଭବିଷ୍ୟନିଧି ପାଣ୍ଠି (ଜିପିଏଫ୍)ର ଚୂଡ଼ାନ୍ତ ଦେୟ ପ୍ରସ୍ତାବ ସେପ୍ଟେମ୍ବର ୧ ତାରିଖରୁ କେବଳ ଅନ୍‌ଲାଇନ୍‌ରେ ଦାଖଲ କରାଯିବ । ଆଇଏଫ୍ଏମ୍ଏସ୍ ପୋର୍ଟାଲ ମାଧ୍ୟମରେ ଏହା ଦାଖଲ କରିବାକୁ ସମସ୍ତ ଉଠାଣ ଓ ବିତରଣ ଅଧିକାରୀ (ଡିଡିଓ)/କାର୍ଯ୍ୟାଳୟ ମୁଖ୍ୟଙ୍କୁ ଅବଗତ କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା (ଏସ୍ଆଣ୍ଡଏମ୍ଇ) ବିଭାଗ କାର୍ଯ୍ୟାଳୟ ସ୍ମାରକପତ୍ର ସଂଖ୍ୟା ୧୭୭୬୬/୧.୭.୨୦୨୫ ରିଖ ଏବଂ ଲେଖା ନିୟନ୍ତ୍ରକ, ଓଡ଼ିଶା କାର୍ଯ୍ୟାଳୟ ଚିଠି ସଂଖ୍ୟା ୮୧୫୩/୧୧.୭.୨୦୨୫ରିଖ ଅନୁଯାୟୀ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ସେପ୍ଟେମ୍ବର ୧ ତାରିଖଠାରୁ ଏହି କାର୍ଯ୍ୟାଳୟରେ କୌଣସି କାଗଜୀ ପ୍ରସ୍ତାବ (ଫିଜିକାଲ୍ ପ୍ରପୋଜାଲ୍) ଗ୍ରହଣ କରାଯିବ ନାହିଁ । ସହାୟତା ଲାଗି ସରକାରୀ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ୩୦ ମଧ୍ୟରେ ଯୋଗାଯୋଗ କରିହେବ ।

● କୋରେଇ ପୁଲିସକୁ ସଫଳତା

## ଧରାପଡ଼ିଲେ ଲୁଟେରା ଗ୍ୟାଙ୍ଗ, ୧୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଜବତ

**ଯାଜପୁର,୨୯।୮(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କୋରେଇ ପୁଲିସକୁ ସଫଳତା। ଧରାପଡ଼ିଲେ ଲୁଟେରା ଗ୍ୟାଙ୍ଗ। ୧୫୦ ଗ୍ରାମର ସୁନା ଅଳଙ୍କାର ଜବତ ହୋଇଛି। କୋରେଇ ଥାନା ଅଧୀନସ୍ଥ ବିଭିନ୍ନ ଅଞ୍ଚଳରେ ଘଟିଥିବା ଚୋରି ଓ ଲୁଟ୍ ଘଟଣାରେ ସମ୍ପୃକ୍ତ ୪ ଜଣ ଲୁଟେରା ଓ ଜଣେ କ୍ରେତାଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଜବତ କରାଯାଇଥିବା ବେଳେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ, କନ୍ହେଇପୁର ଓ ସନ୍ତରା ଅଞ୍ଚଳରେ ୨ ଜଣଙ୍କ ଘରୁ ଚୋରି ହୋଇଥିବା ନେଇ କୋରେଇ ଥାନାରେ ଅଭିଯୋଗ ହୋଇଥିଲା। ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ କୋରେଇ ପୁଲିସ ଏହି ଚୋରି ଘଟଣାର ପର୍ଦ୍ଦାଫାସ୍ କରିଛି। ଚୋରିରେ ସମ୍ପୃକ୍ତ ଥିବା ୪ ଜଣ ଲୁଟେରା ଓ ଚୋରି ସୁନା କିଣିଥିବା ଜଣେ ମହିଳାଙ୍କୁ ପୁଲିସ ଗିରଫ କରିଛି। ଲୁଟେରାମାନେ



ଯାଜପୁର ରୋଡ୍ ଥାନା ଲକ୍ଷ୍ମୀନଗର ଅଞ୍ଚଳର ରବୀନ୍ଦ୍ର ପାତ୍ର, କ୍ରିଷ୍ଣା ଦାସ, ଶୁଭମ୍ ଓଝା, ଯାଜପୁର ରୋଡ଼ ଥାନା ଯୋଗିସାହି ଅଞ୍ଚଳର ମଣ୍ଟୁ ମୁଣ୍ଡା ଏବଂ ଯାଜପୁର ରୋଡ୍ ଥାନା ମହରମ୍ ସାହିର ଆଜମିରା ବିବି ବୋଲି ଜଣାପଡିଛି। ପୁଲିସ ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୭ରେ ଚନ୍ଦ୍ରଗ୍ରହଣ, ବଦଳିବ ଲିଙ୍ଗରାଜଙ୍କ ନୀତିକାନ୍ତି

**ପୁରୁଣା ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୭ରେ ପରିଲକ୍ଷିତ ହେବ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ। ଏହି ଅବସରରେ ଶ୍ରୀଲିଙ୍ଗରାଜଙ୍କ ନୀତି ନିର୍ଘଣ୍ଟରେ ପରିବର୍ତ୍ତନ କରାଯିବ। ପ୍ରାତଃରୁ ଦୈନିକ ନୀତିକାନ୍ତି, ମଙ୍ଗଳ ଆଳତି, ଅବକାଶ, ଦର୍ଶନ ଆଦି ନୀତି ଯଥାବିଧି ଅନୁଷ୍ଠିତ ହେବ। ଅପରାହ୍ନ ୧୨ଟା ୫୭ ସୁଦ୍ଧା ସମସ୍ତ ନୀତିକାନ୍ତି ସମାପନ କରାଯିବ। ମଧ୍ୟରାତ୍ରି ୧ଟା ୨୭ରେ ସର୍ବମୋକ୍ଷ ହେବ। ହେଲେ ଏହା ପୂର୍ବରୁ ଶ୍ରୀଜୀଉଙ୍କୁ ସେବାୟତମାନେ ବିନ୍ଦୁସାଗର ଅଭିମୁଖେ ଶୋଭାଯାତ୍ରାରେ ନେବେ। ସେଠାରେ ଦିଅଁଙ୍କ ଗ୍ରହଣ ସ୍ନାନ ସମ୍ପନ୍ନ କରାଯିବ। ସ୍ନାନ ସମ୍ପନ୍ନ ପରେ ଶ୍ରୀଜୀଉ ମନ୍ଦିରକୁ ଯାତ୍ରା କରିବେ। ମନ୍ଦିରରେ ପହଞ୍ଚିବା ପରେ ଶ୍ରୀଜୀଉଙ୍କୁ ଗ୍ରହଣ ଭୋଗ ଲାଗି କରାଯିବ। ଏନେଇ ପୂଜାପଣ୍ଡା ନିଯୋଗ ସମ୍ପାଦକ ଶଶିକାନ୍ତ ପୂଜାପଣ୍ଡା ସୂଚନା ଦେଇଛନ୍ତି। ଏହାପରେ ଶିଳାବ୍ରହ୍ମ ଓ ରୋଷରେ ମହାସ୍ନାନ ଦିଆଯାଇ ଦହି ପଖାଳ କରାଯାଇ ବଡ଼ସିଂହାର ହୋଇ ମନ୍ଦିର ପହୁଡ଼ ପଡିବ। ଗ୍ରହଣ ପୂର୍ବରୁ ଶ୍ରୀଜୀଉଙ୍କ ପ୍ରାୟ ସମସ୍ତ ନୀତି ଶେଷ କରାଯାଇଥାଏ। ଗ୍ରହଣ ଲାଗିବା ସମୟରେ ଠାକୁରଙ୍କ ଗ୍ରହଣ ନୀତିକାନ୍ତି ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥାଏ ବୋଲି ପୂଜାପଣ୍ଡା କହିଛନ୍ତି।

● ବିଧାୟକଙ୍କ ବିରୋଧରେ ଗୁରୁତର ଅଭିଯୋଗ

## ବେଆଇନ୍ ଘରକୁ ଭାଙ୍ଗିବା ପାଇଁ ନୋଟିସ

**ବ୍ରହ୍ମପୁର,୨୯।୮ (ସଂଚାର ବ୍ୟୁରୋ)** : ଗଞ୍ଜାମ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ। ଗୋଆ ସହର ପାଖ ଭେରେନା ପଞ୍ଚାୟତରେ ବେଆଇନ ଭାବେ ପାଞ୍ଚ ମହଲା ଘର ନିର୍ମାଣ କରି, ଏହି କୋଠାରେ ବିଧାୟକ ୪୦୦ ଶ୍ରମିକଙ୍କୁ ରଖି ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରାଇ କମିଶନ ନେଉଥିବା ଅଭିଯୋଗ ହୋଇଛି। ଗଞ୍ଜାମ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକଙ୍କ ବିରୋଧରେ ସଙ୍ଗିନୀ ଅଭିଯୋଗ। ଗୋଆ ସହର ପାଖ ଭେରେନା ପଞ୍ଚାୟତରେ ବେଆଇନ ଭାବେ ପାଞ୍ଚ ମହଲା ଘର ନିର୍ମାଣ କରିବା ସହ ଏହି କୋଠାରେ ବିଧାୟକ ୪୦୦ ଶ୍ରମିକଙ୍କୁ ରଖି ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରାଇ କମିଶନ ନେଉଥିବା ଅଭିଯୋଗ ହୋଇଛି। ଗଞ୍ଜାମ କୋଦଳାରେ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ପରେ ଏହି ବେଆଇନ୍ ଘରକୁ ଭାଙ୍ଗିବା ପାଇଁ ଗୋଆ ମାର୍ଗାଓ ଜିଲ୍ଲା ଜିଲ୍ଲା ସାଲକେଟ୍ ଅତିରିକ୍ତ ଜିଲ୍ଲାପାଳଙ୍କ ପକ୍ଷରୁ ନୋଟିସ୍ ଜାରି ହୋଇଛି। ଗୋଆ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ପଞ୍ଚାୟତ ସରପଞ୍ଚଙ୍କ ନିକଟକୁ ମଧ୍ୟ ଚିଠି କରାଯାଇଛି। ତେବେ ବେଆଇନ କୋଠା ସମ୍ବନ୍ଧରେ ବିଧାୟକ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିନଥିବା ବେଳେ ଘଟଣା ଉପରେ ଉଚ୍ଚସ୍ତରୀୟ ତଦନ୍ତ ଲାଗି ଦାବି କରିଛନ୍ତି ଅଭିଯୋଗକାରୀ ବିଶ୍ୱାମିତ୍ର ତ୍ରିପାଠୀ। ତେବେ ଏନେଇ ବିଧାୟକଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

● ପୂର୍ବତଟ ରେଳବାଇର ପୂଜା ପାଇଁ ସ୍ୱତନ୍ତ୍ର ଯୋଜନା

## ସେପ୍ଟେମ୍ବର ୨୧ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ ୧୫୦ ସ୍ପେଶାଲ ଟ୍ରେନ୍

**ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ):** ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଯାତ୍ରୀଙ୍କ ସୁବିଧା ପାଇଁ ହଜାର ହଜାର ସ୍ୱତନ୍ତ୍ର ଟ୍ରେନ୍ ସେବା ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛି। ବିହାର ଯାଉଥିବା ଯାତ୍ରୀଙ୍କ ସୁବିଧା ପାଇଁ ୧୨୦୦୦ରୁ ଅଧିକ ଟ୍ରେନ୍ ଚଳାଇବାକୁ ଯୋଜନା କରାଯାଇଛି। ଯେଉଁ ଟ୍ରେନ୍ ଚଳାଚଳ କରିବାକୁ ଯୋଜନା କରାଯାଇଛି ସେଗୁଡ଼ିକର ବିଜ୍ଞପ୍ତି ମଧ୍ୟ ଏବେ ଜାରି ହେବା ଆରମ୍ଭ ହୋଇଛି। ଆସନ୍ତା ସେପ୍ଟେମ୍ବର ୨୧ଠାରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ମୋଟ ୧୫୦ ପୂଜା ସ୍ପେଶାଲ ଟ୍ରେନ୍ ଚଳାଚଳ କରିବ ବୋଲି ଆଜି ପୂର୍ବତଟ ରେଳବାଇ ପକ୍ଷରୁ ଜାରି ବିଜ୍ଞପ୍ତିରୁ ଜଣାପଡ଼ିଛି। ପାର୍ବଣ ଋତୁ ଅବସରରେ ଦେଶର ବିଭିନ୍ନ ସ୍ଥାନରୁ ଯାତ୍ରୀମାନଙ୍କର ସୁଗମ ପରିବହନ ସୁନିଶ୍ଚିତ କରିବା ଓ ସେମାନଙ୍କୁ ସେମାନଙ୍କ ପ୍ରିୟଜନଙ୍କ ସହ ଉତ୍ସବ ପାଳନ କରିବାର ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟରେ ଭାରତୀୟ ରେଳବାଇ ଏହି ନିଷ୍ପତ୍ତି ନେଇଛି। ବିଶେଷକରି ଉତ୍ତର ଭାରତ, ପୂର୍ବ ଭାରତ ଏବଂ ଦକ୍ଷିଣ ଭାରତର ପ୍ରମୁଖ ଷ୍ଟେସନଗୁଡ଼ିକରୁ ଚାଲୁଥିବା ଏହି ଟ୍ରେନ୍‌ଗୁଡ଼ିକ ମହାନଗର ଓ ଗ୍ରାମାଞ୍ଚଳ ମଧ୍ୟରେ ଉତ୍ତମ ସଂଯୋଗ ସୁନିଶ୍ଚିତ କରିଛି। ପୂଜା ସ୍ପେଶାଲ୍ ଟ୍ରେନ୍ ସିରିଜ୍ ଅଧୀନରେ, ଦକ୍ଷିଣ କେନ୍ଦ୍ରୀୟ ରେଳବାଇ ସର୍ବାଧିକ ୪୮ଟି ଟ୍ରେନ୍ ଚଳାଇବ, ଯାହା ୬୮୪ ଥର ଯାତ୍ରା କରିବ। ଏହି ଟ୍ରେନ୍ ମୁଖ୍ୟତଃ ହାଇଦ୍ରାବାଦ, ସିକନ୍ଦରାବାଦ ଏବଂ ବିଜୟୱାଡା ଭଳି ପ୍ରମୁଖ ଷ୍ଟେସନ୍ ରୁ ପରିଚାଳିତ ହେବ। ପୂର୍ବ କେନ୍ଦ୍ରୀୟ ରେଳବାଇ ୧୪ଟି ଟ୍ରେନ୍ କୁ ସୂଚିତ କରିଛି, ଯାହା ବିହାରର ପାଟନା, ଗୟା, ଦରଭଙ୍ଗା ଏବଂ ମୁଜାଫରପୁର ଭଳି ପ୍ରମୁଖ ଷ୍ଟେସନ୍ ଦେଇ ଯିବ ଏବଂ ମୋଟ ୫୮୮ ଥର ଯାତ୍ରା କରିବ। ପୂର୍ବ ରେଳବାଇ କୋଲକାତା, ସିଆଲଦା, ହାଓଡ଼ା ଭଳି ଜନଗହଳିପୂର୍ଣ୍ଣ ଷ୍ଟେସନ୍‌ରୁ ୨୪ ଥର ସ୍ୱତନ୍ତ୍ର ଟ୍ରେନ୍ ଚଳାଇବ, ଯାହାକି ୧୯୮ ଥର ଯାତ୍ରା କରିବ। ଅନ୍ୟପକ୍ଷରେ ପଶ୍ଚିମ ରେଳବାଇ ମୁମ୍ବାଇ, ସୁରତ, ବରୋଦା ଭଳି ସହରରୁ ୨୪ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଇବ ବୋଲି ଘୋଷଣା କରିଛି, ଯାହା ୨୦୪ ଥର ଯାତ୍ରା କରିବ। ଦକ୍ଷିଣ ରେଳବାଇ ଚେନ୍ନାଇ, କୋଏମ୍ବାଟୁର, ମାଦୁରାଇ ଭଳି ଷ୍ଟେସନ୍‌ରୁ ୧୦ଟି ଟ୍ରେନ୍ ଚଳାଇବ, ଯାହା ୬୬ ଥର ଯାତ୍ରା କରିବ। ଏହା ବ୍ୟତୀତ, ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱର, ପୁରୀ ଓ ସମ୍ବଲପୁର, ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ ରାଞ୍ଚି, ଟାଟାନଗର, ଉତ୍ତର କେନ୍ଦ୍ରୀୟ ରେଳପଥ ପକ୍ଷରୁ ପ୍ରୟାଗରାଜ, କାନପୁର, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ପକ୍ଷରୁ ବିଳାସପୁର, ରାୟପୁର ଏବଂ ପଶ୍ଚିମ କେନ୍ଦ୍ରୀୟ ରେଳପଥ ପକ୍ଷରୁ ଭୋପାଳ, କୋଟା ଭଳି ଷ୍ଟେସନଗୁଡ଼ିକୁ ସଂଯୋଗ କରୁଥିବା ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ଚଳାଚଳ କରିବ। ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ତାଲିକା, ସମୟସାରଣୀ, ରୁଟ୍ ଏବଂ ରହଣି ବିବରଣୀ ରେଳବାଇର ସରକାରୀ ୱେବସାଇଟ୍, ଆଇଆରସିଟିସି ଏବଂ ନିକଟସ୍ଥ ରେଳ ଷ୍ଟେସନ୍‌ରେ ଉପଲବ୍ଧ। ରେଳବାଇ ଯାତ୍ରୀମାନଙ୍କୁ ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକରେ ଯାତ୍ରା କରିବା ପାଇଁ ଆଗୁଆ ବୁକ୍ କରିବାକୁ ଏବଂ ସେମାନଙ୍କର ଟିକେଟ୍ ନିଶ୍ଚିତ କରିବାକୁ ଅନୁରୋଧ କରୁଛି। ଏଥିସହ ଯାତ୍ରା ସମୟରେ ରେଳ ମନ୍ତ୍ରଣାଳୟ ଦ୍ୱାରା ଜାରି ସୁରକ୍ଷା ଓ ପରିଷ୍କାର ପରିଚ୍ଛନ୍ନତା ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି।

## ୪୧ ଶ୍ରେଷ୍ଠ ପୁଲିସ୍ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ



**କଟକ,୨୯।୮(ସଂଚାର ବ୍ୟୁରୋ):** କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିନ ତଥା ଜାତୀୟ କ୍ରୀଡା ଦିବସ ଅବସରରେ ଆଜି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ରାଜ୍ୟ ପୁଲିସର ୪୧ ଜଣ ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କଟକ ଆଇପିଏସ ମେସସ୍ଥିତ ଆରକେ ପାଢ଼ୀ ମେମୋରିଆଲ ହଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଡିଜିପି ଶ୍ରୀ ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ପୁଲିସର କ୍ରୀଡ଼ାବିତଙ୍କ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ଅସାଧାରଣ ପ୍ରତିଭା ଓ କ୍ରୀଡ଼ା ଉତ୍କର୍ଷତାକୁ ପ୍ରଶଂସା କରିଥିଲେ। ଏଥିନିମନ୍ତେ ବିଗତ ଦିନରେ ସାରା ଦେଶରେ ଓଡ଼ିଶା ପୁଲିସର ସୁନାମ ବୃଦ୍ଧି ପାଇଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ଏହି ସମ୍ବର୍ଦ୍ଧନା ସମାରୋହ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଆମେରିକାର ବର୍ମିଂହାମଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡା ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ୭ ଜଣ କ୍ରୀଡାବିତଙ୍କ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ମଧ୍ୟ ଡିଜିପି ଉଲ୍ଲେଖ କରିଥିଲେ। ଏହି କ୍ରୀଡ଼ାବିତମାନେ ନିଜର ଦକ୍ଷତା ପ୍ରତିପାଦନ କରି ୧୩ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ ଜିତି କ୍ରୀଡ଼ା ଜଗତରେ ନୂଆ ଇତିହାସ ସୃଷ୍ଟି କରିବା ସହ ଓଡ଼ିଶା ପୁଲିସକୁ ଗୌରବମଣ୍ଡିତ କରିଥିବା ଡିଜି ଶ୍ରୀ ଖୁରାନିଆ କହିଛନ୍ତି। ଏଥିସହ ଆଗାମୀ ଦିନରେ ମଧ୍ୟ ଅନ୍ୟ କ୍ରୀଡ଼ାବିତମାନେ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡ଼ା କ୍ଷେତ୍ରରେ ଅଂଶଗ୍ରହଣ କରି ଓଡ଼ିଶା ପୁଲିସର ଗୌରବ ବୃଦ୍ଧି କରିବେ ବୋଲି ସେ ଆଶା କରିଛନ୍ତି। ଏହି ଅବସରରେ ଡିଜିପି ୪୧ ଜଣ କ୍ରୀଡ଼ାବିତଙ୍କୁ ଉତ୍ତରୀୟ, ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ।

ସମ୍ବର୍ଦ୍ଧନା ସମାରୋହରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅପରେସନ) ସଞ୍ଜୀବ ପଣ୍ଡା, ନିର୍ଦ୍ଦେଶକ (ଏସଏଫଏସଏଲ) ଡ. ସନ୍ତୋଷ ଓ୍ୱାଲା, ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି ସତୀଶ ଗଜଭିୟେ, ଆଇଜିପି ପ୍ରବୀଣ କୁମାର, ଡିଆଇଜିପି (କେନ୍ଦ୍ରାଞ୍ଚଳ) ଡ. ସତ୍ୟଜିତ ନାଏକ, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି (କାର୍ମିକ) ଯୁଗଳ କିଶୋର କୁମାର ବନୋଥ, ଡିଆଇଜିପି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧରଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଆଇଜି ( ଆଇନ ଓ ଶୃଙ୍ଖଳା) ପ୍ରଭାଶଙ୍କର ନାୟକ ଧନ୍ୟବାଦ ଦେଇଥିବା ବେଳେ ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡା ଅଧିକାରୀ ନୀଳମାଧବ ସ୍ୱାଇଁ ସମାରୋହ ଆୟୋଜନ ଓ ପରିଚାଳନା କରିଥିଲେ।

# ସହଜରେ ମିଳୁନି ନିରାମୟ ଔଷଧ




**ଭୁବନେଶ୍ୱର,୨୯।୮:** ନିରାମୟ ଯୋଜନାରେ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ମାଗଣାରେ ମିଳୁଥିବା ଔଷଧ ଏବେ ସହଜରେ ଉପଲବ୍ଧ ହେଉନାହିଁ। ରୋଗୀମାନଙ୍କ ପାଇଁ ୭୪୧ ପ୍ରକାରର ଔଷଧ ଖରିଦ ହେଉଥିବାବେଳେ ଡାକ୍ତରଖାନାରେ କିନ୍ତୁ ଅଧିକାଂଶ ଔଷଧ ମିଳୁନାହିଁ। ଏହା ଫଳରେ ଡାକ୍ତରମାନେ ପ୍ରଶ୍ନବାଣର ସମ୍ମୁଖୀନ ହେଉଛନ୍ତି।

ରାଜ୍ୟ ସରକାର ଔଷଧ ଖରିଦ ବାବଦୀୟ ବ୍ୟୟ ଯଦିଓ ହ୍ରାସ କରି କରିଛନ୍ତି ତଥାପି ଗତ ଆର୍ଥିକ ବର୍ଷରେ ପାଖାପାଖି ୪୫୦ କୋଟି ଟଙ୍କାର ଔଷଦ ଖରିଦ କରିଛନ୍ତି। ଟେଣ୍ଡର ଜରିଆରେ ୭୪୧ ପ୍ରକାରର ଔଷଧ ଖରିଦ ହୋଇଥିବା ଦର୍ଶାଯାଉଛି। ହେଲେ ସରକାରୀ ଚିକିତ୍ସାଳୟଗୁଡିକରେ ଏବେ ଅଧିକାଂଶ ଔଷଧ ବିଶେଷକରି ମଧୁମେହ ରୋଗୀଙ୍କ ପାଇଁ ଔଷଧଟିକେ ସହଜରେ ଉପଲବ୍ଧ ହେଉନାହିଁ।

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାର ୨୦୧୭-୧୮ବର୍ଷରେ ସକାର ପ୍ରାୟ ୧୬୫ କୋଟି ଟଙ୍କାର ଔଷଧ ଖରିଦ କରିଥିବାବେଳେ ଏହା ବୃଦ୍ଧି ପାଇ ୨୦୨୩-୨୪ବର୍ଷରେ ୬୩୦ କୋଟି ଟଙ୍କାକୁ ଅତିକ୍ରମ କରିଥିଲା। ହେଲେ ୨୦୨୪-୨୫ ବର୍ଷରେ ଏହା ୪୪୯ କୋଟି ୪୩ଲକ୍ଷ ଟଙ୍କାକୁ ହ୍ରାସ ପାଇଥିଲା। କିନ୍ତୁ ଏହି ସମୟ ମଧ୍ୟରେ ଔଷଧର କିସମ ବୃଦ୍ଧି ପାଇ ୭ଶହକୁ ଅତିକ୍ରମ କରିଥିଲା।

ଡାକ୍ତରମାନଙ୍କ କହିବା କଥା ଯେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗୀମାନେ ନିୟମିତ ଭାବେ ଔଷଧ ଆବଶ୍ୟକ କରୁଛନ୍ତି। ସେମାନଙ୍କୁ ବଟିକା ସହିତ ଇନ୍‌ସୁଲିନ୍ ବି ଦେବାକୁ ପଡୁଛି। ଗୋଟିଏ ଥରରେ ରୋଗୀମାନଙ୍କୁ ଅତି କମରେ ମାସକ ପାଇଁ ଔଷଧ ଦିଆଯାଉଥିବାବେଳେ କେତେକ ସ୍ଥଳରେ ବୟସ୍କ ରୋଗୀମାନେ ଦୁଇ ମାସର ଔଷଧ ଦେବାକୁ ଦାବି କରୁଛନ୍ତି। ହେଲେ ଔଷଧ ଯୋଗାଣ ହ୍ରାସ ପାଇଥିବାରୁ ସେମାନଙ୍କୁ ଔଷଧ ଦେବା ସମ୍ଭବପର ହେଉନାହିଁ।

ସରକାରୀ ଡାକ୍ତରଖାନାରେ ଚିକିତ୍ସକମାନେ ରୋଗୀଙ୍କୁ ବାହାରୁ ଔଷଧ ଲେଖିପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଏପରିକି ଯେଉଁ ଡାକ୍ତରମାନେ ବାହାରୁ ଔଷଧ ଲେଖିବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦିଆଯାଇଛି। ତେଣୁ ଡାକ୍ତରମାନେ କେବଳ ସରକାରୀ ଡାକ୍ତରଖାନାରେ ମିଳୁଥିବା ଔଷଧ ଲେଖୁଛନ୍ତି। ମଧୁମେହ, ଉଚ୍ଚ ରକ୍ତଚାପ ଆଦି ପାଇଁ ଡାକ୍ତରମାନେ ଔଷଧ ଲେଖାଥିବା ଷ୍ଟାମ୍ପ ତିଆରି କରିଦେଇଛନ୍ତି। ଷ୍ଟାମ୍ପ ମାରି ରୋଗୀଙ୍କୁ ନିରାମୟ କେନ୍ଦ୍ରକୁ ପଠାଇ ଦେଉଛନ୍ତି। ହେଲେ ନିରାମୟ କେନ୍ଦ୍ରରେ ଔଷଧ ମିଳୁନଥିବାରୁ ରୋଗୀମାନେ ଫେରୁଛନ୍ତି।

କେବଳ ଏହି ଦୁଇ କିସମର ରୋଗୀ ନୁହଁନ୍ତି, ଅନେକ ରୋଗ ପାଇଁ ପୂର୍ବରୁ ମିଳୁଥିବା ଔଷଧ ଏବେ ସହଜରେ ଉପଲବ୍ଧ ହେଉନାହିଁ। ବିଶ୍ୱସ୍ତ ସୂତ୍ରରୁ ସୂଚନା ଅନୁଯାୟୀ ପୂର୍ବରୁ ଅତି କମ୍‌ରେ ୨ଶହ ପ୍ରକାରର ଔଷଧ ଉପଲବ୍ଧ ହେଉଥିବାବେଳେ ଏବେ ତାହା ଢେର କମିଯାଇଛି। ନୂଆ ଔଷଧ ଖରିଦ ପାଇଁ ଟେଣ୍ଡର ହୋଇପାରୁ ନାହିଁ କି ଯେଉଁମାନେ ଟେଣ୍ଡର ହାତେଇଛନ୍ତି ପଇସା ପାଉନଥିବାରୁ ସେମାନେ ବି ଠିକଣା ଭାବେ ଔଷଧ ଯୋଗାଣ କରୁନାହାନ୍ତି। ଔଷଧ ନିଗମ ଏକ୍ଷେତ୍ରରେ ଏକ ପ୍ରକାର ନାଚାର ସ୍ଥିତିରେ।

ନିରାମୟରେ ଡାକ୍ତରଙ୍କ ଚିଠା ଅନୁଯାୟୀ ଔଷଧ ମିଳୁନଥିବାରୁ ରୋଗୀମାନେ ଧିରେ ଧିରେ ଔଷଧ ଦୋକାନ ମୁହାଁ ହେବାରେ ଲାଗିଛନ୍ତି। ଯେଉଁମାନେ ଜାଣିଛନ୍ତି ସେମାନେ କେନ୍ଦ୍ର ସରକାରଙ୍କ ଜନଔଷଧି କେନ୍ଦ୍ରକୁ ଯାଉଛନ୍ତି। ନିରାମୟ ଯୋଜନାରେ ବଜେଟ୍‌ର ୧୦ ପ୍ରତିଶତ ଅର୍ଥ ଜିଲ୍ଲାମାନଙ୍କୁ ଏବଂ ୩୦ ପ୍ରତିଶତ ମେଡିକାଲ କଲେଜକୁ ଯୋଗାଇ ଦିଆଯାଉଛି। ଏହି ଅର୍ଥରୋ ସେମାନେ ଆବଶ୍ୟକ ଔଷଧ କିଣି ଯୋଗାଇବାର ବ୍ୟବସ୍ଥା ଥିଲେ ମଧ୍ୟ ରୋଗୀମାନେ ସହଜରେ ଏହାର ସୁବିଧା ପାଇପାରୁ ନଥିବା ଦେଖିବାକୁ ମିଳୁଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



# ପ୍ରତିକୂଳ ସ୍ଥିତିରେ ଅଭିବୃଦ୍ଧି

ଭାରତୀୟ ଅର୍ଥନୀତି ବର୍ତ୍ତମାନ ଏକ ନୂତନ ଉଚ୍ଚତାରେ ପହଞ୍ଚିଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଜିଡିପି ବୃଦ୍ଧି ୭.୮% ହୋଇଛି, ଯାହା ପୂର୍ବ ଅନୁମାନକୁ ଅତିକ୍ରମ କରିଛି। ଗତ ବର୍ଷର ସମାନ ସମୟରେ ଏହା ୬.୫% ଥିଲା। ଏହି ବୃଦ୍ଧି ଭାରତକୁ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବରେ ସ୍ଥାପନ କରିଛି, ଯାପାନକୁ ପଛରେ ପକାଇ। ଏହି ସଫଳତା ସରକାରୀ ନୀତି, ବିନିଯୋଗ ଏବଂ ଆଭ୍ୟନ୍ତରୀଣ ଚାହିଦାର ଫଳ।




ଭାରତର ଅର୍ଥନୀତିର ବୃଦ୍ଧି କେବଳ ସଂଖ୍ୟାରେ ସୀମିତ ନୁହେଁ। ଉତ୍ପାଦନ କ୍ଷେତ୍ରରେ ବୃଦ୍ଧି, ସେବା କ୍ଷେତ୍ରର ପ୍ରସାରଣ ଏବଂ ଡିଜିଟାଲ୍ ଅର୍ଥନୀତିର ଉନ୍ନତି ଏହାର ମୁଖ୍ୟ ଚାଳକ। ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ଯୋଜନା ବିଦେଶୀ ବିନିଯୋଗକୁ ଆକର୍ଷିତ କରିଛି। ମେ ୨୦୨୫ରେ ଶିଳ୍ପ ଉତ୍ପାଦନ ସୂଚକାଙ୍କ ୧.୨% ବୃଦ୍ଧି ପାଇଛି। ଏହା ସହିତ ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ୀକରଣ ଏବଂ ଯୁବକଙ୍କ ଉଦ୍ୟମଶୀଳତା ନୂତନ ସୁଯୋଗ ସୃଷ୍ଟି କରିଛି। ବିଶ୍ୱ ବ୍ୟାଙ୍କ ଏବଂ ଆଇଏମ୍‌ଏଫ୍ ପରି ସଂସ୍ଥାଗୁଡ଼ିକ ଭାରତର ବୃଦ୍ଧିକୁ ପ୍ରଶଂସା କରିଛନ୍ତି। ଆଇଏମ୍‌ଏଫ୍ ଅନୁଯାୟୀ, ୨୦୨୫ରେ ଭାରତର ଜିଡିପି ବୃଦ୍ଧି ୬.୪% ହେବ ବୋଲି ଅନୁମାନ।

ତଥାପି, ଚ୍ୟାଲେଞ୍ଜ ଅଛି। ଆମେରିକାର ନୂତନ ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ ହେବାକୁ ଥିବା ଟାରିଫ୍ ଭାରତୀୟ ରପ୍ତାନିକୁ ପ୍ରଭାବିତ କରିପାରେ। ମୁଦ୍ରାସ୍ଫୀତି, ବେକାରୀ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ ଚିନ୍ତାର ବିଷୟ। ଗତ ତ୍ରୈମାସିକରେ ବୃଦ୍ଧି ୬.୭%କୁ ହ୍ରାସ ପାଇଥିଲା। ଏହି ପ୍ରତିବନ୍ଧକଗୁଡ଼ିକୁ ମୁକାବିଲା କରିବା ପାଇଁ ସରକାରଙ୍କୁ ଅଧିକ ସଂସ୍କାର ଆବଶ୍ୟକ। ଶ୍ରମ ଏବଂ କୃଷି ସଂସ୍କାର, ଶିକ୍ଷାରେ ବିନିଯୋଗ ଏବଂ ସ୍ୱଚ୍ଛ ଉର୍ଜାର ପ୍ରୋତ୍ସାହନ ଆବଶ୍ୟକ। ଭବିଷ୍ୟତ ଦୃଷ୍ଟିକୋଣରେ, ଭାରତ ୨୦୩୦ ସୁଦ୍ଧା ୨୦.୭ ଟ୍ରିଲିୟନ୍ ଡଲାର୍ ଏବଂ ୨୦୩୮ ସୁଦ୍ଧା ୩୪.୨ ଟ୍ରିଲିୟନ୍ ଡଲାର୍ ଅର୍ଥନୀତି ହୋଇପାରେ, ବିଶ୍ୱର ଦ୍ୱିତୀୟ ବୃହତ୍ତମ ହେବାର ସମ୍ଭାବନା ରହିଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ସ୍ତରରେ ସହଯୋଗ ଆବଶ୍ୟକ। ସରକାର, ବ୍ୟବସାୟୀ ଏବଂ ନାଗରିକମାନେ ମିଳିତ ଭାବରେ କାର୍ଯ୍ୟ କରିବା ଉଚିତ୍। ଭାରତୀୟ ଅର୍ଥନୀତିର ଏହି ବୃଦ୍ଧି କେବଳ ଆର୍ଥିକ ନୁହେଁ, ସାମାଜିକ ଉନ୍ନତିର ପ୍ରତୀକ। ଏହା ଗରିବୀ ହ୍ରାସ, ନିଯୁକ୍ତି ସୃଷ୍ଟି ଏବଂ ଜୀବନଧାରଣର ମାନ ଉନ୍ନତ କରିବ। ତଥାପି, ବୃଦ୍ଧିର ଲାଭ ସମସ୍ତଙ୍କୁ ପହଞ୍ଚାଇବା ପାଇଁ ସମାନତାକୁ ନିଶ୍ଚିତ କରିବା ଆବଶ୍ୟକ। ଏହି ଯାତ୍ରାରେ ଭାରତ ବିଶ୍ୱର ଏକ ଶକ୍ତିଶାଳୀ ଅର୍ଥନୀତି ଭାବରେ ଉଭା ହେବ।

# ସନ୍ତାନ ସନ୍ତତିମାନଙ୍କୁ ଦୀର୍ଘାୟୁ କରିବାକୁ ଷଠିଓଷା



ସନ୍ତୋଷ କୁମାର ଦାଶ

ଭାଦ୍ରବ ଶୁକ୍ଳ ପକ୍ଷ ଷଷ୍ଠୀ ତିଥି ରେ ଆମ ଓଡ଼ିଆ ଙ୍କ ଘରେ ଘରେ ପାଳିତ ହୋଇଥାଏ ଷଠି ଓଷା। ନିଜ ନିଜ ସନ୍ତାନ ସନ୍ତତି ମାନଙ୍କ ଦୀର୍ଘାୟୁ ଜୀବନ କାମନା କରି ଓଡ଼ିଆ ଘରର ମା ମାନେ ଏହି ଓଷା ପାଳନ କରି ଥାନ୍ତି। ପୁରାଣ ବର୍ଣ୍ଣନା ଅନୁସାରେ ଦେବୀ ଷଷ୍ଠୀ ହେଉଛନ୍ତି ଦେବତାଙ୍କ ସେନାପତି ପ୍ରଭୁ କାର୍ତ୍ତିକେୟ ଙ୍କ ପତ୍ନୀ। ଦେବୀ ଷଷ୍ଠୀ ଙ୍କୁ କୌମାରୀ ନାମ ରେ ମଧ ପୂଜା କରାଯାଇଥାଏ। ଆମ ଓଡ଼ିଆ ଘରେ ଏକ ପରମ୍ପରା ରହିଛି। ସନ୍ତାନ ଟିଏ ଜନ୍ମ ହେବାର ଷଷ୍ଠ ଦିବସ ଦିନ ଘର ର କାନ୍ଥ ରେ କଉଡ଼ି ରେ ଷଷ୍ଠୀ ଦେବୀ ଙ୍କୁ ସ୍ଥାପନା କରାଯିବା ପରେ ବନ୍ଦାପନା କରାଯାଇ ପୂଜା କରା ଯାଇଥାଏ। ଦେବୀ ଷଷ୍ଠୀ ପ୍ରଶନ୍ନ ହେଲେ ସନ୍ତାନ ଟି ଦୀର୍ଘଜିବୀ ହୁଏ ବୋଲି ବିଶ୍‌ବାସ ରହିଛି। ଏହାକୁ ଜନ୍ମ ଷଷ୍ଠୀ ପୂଜା କୁହାଯାଇଥାଏ। କିନ୍ତୁ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥି ରେ ଘର ର ଏକ କୋଣ ରେ ଶିଳ ଓ ଶିଳପୁଆ କୁ ଥୁଆଯାଇ ତା ଦେହ ରେ ହଳଦୀ,ସିନ୍ଦୂର ବୋଳା ଯାଇ, କଉଡ଼ି , ଶଙ୍ଖା ଲଗାଯାଇ ଷଷ୍ଠୀ ଦେବୀ ଙ୍କ ସ୍ଥାପନା କରାଯାଇଥାଏ। ସାରୁ, ବଜ୍ରମୁଳୀ, ଅପମାରଙ୍ଗ, ବାଉଁଶ,ବରକୋଳି ଓ ଓଲୁଅ ପ୍ରଭୃତି ପାଞ୍ଚ ପ୍ରକାର ର ଡାଳ କୁ ଷଷ୍ଠୀ ଦେବୀ ଙ୍କ ପାଖରେ ଲାଗି କରାଯାଇଥାଏ। ଦେବୀ ଙ୍କ ପାଖରେ ଏକ ପୂର୍ଣ୍ଣ କୁମ୍ଭ ବସା ଯାଉଥିବା ବେଳେ ଗଳି ଗୁଆ,ସିନ୍ଦୁର ଫରୁଆ, କଜଳ ପାତି ରଖା ଯାଇଥାଏ। ଦେବୀ ସ୍ଥାପନା ଶେଷ ହବା ପରେ ଘର ର ମା ମାନେ ଘରେ ରୋଷେଇ ହୋଇଥିବା ଭାତ, ଡାଲି,ମାଛ ଭଜା, ଚକୁଳି ପିଠା ଓ ଦୁଇ ପ୍ରକାର ସାଧା ତରକାରୀ ଏହି ପରି ୬ ପ୍ରକାର ର ବ୍ୟଞ୍ଜନ କୁ ଷଷ୍ଠୀ ଦେବୀ ଙ୍କୁ ପୂଜା ଲାଗି କରିଥାନ୍ତି। ଭୋଗ ଲାଗି ପରେ ମହିଳା ମାନେ ଦୂବ,ବରକୋଳି ପତ୍ର, ଅରୁଆ ଚାଉଳ ଓ ଦୀପ ରେ ଦେବୀ ଙ୍କୁ ବନ୍ଦାପନା କରିଥାନ୍ତି। ରାତି ରେ ଦେବୀ ଙ୍କ ପାଖରେ ଲାଗି ହୋଇ ପୂଜା ହୋଇଥିବା ୫ ପ୍ରକାର ଡାଳ କୁ ଏକତ୍ର ଧରି ନିଜ ନିଜ ସନ୍ତାନ ସନ୍ତତି ଙ୍କ ପିଠିକୁ ମା ଙ୍କ ଆଶିର୍ବାଦ ମିଳୁ ବୋଲି କହି ବାଡେ଼ଇ ଥାନ୍ତି। ଏହାକୁ ଷଠିବାଡ଼ିଆ ବୋଲି କୁହାଯାଇଥାଏ। ଏହାଦ୍ୱାରା ସନ୍ତାନ ସନ୍ତତି ମାନଙ୍କ ସମସ୍ତ ଗ୍ରହ ଦୋଷ, ରିଷ୍ଟି ଖଣ୍ଡନ କରି ଷଷ୍ଠୀ ଦେବୀ ସମସ୍ତ ଙ୍କୁ ଦୀର୍ଘାୟୁ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ତହିଁ ଆର ଦିନ ଶିଳ ଓ ଶିଳ ପୁଆ ରେ ଲଗାଯାଇ ଥିବା ହଳଦୀ, ସିନ୍ଦୂର, ଶଙ୍ଖା, କଉଡ଼ି ଓ ସମସ୍ତ ପୂଜା ସାମଗ୍ରୀ କୁ ପୋଖରୀ ଅଥବା ନଦୀ ଜଳ ରେ ବିସର୍ଜନ କରାଯାଏ। ଷଠି ଓଷା ଆମ ଓଡ଼ିଆ ପରିବାର ରେ ଏକ ସୁନ୍ଦର ପର୍ବ ଭାବେ ପାଳିତ ହୋଇଆସୁଛି କାହିଁ କେତେ କାଳରୁ।

**ତୁଳସୀପୁରା ପୁରୀ, ମୋବାଇଲ୍: ୯୪୩୯୩୬୧୮୮**

# ସ୍ୱାମୀ ଶିବାନନ୍ଦ: ମାନବବାଦୀ ସାଧୁ

ହେମନ୍ତ କୁମାର ପରିଡ଼ା

ଦୁର୍ଲ୍ଲଭ ମାନବ ଶରୀର। ବହୁ ପୂଣ୍ୟର ପରିଣତି ସ୍ୱରୂପ ଜୀବକୁ ଶିବ ହେବାର ଅଭିପ୍ରାୟ ରଖି ପରମାତ୍ମା ପୃଥିବୀରେ ଆମକୁ ଏହି ଦୁର୍ଲ୍ଲଭ ମାନବ ଶରୀର ପ୍ରଦାନ କରିଛନ୍ତି। ଲକ୍ଷ୍ୟ ସାଧନ ପାଇଁ ଆମକୁ ସମର୍ଥ କରି ସୁସ୍ଥ ସୁନ୍ଦର ଭାବେ ସଜାଇଛନ୍ତି। ସୃଷ୍ଟିର ଶ୍ରେଷ୍ଠ ଜୀବ କରି ଗଢ଼ିଛନ୍ତି। ସାଧନା କରି ସାଧୁ ହେବାର ସମସ୍ତ ସୁଯୋଗ ସୃଷ୍ଟି କରିଛନ୍ତି। ସାଧୁ ସ୍ୱଭାବ ନେଇ ପରିପୂର୍ଣ୍ଣ ଜୀବନ ଜିଇବା ଜୀବନର ଚରମ ସାର୍ଥକତା। ସେଥିପାଇଁ ସନାତନ ସଂସ୍କୃତିରେ ସାଧୁସନ୍ଥ ମାନଙ୍କୁ ଭଗବାନଙ୍କର ସ୍ୱରୂପ ଭାବରେ ବିବେଚନା କରାଯାଇଛି। ସେମାନେ ଆତ୍ମ କଲ୍ୟାଣ ସାଧନ ସହିତ ଜଗତର କଲ୍ୟାଣ ପାଇଁ ସମର୍ପିତ। ଆଧୁନିକ ବିଶ୍ୱର ସେହିଭଳି ଜଣେ ଦିଗଦ୍ରଷ୍ଟା ମହାପୁରୁଷ ହେଉଛନ୍ତି ସ୍ୱାମୀ ଶିବାନନ୍ଦ ସରସ୍ୱତୀ। ଆପଣା ସାଧନା ଓ ସିଦ୍ଧି ଦ୍ୱାରା ସେ ପୃଥିବୀର କୋଣଅନୁକୋଣେ ପରିଚିତ।

ସ୍ୱାମୀ ଶିବାନନ୍ଦଙ୍କ ଜୀବନଚର୍ଯ୍ୟା ଶକ୍ତି ଦାୟିନୀ, ପବିତ୍ର କାରିଣୀ ଗଙ୍ଗା ଧାରା ଭଳି ପ୍ରେରଣା ପ୍ରଦ ଅଟେ। ସେ ଜଣେ ସାଧନସିକ୍ତ ମହାପୁରୁଷ। କଠୋର ସାଧନା କରି ଲାଭ କରିଥିବା ଅମୃତ ଆନନ୍ଦକୁ ସେ ସାରା ସଂସାରର କଲ୍ୟାଣ ପାଇଁ ବିତରଣ କରିଛନ୍ତି। ଆଧାତ୍ମ ଆକାଶର ସେ ଜଣେ ଉଜ୍ଜ୍ୱଳତମ ନକ୍ଷତ୍ର। ସଂସାର ତାପରେ ତାପିତ ଦୁଃଖୀ ମଣିଷ ପାଇଁ ତାଙ୍କ ଜୀବନୀ ଏକ ସ୍ଫୁର୍ତ୍ତିଦାୟିନୀ ମୃତ୍ୟୁ ସଞ୍ଜିବନୀ ଅଟେ। ତାହା ନିରାଶା ମରୁରେ ଆଶାର ସଞ୍ଚାର କରେ, ଅମା ଅନ୍ଧାରରେ ଆଲୋକର ସନ୍ଧାନ ଦିଏ। ସେ ତାଙ୍କ ଜୀବିତାବସ୍ଥାରେ କୋଟି ପ୍ରାଣରେ ଶାନ୍ତି, ଶକ୍ତି ସ୍ଫୁର୍ତ୍ତି ଓ ଆନନ୍ଦ ଭରି ଦେଉଥିଲେ। ଏବେ ଅବର୍ତ୍ତମାନରେ ମଧ ତାଙ୍କ ଦର୍ଶନ, ତାଙ୍କ ସାହିତ୍ୟ ହୃଦ ସରୋବରରେ ଶ୍ରଦ୍ଧା, ଭକ୍ତି ଓ ଆନନ୍ଦର ପ୍ରେମ ପଦ୍ମ ଫୁଟାଇ ଥାଏ। ପାଠକ ହୃଦୟରେ ପ୍ରସନ୍ନତା ଭରିଦିଏ।

ସ୍ୱାମୀ ଶିବାନନ୍ଦ ଜଣେ ମାନବ ବାଦୀ ସାଧୁ। ତାଙ୍କ ଜୀବନ ବୃତାନ୍ତ ଅତ୍ୟନ୍ତ ବାସ୍ତବ ଧର୍ମୀ, ଆବେଗମୟ, ମର୍ମସ୍ପର୍ଶୀ ପ୍ରେରଣାପ୍ରଦ। ଏହା ଗଙ୍ଗାର ପ୍ରବାହ ପରି ଅଟେ। ସେ ଜଣେ ମହାନ ଯୋଗୀ। ତାଙ୍କର ସ୍ପର୍ଶ କେତେ ଯେ ଲୁହାକୁ ସୁନା କରିଛି ଲିମ୍ବକୁ ଚନ୍ଦନ କରିଛି, କେତେ ପତିତ ପ୍ରାଣରେ ସୃଜନୀର ସ୍ୱର ସୃଷ୍ଟି କରିଛି ତାହା କହିହେବନାହିଁ। ଆମର ପ୍ରାକ୍ତନ ରାଷ୍ଟ୍ରପତି ଏପିଜେ ଅବଦୁଲ କାଲାମ ମହାଶୟ ତାହାର ଏକ ଜ୍ୱଳନ୍ତ ଉଦାହରଣ। ନିରାଶ ହୋଇ ଋଷିକେଶର ଗଙ୍ଗାରେ ଝାସ ଦେବାକୁ ବସିଥିବା ଯୁବ ଇଂଜିନିୟର କାଲାମ ସ୍ୱାମୀ ଶିବାନନ୍ଦଙ୍କ ଆଶୀର୍ବାଦରେ ଆପଣା ପ୍ରତିଭା ପୂର୍ଣ୍ଣ ପ୍ରକାଶ କରି ଭାରତର ରାଷ୍ଟ୍ରପତି ହୋଇପାରିଥିଲେ।

୧୮୮୭ ମସିହା ସେପ୍ଟେମ୍ବର ୮ ତାରିଖ ଦିନ ତାମିଲନାଡୁର ତିରୁନେଲଭେଲି ନିକଟସ୍ଥ ପଟ୍ଟାମଡ଼ାଇ ଗ୍ରାମରେ ଏହି ମହାତ୍ମା ଜନ୍ମ ଲାଭ କରିଥିଲେ। ଭାରତ ବର୍ଷର ମହାନ ଶୈବସନ୍ଥ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ଶ୍ରୀ ଆପ୍ପାୟା ଦୀକ୍ଷିତାରଙ୍କ ବଂଶରେ ତାଙ୍କର ଜନ୍ମ। ପିତା ଭେଙ୍ଗୁ ଆୟାର ଓ ମାତା ପାର୍ବତୀ ଆମ୍ମାଙ୍କ କୋଳ ମଣ୍ଡନ କରି ସେ ଧରାବତରଣ କରିଥିଲେ। ନୈଷ୍ଠିକ ବ୍ରାହ୍ମଣ ପରିବାର। ପିଲାଟି ଦିନରୁ ଶିଶୁ କୁପୁସ୍ୱାମୀ ଭିତରେ ଅନେକ ଦିବ୍ୟତା ପ୍ରକାଶ ପାଇଥିଲା। ଦାନ କରିବାରେ, ଅନ୍ୟ ମାନଙ୍କ ଦୁଃଖ କଷ୍ଟ ଦେଖି ସେ ବ୍ୟଥିତ ହୋଇ ସହଭାଗୀ ହେବାରେ ଆନନ୍ଦ ଲାଭ କରୁଥିଲେ। ପକ୍ଷୀମାନେ ନିର୍ଭୟରେ ଆସି ତାଙ୍କ ହାତରୁ ଖାଦ୍ୟ ଖାଉଥିଲେ। ମଣିଷ ହୁଅନ୍ତୁ ବା ପଶୁପକ୍ଷୀ, ଭୋକିଲାକୁ ଖାଦ୍ୟ ଖୁଆଇବାରେ ସେ ବହୁତ ଆନନ୍ଦ ଅନୁଭବ କରୁଥିଲେ। ନିଜ ପାଇଁ ବଢ଼ା ଯାଇଥିବା ଖାଦ୍ୟ ମଧ ଭୋକିଲା ଦେଇ ଦେଇ ସେ ଉପାସ ରହିଯାଉଥିଲେ। ଥରେ ଏକ ଉତ୍ସବରେ ନିଜେ ପିନ୍ଧିଥିବା ନୂତନ ବସ୍ତ୍ର ଜଣେ ଅର୍ଦ୍ଧନଗ୍ନ ଭିକାରୀକୁ ଦାନ କରି ତାର କୃତକୃତ୍ୟ ଭାବ ଓ ପ୍ରସନ୍ନତା ଦେଖି ପ୍ରସନ୍ନ ହୋଇଯାଇଥିଲେ।



ସେବା କରିବା, ଦାନ କରିବା ତାଙ୍କର ସ୍ୱଭାବ ହୋଇଯାଇଥିଲା। ଅନାବିଳ ପ୍ରେମପୂର୍ଣ୍ଣ ବ୍ୟବହାର ଦ୍ୱାରା ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ସେ ଥିଲେ ଜଣେ ବନ୍ଧୁବତ୍ସଳ, ଗୁରୁଗୁରୁଜନ ଭକ୍ତ ମେଧାବୀ ଛାତ୍ର।

ପାଠପଢ଼ାରେ ସେ ସର୍ବଦା ଏକ ନମ୍ବରରେ ରହୁଥିଲେ। ଖାଲି ପାଠ ନୁହେଁ, ଖେଳିବା, ଗାଇବା, ବକ୍ତୃତା ଦେବା, ସେ ଥିଲେ ସବୁବେଳେ ଆଗୁଆ। ଗୋରା ସାହେବଙ୍କୁ ଦେଖି ଲୋକମାନେ ଛାନିଆ ହୋଇଯାଉଥିଲେ। ଥରେ ତାଙ୍କ ଗ୍ରାମକୁ ମାନ୍ଦ୍ରାଜର ରାଜ୍ୟପାଳ ଲର୍ଡ଼ ଆମ୍ପଥିଲ ଆସିଥିଲେ। ସେତେବେଳେ କୁପୁସ୍ୱାମୀଙ୍କୁ ମାତ୍ର ୧୪ ବର୍ଷ। ସେ ସେହି ବିରାଟ ସଭାରେ ରାଜ୍ୟପାଳଙ୍କୁ ଇଂରାଜୀ ଭାଷାରେ ସ୍ୱାଗତ ସମ୍ଭାଷଣ କରି ଚମତ୍କୃତ କରିଦେଇଥିଲେ। ସ୍ୱାମୀଜୀ ଥିଲେ ପିଲାଦିନୁ ଅତ୍ୟନ୍ତ ନିର୍ଭୟ, ଜଣେ ନମ୍ର, ଆଜ୍ଞାଧୀନ କୃତି ଛାତ୍ର ଭାବେ ସେ ଛାତ୍ର ଜୀବନରେ ଶିକ୍ଷକ ଛାତ୍ର ସମସ୍ତଙ୍କର ପ୍ରିୟ ଥିଲେ। ସ୍ୱାମୀଜୀ ମେଡ଼ିକାଲ ଛାତ୍ର ଥିଲାବେଳେ ସେ ପ୍ରଥମ ବର୍ଷରେ ସବୁ ବର୍ଷର ମେଡ଼ିକାଲ ପାଠ ପଢ଼ି ଦେଇଥିଲେ। ପ୍ରଥମ ବର୍ଷରୁ ତାଙ୍କୁ ଅପରେସନ ଥିଏଟର ଯିବା ପାଇଁ ଅନୁମତି ମିଳିଥିଲା। ସେ ଏତେ ମେଧାବୀ ଥିଲେ ଯେ ତାଙ୍କ ପ୍ରଫେସରମାନେ ମଧ ତାଙ୍କ ସହ ଆଲୋଚନା କରୁଥିଲେ। ସେବା, ପ୍ରେମ ଓ ଦାନ ଓ ନାମ ସ୍ମରଣ ତାଙ୍କର ତପଚର୍ଯ୍ୟା। ଲୋକମାନେ କୁହନ୍ତି ସେ ଶିବାନନ୍ଦ ନୁହଁନ୍ତି ସେ ହେଉଛି ଗିଭା ନନ୍ଦ। ପୃଥିବୀରେ ଯେତେ ସବୁଧର୍ମ ସମ୍ପ୍ରଦାୟ ଅଛି, ସେମାନଙ୍କର ଯେତେ ସବୁ ପ୍ରମୁଖ ଶାସ୍ତ୍ର ଅଛନ୍ତି ସେ ସବୁ ଶାସ୍ତ୍ରକୁ ମନ୍ଥନ କରି ତାର ସାରାଂଶ ନେଇ ୩୦୦ରୁ ଅଧିକ ଅତି ଉପାଦେୟ ଶାସ୍ତ୍ର ରଚନା କରିଛନ୍ତି। ତାଙ୍କର ପ୍ରାୟ ପୁସ୍ତକ ପୃଥିବୀର ପ୍ରାୟ ସବୁ ପ୍ରମୁଖ ଭାଷାରେ ଅନୁଦିତ ହୋଇଛି। ତାଙ୍କ ଶାସ୍ତ୍ର ସବୁ ଇଂରାଜୀ ରଚିତ। ତାଙ୍କ ଶାସ୍ତ୍ର ମାନଙ୍କରୁ ଅନେକ ଶାସ୍ତ୍ର ବିଶ୍ୱ ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ମାନଙ୍କରେ ପାଠ୍ୟ ପୁସ୍ତକ ଭାବେ ପ୍ରଚଳିତ। ମଣିଷର ଜ୍ଞାନ ବିଜ୍ଞାନକୁ ସମୃଦ୍ଧ ଓ ଦୀପ୍ତ କରିଛି। ଈଶ୍ୱର ଭକ୍ତି, ସତ୍ୟ ସନାତନ ଧର୍ମର ସୁରକ୍ଷା ଓ ଦେଶ ରକ୍ଷା ପାଇଁ ସେ ପ୍ରତି ହୃଦୟରେ ପ୍ରେରଣା ଭରି ଦେଉଥିଲେ। ମହାତ୍ମା ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ସ୍ୱାଧୀନ ଭାରତର ପ୍ରାୟ ତୁଙ୍ଗ ବ୍ୟକ୍ତିମାନଙ୍କ ସହିତ ସ୍ୱାମୀଜୀଙ୍କର ଉତ୍ତମ ସମ୍ପର୍କ ଥିଲା। ୧୯୩୬ ମସିହାରେ ଦିବ୍ୟ ଜୀବନ ସଂଘ ପ୍ରତିଷ୍ଠା କରିଥିଲେ।

୧୯୩୧ ମସିହାରେ ସେ ଭାରତ ଭ୍ରମଣ ସମୟରେ ଓଡ଼ିଶା ଆଗମନ କରିଥିଲେ। କଟକର ଚୌଦ୍ୱାର ଠାରେ ତିନି ଦିନ ଅବସ୍ଥାନ କରିଥିଲେ। ବିରୂପା ନଦୀରେ ସ୍ନାନ କରିଥିଲେ। ସେଠାରୁ ରେଳ ଯୋଗେ ଯାଇ ପୁରୀ ଠାରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଉଚ୍ଚାଙ୍ଗ ସ୍ୱରରେ ଇଂରାଜୀ ଭାଷାରେ ପ୍ରାର୍ଥନା କରିଥିଲେ। ସେ ଭାରତ ବାହାରକୁ ଯାଇନାହାନ୍ତି ହେଲେ ଗଙ୍ଗାକୂଳରେ ଆନନ୍ଦ କୁଟୀରରେ ବସି ଆପଣ ସାହିତ୍ୟ ଦ୍ୱାରା ବିଶ୍ୱର କୋଣେ କୋଣେ ପହଞ୍ଚି ପାରିଛନ୍ତି। ସନାତନ ସଂସ୍କୃତିର ସାର ମର୍ମକୁ ସେ ପ୍ରେରଣାପ୍ରଦ ଶବ୍ଦମାନଙ୍କ ଦ୍ୱାରା ଉପଦେଶ ଦେଇ ଜନମାନସରେ ଆତ୍ମ କଲ୍ୟାଣର ସହଜ ସରଳ ମାର୍ଗ ପ୍ରଦର୍ଶନ କରିଛନ୍ତି। ସବୁ ଧର୍ମ ସବୁ ଶାସ୍ତ୍ରର ମର୍ମକୁ ସେ ମାତ୍ର ୬ଟି ଶବ୍ଦରେ ପ୍ରକାଶ କରିଛନ୍ତି ଯଥା - ଝରକ୍ସଙ୍ଗର ଖକ୍ଟଙ୍ଗର, ଏସଙ୍ଗର ଚଙ୍କକ୍ସଳଛ, ଗରୟସବ୍ସବସ୍ପର, ଜରବକ୍ଷସସ୍ପର। ସେବା, ପ୍ରେମ, ଦାନ, ପବିତ୍ରତା, ଧାନ ଓ ସାକ୍ଷାତକାର। ଏହାକୁ ଆହୁରି ସରଳ କରି ସେ କୁହନ୍ତି ଭଲ ହୁଅ, ଭଲ କର। ଅତି ବାସ୍ତବଧର୍ମୀ ଓ ପ୍ରୟୋଗାତ୍ମକ ଆଧାତ୍ମିକ ଉପଦେଶ ଦେଇ ସେ ସାଧକ ଜିଜ୍ଞାସୁ ମାନଙ୍କୁ ଆତ୍ମକଲ୍ୟାଣର ସୁଗମ ମାର୍ଗ ପ୍ରଦର୍ଶନ କରିଛନ୍ତି। ମାନବ କଲ୍ୟାଣ ପାଇଁ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଯାହା କରିଛନ୍ତି କେବଳ ଆଉ ଜଣେ ଶିବାନନ୍ଦ ହିଁ ବୁଝିପାରିବ। ସେହି ଯୁଗ ପୁରୁଷଙ୍କ ମହାସମାଧି ୧୯୬୩ ମସିହା ଜୁଲାଇ ୧୪ ତାରିଖରେ ଘଟିଥିଲା।

**ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ**
**ମୋବାଇଲ୍: ୮୭୬୩୧୦୭୧୨୬**

# ଗାଜାରେ ଦୁର୍ଭିକ୍ଷ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଇସ୍ରାଏଲ -ହମାସ ମଧରେ ଯୁଦ୍ଧ ମଧରେ ଗାଜା'ରେ ଦୁର୍ଭିକ୍ଷ ନେଇ ଜାତିସଂଘ ଏଜେନସ୍ ଘୋଷଣା କରିବା ନିଶ୍ଚିତ ଭାବେ ଏକ ବିରଳ ଘଟଣା। ଜାତିସଂଘ ସମର୍ଥିତ ଇଂଟିଗ୍ରେଡେଟ ଫୁଡ୍ ସିକ୍ୟୁରିଟ୍ ଫେଜ୍ କ୍ଲାସିଫିକେସନ୍(ଆଇପିସି)ର ୨୦ବର୍ଷର ଇତିହାସରେ ମାତ୍ର ୪ଥର ତଥା ୨୦୧୧ରେ ସୋମାଲିଆ, ୨୦୧୭ ଓ ୨୦୨୦ରେ ଦକ୍ଷିଣ ସୁଦାନ ଏବଂ ୨୦୨୪ରେ ସୁଦାନରେ ଦୁର୍ଭିକ୍ଷ ଘୋଷଣା କରିଥିଲା। ଏବେ ଏହି ତାଲିକାରେ ଗାଜା ଯୋଡି ହୋଇଯାଇଛି। ଗଲା ୨୨ତାରିଖ ଦିନ ଗାଜା ଦୁର୍ଭିକ୍ଷ ପ୍ରପିଡିତ ବୋଲି ଜାତିସଂଘ ଏଜେନସ୍ ଆଇପିସି ଘୋଷଣା କରିଛି। ୨୨ତାରିଖ ଦିନ ଆଇପିସି ପ୍ରକାଶ କରିଥିବା ରିପୋର୍ଟରେ କୁହାଯାଇଛି ଯେ, ଗାଜା ଉପରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ଖାଦ୍ୟଭାବ ଏବଂ ଅନାହାରରେ ଶିଶୁମାନେ ଅନ୍ତସାରଶୂନ୍ୟ କଙ୍କାଳମୟ, ଜୀର୍ଣ୍ଣଶିର୍ଣ୍ଣ ହୋଇପଡ଼ିଥିବା ସ୍ପଷ୍ଟ ଦୃଶ୍ୟମାନ ହେଉଛି। ଯାହାକି ପୁଷ୍ଟିହୀନତା ଓ ଅନାହାର ମୃତ୍ୟୁର କାରଣ ହୋଇଛି। ଗାଜାରେ ଦୁର୍ଭିକ୍ଷ ସମ୍ପୂର୍ଣ୍ଣ ମଣିଷକୃତ ବୋଲି ଜାତିସଂଘ ଘୋଷଣା କରିଛି। ଗତ ଜୁଲାଇ ମାସରେ ଜାତିସଂଘ ଚେତାବନୀ ଦେଇ ଘୋଷଣା କରିଥିଲା ଯେ, ଗାଜା'ର କେତେକ ଅଞ୍ଚଳରେ ଦୁର୍ଭିକ୍ଷ ଭଳି ପରିସ୍ଥିତି ଉପୁଜିଥିବା ଦେଖାଦେଇଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ବର୍ତ୍ତମାନଠାରୁ ଯଦି ମୁକାବିଲା ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ଦୁର୍ଭିକ୍ଷ ପଡ଼ିବା ସୁନିଶ୍ଚିତ। ଏବେ ଦୁର୍ଭିକ୍ଷ ଗାଜାରେ ବିରାଜମାନ କରିସାରିଛି ବୋଲି ଆଇପିସି ଘୋଷଣା କରିଛି। ଉଲ୍ଲେଖଯୋଗ୍ୟ ଯେ, ଗାଜା ବିରୁଦ୍ଧରେ ଇସ୍ରାଏଲର ଯୁଦ୍ଧକୁ ଇତି ମଧରେ ଆସନ୍ତା ଅକ୍ଟୋବର ୭ତାରିଖରେ ୩ବର୍ଷ ପୁରିବାକୁ ଯାଉଥିବାବେଳେ ବର୍ତ୍ତମାନସୁଦ୍ଧା ବୋମା ଓ ରକେଟ ମାଡରେ ୬୦ ହଜାର ଲୋକଙ୍କର ମୃତ୍ୟୁ ଘଟିଲାଣି। ମୃତକଙ୍କ ମଧରେ ଅଧିକାଂଶ ଶିଶୁ ଅନ୍ତର୍ଭୁକ୍ତ ଥିବା କୁହାଯାଏ। ଇସ୍ରାଏଲ ଗାଜା ଅବରୋଧ ଏବଂ ଲଗାତାର ବୋମାମାଡ ଜାରି ରଖିଥିବାବେଳେ ଶରଣାର୍ଥୀ ଶିବିର, ଖାଦ୍ୟପାଇଁ ଧାଡିରେ ଥିବା ଶିଶୁ, ମହିଳା, ବୃଦ୍ଧ, ହସ୍‌ପିଟାଲ ଏବଂ ଶିକ୍ଷାନୁଷ୍ଠାନ ଗୁଡିକୁ ଟାର୍ଗେଟ କରିଛି। ନିକଟରେ ଇସ୍ରାଏଲର ବୋମାମାଡରେ ୫ଜଣ ସାମ୍ବାଦିକଙ୍କର ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ସୁଦ୍ଧା ୧୯୨ଜଣ ସାମ୍ବାଦିକଙ୍କର ମୃତ୍ୟୁ ଘଟିଥିବା କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ଇସ୍ରାଏଲର ଗାଜା ଅବରୋଧ ଏବଂ ଗାଜା ଦଖଲ ଅଭିଯାନ ଯୋଗୁଁ ଦୁର୍ଭିକ୍ଷ ପରିସ୍ଥିତି ଉପୁଜିଛି ବୋଲି ସ୍ୱୀକାର କରିବାକୁ ହେବ। ଆଇପିସିର ଦୁର୍ଭିକ୍ଷ ଘୋଷଣା ପରେ ଏବେ ଇସ୍ରଏଲର ପ୍ରଧାନମନ୍ତ୍ରୀ ବେଂଜାମିନ ନେତାନ୍ୟୁହଙ୍କ ଉପରେ ଯୁଦ୍ଧ ବନ୍ଦ ପାଇଁ ଆନ୍ତର୍ଜାତିକ ଚାପ ବଢ଼ିବାରେ ଲାଗିଛି। ମାତ୍ର ଦୁର୍ଭିକ୍ଷ ଅଭିଯୋଗକୁ ଇସ୍ରାଏଲ ବୈଦେଶିକ ପ୍ରତ୍ୟାଖ୍ୟାନ କରିବା ସହ ହମାସ୍‌ର ମିଛ ପ୍ରଚାର ବୋଲି କହିଛି। କିନ୍ତୁ ଆଇପିସି ଏକାକୀ ଦୁର୍ଭିକ୍ଷ ଘୋଷଣା କରିନାହିଁ। ଗତ ମାସରେ ଡକ୍ଟରସ ଉଦାଉଟ୍ ବର୍ଡର, ଅକ୍ସଫାମ, ଆମେଷ୍ଟି ଇଂଟରନ୍ୟାଶନାଲ ପରି ଶତାଧିକ ସଂସ୍ଥାପକ୍ଷରୁ ଇସ୍ରାଏଲ ଭୋକିଲାଙ୍କ ପାଇଁ ସହାୟତା ଯୋଗାଣକୁ ବାଧା ଦେଉଥିବା ନେଇ ଘୋଷଣା କରିଥିଲେ। ଆହୁରି ମଧ ଯୁଦ୍ଧ ଆରମ୍ଭ ହେବା ଦିନ ଠାରୁ ବର୍ତ୍ତମାନ ସୁଦ୍ଧା ଅନାହାରରେ ୨୦୦ରୁ ଉର୍ଦ୍ଧ୍ୱ ଲୋକ ଓ ପିଲାଙ୍କର ମୃତ୍ୟୁ ଘଟିଥିବା ଖାଦ୍ୟ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଖାଦ୍ୟ ସହାୟତା ବଣ୍ଟନ ଶିବିରରେ ଇସ୍ରାଏଲର ଆକ୍ରମଣରେ ୧୩୦୦ରୁ ଉର୍ଦ୍ଧ୍ୱ ପାଲେଷ୍ଟାନୀୟଙ୍କ ମୃତ୍ୟୁ ଘଟିଥିବା କୁହାଯାଏ। ଏହା ନିସନ୍ଦେହ ଯେ, ଯୁଦ୍ଧ ବନ୍ଦ ପାଇଁ ଆନ୍ତର୍ଜାତିକ ଉଦ୍ୟମ କ୍ୟୁଚିତ ହୋଇଥିବାବେଳେ ଜାତିସଂଘ ନିରାପତା ପରିଷଦ ଏବଂ ସାଧାରଣ ପରିଷଦ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅନ୍ୟପକ୍ଷରେ ଗତ ସପ୍ତାହରୁ ଇସ୍ରାଏଲ ତାର ଲଢେଇକୁ ଆହୁରି ଯୋରଦାର କରିବା ସହ ଲଢୁଆ ବିମାନ, ଟ୍ୟାଙ୍କର ଗାଜା ସହରରେ ପ୍ରସ୍ତୁତ ରଖିଥିବା ରିପୋର୍ଟ ପ୍ରକାଶ ପାଇଛି। ଆହୁରି ମଧ ହମାସକୁ ସମ୍ପୂର୍ଣ୍ଣ ନିପାତ ଓ ପଣବନ୍ଦୀମାନଙ୍କୁ ଖଲାସ କରିଥିବା ସତ୍ୱେ ଇସ୍ରାଏଲ ଏବେ ଛଳନାପୂର୍ଣ୍ଣ ଯୁଦ୍ଧ ଚଳାଇଥିବା କୁହାଯାଇପାରେ। ସେହିପରି ୱେଷ୍ଟବ୍ୟାଙ୍କରେ ଥିବା ୩୪୦୦ ନୂତନ ଆଶ୍ରୟ ଗୃହକୁ ଦଖଲ କରିବା ସେନାକୁ ଅନୁମତି ଦେଇଛି। ୱେଷ୍ଟ ବ୍ୟାଙ୍କରେ ହମାସର ଉପସ୍ଥିତି ନଥିବା ଜେନେଭା ସମ୍ମିଳନୀ ଓ ୟୁରୋପୀୟ ସମୁଦାୟ କହିଛି। ଏହା ନିସନ୍ଦେହ ଯେ, ଗାଜା ଅକ୍ତିଆର ଏବେ ଇସ୍ରାଏଲର ଲକ୍ଷ୍ୟ ହୋଇଛି। ଏହା ସତ୍ୟ ଯେ, ଇସ୍ରାଏଲକୁ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ବିରୋଧ କରୁଥିବାବେଳେ ଆମେରିକା ଉଦ୍ଦେଶ୍ୟମୂଳକ ସମର୍ଥନ ଜାରି ରଖିଛି। ଆମେରିକାର ନୀରବତା ହିଁ ଇସ୍ରାଏଲକୁ କେବଳ ଯୁଦ୍ଧ ପାଇଁ ଉତ୍ସାହିତ କରିନାହିଁ, ଗାଜାରେ ଦୁର୍ଭିକ୍ଷକୁ ଆମନ୍ତ୍ରଣ କରିଛି।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ନିଆରା ଜୀବନ



କିଶୋର ଚନ୍ଦ୍ର ବେହେରା

ଗାଁ ହେଉଛି ଗ୍ରାମୀଣ ଏବଂ ପ୍ରାକୃତିକ ଜୀବନର ଏକ ସାଧାରଣ ସ୍ଥାନ, ଯେଉଁଠାରେ ଲୋକମାନେ ଅନ୍ୟମାନଙ୍କ ସହିତ ସହଯୋଗ ଏବଂ ସାମାଜିକ ସମ୍ପର୍କ ମଜବୁତ କରନ୍ତି। ଗାଁର ଆର୍ଥିକ ଏବଂ ସାମାଜିକ ପରିବେଶ ପରିସ୍ଥିତି ମୁଖ୍ୟତଃ କୃଷି ଉପରେ ନିର୍ଭର କରେ। ସହର ତିଆରି କରିବା ମନୁଷ୍ୟକୃତ, ଏହାର ଆକାର, ପ୍ରକାର ଓ ଭିତ୍ତିଭୂମି ବିକାଶ ପାଇଁ ସରକାର ଚିନ୍ତା କରିଥାନ୍ତି। ଗାଁରେ ବଢ଼ିବା ଏକ ଅନୁଭୂତି ଯାହା ଅନ୍ୟ କୌଣସି ଅନୁଭୂତି ନୁହେଁ। ସହର ବଢ଼ାଇବା ସ୍ୱାର୍ଥପର ହୋଇ ନିଜର ପତିଆରାକୁ ଜାହିର କରିବା। କେନ୍ଦ୍ର ଓ ରାଜ୍ୟ ସରକାର ସହରାଞ୍ଚଳ ସ୍ଥାନୀୟ ସରକାରଙ୍କ ପରିଚାଳନାରେ ବିକେନ୍ଦ୍ରୀକରଣ ଓ ଜନ ଭାଗିଦାରିକୁ ଗୁରୁତ୍ୱ ଦେଇଥାନ୍ତି। ଏହି ଦୁଇ ନୀତିକୁ ସହରାଞ୍ଚଳ ପରିଚାଳନାର ଦୁଇ ଆଖି ବୋଲି ନିର୍ବାଚିତ ପ୍ରତିନିଧି ଓ ସାଧାରଣ ଜନତା ମତବ୍ୟକ୍ତ କରୁଛନ୍ତି। ରାଜ୍ୟର ୧୬ ପ୍ରତିଶତ ଲୋକ ସହରାଞ୍ଚଳରେ ବସବାସ କରୁଛନ୍ତି। ଏହି ଲୋକମାନଙ୍କୁ ଶ୍ରେଷ୍ଠରୁ ଶ୍ରେଷ୍ଠତମ ସେବା ଯୋଗାଇ ଦେବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ରୂପାନ୍ତରଣ କାର୍ଯ୍ୟକ୍ରମ ମାଧମରେ ସହରାଞ୍ଚଳଗୁଡ଼ିକର କାୟା ପରିବର୍ତ୍ତନ କରାଯାଉଛି। ରାଜ୍ୟ ସରକାର ଗୋଷ୍ଠୀ ସହଭାଗିତାରେ ସହରାଞ୍ଚଳ ବିକାଶକୁ କ୍ଷିପ୍ର କରିଥିବା ବେଳେ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପ୍ରକଳ୍ପ ଏବେ ବିଶ୍‌ବସ୍ତରରେ ଅନୁକରଣୀୟ ହୋଇପାରିଛି। ସବୁଠୁ ବଡ଼ କଥା ହେଉଛି ଯେ ଏହି ବିକାଶ କ୍ଷେତ୍ରରେ ବଡ଼ ବଡ଼ କମ୍ପାନୀକୁ ନିୟୋଜିତ କରା ନ ଯାଇ ଗୋଷ୍ଠୀ ସହଭାଗୀତା ମାଧମରେ କରାଯାଉଛି। ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କୁ ସ୍ୱୟଂଶାସିତ କରିବା ପାଇଁ ପ୍ରଗତିଶୀଳ ନୀତି ଯୋଗୁଁ ଓଡ଼ିଶା ଅନ୍ୟ ରାଜ୍ୟକୁ ପଛରେ ପକାଇ ଆକଳନ କରାଯାଇଥିବା ୩୧ଟି ସହର ମଧରେ ଅଗ୍ରଣୀ ସ୍ଥାନରେ ରହିଛି।ବ୍ୟାପକ ବିତ୍ତୀୟ ବିକେନ୍ଦ୍ରୀକରଣ, ଦୃଢ଼ ନାଗରିକ ଅଂଶଗ୍ରହଣ ଢାଞ୍ଚା ଏବଂ ସ୍ୱଚ୍ଛ ପ୍ରଶାସନିକ ପ୍ରକ୍ରିୟା ମାଧମରେ ରାଜ୍ୟ ଦୃଢ଼ ଶାସନ ପ୍ରଦର୍ଶନ କରିଛି। ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ବିଧି ଅନୁସାରେ ୪ଟି ମୁଖ୍ୟ ସ୍ତମ୍ଭ ଆଧାରରେ ରାଜ୍ୟଗୁଡ଼ିକର ମୂଲ୍ୟାଙ୍କନ କରାଯାଇଥାଏ, ସେଗୁଡିକ ହେଲା ନିର୍ବାଚିତ ପ୍ରତିନିଧିମାନଙ୍କ ସଶକ୍ତୀକରଣ, ନଗର ପ୍ରଶାସନ, ବିତ୍ତୀୟ ସ୍ୱାୟତ୍ତତା ଏବଂ ନାଗରିକସମ୍ପୃକ୍ତି, ଯେଉଁଥିରେ ୪୨ଟି ବିସ୍ତୃତ ସୂଚକାଙ୍କ ଅନ୍ତର୍ଭୁକ୍ତ। ଏହି ସ୍ୱୀକୃତି କ୍ଷମତାକୁ ବିକେନ୍ଦ୍ରୀକରଣ କରିବା ଏବଂ ଏହା ସୁନିଶ୍ଚିତ କରିବା ପାଇଁ ଆମର ଦୀର୍ଘ ଦିନର ପ୍ରୟାସକୁ ପ୍ରତିଫଳିତ କରେ ଯେ ଆମର ସହର ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡିକ ସେମାନଙ୍କ ଆଦେଶ ପୂରଣ କରିବା ପାଇଁ ଆବଶ୍ୟକ ସମ୍ବଳ ଏବଂ ସ୍ୱୟଂଶାସିତତା ପାଇପାରିବେ। ସ୍ୱଚ୍ଛ, ଉତ୍ତରଦାୟୀ ଓ ନାଗରିକ ଭିତ୍ତିକ ଶାସନକୁ ରାଜ୍ୟକୁ ପ୍ରାଥମିକତା ଦେବା।

ଏଥିପାଇଁ ମିଶନ ଶକ୍ତି ସଦସ୍ୟାଙ୍କୁ ବିଭିନ୍ନ କାର୍ଯ୍ୟରେ ଜଡ଼ିତ କରିବା ଓ ସକ୍ରିୟ ଅଂଶଗ୍ରହଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହା ଦ୍ୱାରା ସହରାଞ୍ଚଳରେ ରାଜସ୍ୱ ବୃଦ୍ଧି ସହିତ ମହିଳାମାନଙ୍କ ଆର୍ଥିକ ଅଭିବୃଦ୍ଧି ଓ ସଶକ୍ତିକରଣ ହୋଇପାରିବ ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ନଗର ଉନ୍ନୟନ ବିଭାଗରେ ଜାରି ରହିଥିବା ବିଭିନ୍ନ ଜନହିତକର ଯୋଜନା, ଯଥା ମୁକ୍ତା ଓ ଆହାର ଭଳି ଯୋଜନାରେ ମହିଳାଙ୍କୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଏଥିସହିତ ଏସ୍‌ଏଚ୍‌ଜି ସଦସ୍ୟାମାନେ ମଳ ପରିଚାଳନା କେନ୍ଦ୍ରର ମଧ ଦାୟିତ୍ୱ ନିର୍ବାହ କରି ସହରାଞ୍ଚଳ ପରିମଳ ବ୍ୟବସ୍ଥାର ବଡ଼ ଭାଗିଦାରୀ ସାଜିଛନ୍ତି। ସହରାଞ୍ଚଳ ଆଶ୍ରୟସ୍ଥଳୀ ପରିଚାଳନା ସାଙ୍ଗକୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଜଳାଶୟ ପୁନରୁଦ୍ଧାର, ଆହାର କେନ୍ଦ୍ର ପାଇଁ



ଆଚାର ତିଆରି ଆଦି କାର୍ଯ୍ୟ ଜାରି ରଖିଛନ୍ତି। ଏହାସହିତ ବିଭିନ୍ନ ସହରାଞ୍ଚଳରେ ଏସଏଚ୍‌ଜିମାନେ ଜଳସାଥୀ ଭାବେ ମିଟର ରିଡିଂ, ଜଳକର ଆଦାୟ ଓ ବେନିୟମ ପାଇପ ସଂଯୋଗ ଦୂର କରିବା କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକ୍ରମର ସଫଳତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମିଶନ ଶକ୍ତି ଗୋଷ୍ଠୀଙ୍କୁ ସମ୍ପତ୍ତି କର ଆଦାୟ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।ଏ ସମ୍ପର୍କରେ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ ଗୋଷ୍ଠୀ ସହଭାଗିତାକୁ ସହରାଞ୍ଚଳ ଶାସନ ବ୍ୟବସ୍ଥାର ଡିଏନ୍‌ଏ ଭାବେ ଗ୍ରହଣ କରାଯାଉଛି। ଏଥିପାଇଁ ରାଜ୍ୟର ୧୧୫ଟି ପୌରାଞ୍ଚଳରେ ମହିଳାଙ୍କ ସମ୍ପୃକ୍ତି ବୃଦ୍ଧି ହୋଇଥିବା ବେଳେ ସେମାନଙ୍କୁ ପ୍ରୋତ୍ସାହନ ପାରଶ୍ରମିକ ବାବଦକୁ ୧୦୦ କୋଟି ଟଙ୍କା ପ୍ରଦାନ କରାଯାଇ ସାରିଛି। ମିଶନ ଶକ୍ତି ଗ୍ରୁପ୍ ଇତି ମଧରେ ନଗର ଉନ୍ନୟନ ବିଭାଗର ଏକ ଭରସାଯୋଗ୍ୟ ମୂଲ୍ୟବାନ ସହଯୋଗୀ ଭାବେ ପରିଗଣିତ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ସାଧାରଣ ଜନତାଙ୍କ ମୌଳିକ ଆବଶ୍ୟକତାକୁ ଲକ୍ଷ୍ୟକରି ହେଉଥିବା କାର୍ଯ୍ୟକ୍ରମରେ ଜନତା ଭାଗୀଦାର ହେବା ନିହାତି ଆବଶ୍ୟକ। ଏହାଦ୍ୱାରା ସରକାରଙ୍କ ଉଦ୍ଦେଶ୍ୟ ଓ ମନୋଭାବ ବୁଝିହେବ। ଏହା ସୁସ୍ଥ ଓ ଉନ୍ନତ ରାଷ୍ଟ୍ର ଗଠନ ପାଇଁ ଅନ୍ୟ ଏକ ବଳିଷ୍ଠ ପଦକ୍ଷେପ। ସରକାର ଲୋକଙ୍କର ଉଦ୍‌ବେଗ ଓ ବାସ୍ତବ ସମସ୍ୟା ବୁଝିବାକୁ ହେଲେ ଉପଭୋକ୍ତା ଓ ସଚେତନ ନାଗରିକଙ୍କଠାରୁ ସମସ୍ତ ଠିକ ତଥ୍ୟ ପାଇପାରିବେ। ସରକାର ଲୋକଙ୍କ ସକ୍ରିୟ ଅଂଶ ଗ୍ରହଣକୁ ନିଶ୍ଚିତକରି ଏବଂ ବ୍ୟକ୍ତିଗତ ସ୍ୱାର୍ଥକୁ ତ୍ୟାଗକରି କାମକଲେ ଲୋକେ ଉପକୃତ ହେବାସହ ଦେଶର ସାମଗ୍ରିକ ଉନ୍ନତି ହୋଇପାରିବ। ଏଥି ସହିତ ଲୋକେ ପ୍ରକୃତ ଗଣତନ୍ତ୍ରର ସ୍ୱାଦ ଉପଭୋଗ କରିପାରିବେ। ରାଜନୀତିରେ ପ୍ରତ୍ୟକ୍ଷ ଭାବେ ନହେଲେ ମଧ ପରୋକ୍ଷଭାବେ ନାଗରିକମାନେ ଜଡିତ ହେବା ଦରକାର, ଯାହାକି ସୁସ୍ଥ ଗଣତନ୍ତ୍ରର ମୂଳମନ୍ତ୍ର।

ଆଜି ଭାରତ ବୃତ୍ତାକାର ଅର୍ଥନୀତିକୁ ସହରୀ ବିକାଶର ଏକ ପ୍ରମୁଖ ଆଧାରରେ ପରିଣତ କରୁଛି। ଆମ ଦେଶରେ ପ୍ରତିଦିନ ହଜାର ହଜାର ଟନ ମ୍ୟୁନିସିପାଲିଟି ବର୍ଜ୍ୟବସ୍ତୁ ସୃଷ୍ଟି ହୁଏ। ୨୦୧୪ ରେ ଦେଶରେ କେବଳ ୧୪-୧୫ ପ୍ରତିଶତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରାଯାଇଥିଲା। ଆଜି ୭୫ ପ୍ରତିଶତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରାଯାଉଛି। ଯଦି ଏହା ପୂର୍ବରୁ ହୋଇଥାନ୍ତା, ତେବେ ଆମ ସହର ଆବର୍ଜନା ପର୍ବତରେ ପରିପୂର୍ଣ୍ଣ ହୋଇ ନ ଥାନ୍ତା ବୋଲି ସେ କହିଛନ୍ତି। ଆମ ସମ୍ବଳର ଉପଯୁକ୍ତ ବିନିଯୋଗ ହେଲେ ତାର ଲାଭ ସମସ୍ତେ ପାଇପାରିବେ ଓ ଲୋକଙ୍କର ଜୀବନ ଏବଂ ଜୀବିକାରେ ଉନ୍ନତି ଆସିବ। ସେଥିପ୍ରତି ସ୍ଥାନୀୟ ବ୍ୟକ୍ତି ବିଶେଷ ଓ ଗୋଷ୍ଠୀ ଦୃଷ୍ଟି ଦେବା ଆବଶ୍ୟକ। ଲୋକପ୍ରତିନିଧିମାନଙ୍କୁ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବାକୁ ହେଲେ ପଞ୍ଚାୟତ, ବ୍ଲକ, ଜିଲା, ରାଜ୍ୟ ଓ ସହରାଞ୍ଚଳ ନିର୍ବାଚିତ ପ୍ରତିନିଧିମାନଙ୍କୁ ଜନତା ଦରବାରକୁ ସମ୍ମୁଖୀନ ହେବା ଦରକାର। ବର୍ଷକୁ ଅନ୍ତତଃ ତିନ ବା ଚାରି ଥର ନିଜ ନିଜ ନିର୍ବାଚନ ମଣ୍ଡଳୀରେ ଲୋକମାନଙ୍କ ପାଖରେ ନିଜର ଦକ୍ଷତା, ସ୍ୱଚ୍ଛତା ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେବା ସହ ଲୋକଙ୍କ ପ୍ରଶ୍ନର ଉତ୍ତର ଦେବେ ଏବଂ ନିଜର ପକ୍ଷ ରଖିବେ। ସେ ସବୁକୁ ସମସ୍ତଙ୍କ ଜାଣିବା ପାଇଁ ମଧ ବ୍ୟବସ୍ଥା ରହିବା ଦରକାର। ସରକାର ନୂତନ ଯୋଜନା, ଖର୍ଚ୍ଚ ଅଟକଳ, କାର୍ଯ୍ୟପ୍ରଣାଳୀ ଓ ଗଠନ ମୂଳକ ପଦକ୍ଷେପ ପାଇଁ ସମାଜର ବିଭିନ୍ନ ଗୋଷ୍ଠୀ ଓ ବ୍ୟକ୍ତି ବିଶେଷଙ୍କ ଠାରୁ ଅନଲାଇନ ମାଧମରେ ତଥ୍ୟ ଓ ପରାମର୍ଶ ସଂଗ୍ରହ କରି ପାରିବେ। ଏହାକୁ ଏକତ୍ର ଏବଂ ତର୍ଜମା କରି ସରକାର କାର୍ଯ୍ୟ କଲେ ଓ ଜନସାଧାରଣଙ୍କୁ ଅବଗତ କରାଇଲେ ତାହା ବାସ୍ତବବାଦୀ ହେବାସହ କାହାର ସନ୍ଦେହ ରହିବ ନାହିଁ। ସରକାରରେ ଥିବା ମନ୍ତ୍ରୀମାନେ ନିଜ ବିଭାଗକୁ ଅଧିକ କାର୍ଯ୍ୟକ୍ଷମ ଓ ଗତିଶୀଳ କରିବାକୁ ହେଲେ ଲୋକଙ୍କଠାରୁ ପ୍ରସ୍ତାବ, ମତ ଓ ଉପଦେଶ ଲୋଡ଼ିବା ସହ ସଂଖ୍ୟାଗରିଷ୍ଠ ମତକୁ ସାର୍ବଜନୀନ କରି କାର୍ଯ୍ୟକଲେ ସୁଫଳ ମିଳିବା ନିଶ୍ଚିତ। ମୋଟ ଉପରେ ସରକାରୀ କାର୍ଯ୍ୟରେ ଜନତାଙ୍କର ସକ୍ରିୟ ଅଂଶଗ୍ରହଣ ଦେଶପାଇଁ ଅପରିହାର୍ଯ୍ୟ। ତୃଣମୂଳ ସ୍ତରରେ ସହରୀ ଶାସନ ଏବଂ ଦକ୍ଷତା ବୃଦ୍ଧି ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରତିବଦ୍ଧତା ଅଧୀନରେ ଏହି ତାଲିମ ଏକ ପ୍ରମୁଖ ପଦକ୍ଷେପ। ବିକଶିତ ଓଡ଼ିଶା @ ୨୦୩୬ ଏବଂ ବିକଶିତ ଭାରତ @ ୨୦୪୭ ର ଦୂରଦୃଷ୍ଟି ହାସଲ କରିବାରେ ସାମୂହିକ ଉଦ୍ୟମ ତଥା ଉତ୍ସର୍ଗୀକୃତତାର ମୁଖ୍ୟ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ପାଇଁ ସମୟ ଆସିଛି।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ, ମୋବାଇଲ୍: ୯୪୩୭୯୫୫୫୬୮**



## ଚନ୍ଦ୍ରଯାନ-୫ ମିସନ ପାଇଁ ଇସ୍ରୋ ଓ ଜାପାନୀ ମହାକାଶ ସଂସ୍ଥା ଏକାଠି

ଟୋକିଓ,୨୯।୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଚନ୍ଦ୍ରଯାନ-୫ ମିଶନ ପାଇଁ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏବଂ ଜାପାନ ଏରୋସ୍ପେସ୍ ଅନୁସନ୍ଧାନ ସଂସ୍ଥା (ଜାକ୍ସା) ମଧ୍ୟରେ ସହଯୋଗ ଘୋଷଣା କରିଛନ୍ତି। ମୋଦୀ କହିଛନ୍ତି ଯେ, ଆମେ ଚନ୍ଦ୍ରଯାନ-୫ ମିଶନ ପାଇଁ ଇସ୍ରୋ ଏବଂ ଜାକ୍ସା ମଧ୍ୟରେ ସହଯୋଗକୁ ସ୍ୱାଗତ କରୁଛୁ। ଆମର ସକ୍ରିୟ ଅଂଶଗ୍ରହଣ ପୃଥିବୀର ସୀମା ବାହାରକୁ ଯାଇଛି ଏବଂ ମହାକାଶରେ ମାନବଜାତିର ପ୍ରଗତିର ପ୍ରତୀକ ହେବ। ପ୍ରଧାନମନ୍ତ୍ରୀ ଟୋକିଓରେ ତାଙ୍କର ଜାପାନୀ ପ୍ରତିପକ୍ଷ ଶିଗେରୁ ଇଶିବାଙ୍କ ସହ ଆଲୋଚନା ପରେ ଅନୁଷ୍ଠିତ ଏକ ମିଳିତ ବ୍ରିଫିଂ ସମୟରେ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଆମେ ଆଗାମୀ ଦଶନ୍ଧି ପାଇଁ ସହଯୋଗର ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଛୁ। ଉଭୟ ଦେଶ ସହମତ ହୋଇଛନ୍ତି ଯେ ବିଶ୍ୱର ଦୁଇଟି ବୃହତ ଅର୍ଥନୀତି ଏବଂ ଉନ୍ନତ ଗଣତନ୍ତ୍ର ଭାବରେ, ଆମର ସହଭାଗୀତା କେବଳ ଆମ ଦୁଇ ଦେଶ ପାଇଁ ନୁହେଁ ବରଂ ବିଶ୍ୱ ଶାନ୍ତି ଏବଂ ସ୍ଥିରତା ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆସନ୍ତା ୧୦ ବର୍ଷରେ ଜାପାନ ଭାରତରେ ୧୦ ଟ୍ରିଲିୟନ ୟେନର ନିବେଶ ଲକ୍ଷ୍ୟ ରଖିଛି ବୋଲି ସେ କହିଛନ୍ତି।

### ଟିଏମ୍‌ସି ସାଂସଦଙ୍କ ବିବାଦୀୟ ବୟାନ

# ଶାହଙ୍କ ମୁଣ୍ଡ କାଟି ଟେବୁଲ୍ ଉପରେ ରଖିଦେବା ଉଚିତ

ନୂଆଦିଲ୍ଲୀ,୨୯।୮ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ନେଇ ବିବାଦୀୟ ବୟାନ ଦେଇ ଚର୍ଚ୍ଚାରେ ଟିଏମସି ସାଂସଦ ମହୁଆ ମୋଇତ୍ରା । ମହୁଆଙ୍କ ବୟାନକୁ ନେଇ ଏବେ ଚାରିଆଡେ ହଙ୍ଗାମା ଦେଖାଦେଇଛି। ଅମିତ ଶାହଙ୍କ ମୁଣ୍ଡ କାଟି ଟେବୁଲରେ ରଖିଦେବାକୁ କହିଛନ୍ତି ମହୁଆ। ପଶ୍ଚିମବଙ୍ଗରେ ଅବୈଧ ଅନୁପ୍ରବେଶକୁ ନେଇ ପଚରା ଯାଇଥିବା ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମହୁଆ କହିଛନ୍ତି, ଯଦି ଭାରତ ସୀମାରେ କେହି ରକ୍ଷା କରିବାକୁ ନାହାନ୍ତି, ଯଦି ଅନ୍ୟ ଦେଶର ହଜାର ହଜାର ଲୋକ ପ୍ରତିଦିନ ଅନୁପ୍ରବେଶ କରୁଛନ୍ତି, ଆମ ମା' ଓ ଭଉଣୀଙ୍କ ଉପରେ ଖରାପ ଦୃଷ୍ଟି ପକାଉଛନ୍ତି, ଆମ ଜମି ଛଡ଼ାଇ ନେଉଛନ୍ତି। ତା'ହେଲେ ପ୍ରଥମେ ଗୃହମନ୍ତ୍ରୀଙ୍କ ମୁଣ୍ଡ କାଟି ଟେବୁଲ୍ ଉପରେ ରଖିଦେବା ଉଚିତ୍। ମହୁଆଙ୍କ ଏଭଳି ବିବାଦୀୟ ବୟାନ ପରେ ଏବେ ରାଜନୀତି ଜୋର୍ ଧରିଛି। ତାଙ୍କ ନାମରେ





କୋତୱାଲି ଥାନାରେ ଅଭିଯୋଗ ହୋଇଛି।

ସୂଚନାନୁଯାୟୀ, ପଶ୍ଚିମବଙ୍ଗରେ ଅବୈଧ ଅନୁପ୍ରବେଶ ନେଇ ଟିଏମସି ସାଂସଦ ମହୁଆ ମୋଇତ୍ରାଙ୍କୁ ଗଣମାଧମ କର୍ମୀ ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନରେ ମହୁଆ ଉତ୍ୟକ୍ତ ହୋଇ କହିଥିଲେ ଯେ, ଆମ ସୀମାର ସୁରକ୍ଷା ଦାୟିତ୍ୱ ଜାତୀୟ ଏଜେନ୍ସି ହାତରେ ରହିଛି। ଯାହା କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ ରହିଛି। ମହୁଆ କହିଛନ୍ତି, ସୀମାରେ ବିଏସଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଛି। ଆମେ ଏବେବି ତାଙ୍କୁ ଡ଼ରି ରହୁଛୁ। ବାଂଲାଦେଶ ଆମର ବନ୍ଧୁ ଦେଶ। ହେଲେ ସେମାନଙ୍କ ପାଇଁ ଗତ କିଛିବର୍ଷ ହେବ ଦୁଇ ଦେଶ ଭିତରେ ସମ୍ପର୍କ ବଦଳିଛି। ତେବେ ମହୁଆଙ୍କ ଏଭଳି ଉତ୍ତେଜନାପୂର୍ଣ୍ଣ ଟିପ୍ପଣୀ ପରେ ନଦିଆ ଜିଲ୍ଲା ବିଜେପି କୋତୱାଲି ଥାନାରେ ଅଭିଯୋଗ କରିଛନ୍ତି । ମହୁଆ ଏହି ଅଭିଯୋଗ ନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ।

# ଦିଲ୍ଲୀ-ଏନ୍‌ସିଆରରେ ଭୟଙ୍କର ବର୍ଷା

ନୂଆଦିଲ୍ଲୀ, ୨୯।୮: ଦିଲ୍ଲୀ-ଏନସିଆରର ଅନେକ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଲୋକ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲଗାତାର ପ୍ରବଳ ବର୍ଷା କାରଣରୁ ରାସ୍ତାରେ ପାଣି ଜମି ହୋଇ ରହିଛି। ଫଳରେ ଟ୍ରାଫିକ୍ ଜାମ୍ ହେବା ସହ ଯାତାୟାତ ବାଧାପ୍ରାପ୍ତ ହେଉଛି। ବିମାନ ଚଳାଚଳରେ ମଧ ଅସୁବିଧା ସୃଷ୍ଟି କରୁଛି। ଏହାରି ମଧରେ ଆଇଏମଡି ପୁଣି ଥରେ ଅରେଞ୍ଜ ଆଲର୍ଟ ଜାରି କରିଛି। ଏଥିସହ ଲୋକଙ୍କୁ ସତର୍କ ରହିବାକୁ ମଧ ପରାମର୍ଶ ଦେଇଛି। ସୂଚନାନୁଯାୟୀ, ୨୪ ଘଣ୍ଟା ମଧରେ ଦିଲ୍ଲୀ-ଏନସିଆରରେ ପ୍ରବଳ ବର୍ଷା ହୋଇଛି। ଫଳରେ ପାଣିରେ ବୁଡି ରହିଛି ସହର। ଡ୍ରେନ୍ ପାଣି ଜମିବାରୁ ମଧ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଆଗାମୀ ୨ରୁ ୩ ଘଣ୍ଟା ମଧରେ ଦିଲ୍ଲୀର ଅନେକ ସ୍ଥାନରେ ମଧମ ବର୍ଷା ହେବାର ସମ୍ଭାବନା ରହିଛି। ଘରୁ ନ ବାହାରିବା ସହ ଟ୍ରାଫିକ୍ ଯାଞ୍ଚ କରିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦିଲ୍ଲୀ ବିମାନ ବନ୍ଦରରେ ଏକ ପରାମର୍ଶ ଜାରି କରିଛି। ଦିଲ୍ଲୀର ଅନେକ ଅଞ୍ଚଳ ଜଳମଗ୍ନ



ରହିଛି। ଯାତାୟତ ପ୍ରଭାବିତ ହେଉଛି ବୋଲି ଟ୍ରାଫିକ୍ ପୋଲିସ ସୂଚନା ଦେଇଛନ୍ତି। ତେଣୁ ଭିଡ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ସ୍ଥାନରେ ଟିମକୁ ନିୟୋଜିତ କରାଯାଇଛି। ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ପାଣିପାଗ ବର୍ତ୍ତମାନ ଅରେଞ୍ଜ ଆଲର୍ଟ ଚେତାବନୀ ଜାରି କରିଛି।

### ପରୋକ୍ଷରେ ଇଙ୍ଗିତ ଦେଲେ ମୋହନ ଭାଗବତ

# ମୋଦି ନେବେନି ନିଜ ପଦରୁ ଅବସର

ଆସନ୍ତା ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପୂରୁଛି ୭୫ ବର୍ଷ। ଆଉ ୭୫ ବର୍ଷ ପରେ ସେ ଅବସର ନେଇପାରନ୍ତି ବୋଲି ଅନେକ ସମୟରେ ଚର୍ଚ୍ଚା ହୁଏ। ତେଣୁ ମୋଦୀ ଅବସର ହେଲେ, କିଏ ପ୍ରଧାନମନ୍ତ୍ରୀ ହେବ, କିଏ ବିଜେପିର ନେତୃତ୍ୱ ନେବ ତାହା ସବୁଠୁ ବଡ଼ ପ୍ରଶ୍ନ। ହେଲେ ଏହାରି ଭିତରେ ଆରଏସଏସ୍ ମୁଖ୍ୟ ମୋହନ ଭାଗବତ ଦେଇଛନ୍ତି ବଡ଼ ଇସାରା। ମୋଦୀଙ୍କୁ ସେପ୍ଟେମ୍ବର ୧୭ ତାରିଖରେ ୭୫ ବର୍ଷ ପୂରିଲେ ବି ସେ ଅବସର ନେବେନି ବୋଲି ପରୋକ୍ଷରେ ଇସାରା ଦେଇଛନ୍ତି ସଂଘର ମୁଖ୍ୟ ମୋହନ ଭାଗବତ।

ରାଷ୍ଟ୍ରୀୟ ସଂୟସେବକ ସଂଘର ୧୦୦ ବର୍ଷ ପାଳନ ଅବସରରେ ମୋହନ ଭାଗବତ କହିଛନ୍ତି, ମୁଁ କାହାକୁ ବି ୭୫ ବର୍ଷରେ ଅବସର ହେବାକୁ କହିନି। ସଂଘରେ ଜଣେ ସ୍ୱଂୟସେବକ ଭାବେ କିଛି ଦାୟିତ୍ୱ ଦିଆଯାଏ। ଆମେ ଚାହୁଁ କିମ୍ବା ନ ଚାହୁଁ, ସେ ଦାୟିତ୍ୱ କିନ୍ତୁ ଆମକୁ କରିବାକୁ ପଡ଼ିବ। ତେଣୁ ଏପରି ପରିସ୍ଥିତିରେ ସଂଘ ଯଦି ୮୦ ବର୍ଷରେ ମୋତେ ଶାଖାକୁ ଯିବାକୁ କୁହେ, ତେବେ ମୁଁ ମଧ ଶାଖାକୁ ଯାଇ ଶାଖା ଚଲାଇବି ବୋଲି କହିଛନ୍ତି ମୋହନ ଭାଗବତ। ଏହାସହ ସେ କଦାପି ୭୫ ବର୍ଷ ହେଇଥିବା କାରଣରୁ ଅବସର ହେବେନି ବୋଲି କହିଛନ୍ତି। ମୋହନ ଭାଗବତଙ୍କ ଏହି ବୟାନକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଯୋଡ଼ି ଦେଖାଯାଉଛି। ବିଜେପିରେ ମୋଦୀ ଯୁଗ ଆରମ୍ଭ ହେବା ପରେ, ୭୫ ବର୍ଷର ଏହି ଅଲିଖିତ ନିୟମରେ ବଡ଼ ବଡ଼ ନେତାଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଥିଲା। ଯାହା ଭିତରେ ଲାଲକୃଷ୍ଣ ଆଡଭାନୀଙ୍କ ଭଳି ନେତା ମଧ ଥିଲେ। ଏହାପରେ ଏବେ ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ୭୫ ବର୍ଷ ପୂରିବାକୁ ଯାଉଛି, ସେତେବେଳେ ସେ ମଧ ଅବସର ହେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ହେଲେ ତା ଭିତରେ କିନ୍ତୁ ମୋହନ ଭାଗବତଙ୍କ ଏହି ବୟାନ ଖୁବ ଜୋରରେ ଭାଇରାଲ୍ ହେବାରେ ଲାଗିଛି।

ଗତକାଲି ଇଣ୍ଡିଆ ଟୁଡେ ସି ଭୋଟର ସର୍ଭେରେ ମଧ ଗୋଟିଏ ରିପୋର୍ଟ ସାମ୍ନାକୁ ଆସିଛି। ଯେଉଁଥିରେ ମୋଦୀଙ୍କ ପରେ ସବୁଠୁ ଅଧିକ ଲୋକ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ଦେଖିବାକୁ ଚାହୁଁଛନ୍ତି। ଏହାସହ ୟୁପିର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ମଧ ଅନେକ ଲୋକ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି।

### ବିହାର ବିଧାନସଭା ନିର୍ବାଚନ ନେଇ ଟାଇମ୍ସ ନାଓ-ଜେଭିସି ମତାମତ ସର୍ଭେ

# ପୁଣି କ୍ଷମତା ହାତେଇବ ଏନଡିଏ, ଜିତିବ ୧୩୬ଟି ଆସନ!

ପାଟନା,୨୯।୮: ଏବେ ବିହାର ବିଧାନସଭା ନିର୍ବାଚନକୁ ନେଇ ଉତ୍ସାହ ବୃଦ୍ଧି ପାଇଛି। ନିର୍ବାଚନ କମିଶନ ଖୁବ୍ ଶୀଘ୍ର ବିହାର ନିର୍ବାଚନର ତାରିଖ ଘୋଷଣା କରିପାରନ୍ତି। ନଭେମ୍ବର ପ୍ରଥମ ସପ୍ତାହରେ ବିହାରରେ ବିଧାନସଭା ନିର୍ବାଚନ ହୋଇପାରେ ବୋଲି ଆକଳନ କରାଯାଉଛି। ଏହି ସମୟରେ, ବିହାର ନିର୍ବାଚନ ଫଳାଫଳ ସମ୍ପର୍କରେ ବିଭିନ୍ନ ଏଜେନ୍ସିର ମତାମତ ଏବଂ ସର୍ଭେ ମଧ ଆସିବା ଆରମ୍ଭ ହୋଇଛି। ଟାଇମ୍ସ ନାଓ-ଜେଭିସି ମତାମତ ସର୍ଭେ ଅନୁଯାୟୀ, ବିହାରରେ ପୁଣି ଥରେ ଏନଡିଏ ମେଣ୍ଟ ସରକାର ଗଠନ କରିବ। ଭାରତୀୟ ଜନତା ପାର୍ଟି(ବିଜେପି), ଜନତା ଦଳ (ୟୁନାଇଟେଡ୍) ଏବଂ ଅନ୍ୟାନ୍ୟ ଦଳଗୁଡ଼ିକୁ ନେଇ ତିଆରି



ହୋଇଥିବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ଆଉ ଏକ କାର୍ଯ୍ୟକାଳ ପାଇଁ କ୍ଷମତାକୁ ଆସିପାରେ ବୋଲି ସର୍ଭେରୁ ସ୍ପଷ୍ଟ ହୋଇଛି। ଜନମତ ସର୍ଭେ ଅନୁଯାୟୀ, ପୂର୍ବ ନିର୍ବାଚନ ଅପେକ୍ଷା ଏନଡିଏକୁ ଏଥର ବଡ଼ ବିଜୟ ମିଳିବ ବୋଲି ପୂର୍ବାନୁମାନ କରାଯାଇଛି। ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ଟାଇମ୍ସ ନାଓ-ଜେଭିସି ଜନମତ ସର୍ଭେ ଅନୁଯାୟୀ, ୨୪୩ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଏନଡିଏ ୧୩୬ ଆସନ ଜିତିପାରେ। ଏହା ସହିତ ରାଷ୍ଟ୍ରୀୟ ଜନତା ଦଳ, କଂଗ୍ରେସ ଏବଂ ବାମ ଦଳମାନଙ୍କ ମେଣ୍ଟ ରାଜ୍ୟରେ ୭୫ ଆସନରେ ସୀମିତ ରହିପାରେ ବୋଲି ଜଣାଯାଇଛି। ବିହାରରେ ସରକାର ଗଠନ ପାଇଁ ୧୨୨ଟି ଆସନରେ ଜିତିବା ଜରୁରୀ। ଏଭଳି ସ୍ଥିତିରେ ଏନଡିଏ ୧୩୬ଟି ଆସନ ହାତେଇଲେ ପୁଣି ଥରେ ରାଜ୍ୟର ଦାୟିତ୍ୱ ନେବ। ଟାଇମ୍ସ ନାଓ-ଜେଭିସି ମତାମତ ସର୍ଭେ ଅନୁଯାୟୀ, ଏନଡିଏ ମଧରେ ବିଜେପି ଆଗାମୀ ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଲାଭ ପାଇବ ଏବଂ ଗତ ନିର୍ବାଚନରେ ଏହାର ଆସନ ସଂଖ୍ୟା ୭୪ଥିବା ବେଳେ ଏଥର ୮୧ କୁ ବୃଦ୍ଧି ପାଇବ।

# ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ପାଇଲଟ ମୃତ



ୱାରସ, ୨୯।୮: ପୋଲାଣ୍ଡରୁ ଏକ ଆଶ୍ଚର୍ଯ୍ୟଜନକ ଖବର ଆସିଛି। ପୋଲାଣ୍ଡରେ ଏକ ଏୟାର ଶୋ' ସମୟରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଗୁରୁବାର ଏକ ଏୟାର ଶୋ ଅଭ୍ୟାସ ସମୟରେ ଏଫ୍-୧୬ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯେଉଁଥିରେ ପାଇଲଟଙ୍କ ମୃତ୍ୟୁ ହୋଇଥିଲା। ରାଡମ ଏୟାର ସୋ ପାଇଁ ଡେମୋ ବେଳେ ଜଳିଗଲା ପୋଲାଣ୍ଡର ଏଫ୍-୧୬ ଫାଇଟର ଜେଟ। ସାଡକୋରେ ଆଜିଠୁ ଦୁଇଦିନିଆ ରାଡମ ଏୟାର ସୋ-୨୦୨୫ ହେବାର ଥିଲା। ଏଥିପାଇଁ ଏଫ୍-୧୬ ଟାଇଗର ଡେମୋ ଜେଟ ଅଭ୍ୟାସ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କିଛି ସମୟ ମଧରେ ବିସ୍ଫୋରଣ ସହ ନିଆଁ ଲାଗି ହୁ ହୁ ହୋଇ ଜଳିଯାଇଥିଲା। ହେଲେ ଜେଟରୁ ପାଇଲଟ ବାହାରକୁ ବାହାରିପାରି ନଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ରାଡମ ଏୟାର ସୋ ହେଉଛି ୟୁରୋପର ସର୍ବବୃହତ ଆଭିଏସନ କାର୍ଯ୍ୟକ୍ରମ। ପ୍ରତିବର୍ଷ ଏହାକୁ ଦେଖିବାକୁ ହଜାର ହଜାର ଦର୍ଶକ ଆସିଥାନ୍ତି।

# ଆନ୍ଧ୍ର ବ୍ରିଜରେ ମାଲବାହୀ ଟ୍ରେନ ଲାଇନଚ୍ୟୁତ



ଅମରାବତି, ୨୯।୮: ଆନ୍ଧ୍ରପ୍ରଦେଶର ବିଜୟନଗରମ ସିଗ୍ନେଚର ବ୍ରିଜରେ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଛି। ୫ଟି ୱାଗନ ଟ୍ରାକରୁ ଖସିପଡ଼ିଛି। ଏଥିଯୋଗୁ ବ୍ୟାହତ ହୋଇଛି ଟ୍ରେନ ଚଳାଚଳ। ଘଟଣାସ୍ଥଳରେ ରେଳୱେ ଅଧିକାରୀ ଓ ପୋଲିସ ପହଞ୍ଚିଛନ୍ତି। ଖସିପଡ଼ିଥିବା ୱାଗନଗୁଡ଼ିକୁ ହଟାଯାଉଛି।

ତେବେ ଦୁର୍ଘଟଣା ଯୋଗୁଁ ଅନେକ ଟ୍ରେନ ବିଳମ୍ବରେ ଚାଲୁଥିବା ବେଳେ ଆଉ କେତେକ ଟ୍ରେନକୁ ବିଭିନ୍ନ ଷ୍ଟେସନରେ ଅଟକାଯାଇଛି। ଭୁବେନେଶ୍ୱର ବିଶାଖାପାଟଣା ବନ୍ଦେଭାରତ ଏକ୍ସପ୍ରେସ, ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନ, ସାଲିମାର ଭାସ୍କୋଡାଗାମା, ରାଜାରାଣୀ ଏକ୍ସପ୍ରେସ, ପାଟଣା ଏରନାକୁଲମ ଏକ୍ସପ୍ରେସ, ହାୱାଡା ଚେନ୍ନାଇ ଏକ୍ସପ୍ରେସ, ଭୁବନେଶ୍ୱର ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ ଆଦି ଟ୍ରେନଗୁଡ଼ିକ ବିଭିନ୍ନ ଷ୍ଟେସନରେ ଅଟକିଛନ୍ତି। ଘଟଣାସ୍ଥଳରେ ଉଦ୍ଧାରକାରୀ ଟିମ୍ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ପୁନଃ ଉଦ୍ଧାର କାର୍ଯ୍ୟ କରାଯାଇ ସ୍ୱାଭାବିକ ପାଇଁ ଚେଷ୍ଟା ଚାଲିଥିବା ପୂର୍ବତଟ ରେଳବାଇ ବିଭାଗ ପକ୍ଷରୁ କୁହାଯାଇଛି।

## ୭ ବର୍ଷର ଝିଅକୁ କୁକୁର ଝୁଣିଦେଲେ

**ମଥୁରା, ୨୯।୮:** ବୁଲା କୁକୁରମାନେ କେମିତି ରାସ୍ତାରେ ଯାଉଥିବା ଜଣେ ୭ ବର୍ଷର ଝିଅକୁ ତଳେ ପକାଇ ଝୁଣି ପକାଉଛନ୍ତି, ତା'ର ଭିଡିଓ ସାମ୍ନାକୁ ଆସିଛି। ଉତ୍ତର ପ୍ରଦେଶର ମଥୁରାରେ ଜଣେ ୭ ବର୍ଷର ଝିଅକୁ ବୁଲା କୁକୁରମାନେ ଗଡ଼ାଇ ତଡ଼ାଇ କାମୁଡ଼ି ପକାଇଛନ୍ତି। କୁକୁର କାମୁଡ଼ିବା ଯୋଗୁ ପିଲାଟି ଶରୀରରେ ଗଭୀର କ୍ଷତଚିହ୍ନ ରହିଛି। ତା' ଅବସ୍ଥା ସଙ୍କଟାପନ୍ନ ଅଛି। ମଥୁରାର ଗୋଟିଏ ଆବାସିକ ଅଞ୍ଚଳରେ ୭ ବର୍ଷୀୟ ସୃଷ୍ଟି ଏକାକୀ ଯାଉଥିଲେ। ସେ ରାସ୍ତାରେ ଯାଉଥିବା ବେଳେ ହଠାତ ୩ଟି ବୁଲା କୁକୁର ପଛରୁ ପିଲାଟିକୁ ଆକ୍ରମଣ କରିଥିଲେ। ପିଲାଟି ଚିତ୍କାର କରିଥିଲେ ହେଁ ୩ଟି ଯାକ କୁକୁର ତା'କୁ ତଳେ ପକାଇ କାମୁଡ଼ି ପକାଇଥିଲେ। ଦୁଇଟି କୁକୁର ପିଲାଟିର ହାତ ଓ ଗୋଡ଼କୁ କାମୁଡୁ ଥିବା ବେଳେ ଆଉ ଗୋଟିଏ ପିଲାଟିର ମୁଣ୍ଡକୁ ଆକ୍ରମଣ କରୁଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି।

# ୩ ଲକ୍ଷ ଲୋକଙ୍କୁ ନିର୍ବାଚନ କମିଶନଙ୍କ ନୋଟିସ୍

ନୂଆଦିଲ୍ଲୀ,୨୯।୮ : ଭାରତୀୟ ନିର୍ବାଚନ କମିଶନ ୩ ଲକ୍ଷ ଲୋକଙ୍କୁ ଜାରି କରିଛନ୍ତି ନୋଟିସ୍। ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ୩ ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯିବାର ସମ୍ଭାବନା ରହିଛି। କାରଣ ସେମାନଙ୍କର କାଗଜପତ୍ରରେ ସଠିକ୍ ପ୍ରମାଣ ପତ୍ର ନାହିଁ ଏବଂ ସେମାନେ ଭାରତର ନାଗରିକ ବୋଲି ପ୍ରମାଣିତ ହୋଇନାହାନ୍ତି। ଏନେଇ ବିହାର ଏସଡିଏମଙ୍କ ତଦନ୍ତ ରିପୋର୍ଟ ଆଧାରରେ କିଶନଗଞ୍ଜ, ପୂର୍ଣ୍ଣିଆ, ପଶ୍ଚିମ ଚମ୍ପାରଣ, ପୂର୍ବ ଚମ୍ପାରଣ, ଆରାରିଆ, ସହରସା ଏବଂ ମଧୁବନୀ ଜିଲା ଏବଂ ସୁପୌଲ ଜିଲ୍ଲାର ଭୋଟରମାନଙ୍କୁ ନୋଟିସ୍ ଦିଆଯାଇଛି। ଏହି ୩ ଲକ୍ଷ ଲୋକ ବାଂଲାଦେଶ, ନେପାଳ, ମିଆଁମାର ଏବଂ ଆଫଗାନିସ୍ତାନରୁ ଆସିଥିବା ଜଣାପଡିଛି। ପୂର୍ବରୁ, ଏସ୍ଆଇଆର୍ ଅଧୀନରେ କମିଶନ ବିହାରର ଭୋଟର ତାଲିକାରୁ ପ୍ରାୟ ୬୫ ଲକ୍ଷ ମୃତ, ଡୁପ୍ଲିକେଟ୍ ଏବଂ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିବା ଭୋଟରଙ୍କ ନାମ ବାଦ ଦେଇଥିଲେ। ନିର୍ବାଚନ ବିଭାଗରୁ ମିଳିଥିବା ସୂଚନା

**ବିହାର ବିଧାନସଭା ନିର୍ବାଚନ**

ଅନୁଯାୟୀ, ଦାବି-ଆପତ୍ତି ସମୟରେ ଡକ୍ୟୁମେଣ୍ଟ ଦାଖଲ କରିନଥିବା ଭୋଟରମାନଙ୍କୁ ନୋଟିସ୍ ଜାରି କରିବା ପ୍ରକ୍ରିୟା ବିଭିନ୍ନ ଜିଲ୍ଲାରେ ଆରମ୍ଭ ହୋଇଛି। ଏପରି ଭୋଟରଙ୍କ ସଂଖ୍ୟା ପ୍ରାୟ ୩ ଲକ୍ଷ ବୋଲି କୁହାଯାଉଛି। ନିର୍ବାଚନ କମିଶନ ଭୋଟର ତାଲିକା ଅପଡେଟ୍ କରୁଛନ୍ତି। ସୂଚନା ଅନୁସାରେ ବିହାର ବିଧାନସଭା ନିର୍ବାଚନ ୨୦୨୫ରେ ହେବାକୁ ଯାଉଛି। ସେହି ସମୟରେ ଭୋଟର ତାଲିକା ଅପଡେଟ୍ ଏସଆଇଆର୍ ଅଧୀନରେ କରାଯାଉଛି। ଯାହା ୨୪ ଜୁନ୍ ୨୦୨୫ରେ ନିର୍ବାଚନ କମିଶନ ବିହାରର ଡ୍ରାଫ୍ଟ ଭୋଟର ତାଲିକା ମଧ ପ୍ରକାଶ କରିଛନ୍ତି। ୭.୨୪କୋଟି ଲୋକଙ୍କ ମଧରୁ ୬୫ଲକ୍ଷ ଲୋକଙ୍କ ନାମ ବାଦ ଦେଇ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରାଯାଇଛି।

ସୁପ୍ରିମକୋର୍ଟଙ୍କ ମଧବର୍ତ୍ତୀକାଳୀନ ନିର୍ଦ୍ଦେଶରେ ନିର୍ବାଚନ କମିଶନ ସମସ୍ତ ବୁଥ୍, ବ୍ଲକ, ଜିଲ୍ଲା କାର୍ଯ୍ୟାଳୟରେ କାରଣ ସହିତ ସମସ୍ତ ୬୫ ଲକ୍ଷ ଭୋଟରଙ୍କ ନାମ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ରାଜ୍ୟରେ ଆବଶ୍ୟକୀୟ କାଗଜପତ୍ରରେ ଆଧାର ପଞ୍ଜିକରଣକୁ ମଧ ଅନ୍ତର୍ଭୁକ୍ତ କରାଯାଇଛି।

# କଂଗ୍ରେସ କାର୍ଯ୍ୟାଳୟରେ ବିଜେପି କର୍ମୀଙ୍କ ହଙ୍ଗାମା



ପାଟନା,୨୯।୮: ବିହାରର ଦରଭଙ୍ଗାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅପମାନଜନକ ଶବ୍ଦ ବ୍ୟବହାର କରିବା ପ୍ରତିବାଦରେ ବିଜେପି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପାଟନାରେ ବିଜେପି କର୍ମୀମାନେ କଂଗ୍ରେସ କାର୍ଯ୍ୟାଳୟ ବାହାରେ ହଙ୍ଗାମା କରିଥିଲେ। ଏହି ସମୟରେ ବିଜେପି ଏବଂ କଂଗ୍ରେସ କର୍ମୀଙ୍କ ମଧରେ ଧସ୍ତାଧସ୍ତି ହେବା ଫଳରେ କର୍ମୀ କଂଗ୍ରେସ କାର୍ଯ୍ୟାଳୟରେ ଧସେଇ ପଶିଥିଲେ। ବିଜେପି କର୍ମୀମାନେ କଂଗ୍ରେସ କାର୍ଯ୍ୟାଳୟର ଗେଟ୍ ଭାଙ୍ଗି ଭିତରକୁ ପ୍ରବେଶ କରି ଲାଠି ମାଡ଼ କରିଥିଲେ। ସେମାନେ କାର୍ଯ୍ୟାଳୟରେ ପାର୍କିଂ ହୋଇଥିବା ଗାଡିଗୁଡ଼ିକୁ ଭଙ୍ଗାରୁଜା କରିଥିଲେ। ଇଟା ଏବଂ ପଥର ମଧ ଫିଙ୍ଗିଥିଲେ। ଏଥିରେ କିଛି କଂଗ୍ରେସ କର୍ମୀ ମଧ ଆହତ ହୋଇଛନ୍ତି। ବିଜେପି ନେତାମାନେ ସଦାକତ ଆଶ୍ରମକୁ ଶୋଭାଯାତ୍ରାରେ ଯାଇ ରାହୁଲ ଗାନ୍ଧି ଏବଂ ଇଣ୍ଡି ମେଣ୍ଟର ଅନ୍ୟ ନେତାମାନଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ। ଘଟଣାସ୍ଥଳରୁ ବିଜେପି ଏବଂ କଂଗ୍ରେସ କର୍ମୀଙ୍କୁ ହଟାଇ ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଛି। ସୂଚନାଯୋଗ୍ୟ, ବୁଧବାର ଦରଭଙ୍ଗାରେ ରାହୁଲ ଗାନ୍ଧି ଏବଂ ତେଜସ୍ୱୀ ଯାଦବଙ୍କ ଭୋଟର ଅଧିକାର ରାଲି ସମୟରେ ମଞ୍ଚରୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ତାଙ୍କ ମାଆଙ୍କ ପାଇଁ ଅପମାନଜନକ ଶବ୍ଦ ବ୍ୟବହାର କରାଯାଇଥିଲା। ଏହି ସମୟରେ ରାହୁଲ କିମ୍ବା ତେଜସ୍ୱୀ ମଞ୍ଚରେ ଉପସ୍ଥିତ ନଥିଲେ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ମଧ ଭାଇରାଲ ହେବା ପରେ ଅଭିଯୁକ୍ତକୁ ବିହାର ପୋଲିସ ଗିରଫ କରିଛି।

### ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତିଶଙ୍କ ବଡ଼ ଘୋଷଣା

# ପ୍ରତି ପରିବାରର ଜଣେ ମହିଳାଙ୍କୁ ମିଳିବ ୧୦ ହଜାର ସହାୟତା

ପାଟନା, ୨୯।୮ : ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ପ୍ରତ୍ୟେକ ପରିବାରର ମହିଳାଙ୍କ ପାଇଁ କରିଛନ୍ତି ବଡ଼ ଘୋଷଣା। ନୀତିଶ ସରକାର ନିର୍ବାଚନ ପୂର୍ବରୁ ପ୍ରତ୍ୟେକ ପରିବାରର ଜଣେ ମହିଳାଙ୍କୁ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ଦେବେ। ଏହି ରାଶି ସେପ୍ଟେମ୍ବର ୨୦୨୫ରେ ଆକାଉଣ୍ଟକୁ ସ୍ଥାନାନ୍ତରିତ ହେବ। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାକୁ ନୀତିଶ କ୍ୟାବିନେଟରୁ ଅନୁମୋଦନ ମିଳିଛି। ନଭେମ୍ବର ୨୦୦୫ରେ ସରକାର ଗଠନ ହେବା ପରଠାରୁ ମହିଳା ସଶକ୍ତିକରଣ ପାଇଁ ବ୍ୟାପକ ଭାବରେ କାମ ହୋଇଛି। ମହିଳାମାନଙ୍କୁ ସଶକ୍ତ ଏବଂ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ନୀତିଶ କହିଛନ୍ତି ଯେ, ଗୁରୁବାର



ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମହିଳା ନିଯୁକ୍ତି ପାଇଁ ଏକ ନୂତନ ଯୋଜନା 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା'କୁ ମଞ୍ଜୁରୀ ଦିଆଯାଇଛି।

ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟର ପ୍ରତ୍ୟେକ ପରିବାରରୁ ଜଣେ ମହିଳାଙ୍କୁ ସେମାନଙ୍କ ପସନ୍ଦର ବ୍ୟବସାୟ ଆରମ୍ଭ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା। ଆଗ୍ରହୀ ମହିଳାଙ୍କଠାରୁ ଆବେଦନ ଗ୍ରହଣ ପ୍ରକ୍ରିୟା ଖୁବ୍ ଶୀଘ୍ର ଆରମ୍ଭ ହେବ। ବିଧାନସଭା ନିର୍ବାଚନର ତାରିଖ ଘୋଷଣା ହେବା ପୂର୍ବରୁ ମହିଳାଙ୍କ ଆକାଉଣ୍ଟକୁ ୧୦,୦୦୦ ଟଙ୍କା ଲେଖାଏଁ ସ୍ଥାନାନ୍ତର ହେବାର ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସେପ୍ଟେମ୍ବର ମାସରେ ବ୍ୟାଙ୍କ ଟ୍ରାନ୍ସଫର ଆରମ୍ଭ ହେବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଇଁ ଗ୍ରାମୀଣ ବିକାଶ ବିଭାଗ ଦାୟୀ ରହିବ। ଆବଶ୍ୟକ ହେଲେ ଏଥିରେ ନଗର ଉନ୍ନୟନ ଏବଂ ଗୃହ ନିର୍ମାଣ ବିଭାଗର ମଧ ସାହାଯ୍ୟ ନିଆଯିବ। ମହିଳାମାନଙ୍କୁ ୨ ଲକ୍ଷ ପର୍ଯ୍ୟନ୍ତ ସହାୟତା ମିଳିବ, ବିଭିନ୍ନ ସ୍ଥାନରେ ହାଟ ବଜାର ନିର୍ମାଣ କରାଯିବ। ମୁଖ୍ୟମନ୍ତ୍ରୀ ନୀତିଶ ତାଙ୍କ ପୋଷ୍ଟରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମହିଳା ନିଯୁକ୍ତି ଯୋଜନା ଅଧୀନରେ ପରେ ଅଧିକ ସହାୟତା ଦିଆଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳାମାନେ କାର୍ଯ୍ୟ ଆରମ୍ଭ କରିବାର ୬ ମାସ ପରେ ମୂଲ୍ୟାଙ୍କନ କରିବା ପରେ ଆବଶ୍ୟକତା ଅନୁସାରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ସହାୟତା ଦିଆଯାଇପାରିବ।

ଗାଁରୁ ସହର ପର୍ଯ୍ୟନ୍ତ ମହିଳାମାନଙ୍କ ଉତ୍ପାଦ ବିକ୍ରୟ ପାଇଁ ହାଟ ବଜାର ବିକଶିତ କରାଯିବ। ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା କେବଳ ମହିଳାମାନଙ୍କର ସ୍ଥିତି ମଜବୁତ ହେବ ନାହିଁ ବରଂ ରାଜ୍ୟ ଭିତରେ ଉତ୍ତମ ନିଯୁକ୍ତି ସୁଯୋଗ ମଧ ମିଳିବ ଏବଂ ଲୋକଙ୍କୁ ବାଧତାମୂଳକ ଭାବରେ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।

ଏସିଆ କପ୍ ହକି

# ଚୀନକୁ ୪-୩ ଗୋଲରେ ପରାସ୍ତ କଲା ଭାରତ





ନୂଆଦିଲ୍ଲୀ,୨୯।୮: ଭାରତ ଶୁକ୍ରବାର ବିଜୟ ସହ ଏସିଆ କପରେ ନିଜ ଯାତ୍ରା ଆରମ୍ଭ କରିଛି। ଅଧିନାୟକ ହରମନପ୍ରୀତ ସିଂହଙ୍କ ତିନି ଗୋଲ୍ ବଳରେ ଭାରତୀୟ ଟିମ୍ ଚୀନକୁ ୪-୩ରେ ପରାସ୍ତ କରିଛି। ଭାରତ ପାଇଁ କ୍ୟାପ୍ଟେନ ହରମନପ୍ରୀତ ସିଂହଙ୍କ ବ୍ୟତୀତ ଜୁଗରାଜ ସିଂହ ଗୋଟିଏ ଗୋଲ୍ କରିଥିଲେ।

ପ୍ରଥମ କ୍ୱାର୍ଟର ୦-୧ ପଛରେ ରହିବା ପରେ ଭାରତ ଦୁଇ ମିନିଟ୍ ଭିତରେ ଦୁଇ ଗୋଲ୍ ଦେଇ ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ୨-୧ରେ ଆଗୁଆ ରହିଥିଲା। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧର ତୃତୀୟ ମିନିଟ୍‌ରେ ଅଧିନାୟକ ହରମନପ୍ରୀତ ଦ୍ୱିତୀୟ ଗୋଲ୍ କରିଥିଲେ। ଏହାର ଦୁଇ ମିନିଟ୍ ପରେ ଚୀନ ଆକ୍ରାମକ ଖେଳ ଦେଖାଇ ଦ୍ୱିତୀୟ ଗୋଲ୍ କରିଥିଲା। ଶେଷ କ୍ୱାର୍ଟରରେ ଦୁଇ ଟିମ୍ ବରାବର ସ୍ଥିତିରେ ଥିଲେ। କିନ୍ତୁ ହରମନପ୍ରୀତ ୪୭ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଭାରତକୁ ବିଜୟୀ କରାଇଥିଲେ।

ଭାରତର ଅଧିନାୟକ ହରମନପ୍ରୀତ ସିଂହ ୨୦ ମିନିଟ୍, ୩୩ ମିନିଟ୍ ଓ ୪୭ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରିବାରେ ସଫଳ ହୋଇଥିଲେ। ଅନ୍ୟପଟେ ଜୁଗରାଜ ସିଂହ ୧୮ତମ ମିନିଟ୍‌ରେ ଗୋଲ୍ ଦେଇଥିଲେ। ଚୀନ ପାଇଁ ଡୁ ଶିହାଓ (୧୨ ମିନିଟ୍), ଚେନ୍ ବେନହାଇ୍ (୩୫ ମିନିଟ୍) ଓ ଗାଓ ଜିଶେଙ୍ଗ (୪୨ ମିନିଟ)ରେ ଚୀନ ପାଇଁ ଗୋଲ୍ କରିଥିଲେ।

ପୁରୁଷ ଏସିଆ କପ୍‌ର ଆୟୋଜନ ଶୁକ୍ରବାରଠାରୁ ବିହାରର ରାଜଗିରରେ ଆରମ୍ଭ ହୋଇଛି। ରାଜଗିର ସ୍ଥିତ ଅନ୍ତର୍ଜାତୀୟ ଖେଳ ପରିସରରେ ଏହି ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୨୯ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୭ ଯାଏ ଶେଷ ହେବ। ଏହି ଟୁର୍ଣ୍ଣାମେଣ୍ଟର ବିଜୟୀ ଟିମ୍‌କୁ ୨୦୨୬ ଅନ୍ତର୍ଜାତୀୟ ହକି ମହାସଂଘ ହକି ବିଶ୍ୱକପରେ ସିଧା ପ୍ରବେଶ ମିଳିବ। ବର୍ତ୍ତମାନ ସୁଦ୍ଧା ୧୧ଟି ଏସିଆ କପ୍ ଟୁର୍ଣ୍ଣାମେଣ୍ଟ ଖେଳା ଯାଇଛି, ଯେଉଁଥିରେ କୋରିଆ ୫ ଥର, ଭାରତ-ପାକିସ୍ତାନ ତିନି ଥର ଲେଖାଏଁ ବିଜୟୀ ହୋଇଛନ୍ତି।

# ବିସିସିଆଇ ଅଧ୍ୟକ୍ଷ ପଦରୁ ରୋଜର ବିନିଙ୍କ ଇସ୍ତଫା

### ରାଜୀବ ଶୁକ୍ଲା କାର୍ଯ୍ୟକାରୀ ସଭାପତି



ମୁମ୍ବାଇ,୨୯।୮: ବିସିସିଆଇ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ରୋଜର ବିନ୍ନି। ନୂଆ ଅଧ୍ୟକ୍ଷ ନିର୍ବାଚନ ପର୍ଯ୍ୟନ୍ତ ବର୍ତ୍ତମାନ ସମୟରେ ରାଜୀବ ଶୁକ୍ଲା ବିସିସଆଇର ଅଧ୍ୟକ୍ଷ ରହିବେ। ଜାତୀୟ ଗଣମାଧ୍ୟମରେ ଏନେଇ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଆଧାରରେ, ବୁଧବାର ଆପେକ୍ସ କାଉନସିଲ୍ ବୈଠକ ବସିଥିଲା। ଯେଉଁଥିରେ ରାଜୀବ ଶୁକ୍ଲା ଅଧ୍ୟକ୍ଷତା କରିଥିଲେ। ତେବେ ଏଥର ଆପେକ୍ସ କାଉନସିଲ୍ ବୈଠକରେ ମୁଖ୍ୟ ପ୍ରସଙ୍ଗ ରହିଥିଲା ବିସିସିଆଇର ପ୍ରୟୋଜକ। ନୂଆ ବିଲ୍ ପାସ୍ ହେବା ପରେ ଡ୍ରିମ୍ ୧୧ ଏବେ ବିସିସିଆଇ ସହିତ ଚୁକ୍ତି ବାତିଲ କରିଛି। ତେଣୁ ଏଭଳି ସମୟରେ ଏସିଆ କପ୍ ଆରମ୍ଭ ହେଉଥିବାରୁ ବୋର୍ଡର ଆଗାମୀ ନିଷ୍ପତ୍ତି କଣ ହେବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ରିପୋର୍ଟ ଅନୁସାରେ, ଏହି ମିଟିଂରେ ଚର୍ଚ୍ଚା ହେଇଛି ଯେ, ବିସିସିଆଇ ପାଖରେ ମାତ୍ର ଦୁଇ ସପ୍ତାହ ସମୟ ଅଛି। ଏହାରି ଭିତରେ ବୋର୍ଡ ପ୍ରୟୋଜକ ଖୋଜୁଛି। ହେଲେ ପ୍ରୟୋଜକ ଖୋଜିବାରେ କିଛୁ ସମୟ ଲାଗିପାରେ। ତେଣୁ ଏସିଆ କପରେ ଦଳ ବିନା ପ୍ରୟୋଜକରେ ଖେଳିପାରେ। ତେବେ ଏହାସହ ବୋର୍ଡ ଆଗାମୀ ଅଢ଼େଇ ବର୍ଷ ପାଇଁ ପ୍ରାୟୋଜକ ଖୋଜୁଥିବା ଜଣାପଡ଼ିଛି। କାହିଁକି ନା ଆସନ୍ତା ୨୦୨୭ ଅକ୍ଟୋବର-ନଭେମ୍ବର ମାସରେ ଦିନିକିଆ ବିଶ୍ୱକପ୍ ଖେଳାଯିବାକୁ ଅଛି। ତେଣୁ ଏଥିପାଇଁ ବୋର୍ଡ ଟିମ୍ ଇଣ୍ଡିଆ ପାଇଁ ପ୍ରାୟୋଜକ ଖୋଜୁଛି। ଜାଣିରଖିବା ଉଚିତ ଯେ, ନୂଆ ଖେଳ ନୀତି ପାରିତ ହେବା ପରେ ଆସନ୍ତା ମାସରେ ବିସିସିଆଇର ନିର୍ବାଚନ ହୋଇପାରେ। ଯେଉଁଥିରେ କି ବିସିସିଆଇକୁ ନୂଆ ଅଧ୍ୟକ୍ଷ ମିଳିବ। ତେବେ ନୂଆ ଖେଳ ନୀତି ଲାଗୁ ହେବାକୁ ୪ରୁ ୫ ମାସ ସମୟ ଲାଗିପାରେ। ଯାହାର ଅର୍ଥ ଏହା ଯେ, ନୂଆ ଖେଳ ନୀତି କାରଣରୁ ନିର୍ବାଚନକୁ ସ୍ଥଗିତ ରଖାଯିବନି।

## ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଜାତୀୟ କ୍ରୀଡ଼ା ଦିବସର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏନେଇ ସୋସିଆଲ ମିଡିଆ 'ଏକ୍ସ'ରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଜାତୀୟ କ୍ରୀଡ଼ା ଦିବସର ହାର୍ଦ୍ଦିକ ଶୁଭେଚ୍ଛା। ଆମେ ଏହି ଦିନରେ ମହାନ ହକି ଖେଳାଳି ମେଜର ଧ୍ୟାନଚନ୍ଦ ଜୀଙ୍କ ଜନ୍ମବାର୍ଷିକୀରେ ତାଙ୍କୁ ସ୍ମରଣ କରୁଛୁ ଓ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ଆମ ଦେଶ ପାଇଁ ଗର୍ବ ଆଣିବା ନିମନ୍ତେ ନିଜ ସମସ୍ତ ଶକ୍ତି ଓ ପ୍ରୟାସ ଦେଇଥିବା ସମସ୍ତ କ୍ରୀଡ଼ାବିତମାନଙ୍କୁ ମଧ୍ୟ ଅଭିନନ୍ଦନ ଜଣାଉଛୁ। କ୍ରୀଡ଼ା କେବଳ ଶାରୀରିକ କସରତ କିମ୍ବା ମନୋରଞ୍ଜନମୂଳକ କାର୍ଯ୍ୟକଳାପ ନୁହେଁ। କ୍ରୀଡ଼ା ହେଉଛି ଜୀବନ ଜୀବିକାର ଏକ ଅଂଶ ଓ ଏହା ଜୀବନର ଅତ୍ୟାବଶ୍ୟକ ଦକ୍ଷତା ବିକାଶ କରିବାରେ, ସ୍ୱାସ୍ଥ୍ୟ ଓ ମାନସିକ ସମୃଦ୍ଧି ପ୍ରଚାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ଏହି କାରଣରୁ ଜାତୀୟ ଶିକ୍ଷା ନୀତି ୨୦୨୦ ରେ କ୍ରୀଡ଼ାକୁ ପାଠ୍ୟକ୍ରମର ଏକ ଅଙ୍ଗ ଭାବରେ ଅନିବାର୍ଯ୍ୟ କରାଯାଇଛି। ଆମେ ଦେଶରେ ଏକ ସଜାଗ କ୍ରୀଡ଼ା ସଂସ୍କୃତି ଗଢ଼ି ତୋଳିବା, ତୃଣମୂଳ ସ୍ତରରୁ ପ୍ରତିଭା ଖୋଜିବା ଓ ପୋଷଣ କରିବା ଓ ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଶକ୍ତି ଭାବରେ ପରିଣତ କରିବା ପ୍ରତି ପ୍ରତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ଶେଷ ଦିନରେ ଚିଲିକା ବୁଲିଲେ ଶ୍ରୀଲଙ୍କା ଅଧିକାରୀ

■ ରାତ୍ରିଭୋଜନରେ ଆପ୍ୟାୟିତ କଲା ସୂଚନା ଓ ଲୋକସମ୍ପର୍କ ବିଭାଗ



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀଲଙ୍କା ଅଧିକାରୀମାନେ ଆଜି ସେମାନଙ୍କ ଗସ୍ତର ଶେଷ ଦିନରେ ଚିଲିକା ପରିଦର୍ଶନରେ ଯାଇଥିଲେ ଏବଂ ସନ୍ଧ୍ୟାରେ ସୂଚନା ଓ ଲୋକସମ୍ପର୍କ ଦ୍ୱାରା ଆୟୋଜିତ ରାତ୍ରିଭୋଜନରେ ଆପ୍ୟାୟିତ ହୋଇଥିଲେ। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶ୍ରୀଲଙ୍କାର ସମସ୍ତ ଅଧିକାରୀ ତଥା ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟର ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ, ନିର୍ଦ୍ଦେଶକ ବୈଷୟିକ ଗୁରବୀର ସିଂ ସମ୍ବର୍ଦ୍ଧିତ କରିଥିଲେ। ଉପହାର ସ୍ୱରୂପ ଓଡ଼ିଶାର କାରୁକାର୍ଯ୍ୟ ସମ୍ବଳିତ ପଟ୍ଟଚିତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ଗସ୍ତ ସମୟରେ ଓଡ଼ିଆ ଲୋକଙ୍କ ଆତିଥ୍ୟ, ଖାଦ୍ୟପେୟ, କଳା, ସଂସ୍କୃତି ଓ ଐତିହ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଗସ୍ତରୁ ବହୁ ଜ୍ଞାନ ଆହରଣ କରିବା ଭାରତୀୟ ସଂସ୍କୃତି, ଲୋକଙ୍କ ଦୈନନ୍ଦିନ ଜୀବନ, ଆପାତକାଳୀନ ସମୟରେ କାର୍ଯ୍ୟଶୈଳୀ ବିଷୟରେ ଅନେକ କିଛି ଶିଖିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ଓଡ଼ିଶା ସରକାର ବିଶେଷ କରି ସୂଚନା ଓ ଲୋକସମ୍ପର୍କ ବିଭାଗର ସହଯୋଗ ପାଇ ନିଜର ଖୁସି ଅଭିବ୍ୟକ୍ତ କରିଥିଲେ ଏବଂ ଧନ୍ୟବାଦ ଜଣାଇଛନ୍ତି।ଶ୍ରୀଲଙ୍କା ଅଧିକାରୀମାନେ ମଧ୍ୟ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଓ ନିର୍ଦ୍ଦେଶକ ବୈଷୟିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଅଭାବନୀୟ: ନିଜକୁ ଜାଳିଦେଲେ ଆଇନଜୀବୀ



ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଜୀବନ୍ତ ଜଳିଗଲେ ଆଇନଜୀବୀ। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ପାଣ୍ଡରାରେ ଛାତିଥରା ଘଟଣା। ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ ଆଇନଜୀବୀ। ମୃତକ ହେଲେ ଦୀପକ କୁମାର ସାହୁ। ତେବେ ଏହା ଏକ ହତ୍ୟାକାଣ୍ଡ ନା ଉକ୍ତ ଆଇନଜୀବୀଙ୍କୁ କେହି ନିଆଁ ଲଗାଇ ଜାଳିଦେଇଛନ୍ତି, ସେନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ଏ ସଂକ୍ରାନ୍ତରେ ଖବର ପାଇବା ପରେ ସ୍ଥାନୀୟ ମଞ୍ଚେଶ୍ୱର ଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରି ତଦନ୍ତ ଚଳାଇଛନ୍ତି। ମିଳିଥିବା ସୂଚନାନୁସାରେ, ଦୀପକ ପେସାରେ ଜଣେ ଆଇନଜୀବୀ ଥିବା ବେଳେ ସେ ପତ୍ନୀ ଓ ୨ ସନ୍ତାନ ଏବଂ ମାଁଙ୍କ ସହ ରହୁଥିଲେ। ତେବେ ଗତକାଲି ରାତି ପ୍ରାୟ ୧୦ଟା ସମୟରେ ସ୍ତ୍ରୀ ତାଙ୍କୁ ଖାଇବାକୁ କହିଥିଲେ ହେଁ ସେ ଛାତ ଉପରୁ ଆସି ଖାଇବେ ବୋଲି କହିଥିଲେ। କିନ୍ତୁ ସେ ଫେରିବାରେ ବିଳମ୍ବ କରିବାରୁ ପତ୍ନୀ ତାଙ୍କୁ ଡାକିବା ସକାଶେ ଛାତ ଉପରକୁ ଯାଇଥିଲେ। ହେଲେ ସିଡି କବାଟ ବନ୍ଦ ଥିଲା। ଏହି ସମୟରେ ଛାତ ଉପରୁ ପୋଡ଼ା ଗନ୍ଧ ସାଙ୍ଗକୁ ନିଆଁ ଦେଖି ପତ୍ନୀ ପାଟି କରିଥିଲେ। ସଙ୍ଗେ ସଙ୍ଗେ ପଡ଼ୋଶୀ ଲୋକେ ଆସି କବାଟ ଭାଙ୍ଗିଥିଲେ। ସେତେବେଳକୁ ଦୀପକଙ୍କ ଶରୀରର ଅର୍ଦ୍ଧାଧିକ ଭାଗ ପୋଡ଼ିଯାଇଥିଲା। ଦୀପକ ମାନସିକ ରୋଗରେ ଆକ୍ରାନ୍ତ ଥିବା ବେଳେ ଏଥିସକାଶେ ଔଷଧ ମଧ୍ୟ ଖାଉଥିଲେ। ତେଣୁ ମାନସିକ ଭାରସାମ୍ୟ ହରାଇ ସେ ଏପରି ନାରକୀୟ କାଣ୍ଡ ଭିଆଇଥାଇପାରନ୍ତି ବୋଲି ଆଲୋଚନା ହେଉଛି।

## ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର ପ୍ରଦାନ

### ୮ ଜଣଙ୍କୁ କ୍ରୀଡ଼ା ପୁରସ୍କାର ଓ ୨ ଜଣଙ୍କୁ ସାହସିକତା ପୁରସ୍କାର

ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଆଜି ଜାତୀୟ କ୍ରୀଡ଼ା ଦିବସ ଅବସରରେ ଜୟଦେବ ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇବିଜୁ ପଟ୍ଟନାୟକ କ୍ରୀଡା ସମ୍ମାନ ପାଇଥିବା କୃତୀ କ୍ରୀଡାବିତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କ୍ରୀଡା ଓ ଯୁବସେବା, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଏକାମ୍ର ବିଧାୟକ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡା ଓ ଯୁବ ସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶକ ଏଦୁଲା ବିଜୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୮ କ୍ରୀଡାବିତଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଓ ୨ ଜଣଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ଜୀବନ ବ୍ୟାପୀ ସାଧନା ପାଇଁ ବିଜୟ ଶତପଥୀ, ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଆଥଲେଟ୍ ଅନିମେଶ କୁଜୁର, ଶ୍ରେଷ୍ଠ କୋଚ୍ ଭାବେ ସୁଷମା ନନ୍ଦ, ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ଭାବେ ବିମଳ ରାଉଳ, ଶ୍ରେଷ୍ଠ ପାରା ଆଥଲେଟ୍ ଭାବେ ରାଖାଲ୍ ସେଠୀ, ଉଦୀୟମାନ ଖେଳାଳି ଭାବେ ମାଷ୍ଟର୍ ସାତ୍ତ୍ୱିକ ସ୍ୱାଇଁ ପୁରସ୍କୃତ ହୋଇଛନ୍ତି।



### ଗାଁକୁ ଭଲ ରାସ୍ତା ନଥିବାରୁ ଯାଇପାରିଲାନି ଆମ୍ବୁଲାନ୍ସ

# ଖଟିଆରେ ବୁହାହେଲା ମହିଳାଙ୍କ ଶବ

ଦଶପଲ୍ଲା,୨୯।୮(ସଂଚାର ବ୍ୟୁରୋ): ସରୁନି ଦୁର୍ଗମ ଅଞ୍ଚଳର ଦୁଃଖ। ଆଉ କେବେ ପାଇବେ ସୁବିଧା? ବିକାଶ ନାଁରେ କେବଳ ବିକଳ ଚିତ୍ର। ଏବେବି ରାଜ୍ୟରେ ଅନେକ ଦୁର୍ଗମ ଅଞ୍ଚଳ ଅପହଞ୍ଚ ହୋଇ ରହିଛି। ସାମାନ୍ୟ ବର୍ଷାରେ ଲୋକେ କାଦୁଅ ପଚପଚ ବିପଦସଙ୍କୁଳ ରାସ୍ତାରେ ଯାଆଆସ କରୁଛନ୍ତି। ବେଳେ ବେଳେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଉଛି ଏହି ସବୁ ଅଞ୍ଚଳ। ବର୍ଷା ଋତୁ ଆସିବା ମାତ୍ରେ ହିଁ ଏମାନଙ୍କର ବଢ଼ିଯାଏ ଦୁଃଖ। ଏଠାକାର ନିତିଦିନିଆ ରାସ୍ତାର ବିଗିଡ଼ି ଯାଏ ସ୍ଥିତି। ଲୋକେ ଯିବା ଆସିବା କରିବାକୁ ଡରନ୍ତି। ରୋଗୀ ଓ ଗର୍ଭବତୀଙ୍କୁ କେତେବେଳେ ଖଟିଆରେ ତ କେତେବେଳେ ଲୋକଙ୍କ କାନ୍ଧରେ ବୁହାଇ ଚିକିତ୍ସାଳୟକୁ ନିଆଯାଇଥାଏ। ଆଉ ଏବେ ମରଣଶରୀରକୁ ବୋହୁଛନ୍ତି।

ଦଶପଲ୍ଲା ବ୍ଲକର ସୀମାନ୍ତ ଆଦିବାସୀ ବହୁଳ ନୂଆଗାଁ ପଞ୍ଚାୟତର ଦଦରା ଗାଁର ଏ ଦୃଶ୍ୟ। ଯାହା ପଦାରେ ପକାଇ ଦେଉଛି ବିକାଶର ଅସଲି ଚିତ୍ରକୁ। ଏଠାକୁ ଆମ୍ବୁଲାନ୍ସ ଆସିବା ତ ଦୂରର କଥା ଗାଡି ନେଇ ଯିବା ଏବଂ ଚାଲିକି ଯିବା ବି ବହୁତ କଷ୍ଟ। ଯେଉଁଥିପାଇଁ ଗାଁକୁ ପଶି ପାରିଲାନି ଆମ୍ବୁଲାନ୍ସ। ଗାଁ ଠାରୁ ପ୍ରାୟ ୩କିମି ଦୂରରେ ଅଟକି ରହିଲା ଆମ୍ବୁଲାନ୍ସ। ଖଟିଆରେ ଭାରକରି ଆଣ୍ଠୁଏ ଆଣ୍ଠୁଏ କାଦୁଅରେ ପଶି ମୃତଦେହକୁ ନେଇଛନ୍ତି ଗାଁ ଲୋକେ। କାନ୍ଧ ବୋବାଳିରେ ରାସ୍ତା ଫାଟି ପଡୁଥିବା ବେଳେ ତଥାପି ମରଶରୀରକୁ କାଦୁଅରେ ପଶି ଭାରକରି ନେଉଛନ୍ତି ଗ୍ରାମବାସୀ।



ତେବେ ଗାଁର ରବୀନ୍ଦ୍ର ବେହେରାଙ୍କ ପତ୍ନୀ ତ୍ରିପୁରା ବେହେରାଙ୍କ କିଛିଦିନ ହେଲା ଦେହ ଅସୁସ୍ଥ ଥିଲା। ପରିବାର ଲୋକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ କଷ୍ଟେ ମଷ୍ଟେ ନେଇଥିଲେ। ହେଲେ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା। ପରିବାର ଲୋକ ଗାଁକୁ ଆମ୍ବୁଲାନ୍ସ ଯୋଗେ ମୃତଦେହ ଆଣିଥିଲେ। ହେଲେ ନୂଆଗାଁଠାରୁ ଆମ୍ବୁଲାନ୍ସ ଆଉ ଆଗକୁ ଯାଇନଥିଲା। ଶେଷରେ ଗାଁ ଲୋକ ଏକ ଖଟିଆରେ ଭାରକରି ମୃତଦେହକୁ କାଦୁଅରେ ପଶି ଗାଁକୁ ନେଇଥିଲେ। ସମସ୍ୟାର ସମାଧାନ କରିବାକୁ ସତେ କାହାର ଯେମିତି ଆନ୍ତରିକତା ହିଁ ନାହିଁ। ତୁରନ୍ତ ଏହି ରାସ୍ତା କାମ ପାଇଁ ସାଧାରଣରେ ଦାବି ଜୋର ଧରିଛି। କିଛି ଅଘଟଣ ଘଟିବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ସଜାଗ ହୋଇଯିବା ନିହାତି ଜରୁରୀ।

## ଏ ବର୍ଷ ହେବନି କଲେଜ ଇଲେକ୍ସନ !

ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ): ଲିଙ୍ଗଡୋ କମିଶନ ସୁପାରିଶ ଆଧାରରେ ଛାତ୍ର ସଂସଦ ନିର୍ବାଚନ ପ୍ରକ୍ରିୟା ଶିକ୍ଷା ବର୍ଷ ଆରମ୍ଭର ଦୁଇ ମାସ ଭିତରେ ହେବା କଥା । ଏମିତିରେ ୨୦୧୭ କଲେଜ ନିର୍ବାଚନକୁ ଦେଖିଲେ ନିର୍ବାଚନର ହେବାର ମାସକ ପୂର୍ବରୁ କଲେଜ ନିର୍ବାଚନ ପାଇଁ ସରକାର ବିଜ୍ଞପ୍ତି ପ୍ରକାଶ କରିବା କଥା । କିନ୍ତୁ ଏପର୍ଯ୍ୟନ୍ତ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କଲେଜ ଛାତ୍ର ସଂସଦ ନିର୍ବାଚନ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନି । ତେଣୁ ଚଳିତ ବର୍ଷ କଲେଜ ଇଲେକ୍ସନ ନେଇ ସୃଷ୍ଟି ହୋଇଛି ଆଶଙ୍କା । ୭ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ସରଗରମ ହୋଇଥିଲା କଲେଜ କ୍ୟାମ୍ପସ। ହେଲେ ଏଯାଏ କଲେଜ ନିର୍ବାଚନକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇନଥିବାରୁ ଏହାକୁ ନେଇ ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ। ଲିଙ୍ଗଡୋ କମିଶନ ସୁପାରିଶ ଆଧାରରେ ଛାତ୍ର ସଂସଦ ନିର୍ବାଚନ ପ୍ରକ୍ରିୟ ଶିକ୍ଷା ବର୍ଷ ଆରମ୍ଭର ଦୁଇ ମାସ ଭିତରେ ହେବା କଥା। ନିର୍ବାଚନର ମାସକ ପୂର୍ବରୁ କଲେଜ ନିର୍ବାଚନ ପାଇଁ ସରକାର ବିଜ୍ଞପ୍ତି ପ୍ରକାଶ କରିବା କଥା । କିନ୍ତୁ ଏପର୍ଯ୍ୟନ୍ତ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କଲେଜ ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇନି। ଦ୍ୱିତୀୟରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ଶିକ୍ଷା ବର୍ଷର କଲେଜ କ୍ୟାଲେଣ୍ଡର ମଧ୍ୟ ପ୍ରକାଶ ହୋଇନି। କାରଣ ୨୭ ସେପ୍ଟେମ୍ବରରେ କଲେଜରେ ପୂଜା ଛୁଟି ହୋଇଯିବ । ୨୫ ତାରିଖରେ ନିର୍ବାଚନ ହେବା କଥା । ୨୬ ତାରିଖରେ ନିର୍ବାଚିତ ପ୍ରତିନିଧିମାନେ ଶପଥ ଗ୍ରହଣ କରିବା କଥା। କିନ୍ତୁ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନିଆ ଯାଇନାହିଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଆଙ୍କ ସ୍ୱପ୍ନର...

କରିଥିଲେ। ସେ ଆହୁରି କହିଛନ୍ତି ଯେ ୨୦୪୭ ବେଳକୁ ଓଡ଼ିଶାରେ ସହରୀକରଣ ୬୦ ପ୍ରତିଶତ ହେବ ବୋଲି ଆକଳନ କରାଯାଉଛି । ଏଥିପାଇଁ ଆମେ ନୂଆ ସହରାଞ୍ଚଳ, ସୁଲଭ ବାସଗୃହ, ବିଶ୍ୱସ୍ତରୀୟ ଭିତ୍ତିଭୂମି ସୃଷ୍ଟି ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଛୁ । ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁର ସହରକୁ ଆମେ ଆଧୁନିକ ସହର ଭିତ୍ତିଭୂମିର ମଡେଲ ଭାବେ ବିକଶିତ କରିବୁ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ହେଉଛି ସର୍ବାଧିକ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର। ଏହା ମଧ ଅର୍ଥନୈତିକ ପ୍ରଗତିକୁ ଇନ୍‌କ୍ଲୁସିଭ୍ ବା ସମାବେଶୀ କରିଥାଏ। ଏଥିପାଇଁ କ୍ଲଷ୍ଟରଭିତ୍ତିକ ଉନ୍ନତି, ସହଜ ଋଣ ବ୍ୟବସ୍ଥା ଏବଂ ବଜାର ପ୍ରବେଶ ପାଇଁ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଆମେ ଆମର ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଦକ୍ଷ କରିବା ପାଇଁ କାର୍ଯ୍ୟକ୍ରମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଓଡିଶାରେ ବିକଶିତ ଓଡିଶା ଗଠନ ପାଇଁ ସମୟ ଧାର୍ଯ୍ୟ ହୋଇସାରିଛି। ବିକଶିତ ରାଜ୍ୟ ଓ ରାଷ୍ଟ୍ର ପାଇଁ ସୁସ୍ଥ ସମାଜ ଆବଶ୍ୟକ। ଏଥିପାଇଁ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ ରହିଛି। ଆମେ ଚିନ୍ତା କରିବା ସ୍ୱପ୍ନ ଦେଖିଲେ ହେବ ନାହିଁ କଠିନ ପରିଶ୍ରମ ଦରକାର ବୋଲି ସେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏମଏସଏମଇ ତଥା ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପ୍ରମୁଖ ସଚିବ ଭୁପେନ୍ଦ୍ର ସିଂ ପୁନିଆ, ଆଇସିସି ଡିଜି ଡ.ରାଜୀବ ସିଂ ଉଦଯାପନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଲଘୁ ଉଦ୍ୟୋଗୀ ଭାରତୀ ସଭାପତି ଗୋପାଳ ଦାସ ଅଗ୍ରୱାଲ, ଆଇସିସିର ଅଧକ୍ଷ ରାଜୀବ ସାହୁ ମଧ ଯୋଗଦେଇଥିଲେ ।

## କେନ୍ଦ୍ରୀୟ...

ଦୃଷ୍ଟିକୋଣର ପ୍ରକୃତ ଭାବନାକୁ ପ୍ରତିଫଳିତ କରୁଛି। ପିଏମଏୱାଇ ଓ ପିଏମ ସ୍ୱନିଧି ଭଳି ଯୋଜନାଗୁଡ଼ିକ ଦ୍ୱାରା କେବଳ ସମ୍ପ୍ରଦାୟଗୁଡ଼ିକ ଉପକୃତ ହେଉନାହାନ୍ତି, ବରଂ ସେମାନଙ୍କ ଭବିଷ୍ୟତ ଆବାସସ୍ଥଳୀ ପାଇଁ ମଧ ସକ୍ରିୟ ଭାବେ ଯୋଗଦାନ କରୁଛନ୍ତି। ଶ୍ରୀମତି ପାଢ଼ୀ କହିଛନ୍ତି ଯେ ସହଯୋଗ ପଦକ୍ଷେପ ଲୋକମାନଙ୍କୁ ଯୋଜନା ଏବଂ ପ୍ରଶାସନର କେନ୍ଦ୍ରସ୍ଥଳକୁ ଆଣିବା ପାଇଁ ଉଦ୍ଦିଷ୍ଟ। ବାସିନ୍ଦାଙ୍କ ଦ୍ୱାରା ଆଜିର ଉପସ୍ଥାପନା ଏହି ତଥ୍ୟର ପ୍ରମାଣ ଯେ ଯେତେବେଳେ ଗୋଷ୍ଠୀଗୁଡିକ ସଶକ୍ତ ହୁଅନ୍ତି, ସେମାନେ ସ୍ଥାୟୀ ସହରୀ ଭବିଷ୍ୟତ ଗଠନ କରିବାରେ ପ୍ରମୁଖ ଅଂଶୀଦାର ପାଲଟନ୍ତି। ଏହି ଗସ୍ତ ଗୋଷ୍ଠୀ ସ୍ୱର, ରାଜ୍ୟ ନେତୃତ୍ୱ ଏବଂ ଜାତୀୟ ଦୃଷ୍ଟିକୋଣ ମଧ୍ୟରେ ସମନ୍ୱୟକୁ ରେଖାଙ୍କିତ କରିଛି, ଯାହା ସମାବେଶୀ ଏବଂ ନାଗରିକ ପରିଚାଳିତ ସହରାଞ୍ଚଳ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରିଛି। ଏହି ଗସ୍ତ ସମୟରେ ବିଡିଏ ର ଅଧକ୍ଷ ଏନ. ତିରୁମାଲା ନାୟକ, ବିଏମସି କମିଶନର ଚଞ୍ଚଳ ରାଣା, ଅତିରିକ୍ତ ସଚିବ ସୁବାନନ୍ଦ ମହାପାତ୍ର, ଏସ୍. ରାଉତରାୟ, ରବୀନ୍ଦ୍ର ସାହୁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଥମ ତ୍ରୈମାସରେ...

ପ୍ରତିଶତ ଅଭିବୃଦ୍ଧି ତୁଳନାରେ ଯଥେଷ୍ଟ ଉନ୍ନତ ରହିଛି। ପୂର୍ବ ତ୍ରୈମାସିକରେ ଜିଡିପି ହାର ୭.୪ ପ୍ରତିଶତ ଥିଲା। ଶିଳ୍ପ ଅଭିବୃଦ୍ଧି ଯୋଗୁଁ କାର୍ଯ୍ୟଦକ୍ଷତା ଉପରେ ଚାପ ପଡ଼ିଥିଲା। ଏହି ଅଭିବୃଦ୍ଧି ହାର ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆରବିଆଇ)ର ୬.୫ ପ୍ରତିଶତ ଆକଳନଠାରୁ ମଧ ଅଧିକ। ଆରବିଆଇ ଚଳିତ ଆର୍ଥିକ ବର୍ଷରେ ପ୍ରଥମ ତ୍ରୈମାସିକ ପାଇଁ ଜିଡିପି ହାର ୬.୫ ପ୍ରତିଶତ, ଦ୍ୱିତୀୟ ତ୍ରୈମାସିକ ପାଇଁ ୬.୭ ପ୍ରତିଶତ, ତୃତୀୟ ତ୍ରୈମାସିକ ପାଇଁ ୬.୬ ପ୍ରତିଶତ ଓ ଚତୁର୍ଥ ତ୍ରୈମାସିକ ପାଇଁ ୬.୩ ପ୍ରତିଶତ ରହିବ ବୋଲି ଆକଳନ କରିଥିଲା। ଆମେରିକା ଭାରତ ଉପରେ ଉଚ୍ଚ ଶୁଳ୍କ ଲାଗୁ କରିବା ପୂର୍ବରୁ ଏହି ଅଭିବୃଦ୍ଧି ଘଟିଛି। ଶୁକ୍ରବାର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନଏସଓ) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଏହି ଅଭିବୃଦ୍ଧିରେ କୃଷି କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହି ତ୍ରୈମାସିକରେ କୃଷି କ୍ଷେତ୍ରର ଅଭିବୃଦ୍ଧି ୩.୭ ପ୍ରତିଶତ ହୋଇଛି, ଯାହା ଗତ ବର୍ଷ ସମାନ ସମୟରେ ୧.୫ ପ୍ରତିଶତ ଥିଲା। ସରକାର ବିଶ୍ୱାସ କରନ୍ତି ଯେ ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତିରେ ପୂର୍ବାପେକ୍ଷା ଅଧିକ ଦ୍ରୁତ ଗତିରେ ଅଭିବୃଦ୍ଧି ଘଟିବ, ଯଦିଓ ବିଶ୍ୱ ଆର୍ଥିକ ଅନିଶ୍ଚିତତା ଓ ମୌସୁମୀ ପରିସ୍ଥିତି ଉପରେ ମଧ ନଜର ରହିଛି। ସେପଟେ ଭାରତ ଉପରେ ଆମେରିକାର ୫୦ ପ୍ରତିଶତ ଟାରିଫ ଲାଗୁ ପରେ ଖସିଲା ଟଙ୍କାର ମୂଲ୍ୟ । ୧ ଡଲାର ହେଲା ୮୭ ଟଙ୍କା ୯୭ ପଇସା । ସପ୍ତାହକରେ ଟଙ୍କାର ମୂଲ୍ୟ ୧ ଦଶମିକ ୨ ପ୍ରତିଶତ ଖସିଛି । ମାସକ ମଧ୍ୟରେ ହ୍ରାସ ପାଇଛି ୧ ଦଶମିକ ୬ ପ୍ରତିଶତ । ପ୍ରଥମ ଥର ପାଇଁ ଏତେ ତଳକୁ ଖସିଛି ଟଙ୍କା। କେବଳ ଡଲାର ନୁହେଁ, ଚୀନର ୟାନ୍ ତୁଳନାରେ ଟଙ୍କା ଆହୁରି ଅଧିକ ଖସିଛି । ଗତ ଚାରି ମାସରେ ଟଙ୍କା ୟାନ ତୁଳନାରେ ପ୍ରାୟ ୬ ପ୍ରତିଶତ ହ୍ରାସ ପାଇଛି । ଅର୍ଥନୀତିଜ୍ଞଙ୍କ କହିବା ଅନୁସାରେ, ଭାରତ ଓ ଚୀନ୍ ପାଇଁ ଆମେରିକାର ଭିନ୍ନ ଭିନ୍ନ ଟାରିଫ୍ ଯୋଗୁ ଟଙ୍କାର ମୂଲ୍ୟ ହ୍ରାସ ପାଇଛି ।

## ସୁଙ୍କି ଘାଟିରେ...

ମଧରୁ ଗୋଟିକର ଦୈର୍ଘ୍ୟ ୩.୪୨ କିମି ଥିବା ବେଳେ ଅନ୍ୟଟି ୨.୮ କିମି ଦୈର୍ଘ୍ୟବିଶିଷ୍ଟ ରହିଛି। ଭାରତମାଳା ପ୍ରକଳ୍ପ ଅଧିନରେ ଛତିଶଗଡ଼ର ରାୟପୁରଠାରୁ ଆନ୍ଧ୍ରର ବିଶାଖାପାଟଣା ରାସ୍ତା ସଂଯୋଗ କରିବ ଏହି ରାସ୍ତା। ଚଳିତ ବର୍ଷ ଶେଷ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ନେଇ ଯୋଜନା ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୬ ହଜାର କୋଟି ଟଙ୍କାରେ ନିର୍ମାଣ ହେଉଛି ଭାରତମାଳା ପ୍ରକଳ୍ପ। ଛତିଶଗଡ଼ ରାୟପୁରଠାରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ପର୍ଯ୍ୟନ୍ତ ୪୬୫ କିମି ରାସ୍ତା ନିର୍ମାଣ ହେବ। ଜଙ୍ଗଲ ରାସ୍ତାରେ ୩୫ ମିଟର ଏବଂ ଅଣ ଜଙ୍ଗଲ ରାସ୍ତାରେ ୬୦ ମିଟର ଓସାରିଆ ରାସ୍ତା ନିର୍ମାଣ ହେଉଛି। ଏହାର ଅନ୍ତର୍ଗତ କୋରାପୁଟ ଜିଲ୍ଲାରେ ୧୨୪ କିମି ରାସ୍ତାର ନିର୍ମାଣ ଚାଲିଛି। କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ୮୭୩ ହେକ୍ଟର ବେସରକାରୀ ଓ ୩୦୭ ହେକ୍ଟର ସରକାରୀ ଜମି ଏବଂ ୩୬୩ ହେକ୍ଟର ଜଙ୍ଗଲ ଜାଗା ଅଧିଗ୍ରହଣ କରାଯାଇଛି। ଓଡ଼ିଶା ପଟୁ ଆନ୍ଧ୍ରକୁ ଯିବା ଟନେଲ ରାସ୍ତା ଚନ୍ଦକା ନିକଟ ବାରଜ ଗାଁଠାରୁ ଆରମ୍ଭ ହୋଇ କାନ୍ଦିଲିଠାରେ ଶେଷ ହୋଇଛି। ସେହିପରି ଆନ୍ଧ୍ର ପଟୁ ଓଡ଼ିଶାକୁ ଆସୁଥିବା ଟନେଲ ରାସ୍ତା କୁରୁଲିଠାରୁ ଆରମ୍ଭ ହୋଇ ଅମ୍ପାବାଲି ଗାଁରେ ଶେଷ ହେଉଛି। ଏହି ପ୍ରକଳ୍ପ ଦ୍ୱାରା କୋରାପୁଟ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ପର୍ଯ୍ୟଟନ କ୍ଷେତ୍ରରେ ବେଶ ସୁଦୃଢ଼ ହୋଇପାରିବ। ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପରେ ସମ୍ପୃକ୍ତ ହାଇୱେ ଯାତ୍ରାକୁ ସୁଗମ କରିବା ସହ ସ୍ଥାନୀୟ ଅଞ୍ଚଳର ବିକାଶ ସହ ପର୍ଯ୍ୟଟନ କ୍ଷେତ୍ର ସମୃଦ୍ଧ ହେବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପରେ ପାଖାପାଖି ୧୬ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଟନେଲ୍ ଓ ହାଇୱେରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରାଯାଉଛି। ଇତିମଧରେ ଏହି ଦ୍ୱୈତ ଟନେଲ୍ ମଧରୁ ଗୋଟିଏର କାର୍ଯ୍ୟ ଶେଷ ହୋଇସାରିଥିବା ବେଳେ ଅନ୍ୟଟି ଆସନ୍ତା ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି କୁହାଯାଇଛି।

## ବିଜେଡିର...

ଢେର ଅଭିଜ୍ଞତା ରହିଥିଲା। ଦୀର୍ଘଦିନ ଧରି ଛାତ୍ର ଓ ଯୁବ ସଂଗଠନରେ ସେମାନେ କାମ କରିଥିଲେ। ଦୁଇ ଶାଖାରେ ନିଯୁକ୍ତି ସମୟରେ ଭିନ୍ନ ଭିନ୍ନ ଶିବିରୁ ଚୟନ ହେଉଥିବାରୁ ଦଳରେ ସନ୍ତୁଳନ ରହୁଥିଲା। ହେଲେ ଏଥର କିନ୍ତୁ ଦୁଇ ସଂଗଠନର ମୁଖିଆ ଗୋଟିଏ ଶିବିରରୁ ଆସିଥିବା ନେଇ ଦଳ ଭିତରେ ଆଲୋଚନା ଜୋର ଧରିଛି। ଫଳରେ ଅନ୍ୟ ଶିବିର ଏଥିରେ ଅପମାନିତ ବୋଧ କରୁଛନ୍ତି। ଆଗକୁ ଛାତ୍ର ସଂସଦ ନିର୍ବାଚନ ସହ ବିଭିନ୍ନ ପ୍ରସଙ୍ଗରେ ଏହି ଦୁଇ ଯୁବନେତା ନିଜର ଦଳ ବଳ ସହିତ ଡବଲ ଇଞ୍ଜିନ ସରକାରକୁ ଟକ୍କର ଦେବେ। ହେଲେ ସେତେବେଳେ ଯଦି ଅସନ୍ତୋଷ ଥମି ନଥିବ ଓ ଏମାନଙ୍କ ପଛରେ ଅଭିଜ୍ଞ ଓ ଶକ୍ତିଶାଳୀ ନେତା ନଥିବେ, ତେବେ ସେମାନେ ରାଜରାସ୍ତାରେ କିଭଳି ମୁକାବିଲା କରିବେ ତାହାକୁ ନେଇ ଦଳ ଭିତରେ ଏବେଠାରୁ ଅଙ୍କକଷା ଚାଲିଲାଣି। ତେବେ ଅସନ୍ତୋଷ ଓ ଗୁପ୍ତ ବୈଠକ ସତ୍ତ୍ୱେ ଦୁଇ ନବନିର୍ବାଚିତ ଯୁବନେତା କିନ୍ତୁ ନବୀନ ନିବାସ ଶରଣରେ ଥିବାରୁ ଭବିଷ୍ୟତରେ କୌଣସି ଅସୁବିଧା ହେବନାହିଁ ବୋଲି ସେମାନଙ୍କ ସମର୍ଥକମାନେ କହି ବୁଲୁଛନ୍ତି।

## ଦୁଇ ଅଧ୍ୟାପକଙ୍କ...

କଥା ହେଲା ସୂଚନା ଅଧିକାର ଆବେଦନର ଉତ୍ତର ଓ ମହାବିଦ୍ୟାଳୟ ୱେବ ସାଇଟରେ ପ୍ରଦତ୍ତ ସୂଚନା ପରସ୍ପର ବିରୋଧୀ । ୱେବ ସାଇଟ ତଥ୍ୟ ଅନୁଯାୟୀ ଏହି ଦୁଇ ଜଣଙ୍କୁ ଛାଡି ଏବେ ୧୮ ଜଣ ଅତିଥି ଅଧ୍ୟାପକ ରହିଛନ୍ତି । ଅଭିଯୋଗ ଅନୁଯାୟୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ମହାବିଦ୍ୟାଳୟ ଅର୍ଥ ହରିଲୁଟ କରିବାକୁ ଷଡ଼ଯନ୍ତ୍ର କରି ଏଭଳି କରିଛନ୍ତି । କେବଳ ସେତିକି ନୁହେଁ, ୱେବସାଇଟରେ ଅଧାପକଙ୍କ ନାମ ଲୁଚାଯାଇଛି। ଏହାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ଏହାଦ୍ୱାରା ଅତିଥି ଅଧାପକଙ୍କ ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠୁଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ସୂଚନା ଅଧିକାର କର୍ମୀ ପ୍ରତାପ ମହାନ୍ତି।

## ଓଡ଼ିଶା ଅନ୍ଧାର...

ବୋଲି କମିଟିର କନଭେନର ପ୍ରେସ ମିଟରେ କହିଛନ୍ତି। ଏବଂ ବର୍ତ୍ତମାନର ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟିପିସିଓଡିଏଲ୍ ଏହି କଣ୍ଟ୍ରୋଲ ରୁମର ଅପରେଟରମାନଙ୍କୁ ଶୋଷଣ କରୁଛି ଏବଂ ସଠିକ୍ ସୁରକ୍ଷା ପ୍ରଦାନ କରୁନାହିଁ। ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ଲିଖିତ ଚୁକ୍ତିନାମା କରିଥିଲେ ସୁଦ୍ଧା ତାହାକୁ ନିଜେ ଗ୍ରହଣ କରୁନାହିଁ ଓ ଯେଉଁ କଣ୍ଟ୍ରୋଲ ରୁମରେ ସାତରୁ ଆଠ ଜଣ କର୍ମଚାରୀ କାର୍ଯ୍ୟ କରିବା କଥା ସେଇଥିରେ ମାତ୍ର ଚାରିରୁ ପାଞ୍ଚ ଜଣ ଶ୍ରମିକରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରାଇ ନେଉଛି ଟାଟା ପାୱାର, ଯାହା ବିଦ୍ୟୁତ୍ ଶ୍ରମ ଆଇନକୁ ଉଲଂଘନ କରୁଛି। ରାଜ୍ୟ ଶ୍ରମ ବିଭାଗ ଜାଣିଶୁଣି ମଧ ନୀରବଦ୍ରଷ୍ଟା ସାଜି ଟାଟା ପାୱାରକୁ ସୁହାଇଲା ଭଳି କାର୍ଯ୍ୟ କରୁଛି ବୋଲି ଧାରଣାରତ ବିଭିନ୍ନ ଠିକା ଶ୍ରମିକ ସଂଗଠନର କନଭେନର ନବକିଶୋର ମହାନ୍ତି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟର ତିନୋଟି ୟୁନିଅନ ମିଶି ଏକ କର୍ଡିନେସନ୍ କମିଟି ଗଠନ କରି ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରରେ ଶ୍ରମିକ ମାନଂକ ପାଇଁ କାର୍ଯ୍ୟ କରୁଥିବା ବିଦ୍ୟୁତ କର୍ମଚାରୀ ସଂଘ, ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ଏବଂ ଓଡ଼ିଶା ପାୱାର କର୍ମଚାରୀ ୟୁନିଅନର ମିଳିତ ସହଯୋଗରେ ଏକ ସମନ୍ୱୟ କମିଟି ଗଠନ କରି ଆନ୍ଦୋଳନକୁ ଓହ୍ଲାଇଛି। ଦୀର୍ଘ ଦିନରୁ ଆନ୍ଦୋଳନ କରିଆସୁଥିବା କଣ୍ଟ୍ରୋଲରୁମର କର୍ମଚାରୀମାନେ ଏବଂ ସମନ୍ୱୟ କମିଟିର ଆବାହକ ନବକିଶୋର ମହାନ୍ତି ଏହି ସାମ୍ବାଦିକ ସମ୍ମିଳନୀ ମାଧମରେ ଟାଟା ପାୱାର ଓ ସରକାରଙ୍କୁ ଜଣାଇ ଦେଇଛନ୍ତି ଯେ, ଏଥର କାର୍ଯ୍ୟରେ ଅସହଯୋଗ ଆନ୍ଦୋଳନ ଆପଣେଇବେ ଯାହାଦ୍ୱାରା ଓଡ଼ିଶା ଅନ୍ଧାର ହେବା ସହ ଆସନ୍ତା ପାର୍ବଣ ଋତୁରେ ବହୁ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇପାରନ୍ତି ଓଡ଼ିଶା ବାସୀ। ଏଥିପାଇଁ ଦାୟୀ ରହିବେ ରାଜ୍ୟ ସରକାର, ଶକ୍ତି ବିଭାଗ ଓ ଟାଟା ପାୱାର ।

## ସଂସଦ ଭବନରେ..

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଗଭୀର କୃତଜ୍ଞତା ଜଣାଇବା ସହ ଏ ସମ୍ପର୍କରେ ସୋସିଆଲ ମିଡିଆ 'ଏକ୍ସ'ରେ ସୂଚନା ଦେଇଛନ୍ତି। ଲୋକସଭା ବାଚସ୍ପତି ଶ୍ରୀ ବିର୍ଲା ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା କ୍ଷଣି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ପାଢ଼ୀ, ଜିଲ୍ଲାପାଳ ଓ ଏସପି ସେମାନଙ୍କୁ ସ୍ୱାଗତ କରିଥିଲେ। ବାଚସ୍ପତି ପ୍ରଥମେ ଅରୁଣ ସ୍ତମ୍ଭ ନିକଟରେ ପ୍ରଣିପାତ, ପତିତପାବନ ଦର୍ଶନ କରି ପରେ ଶ୍ରୀମନ୍ଦିର ଭିତରକୁ ଯାଇ ପ୍ରଥମେ କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରଥିଲେ। ଏହାପରେ ଶ୍ରୀ ବିର୍ଲା ସାତ ପାହାଚ ଦେଇ ରତ୍ନସିଂହାସନସ୍ଥିତ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ ଲାଭ କରିଥିଲେ। ଏହାପରେ ବେଢ଼ା ପରିକ୍ରମା କରି ସେ ମା' ମଙ୍ଗଳା, ମା' ବିମଳା ଓ ମା' ମହାଲକ୍ଷ୍ମୀଙ୍କୁ ଦର୍ଶନ କରି ଶେଷରେ ମହାପ୍ରସାଦ ସେବନ କରିଥିଲେ। ଶ୍ରୀଜୀଉଙ୍କ ଦର୍ଶନ କରି ବେଶ୍ ଖୁସି ଓ ଆନନ୍ଦିତ ହୋଇଥିବା ବାଚସ୍ପତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସାରା ବିଶ୍ୱ ଓ ସମଗ୍ର ଦେଶର ମଙ୍ଗଳ ପାଇଁ ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଛନ୍ତି। ସେମାନଙ୍କ ସହ ଦର୍ଶନ ସମୟରେ ପୁରୀ ସାଂସଦ ସମ୍ବିତ ପାତ୍ର, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଦିଗଜ୍ୟୋତି ଶିକ୍ଷାବୃତି ପାଇଁ ଆବେଦନର ଶେଷ ତାରିଖ ସେପ୍ଟେମ୍ବର ୩୦

**ଭୁବନେଶ୍ୱର,୨୯।୮ (ସଂଚାର ବ୍ୟୁରୋ):** ଦିଗଜ୍ୟୋତି ଚାରିଟେବୁଲ ଏଜୁକେସନାଲ ଟ୍ରଷ୍ଟ ତରଫରୁ ଜଣାଇ ଦିଆଯାଇଛି ଯେ ବିଗତ ବର୍ଷ ଭଳି ଚଳିତ ୨୦୨୫-୨୬ ଶିକ୍ଷା ବର୍ଷ ନିମନ୍ତେ ଯୁକ୍ତ ଦୁଇ, ଯୁକ୍ତ ତିନି ଅଥବା ସ୍ନାତକୋତର ନିର୍ଦ୍ଦିଷ୍ଟ ବିଭାଗର ପ୍ରଥମ ବର୍ଷରେ ନାମ ଲେଖାଇଥିବା ଓ ଯୋଗ୍ୟ ବିବେଚିତ ମେଧାବୀ, ଅନାଥ, ଗରିବ ଓ ଭିନ୍ନକ୍ଷମ ପିଲାଙ୍କୁ ବିଭିନ୍ନ ବାର୍ଷିକ ଶିକ୍ଷାବୃତ୍ତି ପ୍ରଦାନ କରାଯିବ। ଏଥିପାଇଁ ଟ୍ରଷ୍ଟର website ( www. digjyoti.org)ରେ ଉପଲବ୍ଧ ଘୋଷଣାନାମାରେ ସୂଚିତ ଯୋଗ୍ୟତା ଭିତ୍ତିରେ ଭିନ୍ନ ଭିନ୍ନ ବୃତି ପାଇଁ ଉଦ୍ଦିଷ୍ଟ ଫର୍ମରେ ସେପ୍ଟେମ୍ବର ୩୦, ୨୦୨୫ ପୂର୍ବରୁ ଟ୍ରଷ୍ଟ ଠିକଣାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି।



# ପୁଲିସ ଉପରେ ଭାରୀ ପଡୁଛନ୍ତି ଚୋର

**୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଗାଦିମାଡି ବସିଛନ୍ତି**

**କାକଟପୁର/ଅସ୍ତରଙ୍ଗ,୨୯।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୧୫ଗୋଟି ପଂଚାୟତ ଥିବା ବେଳେ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ୩ଗୋଟି ଥାନା ଅଧୀନରେ ଯାଉଛି। ନୂଆଗଡ ସାମୁଦ୍ରିକ ଥାନା, ଅସ୍ତରଙ୍ଗ ଥାନା ଓ କାକଟପୁର ଥାନାର ବହୁ କର୍ମଚାରୀ ଚୋରା ବାଲି ମାଫିଆ, ଗୋରୁ ଗାଡି, ଚୋରା କାଠ ବେପାରୀ, ଚୋରା ମଦ ଓ ମାଦକ ଦ୍ରବ୍ୟ ବେପାରୀଙ୍କ ଧରମ ବନ୍ଧୁ ସାଜିଥିବା ଅଭିଯୋଗ ହେଉଛି। ପେଶାଦାର ମାଫିଆଙ୍କୁ ଥାନାରେ ଯେଭଳି ଗୁରୁତ୍ୱ ଓ ସମ୍ମାନ ଦିଆଯାଉଛି ତାହାକୁ ଦେଖି ଜନ ସାଧାରଣ ଆଶ୍ଚର୍ଯ୍ୟ ହୋଇଛନ୍ତି। ଆଇନଶୃଙ୍ଖଳା ରକ୍ଷାକୁ ଏଡାଇ ବ୍ୟକ୍ତିଗତ ଅର୍ଥ ଉପାର୍ଜନ ଅଧିକାଂଶ କର୍ମଚାରୀଙ୍କ କାର୍ଯ୍ୟ ପାଲଟିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ୩ ଗୋଟି ଥାନା ଅଧୀନରେ ଥିବା କର୍ମଚାରୀ ୩ ବର୍ଷରୁ ଅଧିକ ସମୟ କାର୍ଯ୍ୟକାଳ ପୂରଣ କରି ସାରି ବଦଳି ନିୟମକୁ ବିଫଳ କରି ଦେଇଥିବା ବହୁ କନେଷ୍ଟବଳ ଅପରାଧିକ ମୁଖ୍ୟ ପୃଷ୍ଠପୋଷକ ପାଲଟିଛନ୍ତି। ଏଭଳି ଜନ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ପୁଲିସକୁ ଚକମା ଦେଖାଇ ଚୋରଙ୍କ ଉପଦ୍ରବ ବ୍ୟାପକ ଭାବେ ବୃଦ୍ଧି ପାଇଁ ଜନଜୀବନକୁ ଅତିଷ୍ଠ କରି ପକାଉଛି। କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଚଳିତ ବର୍ଷ ଅନେକ ମନ୍ଦିରରୁ ଚୋରି ହୋଇଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି ଚୋରି ଘଟଣାରେ ଲୁଟେରାଙ୍କୁ ଧରି ପାରିନି ଉଭୟ ଥାନାର ପୋଲିସ। ମନ୍ଦିରରୁ ବିଭିନ୍ନ ଆସବାବ ପତ୍ର ଚୋରିର ଅଭିଯୋଗ ଫର୍ଦ୍ଦ ମଧ୍ୟ ଥାନାରେ ବଢ଼ି ଚାଲିଛି କିନ୍ତୁ ଚୋରଙ୍କୁ ଧରିବାରେ ପୁଲିସ ବିଫଳ। ହେଲେ ଚୋର ଧରିବା କୌଶଳ ପୋଲିସ ପାଶୋରି ଯାଇଛି। ଯେ କୌଣସି ଚୋରିରେ ସମ୍ପୃକ୍ତ ଜଣେ ବି ଚୋରକୁ ପୁଲିସ ଧରିବାରେ ସକ୍ଷମ ହୋଇ ନଥିବାରୁ ପୁଲିସ ଉପରେ ଚୋର ଭାରୀ ପଡିଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଜିଲ୍ଲା ପୁଲିସ ଅଧିକ୍ଷକ ଥାନା ପରିଚାଳନାକୁ ଅନୁଧ୍ୟାନ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି।

## କବାଟ ତାଡ଼ି ମୂଲ୍ୟବାନ ସାମଗ୍ରୀ ଲୁଟ, ଜଣେ ଅଟକ



**ହିଞ୍ଜିଳିକାଟୁ,୨୯।୮ (ସଂଚାର ବ୍ୟୁରୋ):** ପାର୍ବଣ ଋତୁରେ ସକ୍ରିୟ ହୋଇଛନ୍ତି ଚୋର । ହିଞ୍ଜିଳିକାଟୁ ସହର ସ୍ଥିତ ରଜା ସାହି ନୃସିଂହ ମନ୍ଦିର ନିକଟସ୍ଥ ଘରେ କେହି ନଥିବାରୁ କବାଟ ତାଡି ଲୁଟ ଘଟଣା ସାମ୍ନାକୁ ଆସିଛି। ସ୍ୱର୍ଗତ ପ୍ରଭାକର ପଣ୍ଡାଙ୍କ ବାସଭବନରୁ ରାତି ସମୟରେ ଲୁଟେରାମାନେ ବାରିପଟେ ପ୍ରବେଶ କରିଥିଲେ । ସପରିବାର ରାଜଧାନୀ ଭୁବନେଶ୍ୱରରେ ରହୁଥିବା ବେଳେ ଘରେ କେହି ନ ରହିବା ଯୋଗୁଁ ସେଇ ସୁଯୋଗ ନେଇ ଘର କବାଟ ତାଡ଼ି ୩ ଆଲମିରା ଭାଙ୍ଗି ମୂଲ୍ୟବାନ ସାମଗ୍ରୀ ଲୁଟିନେଇଛନ୍ତି ଲୁଟେରା। ଲୁଟେରା ଲୁଟ୍ ସାମଗ୍ରୀ ନେଇ ସକାଳ ହୋଇଯାଇଥିବାରୁ ବଜାର ବନ୍ଧ ନିକଟରେ ପକାଇ ଚମ୍ପଟ ମାରିଛନ୍ତି । ତେବେ ଆଜି ସ୍ୱର୍ଗତ ପ୍ରଭାକର ପଣ୍ଡାଙ୍କ ପୁଅ ଭୁବନେଶ୍ୱରରୁ ଆସି ହିଞ୍ଜିଳି ଥାନାରେ ପହଂଚି ଅଭିଯୋଗ କରିଥିବା ବେଳେ କେସ ନଂ ୭୦୨/୨୫ରେ ପୋଲିସ ମାମଲା ରୁଜୁ କରି ଜଣକୁ ଅଟକ ରଖି ପଚରାଉଚୁରା କରୁଛି ନେଇ ଥାନାଅଧିକାରୀ ସୂଚନା ଦେଇଛନ୍ତି।

## ଟ୍ରାକ୍ଟର-ବାଇକ ଧକ୍କା, ଦୁଇ ଗୁରୁତର



**କାକଟପୁର/ଅସ୍ତରଙ୍ଗ,୨୯।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗରୁ ଆଳସାହି ମୁଖ୍ୟ ରାସ୍ତାରେ ଟ୍ରାକ୍ଟର ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରୁ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଛି। ଖବର ମୁତାବକ ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଭସାଣି ହେଉଥିବା ବେଳେ ଶୁକ୍ରବାର ସନ୍ଧ୍ୟା ୭ଘଟିକା ସମୟରେ ଅସ୍ତରଙ୍ଗରୁ ନଗର ଅଭିମୁଖେ ଯାଉଥିବା ଏକ ବାଇକରେ ଦୁଇ ଯୁବକଙ୍କୁ ଅପରପାର୍ଶ୍ୱରୁ ଆସୁଥିବା ଟ୍ରାକ୍ଟର ଈଶାନେଶ୍ୱର ସ୍କୁଲ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ସମୟରେ ଏପରି ଧକ୍କା ହୋଇଥିଲା ଘଟଣା ସ୍ଥଳରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଗୁରୁତର ଯୁବକ ଜଣକ ନଗର ଗ୍ରାମର ରଂଜିତ ବେହେରା (୨୧)ହୋଇଥିବା ବେଳେ ଗୋଡ଼ ଓ ମୁହଁରେ ଶକ୍ତ ଆଘାତ ଲାଗିଥିବା ବେଳେ ଗୁରୁତର ରଂଜିତ କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। କିନ୍ତୁ ଟ୍ରାକ୍ଟର ଚାଳକ ଜଣକ ଅସ୍ତରଙ୍ଗ ଅଞ୍ଚଳ କୁ ଏକ ଠିକାଦାରଙ୍କ କାମ କରିବାକୁ ଆସିଥିବା ସୂଚନା। ଘଟଣା ସ୍ଥଳରୁ ଟ୍ରାକ୍ଟର ଚାଳକ ଗାଡି ଛାଡି ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ପୁଲିସ ତଦନ୍ତ ଜାରି ରଖିଛି।

## ଶାରୀରିକ ସମ୍ପର୍କ ରଖିବାକୁ ବାଧ କରି ଜେଲଗଲେ ଯୁବକ



**ବାଲିଅନ୍ତା,୨୯।୮ (ସଂଚାର ବ୍ୟୁରୋ):** ଆଜି ବାଲିଅନ୍ତା ଥାନା ପୁଲିସ ଜଣେ ଯୁବତୀଙ୍କୁ ଖରାପ ସମ୍ପର୍କ ରଖିବାକୁ ବାଧ କରିବା, ଶାରୀରିକ ସମ୍ପର୍କ ନରଖିଲେ ପରିବାର ଲୋକଙ୍କୁ ହତ୍ୟା ଧମକ ଦେବା ଏବଂ ନିଜ ପାଖରେ ରଖିଥିବା ଅଶ୍ଳୀଳ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ମାମଲାରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲା କଟକ ଜିଲ୍ଲା ବଡମ୍ବା ଥାନା ଅଧୀନ ଗଡ଼ ପୋଖରୀ ଗ୍ରାମର ସୁଜିତ କୁମାର ନାୟକ ( ୩୫) ଆଜି ବାଲିଅନ୍ତା ଥାନା ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ସୂଚନାଯୋଗ୍ୟ ଯେ, ସୁଜିତ ବିବାହିତ । ଅଭିଯୋଗକାରିଣୀ ୨୦୦୩ ମସିହାରେ ଏକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବା ସମୟରେ ସୁଜିତଙ୍କ ସଂସ୍ପର୍ଶରେ ଆସିଥିଲେ । ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା। ଏକଦା ଅଭିଯୁକ୍ତଙ୍କ ଅନୁରୋଧ କ୍ରମେ ଅଭିଯୋଗକାରିଣୀ ତାଙ୍କର ଭଡା ଘରକୁ ପରିଦର୍ଶନରେ ଯାଇଥିଲେ । ଉକ୍ତ ଭଡାଘରେ ଗାଧୋଉ ଥିବା ସମୟରେ ଅଭିଯୁକ୍ତ ଜଣକ ତାଙ୍କ ଅଜାଣତରେ ତାଙ୍କର କିଛି ଫଟୋ ଓ ଭିଡିଓ ନିଜ ମୋବାଇଲ ଫୋନରେ କୌଶଳକ୍ରମେ ସଂଗ୍ରହ କରିନେଇଥିଲେ। ଉକ୍ତ ଫଟୋ ଓ ଭିଡ଼ିଓକୁ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରିବାର ଧମକ ଦେଇ ଅଭିଯୁକ୍ତ ତାଙ୍କ ସହ ଖରାପ ସମ୍ପର୍କ ରଖିବା ଲାଗି ଅଭିଯୋଗକାରିଣୀଙ୍କ ଉପରେ ଚାପ ପକାଇଥିଲେ।

## ପ୍ରବାସୀ ଶ୍ରମିକଙ୍କ ମୃତଦେହ ଠାବ

**ଭବାନୀପାଟଣା,୨୯।୮ (ସଂଚାର ବ୍ୟୁରୋ):** ବାଙ୍ଗାଲୋର ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିବା ଜଣେ ପ୍ରବାସୀ ଶ୍ରମିକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ଠାବ ହୋଇଥିବା ଜଣାପଡିଛି। ସୂଚନା ମତେ କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତ ବନ୍ଧପଡା ଗ୍ରାମର ପ୍ରେମ ମାଝୀ (୩୧) ଗତ ରଥଯାତ୍ରା ପରେ ନିଜ ଜ୍ୱାଇଁ ଓ ଭଉଣୀ ଗୋପାଳ ମାଝୀ ସହ ମିଶି ଦାଦନ ଖଟିବାକୁ ବାଙ୍ଗାଲୋର ସ୍ଥିତ କେଲୁର ଥାନା ଗୁଂଠୁରରେ ଥିବା ଏକ ଇଟାଭାଟି ମାଲିକ ଗଙ୍ଗାଧର ସେଠଙ୍କ ନିକଟରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ଗୁରୁବାର ଦିନ ସେ ଇଟାଭାଟିକୁ କାମ କରିବାକୁ ଯାଇ ଆଉ ସନ୍ଧ୍ୟାରେ ଫେରି ନଥିଲେ। ଶୁକ୍ରବାର ସକାଳୁ ଇଟାଭାଟି ନିକଟରେ ଥିବା ଏକ ଲଟାବୁଦା ନାଳାରେ ମୃତଦେହ ପଡି ରହିଥିବା ଦେଖିବାକୁ ପାଇଥିଲେ। ଏନେଇ ଇଟାଭାଟି ମାଲିକକୁ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। କେଲୁର ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିବା ନେଇ ସୂଚନା ମିଳିଛି।

# ଭୂତକୋଠି ପାଲଟିଛି ଗ୍ରାମସେବକଙ୍କ କ୍ୱାର୍ଟର

**ଛାତ ଉପରେ ମାଡ଼ିଗଲାଣି ଅନାବନା ଗଛଲତା, ନବୀକରଣ ନେଇ ଦାବି**



**ବାଲିଅନ୍ତା,୨୯।୮ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ପଞ୍ଚାୟତ ପୋଷ୍ଟ ଅଫିସ ନିକଟରେ ଥିବା ଗ୍ରାମ କୃଷି କ୍ଷେତ୍ର କର୍ମଚାରୀଙ୍କ ସରକାରୀ କ୍ୱାର୍ଟର ଏବେ ଭୂତକୋଠି ପାଲଟିଛି । ଦୀର୍ଘ ୨୦ ବର୍ଷ ତଳେ ନିର୍ମାଣ ହୋଇଥିବା ଉକ୍ତ କ୍ୱାର୍ଟର ରକ୍ଷଣାବେକ୍ଷଣ ଅଭାବରୁ ବିପଦସଂକୁଳ ଅବସ୍ଥାରେ ପହଞ୍ଚିଛି । ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଉକ୍ତ କ୍ୱାର୍ଟର ଛାତରୁ ପାଣି ଗଳୁଛି। ଚାରିପାର୍ଶ୍ୱ କାନ୍ଥ ଫାଟିଗଲାଣି। ଛାତ, ଝରକା ନିମିଟାଲ, ଫିନ କଂକ୍ରିଟ ଭାଙ୍ଗି ଗଲାଣି । ଛାତ ଉପରେ ଅନାବନା ଗଛଲତା ଘାସ ଉଠିଗଲାଣି।

ଦିନ ଥିଲା ଭିଙ୍ଗାରପୁର ସହକାରୀ କୃଷି କାର୍ଯ୍ୟାଳୟ ଅଧୀନରେ ଥିବା ଉକ୍ତ କ୍ୱାର୍ଟରରେ କୃଷି କ୍ଷେତ୍ର କର୍ମଚାରୀ ରହି ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମ ବୁଲି ଚାଷୀଙ୍କୁ ଫସଲ ସମ୍ପର୍କିତ ବିଭିନ୍ନ ପରାମର୍ଶ ଦେଉଥିଲେ । କିଛି ବର୍ଷ ଧରି ସବୁ ଠିକ୍‌ଠାକ ଚାଲିଥିଲା । ଏଇ କିଛି ବର୍ଷ ହେବ କ୍ଷେତ୍ର କୃଷି କର୍ମଚାରୀ କ୍ୱାର୍ଟର କାମରେ ଆସୁନି। କେତେବେଳେ ଯେ ଆଖପାଖରେ ଚଳ ପ୍ରଚଳ କରୁଥିବା ଲୋକଙ୍କ ଉପରେ ଘର ଭୁଶୁଡି ପଡି ଲୋକଙ୍କ ପ୍ରାଣହାନି ନଘଟିବ ତାହା କହି ହେଉ ନାହିଁ । ତେଣୁ ପୂର୍ବ ଭଳି କୃଷି କ୍ଷେତ୍ର କର୍ମଚାରୀ କ୍ୱାର୍ଟର ନବୀକରଣ କରି ଚାଷୀଙ୍କ କୃଷି ପରାମର୍ଶ ଯୋଗାଇ ଦେବାକୁ ସମାଜସେବୀ କ୍ଷୀରୋଦ ଚନ୍ଦ୍ର ପଣ୍ଡା ଦାବି କରିଛନ୍ତି ।

## ବ୍ରହ୍ମପୁରରେ ଆଞ୍ଚଳିକ ପରିବହନ ଶାଖା କାର୍ଯ୍ୟାଳୟ ଖୋଲିବାକୁ ଦାବି



**ବ୍ରହ୍ମପୁର,୨୯।୮ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ସହରରେ ଆଞ୍ଚଳିକ ପରିବହନ ଶାଖା ଖୋଲିବାକୁ ଦାବି ହୋଇଛି। ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ପତ୍ର ଲେଖି ଏହି ଦାବି ଜଣାଇଛନ୍ତି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ। ସେ କହିଛନ୍ତି, ବ୍ରହ୍ମପୁର ସହର ଦକ୍ଷିଣ ଓଡିଶାର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଓ ଜନବହୁଳ ସହର । ଏହା ବ୍ୟତୀତ ସମଗ୍ର ଦକ୍ଷିଣ ଓଡିଶାର ପରିବହନର ସୁପରିଚାଳନା କ୍ଷେତ୍ରରେ ବ୍ରହ୍ମପୁର ଏକ ନିର୍ଣ୍ଣାୟକ ସ୍ଥଳୀ ହୋଇଥିବା ଯୋଗୁଁ ଏଠାରେ ଆଞ୍ଚଳିକ ପରିବହନ ଶାଖା କାର୍ଯ୍ୟାଳୟ ଖୋଲିବା ନିହାତି ଆବଶ୍ୟକ ରହିଛି। ଗଞ୍ଜାମ ଜିଲ୍ଲାର ଲକ୍ଷାଧିକ ମୋଟର ଯାନ ମଧ୍ୟରୁ ଅର୍ଦ୍ଧାଧିକ ବ୍ରହ୍ମପୁର ସହର ସମେତ ଆଖପାଖ ଅଂଚଳରେ ରହିଛି। ତେବେ ଉକ୍ତ ଯାନବାହାନ ଗୁଡିକର ଫିଟନେସ ସାର୍ଟିଫିକେଟ, ପଞ୍ଜିକରଣ, ରୋଡ଼ ପରମିଟ, ଟିକସ ପୈଠ ଓ ଡ୍ରାଇଭିଂ ଲାଇସେନ୍ସ ମଞ୍ଜୁରୀ କିମ୍ବା ନବୀକରଣ କରିବା ଆଦି କାର୍ଯ୍ୟ ପାଇଁ ଆଜିକାର ବ୍ୟସ୍ତ ବହୁଳ ଜୀବନରେ ସମୟ ବାହାରକରି ଛତ୍ରପୁର ଯିବା ସମ୍ଭବପର ହେଉନାହିଁ । ଏଠାରେ ପରିବହନ କାର୍ଯ୍ୟାଳୟ ନଥିବାରୁ ସରକାରଙ୍କ ରାଜସ୍ୱ ହାନୀ ଘଟୁଥିବା ଅନୁମାନ କରାଯାଉଛି। ତେଣୁ ତୁରନ୍ତ ଏପ୍ରତି ଦୃଷ୍ଟି ଦେବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

# ଜାତୀୟ କ୍ରୀଡ଼ା ଦିବସରେ ସୋଆ ପକ୍ଷରୁ ମିନି ମାରାଥନ




**ଭୁବନେଶ୍ୱର,୨୯।୮ (ସଂଚାର ବ୍ୟୁରୋ):** କିମ୍ବଦନ୍ତୀ ହକି ଖେଳାଳୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ସାରା ଦେଶରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଦିନ ମିନି ମାରାଥନ ଆୟୋଜିତ ହୋଇଥିଲା।

୨୦୧୨ ମସିହାରୁ ସାରା ଦେଶରେ ଅଗଷ୍ଟ ୨୯ ତାରିଖ ଦିନ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିନରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଆସୁଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୁଇ ଦିନ ବ୍ୟାପୀ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଥିବା ବେଳେ ଶୁକ୍ରବାର ସୋଆ କ୍ୟାମ୍ପସ ସ୍ପୋର୍ଟ୍ସ କମ୍‌ପ୍ଲେକ୍ସରୁ ଆୟୋଜିତ ମିନି ମାରାଥନ୍‌ରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଫ୍ଲାଗ-ଅଫ୍ କରି ମାରାଥନ୍‌ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସୋଆର ସ୍ପୋର୍ଟ୍ସ ଅଫିସର ଶ୍ରୀମତି ସୁନୀତା ବର୍ମା, ଚଳିତ ବର୍ଷର ଜାତୀୟ କ୍ରୀଡ଼ା ଦିବସର କୋଅର୍ଡିନେଟର ଆସିଷ୍ଟାଂଟ ପ୍ରଫେସର ଆକାଶ ତ୍ରିଖା, ଜୁନିୟର ସ୍ପୋର୍ଟ୍ସ ଅଫିସର ପ୍ରିୟମ୍ ମଲ୍ଲିକ ଏବଂ ବରେଣ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଚାନ୍ଦା ଆଦାୟକୁ ବିରୋଧ କରିବାରୁ ମରଣାନ୍ତକ ଆକ୍ରମଣ

**କେନ୍ଦ୍ରାପଡ଼ା,୨୯।୮(ସଂଚାର ବ୍ୟୁରୋ):** ଚାନ୍ଦା ଆଦାୟକୁ ବିରୋଧ କରିବାରୁ ମରଣାନ୍ତଙ୍କ ଆକ୍ରମଣ କରାଯାଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ସଦର ଥାନା ଅଧିନ ଜମଧର ଗ୍ରାମପଞ୍ଚାୟତର ବଳଭଦ୍ରପୁର ଗ୍ରାମର କୈଳାସ ଚନ୍ଦ୍ର ସେଠୀ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ଦୁହୁରିଆଛକସ୍ଥିତ ତାଙ୍କ ମାଛଦୋକାନ ସମ୍ମୁଖରେ ଶୁକ୍ରବାର ପ୍ରାୟ ଅପରାହ୍ନ ଗୋଟାଏ ସମୟରେ କେତେକ ଲୋକ ସଙ୍ଘବଦ୍ଧ ହୋଇ ଲୋକମାନଙ୍କ ଠାରୁ ଜୋରଜବରଦସ୍ତ ଚାନ୍ଦା ଆଦାୟ କରୁଥିଲେ । କୈଳାସ ଏହା ଦେଖି ଚାନ୍ଦାଆଦାୟକାରୀଙ୍କୁ କହିଲେ ଯେ ତାଙ୍କ ଦୋକାନ ଆଗରୁ ଦୂରକୁ ଯାଇ ଚାନ୍ଦା ଆଦାୟ କର । ଏଥିରେ ସେମାନେ ରାଗିଯାଇ କୈଳାସକୁ ଜାତିଆଣ ଆକ୍ଷେପ କରିବା ସହ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ତଳେ ପକାଇଦେଇ ମରଣାନ୍ତଙ୍କ ଆକ୍ରମଣ କରିଥିଲେ। ଏଥିରେ କୈଳାସ ଗୁରୁତର ଭାବେ ଆହତ ହୋଇଥିଲେ। କୈଳାସର ପାଟିଶୁଣି ସ୍ଥାନୀୟ ଲୋକେ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏସମ୍ପର୍କରେ ସଦର ଥାନା ଅଧିକାରୀ କହିଥିଲେ ଯେ ଆମେ ଅଭିଯୋଗ ପାଇ ତଦନ୍ତ କରୁଛୁ ।

## ୬ରେ କଳା ଦିବସ ପାଳିବ କୁଡୁମୀ ସେନା




**ବାରିପଦା,୨୯।୮ (ସଂଚାର ବ୍ୟୁରୋ):** କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ସାମିଲ କରିବା ପାଇଁ ଜୈମୁନି କୁମାର ମହାନ୍ତଙ୍କ ନେତୃତ୍ୱରେ ବିଗତ ଏକ ଦଶନ୍ଧି ରୁ ଉର୍ଦ୍ଧ୍ୱ ସମୟ ଧରି କୁଡୁମୀ ସେନା ପକ୍ଷରୁ ଆନ୍ଦୋଳନ ଜାରି ରହିଛି।ଏହି କ୍ରମରେ ଆସନ୍ତା ସେପ୍ଟେମ୍ବର ୬ ତାରିଖ କୁ ସବୁ ବର୍ଷ ପରି ଏ ବର୍ଷ ମଧ୍ୟ କଳା ଦିବସ ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।ଏଠାରେ ସ୍ମରଣଯୋଗ୍ୟ ଯେ ଗତ ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖ ରେ କୁଡୁମୀ ଜାତିକୁ ଆଦିବାସୀ (ଏସ୍‌ଟି) ବର୍ଗରୁ ବାଦ୍ ଦିଆଯାଇଥିଲା।କୁଡୁମି ଜାତି ପ୍ରତି ହେଇଥିବା ଉକ୍ତ ଐତିହାସିକ ଅନ୍ୟାୟ ପ୍ରତିବାଦ ରେ ସେପ୍ଟେମ୍ବର ୬ ତାରିଖ କୁ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ପଲ୍ଲୀ ରୁ ଦିଲ୍ଲୀ ର ଜନ୍ତର ମନ୍ତର ଠାରେ କଳା ଦିବସ ରୂପେ ପାଳନ କରିବା ପାଇଁ କୁଡ଼ୁମି ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବାରିପଦା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି । ଜୈମୁନୀ କୁମାର ମହାନ୍ତଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ବୈଠକ ରେ କୁଡୁମୀ ସେନା ର ଡମ୍ବରୁ ମହାନ୍ତ, ବିବେକା ମହାନ୍ତ, ସାଇରାମ୍,ବିଶ୍‌ବନାଥ, ଦୁର୍ଗା,ବିରେନ୍ଦ୍ର, ନୁକୁ, ଚନ୍ଦ୍ର ଭାନୁ ମହାନ୍ତ କୁଡୁମୀ ଛାତ୍ର ସେନା ର ବରୁଣ ମହାନ୍ତ,ଗୌତମ ମହାନ୍ତ,ଅଜିତ,ଦିପୁ,ଚକ୍ର, ଦେବାଶିଷ,ତୁଷାର, ଲିପୁନ କୁଡୁମୀ ମହିଳା ସେନା ର ଗୀତାଞ୍ଜଳି ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ ।

# ୪ ମାସ ହେଲା ତହସିଲଦାର ପଦବୀ ଖାଲି

**ଉପଯୁକ୍ତ ସୁବିଧା ପାଇବାରୁ ଛାତ୍ରଛାତ୍ରୀ ବଞ୍ଚିତ**

**ବୈଶିଙ୍ଗା,୨୯।୮ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ସଦର ସବ ଡିଭିଜନ ଅଧିନରେ ବେତନଟୀ ତହସିଲ ଓ ବ୍ଲକର ପ୍ରଶାସନିକ ସେବା ଯେପରି ଗୁରୁତ୍ୱପୂର୍ଣ୍ଣ ସେହିପରି ମଧ୍ୟ ସମ୍ବେଦନଶୀଳ। ଏହି ତହସିଲ ଅଧିନରେ ମୋଟ ୨୪ଟି ଗ୍ରାମପଞ୍ଚାୟତ ଥିବା ବେଳେ ୧୧ଟି ଆରଆଇ ସର୍କଲ ରହିଛି। ଏହାସହିତ ଏଠାରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ (ସବ ରେଜିଷ୍ଟର) ଥିଲେ ବି ଏଠାରେ ଗତ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି କାର୍ଯ୍ୟାଳୟର ଉପନିବନ୍ଧକଙ୍କ ପଦବୀ ଖାଲି ପଡିଥିବାରୁ ଏଠାକାର ତହସିଲଦାର ପଦବୀ ଖାଲି ପଡିଥିବା ବେଳେ ୨ ଜଣ ଅତିରିକ୍ତ ତହସିଲଦାରଙ୍କ ମଧ୍ୟରୁ ଜଣେ ମାତ୍ର ଥିବାରୁ ଅତିରିକ୍ତ ତହସିଲଦାର ଉଭୟ ପଦବୀର କାର୍ଯ୍ୟ ସହିତ ଉପ ନିବନ୍ଧକଙ୍କ କାର୍ଯ୍ୟ ତୁଲାଉ ଥିବାରୁ ନାହିଁ ନଥିବା ପରିସ୍ଥିତି ଉପୁଜୁଛି।

ବେତନଟୀ ଏକ ବ୍ୟବସାୟୀକ ପେଣ୍ଠ ହୋଇଥିବା ହେତୁ ଅଧିକ ଜମି କିଣା ବିକା ହୋଇଥାଏ। ବୃହତ ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ସହିତ ସରକାରଙ୍କର ବହୁ ବିଧ ଯୋଜନା ବ୍ଲକ ଓ ତହସିଲ ଅଧୀନରେ ଚାଲିଥିବା ହେତୁ ପ୍ରତିଦିନ ଏହି ତହସିଲରେ ଜନସମାଗମ ବଢିଥାଏ। ଏପରିକି ଛାତ୍ରଛାତ୍ରୀ ମାନଙ୍କର ଏବଂ ଚାକିରି ଆବେଦନ ପାଇଁ ବିଭିନ୍ନ ପ୍ରମାଣ ପତ୍ର ପାଇଁ ଆବେଦନକାରୀଙ୍କ ସଂଖ୍ୟା ଅଧିକ ହୋଇଥିଲେ ବି ସରକାରଙ୍କ ଧାର୍ଯ୍ୟ ସମୟ ସୀମା ଅବଧି ମଧ୍ୟରେ ଏହା ମିଳି ପାରୁ ନ ଥିବା ଯୋଗୁଁ ଆବେଦନକାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ ମଧ୍ୟ ସିଭିଲ ମାମଲା ପାଇଁ ଆବଶ୍ୟକ ସାର୍ଟିଫାଏଡ କପି ଏଠାରେ ଜେଏମଏଫସି କୋର୍ଟ ଥିବା ହେତୁ ଠିକଣା ସମୟରେ ଆବେଦନକାରୀମାନେ ପାଇ ନ ପାରି କୋର୍ଟରେ ସମୟ ନେବାକୁ ବାଧ ହେଉଛନ୍ତି।

ତହସିଲଦାର ପଦବୀ ଖାଲି ପଡି ଥିବା ଯୋଗୁ ବେତନଟୀ ବ୍ଲକ ର ବିଡିଓ ଏହି ତହସିଲର ତହସିଲଦାର ଦାୟିତ୍ୱରେ ମଧ୍ୟ ଅଛନ୍ତି। ଜଣେ ଅଧିକାରୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ହେତୁ ତହସିଲ କାର୍ଯ୍ୟାଳୟର ଅନେକ ବିଭାଗର କାମ ଠିକଣା ସମୟରେ ହୋଇ ପାରି ନ ଥିବା ଯୋଗୁଁ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ସାଧାରଣ ଲୋକେ ପ୍ରତିଦିନ ଅସୁବିଧାର ସମ୍ମୁଖୀନ ହୋଇ ତହସିଲ ଓ ସବ ରେଜିଷ୍ଟ୍ରାର ଅଫିସ କର୍ମଚାରୀ ମାନଙ୍କ ଦ୍ୱାରା ଶୋଷିତ ହେଉଥିଲେ ବି ସେମାନଙ୍କୁ ଆର୍ଥିକ ଶୋଷଣରୁ ରକ୍ଷା କରିବା ପାଇଁ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ଆଗେଇ ଆସୁ ନ ଥିବା ହେତୁ ଗଣମାଧ୍ୟମ ହିଁ ଏକ ମାତ୍ର ଭରସା ହୋଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ପ୍ରକାଶିତ ସମ୍ବାଦ ଉପରେ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣ ଲୋକେ ହତାଶ ହେଉଥିବା ଜଣାଯାଇଛି।

ଦୁଇମାସ ପୂର୍ବରୁ ରାଜ୍ୟ ସରକାର ବିଭିନ୍ନ ତହସିଲରେ ତହସିଲଦାର ପଦବୀ ପୂରଣ କରିଥିବା ବେଳେ ବେତନଟୀ ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିବା ସହିତ ରାଜସ୍ୱ ମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବ୍ୟାଣ୍ଡ ଓ ଡିଜେ ଉପରେ କେମିତି ରହିବ କଟକଣା ?

**✸ ଯାଞ୍ଚ ହେଉନି ସାଉଣ୍ଡ ଲିମିଟର ମେସିନ ✸ ଅନେକ ସ୍ଥାନରେ ପୁଲିସ ବୁଝାମଣା କରି ଛାଡୁଥିବା ଚର୍ଚ୍ଚା**



**କାକଟପୁର/ଅସ୍ତରଙ୍ଗ,୨୯।୮ (ସଂଚାର ବ୍ୟୁରୋ):** ଗଣେଶ ପୂଜାରୁ ପାର୍ବଣ ଋତୁର ଆରମ୍ଭ ହୋଇଯାଇଛି। ପଛକୁ ପଛ ଅନେକ ପୂଜା, ପର୍ବ ପର୍ବାଣୀ ଅଛି। ଏ ସବୁ ପୂଜା ମହୋତ୍ସବ, ଭସାଣି ଶୋଭାଯାତ୍ରାରେ ଶବ୍ଦ କଟକଣା କଡାକଡି ଭାବେ ଲାଗୁ କରାଯିବ ବୋଲି ଅସ୍ତରଙ୍ଗ ପୁଲିସ ପକ୍ଷରୁ ଚେତାବନୀ ଦିଆଯାଇଛି। କିନ୍ତୁ ଶବ୍ଦ କଟକଣା କିଭଳି ଲାଗୁ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ବ୍ୟାଣ୍ଡ ପାର୍ଟି ଓ ଡିଜେ ସାଉଣ୍ଡ ଅପରେଟରଙ୍କ ପାଖରେ ସାଉଣ୍ଡ ଲିମିଟର ମେସିନ ଅଛି କି ନାହିଁ ତାହା ପୁଲିସ ଯାଞ୍ଚ କରୁ ନାହିଁ।

ଶବ୍ଦ ପ୍ରଦୂଷଣ ନେଇ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି ହେବାରୁ ସମସ୍ତ ସଂସ୍ଥା ସାଉଣ୍ଡ ଲିମିଟର ମେସିନ ଲଗାଇବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଯାହାକି ସେହି ସମୟରେ କିଛି ସଂସ୍ଥା ମେସିନ କିଣିଥିଲେ। ଅସ୍ତରଙ୍ଗ ଓ ନୂଆଗଡ ପୁଲିସ ପକ୍ଷରୁ ଖୋଳତାଡ଼ ହେଉ ନଥିବାରୁ ଡିଜେ ସଂସ୍ଥା ପାଖରେ ସାଉଣ୍ଡ ଲିମିଟର ମେସିନ ଅଛି କି, ସେମାନେ ବ୍ୟବହାର କରୁଛନ୍ତି କି ନାହିଁ ପୁଲିସ ପାଖରେ ସେ ନେଇ କୌଣସି ସୂଚନା ନାହିଁ। ସର୍ବାଧିକ ୬୫ଡେସିବଲରେ ସାଉଣ୍ଡ ବାଜି ପାରିବ। ପୁଲିସ ଶୋଭାଯାତ୍ରା ଲାଇସେନ୍ସ ଦେବା ବେଳେ ଏହି ନିୟମ କଡାକଡି ଯାଞ୍ଚ କରିବେ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ନିର୍ଦ୍ଦେଶର କିଛି ମାସ ପର୍ଯ୍ୟନ୍ତ ପୁଲିସ ସାଉଣ୍ଡ ଲିମିଟର ଯାଞ୍ଚ କରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା। ମାତ୍ର ଏହି ଘଟଣା ପରଠୁ ପୁଲିସ କିନ୍ତୁ ସାଉଣ୍ଡ ଲିମିଟର ମେସିନର ବାସ୍ତବ ସ୍ଥିତି ଯାଞ୍ଚ କରିନି। ଏଭଳି ସ୍ଥିତିରେ ସାଉଣ୍ଡ ଉପରେ କଟକଣା କିଭଳି ରହିବ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି।

ସେହିପରି ଅସ୍ତରଙ୍ଗ ଥାନା ଅଧିକାରୀ ସୂଚନା ଦେଇଛନ୍ତି ଭସାଣିରେ ଉଚ୍ଚ ସାଉଣ୍ଡ ପାଇଁ ଉପଜିଲ୍ଲାପାଳଙ୍କ ଠାରୁ ଅନୁମତି ଆଣିବା ପାଇଁ। ଯଦି ନିୟମ ଉଲ୍ଲଘଂନ କରି ସାଉଣ୍ଡ ବାଜିବ ତେବେ ପୁଲିସ ସେଗୁଡିକୁ ଜବତ କରିବ।

## ସାପ କାମୁଡାରେ ଚାଷୀଙ୍କ ମୃତ୍ୟୁ



**ପାରାଦୀପ,୨୯।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ବଳେଇପୁର ପଞ୍ଚାୟତ ଅନ୍ତର୍ଗତ ବନିପାଟ ଗ୍ରାମର ଜଣେ ଚାଷୀ ପ୍ରମୋଦ ରାଉତ (୬୫) ଙ୍କର ସାପ କାମୁଡାରେ ମୃତ୍ୟୁ ହୋଇଛି।ଘଟଣାରୁ ଜଣାପଡିଛି ପ୍ରମୋଦ ରାଉତ ଗତ ୨୭ ତାରିଖ ଅପରାହ୍ନରେ ନିଜ ବାଡି ନିକଟସ୍ଥ ଚାଷଜମିରେ ଧାନ ରୋଇବାକୁ ଯାଇଥିଲେ।ସନ୍ଧ୍ୟା ପୂର୍ବରୁ ରୁଆରୁଇ ସାରି ଗାଈ ପାଇଁ ହିଡରୁ ଘାସ କାଟୁଥିବା ସମୟରେ ଏକ ବିଶାକ୍ତ ସାପ ତାଙ୍କୁ କାମୁଡ଼ି ଥିଲା।ସେ' ତୁରନ୍ତ ଘରକୁ ଚାଲିଆସି ତାଙ୍କୁ ସାପ କାମୁଡି ଥିବା କହି, ହଠାତ୍ ସଂଜ୍ଞାହୀନ ହୋଇପଡ଼ିଥିଲେ।ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ତୁରନ୍ତ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜଗତସିଂହପୁର ମେଡିକାଲ ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲ। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେବା ସହିତ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତେବେ ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିବାର ଜଣାପଡିଛି।

### ସଂସଦୀୟ ଓ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ କମିଟିର ଅଧ୍ୟକ୍ଷ ଓ ସଦସ୍ୟଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

# ସମତାଭିତ୍ତିକ ସମାଜ ଓ ବିକଶିତ ଭାରତ ଗଠନ କରାଯିବ: ଓମ୍ ବିର୍ଲା




**ଭୁବନେଶ୍ୱର,୨୫।୮(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ସମ୍ବନ୍ଧିତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟ ଗଣଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍‌ରେ ଆୟୋଜିତ ଏହି ଦୁଇଦିନିଆ ଜାତୀୟ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲା ଉଦ୍‌ଘାଟନ କରିଛନ୍ତି।

- **ଏସ୍‌ସି/ଏସ୍‌ଟିଙ୍କ ପାଇଁ 'ସମୃଦ୍ଧ ଭବିଷ୍ୟତ ରାସ୍ତା' ନିର୍ମାଣ କରିବ ସମ୍ମିଳନୀ: ମୁଖ୍ୟମନ୍ତ୍ରୀ**
- **ଲୋକସଭା ବାଚସ୍ପତିଙ୍କୁ ଧନ୍ୟବାଦ ଦେଲେ ମୋହନ**

ଏହି ଅବସରରେ ଶ୍ରୀ ବିର୍ଲା କହିଛନ୍ତି ଯେ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଗଣ ସବୁ ସମୟରେ ଦଳମତରୁ ଊର୍ଦ୍ଧ୍ୱରେ ରହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି। ଆଜି ଦେଶରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି। ଦଳମତ ନିର୍ବିଶେଷରେ ସଂସଦୀୟ ଓ ବିଭିନ୍ନ ରାଜ୍ୟର କମିଟି ମାନେ ଏହି ବର୍ଗର ସାମଗ୍ରିକ ଉନ୍ନତି ଉପରେ ଧ୍ୟାନଦେଇ ଆସିଛନ୍ତି ବୋଲି ଶ୍ରୀ ବିର୍ଲା କହିଥିଲେ। ସେ ଆହୁରି ମଧ୍ୟ କହିଲେ ଯେ ଭୁବନେଶ୍ୱରର ବର୍ତ୍ତମାନର ବଦଳୁଥିବା ପରିସ୍ଥିତି ଅନୁଯାୟୀ ଏହି ସମ୍ମିଳନୀରେ, କମିଟି ଯାହା ପ୍ରସ୍ତାବ ଦେବ, ତାହାକୁ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ ଯେ ୨୫ ବର୍ଷ ପରେ ଏହି ସମ୍ମିଳନୀ ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଅନୁଷ୍ଠିତ ହେଉଛି, ଏବଂ ତାହା ମଧ୍ୟ ଓଡିଶାରେ ହେଉଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଲୋକସଭା ବାଚସ୍ପତିଙ୍କୁ ଧନ୍ୟବାଦ ଦେଇଥିଲେ। ଆଗରୁ ମଧ୍ୟ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ ଓଡିଶାରେ ଆୟୋଜିତ ହୋଇଛି ବୋଲି ପ୍ରକାଶ କରି ଏହାଦ୍ୱାରା ଜାତୀୟ ସ୍ତରରେ ଓଡ଼ିଶାର ଗୁରୁତ୍ୱ ବୃଦ୍ଧି ପାଉଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ଆଜି ଭଲ ଅଛି, ଆଗାମୀ କାଲି ଖୁବ୍ ଭଲ ହେବ, ନିଶ୍ଚୟ ଭଲ ହେବ। ଭୁବନେଶ୍ୱରରେ ଏହି ସମ୍ମିଳନୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଲେ ଯେ ପିଏମ ଜନମନ ଏବଂ ଧରତୀଆବା ଗ୍ରାମ ଉତ୍କର୍ଷ ଯୋଜନାରେ ବିଭିନ୍ନ ଆଦିବାସୀ ଗୋଷ୍ଠୀଗୁଡିକୁ ଫୋକସ କରାଯାଇଛି। ଏହି ଦୁଇଟି କାର୍ଯ୍ୟକ୍ରମରେ ୫ କୋଟି ଆଦିବାସୀ ଲୋକ ସିଧାସଳଖ ଲାଭ ପାଇବେ। ଏକଲବ୍ୟ ମଡେଲ ଆବାସିକ ସ୍କୁଲ ଏବଂ ଆଶ୍ରମ ସ୍କୁଲ ଦ୍ୱାରା ଆଦିବାସୀ ପିଲାଙ୍କ ପାଇଁ ଏକ ଶୈକ୍ଷିକ ପରିବେଶ କରାଯାଇଛି। ଶ୍ରୀ ହରିବଂଶ ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ବୋଲି କହିଥିଲେ। ବିଗତ ୧୦ ବର୍ଷରେ ବଜେଟ ୪ ଗୁଣା ବଢ଼ିଛି ଓ ଏଥିରେ ଆଦିବାସୀ ଅଧ୍ୟୁଷିତ ରାଜ୍ୟଗୁଡିକର ଉନ୍ନତି ହେବା ଫଳରେ ନକ୍ସଲବାଦ ଭଳି ସମସ୍ୟାକୁ ନିୟନ୍ତ୍ରଣ କରାଯାଇପାରିଛି। ଲୋକସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଶ୍ରୀ ଫଗନ ସିଂ କୁଲସ୍ତେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କେବଳ ଯୋଜନାର ଲାଭ ପାଇବା ପାଇଁ ନୁହେଁ ବରଂ ଦେଶର ପ୍ରତିଷ୍ଠାକୁ ଉଜ୍ଜ୍ୱଳ କରିବାରେ ଏବଂ ଦେଶକୁ ବିକାଶର ମାର୍ଗରେ ନେବା ପାଇଁ ପ୍ରତ୍ୟେକ୍ଷ ଭୂମିକା ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ। ବିଧାନସଭା ବାଚସ୍ପତି ସୁରମା ପାଢ଼ୀ କହିଥିଲେ ଯେ ବିଧାନସଭାର ପ୍ରତ୍ୟେକ ବିଧାୟକଙ୍କ କାର୍ଯ୍ୟ ହେଉଛି ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିବା ଏବଂ ସେହି ନୀତିକୁ ଦୁର୍ଗମ ଅଞ୍ଚଳର ଶେଷ ଲୋକଙ୍କ ନିକଟକୁ ପହଂଚାଇବା ହେଉଛି ଆମ ସମସ୍ତଙ୍କ ଦାୟିତ୍ୱ। ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ସମାଜ ଗଠନ ଆମ ପ୍ରତିବଦ୍ଧତା

### ୬୬ ପ୍ରତିଶତ ହୋଇଛି ଏସ୍‌ସି ଓ ଏସ୍‌ଟି ଛାତ୍ରଛାତ୍ରୀଙ୍କ ନାମଲେଖା



'ଜାତୀୟ ଶିକ୍ଷା ନୀତି-୨୦୨୦' ସାମାଜିକ ନ୍ୟାୟ ଦିଗରେ କାର୍ଯ୍ୟ କରିବା ସହ ଜନଜାତି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଏକ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ସମାଜ ଗଠନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ଏହି ପ୍ରୟାସ କେବଳ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ସଶକ୍ତିକରଣର ଏକ ମାଧ୍ୟମ ନୁହେଁ ବରଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସମାଜର ଅନ୍ତିମ ସୋପାନ ପର୍ଯ୍ୟନ୍ତ ପହଞ୍ଚାଇବାରେ ଐତିହାସିକ ପଦକ୍ଷେପ। ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ବଞ୍ଚିତଙ୍କ ଅଧିକାରକୁ ସୁରକ୍ଷା ଦେବାରେ ଓଡ଼ିଶା ମାଟିର ବୀର ସୁରେନ୍ଦ୍ର ସାଏ, ଲକ୍ଷ୍ମଣ ନାୟକ ଓ ନିର୍ମଳ ମୁଣ୍ଡାଙ୍କ ପରି ବୀର ଯୋଦ୍ଧାମାନେ ଅତୁଳନୀୟ ଅବଦାନ ଦେଇଛନ୍ତି। ୧୯୯୯ରେ ଆମର ମାର୍ଗଦର୍ଶକ ଅଟଳଜୀଙ୍କ ସରକାରରେ ପ୍ରଥମ ଥର ପାଇଁ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଗଠନ କରାଯାଇଥିଲା। ଏହି ମନ୍ତ୍ରଣାଳୟ ଗଠନ ହେବା ପରେ ଓଡ଼ିଶାର ଜୁଏଲ ଓରାମ ଏହାର ଦାୟିତ୍ୱ ନେଇଥିଲେ। ଏହି ପଦକ୍ଷେପ ସାମାଜିକ ନ୍ୟାୟ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏସସି/ଏସଟିଙ୍କ କଲ୍ୟାଣ ସହ ବଞ୍ଚିତଙ୍କୁ ଅଗ୍ରାଧିକାର ଦେବା ହେଉଛି ମୋଦି ସରକାରଙ୍କ ପ୍ରାଥମିକତା। ଆଜି ଦେଶରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ, ଦେଶରେ ଗରିବ ଏବଂ ବଞ୍ଚିତଙ୍କ କଲ୍ୟାଣ ପାଇଁ ସମର୍ପିତ ଏକ ସରକାର କାର୍ଯ୍ୟ କରୁଛି। ବଞ୍ଚିତଙ୍କ ସ୍ୱପ୍ନ ପୂରଣ କରିବା ସହିତ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ସ୍ୱପ୍ନକୁ ସାକାର କରିବାର ଆମର ମୂଳ ଲକ୍ଷ୍ୟ। ଆମେ ୧୧୭ ଭାଷାରେ ପ୍ରାଇମର ବା ବର୍ଣ୍ଣମାଳା ପୁସ୍ତକ ପ୍ରସ୍ତୁତ କରିଛୁ, ଯେଉଁଥିରେ ୧୭ ପ୍ରାଇମର ଓଡ଼ିଶାର ଜନଜାତି ସମୁଦାୟ ଦ୍ୱାରା କୁହାଯାଉଥିବା ଭାଷା। ମୋଦୀ ସରକାର ଆସିବା ପରେ ଏସ୍‌ସି ଓ ଏସ୍‌ଟି ଛାତ୍ରଛାତ୍ରୀଙ୍କ ନାମଲେଖା ୪୬ରୁ ୬୬ ପ୍ରତିଶତରେ ପହଞ୍ଚିଛି। ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜାତିର ମହିଳାଙ୍କ ନାମଲେଖା ୫୧ ପ୍ରତିଶତ ବୃଦ୍ଧି ହୋଇଛି। ୨୦୧୯ ପର୍ଯ୍ୟନ୍ତ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ନ ହେଲେ ତାକୁ ଏକ ପ୍ରକ୍ରିୟା କରି ସାଧାରଣ ବର୍ଗରେ ପୂରଣ କରାଯାଉଥିଲା, କିନ୍ତୁ ମୋଦି ସରକାରରେ ଏସସି ଏସଟି ସେମାନଙ୍କର ଅଧିକାର ପାଉଛନ୍ତି। ସମାଜର ବଞ୍ଚିତ ଲୋକମାନେ ଆଗକୁ ଆସିଲେ ହିଁ ରାଜ୍ୟ ଓ ଦେଶ ବିକଶିତ ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ବ୍ରହ୍ମଗିରିରେ ଜଳିଗଲେ ଦାରୁ ଦିଅଁ

**ବ୍ରହ୍ମଗିରି,୨୯।୮ (ସଂଚାର ବ୍ୟୁରୋ) :** ଘୋର ଅନର୍ଥ, ଜଳିଗଲେ ଦାରୁ ଦିଅଁ। ପ୍ରଭୁ ଜଗନ୍ନାଥଙ୍କର ଏ କି ବାର୍ତ୍ତା ? ଆଗକୁ ମାଡି ଆସିବ କି ବିପଦ? କୁହାଯାଏ ସେ ହିଁ ଲୀଳାମୟ, ସବୁ ଲୀଳା ସେ କରନ୍ତି । ସେ ନ ଚାହିଁଲେ ପତ୍ର ବି ହଲିବନି ହେଲେ ତାଙ୍କ ବିଗ୍ରହ କେମିତି ଜଳିଗଲା । ସନ୍ଧ୍ୟା ଧୂପ ସାରି ପୂଜକ ପହଡ଼ ପକେଇ ଘରକୁ ଯାଇଥିଲେ । ଠିକ ରାତି ୮ଟା ୩୦ରେ ମନ୍ଦିର ଭିତରୁ ଧୂଆଁ ବାହାରୁଥିବାର ଦେଖିବାକୁ ପାଇଥିଲେ ଲୋକେ । କବାଟ ଭାଙ୍ଗି ମନ୍ଦିରକୁ ଯାଇ ବିଗ୍ରହ ପୋଡି ଯାଇଥିବାର ଦେଖିବାକୁ ପାଇଥିଲେ ଗ୍ରାମବାସୀ। ତୁରନ୍ତ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ ପୂଜକ। ମନ୍ଦିର ଭିତରେ ଲାଗିଥିବା ଦୀପରୁ ନିଆଁ ଲାଗିଥିବା କୁହାଯାଉଛି । ଗୁରୁବାର ଦିନ ଓଡ଼ିଶାର ପୁରୀ ଜିଲ୍ଲାର ବ୍ରହ୍ମଗିରି ଥାନା ସୀମା ଅନ୍ତର୍ଗତ କାଣ୍ଡଗୋଡା ଗ୍ରାମର ଏକ ମନ୍ଦିରରେ ଅଗ୍ନିକାଣ୍ଡ ଘଟି ପ୍ରଭୁ ଜଗନ୍ନାଥ ଏବଂ ତାଙ୍କ ଭାଇଭଉଣୀ ଭଗବାନ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୮ଟାରେ ପବିତ୍ର ତ୍ରିମୂର୍ତ୍ତିଙ୍କ ସନ୍ଧ୍ୟା ଆଳତୀ ଏବଂ ଦୈନନ୍ଦିନ ସଂକୀର୍ତ୍ତନ ପରେ ମନ୍ଦିରର ସେବକମାନେ ଦ୍ୱାର ବନ୍ଦ କରିଦେଇଥିଲେ।ତଥାପି, ମନ୍ଦିର ଦ୍ୱାର ବନ୍ଦ କରିବାର ଏକ ଘଣ୍ଟା ପରେ, କିଛି ଲୋକ ମନ୍ଦିରରୁ ଧୂଆଁ ନିର୍ଗତ ହେଉଥିବା ଦେଖି ସେବାୟତମାନଙ୍କୁ ଏ ବିଷୟରେ ଜଣାଇଥିଲେ। କୌଣସି ବିଳମ୍ବ ନକରି, ମନ୍ଦିରର ସେବକମାନେ ମନ୍ଦିରକୁ ଦୌଡ଼ି ଯାଇ ଦ୍ୱାର ଖୋଲିବା ପରେ ନିଆଁ ଲାଗିଥିବା ଦେଖିଥିଲେ। ଅଗ୍ନିକାଣ୍ଡ ପରେ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି ସହିତ କିଛି ପୂଜା ସାମଗ୍ରୀ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣା ପଡ଼ି ନଥିବା ବେଳେ, ପ୍ରାଥମିକ ରିପୋର୍ଟରୁ ଅନୁମାନ କରାଯାଉଛି ଯେ ମନ୍ଦିର ଭିତରେ ଥିବା ଏକ ମାଟି ଦୀପରୁ ଅଗ୍ନିକାଣ୍ଡ ହୋଇଥାଇପାରେ। ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା ଏବଂ ସ୍ଥାନୀୟ ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ସମୟରେ, କିଛି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ ମନ୍ଦିରର ସେବାୟତଙ୍କ ଅବହେଳାରୁ ଅଗ୍ନିକାଣ୍ଡ ଘଟିଛି। ତଥାପି, ଏହି ଘଟଣା ଏବେ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି।

## ମୂର୍ତ୍ତି ଭସାଣ ବେଳେ ପୋଖରୀରେ ବୁଡ଼ି ଛାତ୍ର ମୃତ

**ଯାଜପୁର ଟାଉନ,୨୯।୮(ସଂଚାର ବ୍ୟୁରୋ) :** ଗଣେଶ ମୂର୍ତ୍ତି ଭସାଣ ବେଳେ ପୋଖରୀରେ ବୁଡ଼ି ଛାତ୍ର ମୃତ । ୮ଜଣ ଛାତ୍ର ବୁଡ଼ି ଯାଉଥିବା ବେଳେ ୭ଜଣଙ୍କୁ ଉଦ୍ଧାର କରାଯାଇପାରିଛି। ଜଣେ ଛାତ୍ରଙ୍କ ଜୀବନ ଯାଇଛି। ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ରଙ୍ଗରଙ୍ଗା ଗ୍ରାମର ପ୍ରହଲ୍ଲାଦ ଉଚ୍ଚ ବିଦ୍ୟାଳୟରେ ଘଟିଛି ଏଭଳି ହୃଦୟ ବିଦାରକ ଘଟଣା।



ସ୍କୁଲ ଛାତ୍ରମାନେ ଗଣେଶ ମୂର୍ତ୍ତି ଭସାଇ ସାରିବା ପରେ ପୋଖରୀରେ ବୁଡ଼ି ଯାଇଥିଲେ। ସ୍କୁଲ ପିଅନ ଓ ଗ୍ରାମବାସୀ ୭ଜଣଙ୍କୁ ଉଦ୍ଧାର କରିଥିଲେ। ଅନ୍ୟ ଜଣେ ଛାତ୍ରଙ୍କୁ ଉଦ୍ଧାର କରିପାରିନଥିଲେ। ପୋଖରୀ ପାଣିରେ ବୁଡି ଯାଇ ଛାତ୍ର ଜଣଙ୍କର ମୃତ୍ୟୁ ଘଟିଥିଲା। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପୁଅର ଜୀବନ ଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହାକୁ ଖଣ୍ଡନ କରିଛନ୍ତି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ। ପୋଲିସ ମୃତଶରୀର ପୋଷ୍ଟମର୍ଟମ ପାଇଁ ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି।

## ୪ ଗାଡ଼ିରୁ ୨୯ ଗାଈ ଓ ୫ ବଳଦ ଉଦ୍ଧାର

- ୪ ପିକ୍‌ଅପ୍ ସହ ୮ ଅଭିଯୁକ୍ତ ଅଟକ

**ଠାକୁରମୁଣ୍ଡା,୨୯।୮(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ରାତି ୧ଟା ସମୟରେ ୩୪ ଗୋରୁଙ୍କୁ ଉଦ୍ଧାର କରିଛି। ଏହା ସହିତ ୪ ପିକଅପ୍ ଜବତ କରାଯାଇଛି। ୮ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି। ରାଇରଙ୍ଗପୁର ଅତିରିକ୍ତ ଏସପି ଯଦୁମଣି ଜେନାଙ୍କ ନିର୍ଦ୍ଦେଶକ୍ରମେ ମହୁଲଡିହା ଥାନା ଅଧିକାରୀ ଅରୁଣ କୁମାର ଟୁଡୁ, ଏଏସଆଇ ସଞ୍ଜୟ କୁମାର ନାଏକ, ବିକେ ସାଆନ୍ତେରା, ଠାକୁରମୁଣ୍ଡା ଥାନା ଅଧିକାରୀଣୀ ସାବିତ୍ରୀ ଦଳେଇ ଏବଂ ଦୁଇ ଥାନାର ପୁଲିସ କର୍ମଚାରୀ ୫୩ ନଂ ରାଜ୍ୟ ରାଜପଥ ଚିଆଁଗ୍ୱେଡୋ ଛକ ନିକଟରୁ ୪ ପିକଅପକୁ ଜବତ କରି ମହୁଲଡିହା ଥାନାକୁ ଆଣିଛନ୍ତି। ଗାଡ଼ି ଗୁଡ଼ିକର ନମ୍ବର ଓଡି୦୧ଏ୮୯୧୨, ଓଆର୨୧ବି ୮୫୫୯,ଓଡି୦୧ଏଭି୧୭୧୪,ଓଡି୦୧ଏଡବ୍ଲୁ୭୮୦୭। ପିକଅପ୍‌ରେ ୨୯ ଗାଈ ଏବଂ ୫ ବଳଦ ଚୋରା ଚାଲାଣ ହେଉଥିଲା। ମହୁଲଡିହା ଥାନାରେ ଏନେଇ କେସ ନଂ ୭୩,୭୪,୭୫ ,୭୬/୨୦୨୫ ଦଫା ୩୦୩(୨)୩(୫) ବିଏନଏସରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଉଦ୍ଧାର ହୋଇଥିବା ୨୯ ଗାଈ ଏଓ୍ୱଂ ୫ ବଳଦଙ୍କୁ କେନ୍ଦୁଝର ଜିଲ୍ଲା ରାଜନଗର ସ୍ଥିତ ନନ୍ଦିନୀ ଗୋ ଶାଳାକୁ ପଠାଇ ଦିଆଯାଇଛି। ଅଟକ ଡ୍ରାଇଭରମାନଙ୍କର ନାମ ସୋମନାଥ ନାଏକ(୪୦) ତ୍ରିନାଥ ମୁଣ୍ଡା (୩୩) କସ୍ତୁରି ସିଂ (୨୪) ବିଷ୍ଣୁ ବାଗ (୩୩) ପଙ୍କଜ ପ୍ରଧାନ (୨୩), ସୁକୁଲୁ ଟୁଡୁ (୨୪), ରବିନ୍ଦ୍ର ସୟ (୧୮) କୁନା ବେସରା (୨୨) ବୋଲି ଥାନା ଅଧିକାରୀ ଅରୁଣ କୁମାର ଟୁଡୁ ସୁଚନା ଦେଇଛନ୍ତି।

## ୩ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

**ପୁରୀ,୨୯।୮(ସଂଚାର ବ୍ୟୁରୋ) :** ସେପ୍ଟେମ୍ବର ୩ ତାରିଖରେ ଅନୁଷ୍ଠିତ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ଗଠିତ ହୋଇଥିବା ନୂତନ କମିଟିର ଏହା ପ୍ରଥମ ବୈଠକ। ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ଏହି ବୈଠକ। ନୂତନ କମିଟି ସଦସ୍ୟଙ୍କୁ ସ୍ୱାଗତ କରିବା ସହ ନୂତନ ସବ କମିଟି ଗଠନ କରାଯିବ। ସେହିପରି ଗତ ମେ ମାସ ୨୬ ତାରିଖରେ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟିର ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକର ବିବରଣୀ ପାଠ ସହ ଏହାକୁ ଦୃଢ଼ୀକରଣ କରାଯିବ। ନାଟ ମଣ୍ଡପରେ ଧାଡି ଦର୍ଶନ ବ୍ୟବସ୍ଥା ସହ ରତ୍ନଭଣ୍ଡାରରୁ ଅଳଙ୍କାର ଗଣତିମଣତି ନେଇ ହୋଇପାରେ ଆଲୋଚନା। ସେପଟେ ଆସନ୍ତା ୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଛତିଶାନିଯୋଗ ବୈଠକରେ ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟ ଅନୁମୋଦନ ହେବା ସହ ନୀତିନିର୍ଘଣ୍ଟକୁ ମୋହର ମାରିବ ନୂତନ ପରିଚାଳନା କମିଟି ବୈଠକ।

## ମା' ମଝିଘରିଆଣୀଙ୍କ ମନ୍ଦିରର ହେବ ପୁନଃବିନ୍ୟାସ



**ରାୟଗଡା,୨୯।୮(ସଂଚାର ବ୍ୟୁରୋ):** ମାଆଙ୍କ ମନ୍ଦିର ନେବ ନୂଆ ରୂପ। ରାୟଗଡା ସହରବାସୀଙ୍କ ପାଇଁ ଖୁସି ଖବର। ପୂରଣ ହେବାକୁ ଯାଉଛି ସହରବାସୀଙ୍କ ଦୀର୍ଘ ବର୍ଷର ଆଶା। ରାୟଗଡା ସହର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରର ପୁନଃବିନ୍ୟାସ ହେବ। ଏଥିପାଇଁ ରାଜ୍ୟ ସରକାର ୪୦ କୋଟି ଟଙ୍କା ପୁଞ୍ଜି ନିବେଶ କରିବେ। ମନ୍ଦିରର କଳେବରରେ ପରିବର୍ତ୍ତନ ହେବ। ରାୟଗଡା ସହରର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଜି ଶୁଭ ପଡ଼ିଛି। ଆଜିଠାରୁ ନିର୍ମାଣ କାମ ଆରମ୍ଭ ହେବ।

ଯାତ୍ରୀଙ୍କ ଠାରୁ ଆରମ୍ଭ କରି ଦୂରଦୂରାନ୍ତରୁ ଆସୁଥିବା ଭକ୍ତଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାଦ୍ୱାରା ଭକ୍ତମାନେ ଅତି ସୁବିଧାରେ ମା'ଙ୍କ ଦର୍ଶନ କରିବା ସହିତ ଆବଶ୍ୟକୀୟ ସମସ୍ତ ପ୍ରକାର ସୁବିଧା ପାଇପାରିବେ। ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ନେଇ ଏକ ଖସଡ଼ା ପ୍ରସ୍ତୁତ କରାଯାଇଛି। ଭବ୍ୟ ମନ୍ଦିରର ପ୍ରବେଶ ଦ୍ୱାର, ମୁଖଶାଳା ଯାତ୍ରୀ ନିବାସ, ପ୍ରସାଦ ସେବନ ଘର, ମାର୍କେଟ କମ୍ପ୍ଲେକ୍ସ, ପ୍ରଶାସନିକ କାର୍ଯ୍ୟାଳୟ ସବୁ ସୁନ୍ଦର ଭାବେ ନିର୍ମାଣ ହେବ। ଏକ ବର୍ଷ ସମୟ ସୀମା ଭିତରେ ସମସ୍ତ ନିର୍ମାଣ କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ମା'ଙ୍କ ମନ୍ଦିରରେ ଦିନକୁ ଦିନ ବଢ଼ିଚାଲିଛି ଭକ୍ତଙ୍କ ସମାଗମ ଯାହାକୁ ଦୃଷ୍ଟିରେ ରଖି ମନ୍ଦିର ନିର୍ମାଣ ଯୋଜନା ପ୍ରସ୍ତୁତ ହୋଇଛି। ଦୂରଦୂରାନ୍ତରୁ ଆସୁଥିବା ସମସ୍ତ ଯାତ୍ରୀଙ୍କ ରହିବା ବ୍ୟବସ୍ଥା ମଧ୍ୟ କରାଯିବ। ତେବେ ମା' ମଝିଘରିଆଣୀଙ୍କ ମନ୍ଦିର ଦାନହୁଣ୍ଡିରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ବାହାରୁଛି। ଦେବୋତ୍ତର ବିଭାଗ ଯାତ୍ରୀଙ୍କ ଶ୍ରଦ୍ଧା ଓ ଆଗ୍ରହକୁ ଦୃଷ୍ଟିରେ ରଖି ମନ୍ଦିରର ବିକାଶ ପାଇଁ ହାତ ବଢ଼ାଇଛନ୍ତି। ଏହାକୁ ନେଇ ସହରବାସୀ ବେଶ ଖୁସି ଅଛନ୍ତି।

## ଲ୍ୟାମ୍ପ ପାଚେରିରେ ସାର ପାଇଁ ଜଗି ବସିଛନ୍ତି ଚାଷୀ



**ମାଲକାନଗିରି,୨୯।୮(ସଂଚାର ବ୍ୟୁରୋ) :** ସାର ପାଇଁ ଟଣାଓଟରା। ଲ୍ୟାମ୍ପସ ପାଚେରି କାନ୍ଥ ଉପରେ ସାର ଜଗି ବସିଛନ୍ତି ଚାଷୀ। ୟୁରିଆ ନେବା ପାଇଁ ଚାଷୀଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ଲାମ୍ପସରେ ଦେଖିବାକୁ ମିଳିଛି ଏହି ଦୃଶ୍ୟ। କିଏ ଛାତ ତ ଆଉ କିଏ ପାଚେରି ଉପରେ ଚଢ଼ିଯାଇଛନ୍ତି ସାର ନେବା ପାଇଁ। ଆଜି ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ସାର ଯୋଗାଇଦେବାକୁ ଅନୁମତି ମିଳିଥିବାରୁ ହଜାର ହଜାର ଚାଷୀ ସାର ପାଇଁ ଆସିଛନ୍ତି। କିନ୍ତୁ ମାତ୍ର ୧୨ ଶହ ପ୍ୟାକେଟ ୟୁରିଆ ସାର ଆସିଛି। ହଜାର ହଜାର ଚାଷୀଙ୍କୁ ୧୨ ଶହ ପ୍ୟାକେଟ ସାର କିପରି ବଣ୍ଟନ ହେବ। ଏତେ ଚାଷୀଙ୍କୁ କିଭଳି ଆବଶ୍ୟକ ଅନୁସାରେ ସାର ମିଳିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପଟେ ସାର ପାଇଁ ସମସ୍ତଙ୍କୁ ଟୋକେନ ମିଳୁନଥିବାରୁ ଅସନ୍ତୋଷ ଦେଖାଦେଇଛି। ଘଟଣାସ୍ଥଳରେ ଉତ୍ତେଜନା ରୋକିବାକୁ ମାଥିଲି ପୋଲିସ ମୁତୟନ ହୋଇଛନ୍ତି।

- ଜିଲ୍ଲା କୃଷି ବିଭାଗରେ କର୍ମଚାରୀ ମରୁଡ଼ି

## ୧୯୭ରୁ ଖାଲିପଡ଼ିଛି ୧୧୧ ପଦବୀ

**ନବରଙ୍ଗପୁର,୨୯।୮(ସଂଚାର ବ୍ୟୁରୋ):** କୃଷି ପ୍ରଧାନ ଜିଲ୍ଲା ନବରଙ୍ଗପୁର। ବର୍ଷ ତମାମ ଏଠାକାର ଚାଷୀମାନେ ଧାନ, ମକା, ଆଖୁ ସହ କ୍ଷୁଦ୍ର ଶସ୍ୟ ଆଦି ଚାଷ କରି ଆସୁଛନ୍ତି। ଜିଲ୍ଲାରେ ପ୍ରାୟ ଖରିଫରେ ୨ଲକ୍ଷ ୯୫ହଜାର ହେକ୍ଟର ଜମିରେ ଚାଷ ହେଉଛି। ତେବେ ଏହି ସବୁ ଚାଷ ଏବଂ ଚାଷୀଙ୍କୁ ଅତ୍ୟାଧୁନିକ ଜ୍ଞାନ କୌଶଳରେ ଚାଷ କରିବା ଏବଂ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା ପାଇଁ ରହିଛି ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟ ଅଧୀନରେ ୩ଟି କୃଷି ଜିଲ୍ଲା ରହିଛି। ତେବେ ଏହି ବିଭାଗରେ ଦେଖାଦେଇଛି କର୍ମଚାରୀ ମରୁଡ଼ି। ୧୯୭ ପଦବୀରୁ ୧୧୧ପଦବୀ ଖାଲି ପଡିଛି। ବର୍ଷ ବର୍ଷ ଧରି କ୍ଷେତ୍ର କର୍ମଚାରୀଙ୍କଠାରୁ ଆରମ୍ଭକରି ମୁଖ୍ୟ ଦପ୍ତରରେ କର୍ମଚାରୀ ପଦ ପୂରଣ କରାଯାଉନି। ଏଥିଯୋଗୁ ଚାଷୀଙ୍କୁ ଆବଶ୍ୟକ ସମୟରେ ପରାମର୍ଶ ମିଳିପାରୁନି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଜଣେ ଜଣେ କୃଷି କର୍ମଚାରୀଙ୍କ ଉପରେ ଅତିରିକ୍ତ ଦାୟିତ୍ୱର ବୋଝ ଲଦି ହୋଇ ଯାଉଛି। ଜିଲ୍ଲାର ୧୦ଟି ବ୍ଲକରୁ ପାପଡ଼ାହାଣ୍ଡି, ନବରଙ୍ଗପୁର ଓ ଉମରକୋଟ ୩ଟି କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ଏଥିପାଇଁ ପଞ୍ଚାୟତସ୍ତରରେ କ୍ଷେତ୍ରୀୟ କୃଷି ଅଧିକାରୀ ତଥା ଭିଏଡବ୍ଲ୍ୟୁ ୪୯ଟି ପଦ ମଧ୍ୟରୁ ୩୮ଟି ଖାଲିପଡ଼ିଛି। ୮୯ ଜଣ ଓଭରସିୟର ପଦ ମଧ୍ୟରୁ ୪୧ଟି , ୨୧ଟି ଅତିରିକ୍ତ କୃଷି ଅଧିକାରୀ ପଦରୁ ୯ଟି ବ୍ଲକସ୍ତରରେ ୧୨ଜଣ କୃଷି ଅଧିକାରୀଙ୍କ ମଧ୍ୟରୁ ୬ଟି ଓ୨୬ଟି କିରାଣୀ ପଦବୀରୁ ୧୭ଟି ପଦ ଖାଲିପଡ଼ିଛି। ଏଭଳି ପରିସ୍ଥିତିରେ ଜିଲ୍ଲାର ୩ ଜଣ ବ୍ଲକ କୃଷି ଅଧିକାରୀଙ୍କୁ ଅନ୍ୟ ଜିଲ୍ଲାକୁ ବଦଳି କରାଯାଇଛି। ଖରିଫ ଋତୁ ପାଇଁ ଜିଲ୍ଲାରେ ଓଡ଼ିଶା ମିଲେଟ ମିଶନ, ମୁଖ୍ୟମନ୍ତ୍ରୀ ମକା ମିଶନ, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ୧୩ ହଜାର ମୃତ୍ତିକା ପରୀକ୍ଷା ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଥିବା ବେଳେ ଏ ଯାଏ ୯୭୦୦ ପରୀକ୍ଷା ପାଇଁ ମାଟି ସଂଗ୍ରହ ହୋଇଛି। ସରକାରଙ୍କ ଅନେକ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି।ଅମଳ ବୃଦ୍ଧି, ନୂତନ ଜ୍ଞାନକୌଶଳରେ ଚାଷ କାର୍ଯ୍ୟ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଚାଷୀଙ୍କୁ ପ୍ରୋତ୍ସାହନ ପ୍ରଦାନକରି ଜ୍ଞାନକୌଶଳ ଯୋଗାଇବାକୁ କୁହାଯାଉଛି। କର୍ମଚାରୀ ଅଭାବ ସତ୍ତ୍ୱେ ଏବେ ଜଙ୍ଗଲ ଜମି ସତ୍ତ୍ୱ ପାଇଥିବା ହିତାକାରୀଙ୍କ ଚାଷ ଉପଯୋଗୀ ଜମିଗୁଡ଼ିକର ପଞ୍ଜୀକରଣ ଦାୟିତ୍ୱ କୃଷି ବିଭାଗକୁ ଦିଆଯାଇଛି । ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ସୁଧିରଞ୍ଜନ ବେହେରାଙ୍କୁ ପଚାରିବାରୁ ଖାଲି ପଡ଼ିଥିବା ପଦବି ପୂରଣ ପାଇଁ ସରକାରଙ୍କୁ ଚିଠି କରାଯିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ନେଇଥିବା କହିଛନ୍ତି। ଶତାଧିକ ପଦ ଖାଲି ପଡ଼ିଥିବାରୁ ସ୍ୱଳ୍ପ କର୍ମଚାରୀରେ କିଭଳି ସମସ୍ତ ଯୋଜନାର ତଦାରଖ ଓ ଗୁଣାତ୍ମକ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶଙ୍ଖ ଦୋକାନୀଙ୍କୁ ଶଙ୍ଖରେ ଆକ୍ରମଣ



**ପୁରୀ, ୨୯।୮(ସଂଚାର ବ୍ୟୁରୋ):** ପୁରୀର ବଳିଆପଣ୍ଡା ଥାନା ପାର୍କିଂ ନିକଟରେ ଶଙ୍ଖ ଦୋକାନ କରିଥିବା ଜଣେ ବ୍ୟକ୍ତିଙ୍କୁ ଦୁଇଜଣ ବ୍ୟକ୍ତି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଦ୍ୱୟ ସମ୍ପର୍କରେ ବାପ-ପୁଅ। ଆହତ ହୋଇଥିବା ଶଙ୍ଖ ଦୋକାନୀଙ୍କ ନାଁ ଦେବ ବେହେରା। ତାଙ୍କ ଘର ପୁରୀର ଗୌଡ଼ବାଡ଼ ସାହିରେ। ତାଙ୍କ ଛାତିରେ ଗଭୀର ଆଘାତ ଲାଗିଛି। ଦେବ ବେହେରାଙ୍କୁ ଅଭିଯୁକ୍ତ ଦ୍ୱୟ ପଞ୍ଚମୁଖୀ ଶଙ୍ଖରେ ଆକ୍ରମଣ କରିଥିଲେ । ପଞ୍ଚମୁଖୀ ଶଙ୍ଖର ଦୁଇଟି କଣ୍ଟା ତାଙ୍କ ଛାତିରେ ରହିଯାଇଥିଲା। ଅପରେସନ କରାଯାଇ ତାଙ୍କ ଛାତିରୁ ଶଙ୍ଖ କଣ୍ଟା ଦୁଇଟିକୁ ବାହାର କରାଯାଇଛି। ଗୌଡ଼ବାଡ଼ ସାହିର ଦେବ ବେହେରା ଯାତ୍ରୀକା ପାର୍କିଂ ନିକଟରେ ଶଙ୍ଖ ବିକ୍ରି କରୁଥିବା ବେଳେ ଗତ କିଛି ଦିନ ତଳେ ଜଣେ ବ୍ୟକ୍ତି ତାଙ୍କୁ ବଟି ମାଗୁଥିଲେ। ସେ ଟଙ୍କା ନଦେବାରୁ ଏହି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ନେଇ ତାଙ୍କ ପରିବାର ଲୋକେ ବଳିଆପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି।

## ବିଶାଖାପାଟଣା-କୋତବଲସା ମଝିରେ ୬ ବଗି ଲାଇନ୍‌ଚ୍ୟୁତ



**କୋରାପୁଟ, ୨୯।୮(ସଂଚାର ବ୍ୟୁରୋ):** ଶୁକ୍ରବାର ବିଜୟନଗରମ କୋତବଲସା ମଝିରେ ଏକ ମାଲବାହୀ ଟ୍ରେନ୍‌ର ୬ଟି ବଗି ଲାଇନଚ୍ୟୁତ ହୋଇଛି। ଯାହାଫଳରେ ବହୁ ଯାତ୍ରୀବାହୀ ଟ୍ରେନ୍ ଯାତାୟାତ ପ୍ରଭାବିତ ହୋଇଛି। ଭୁବନେଶ୍ୱର ବିଶାଖାପାଟଣା ବନ୍ଦେଭାରତ ଏକ୍ସପ୍ରେସ୍, ପ୍ରଶାନ୍ତି ଏକ୍ସପ୍ରେସ୍, ସାଲିମାର-ଭାସ୍କୋଡାଗାମା, ରାଜାରାଣୀ ଏକ୍ସପ୍ରେସ, ପାଟଣା ଏରନାକୁଲମ ଏକ୍ସପ୍ରେସ, ହାଓ୍ୱଡା-ଚେନ୍ନାଇ ଏକ୍ସପ୍ରେସ, ଭୁବନେଶ୍ୱର ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ୍ ଆଦି ଯାତ୍ରୀବାହୀ ଟ୍ରେନଗୁଡ଼ିକ ପ୍ରଭାବିତ ହୋଇଛି। ଘଟଣାସ୍ଥଳରେ ଉଦ୍ଧାରକାରୀ ଟିମ୍ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ପୁନଃ ଉଦ୍ଧାର କାର୍ଯ୍ୟ ଚାଲୁ କରାଯାଇ ସ୍ୱାଭାବିକ ପାଇଁ ଚେଷ୍ଟା ଚାଲିଥିବା ରେଲଓ୍ୱେ ବିଭାଗ ପକ୍ଷରୁ କୁହାଯାଇଛି।

### ୨୦ ବର୍ଷରୁ ଅଧିକ ଜେଲ୍‌ରେ ଥିବା ବନ୍ଦୀଙ୍କୁ ମୁକ୍ତି ପ୍ରସଙ୍ଗ

# ପୁନର୍ବିଚାର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୨୯।୮(ସଂଚାର ବ୍ୟୁରୋ):** ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨୦ ବର୍ଷରୁ ଅଧିକ ସମୟ ଧରି କୋରାପୁଟ ଜେଲ୍‌ରେ ବନ୍ଦୀ ଥିବା ନନ୍ଦୁ ପାଙ୍ଗିଙ୍କ ଦଣ୍ଡ ଅବଧିର ସମୟ ପୂର୍ବରୁ ମୁକ୍ତି ପ୍ରସଙ୍ଗରେ ବିଚାର କରିବାକୁ ଏସଏସଆରବି(ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ)କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କୁ ସମୟ ପୂର୍ବରୁ ଜେଲରୁ ଛାଡ଼ିବା ପ୍ରସଂଗରେ ପୁନର୍ବିଚାର ପାଇଁ ଏସଏସଆରବି ଏହାର ବୈଠକ ଦୁଇ ମାସ ଭିତରେ ଡାକିବ।

ପୂର୍ବରୁ ଏହି ପ୍ରସଙ୍ଗ ଏସଏସଆରବି ଦ୍ୱାରା ଉପଯୁକ୍ତ ଭାବେ ବିଚାରକୁ ନିଆ ଯାଇ ନଥିବା ହାଇକୋର୍ଟ କହିଛନ୍ତି। ଏଭଳି ସ୍ଥିତିରେ ଏହି ପ୍ରସଙ୍ଗରେ ଏସଏସଆରବି ପୁନର୍ବିଚାର କରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ନନ୍ଦୁ ପାଙ୍ଗିଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଏକ ହତ୍ୟା ମାମଲାରେ ମାଲକାନଗିରି ଆଡ-ହକ୍ ଅତିରିକ୍ତ ଦୌରା ଜଜ୍ (ଫାଷ୍ଟ ଟ୍ରାକ୍) ଅଦାଲତ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ୨୦୦୫, ଡିସେମ୍ବର ୧୫ରେ ପ୍ରଦାନ କରିଥିଲେ। ଏହି ନିର୍ଦ୍ଦେଶକୁ ହାଇକୋର୍ଟ କାଏମ ରଖି ୨୦୧୫, ଏପ୍ରିଲ ୨୫ରେ ରାୟ ପ୍ରଦାନ କରିଥିଲେ। ୨୦୨୧ରେ କିଛି ଦିନ ପାଇଁ ଜେଲରୁ ଆବେଦନକାରୀଙ୍କୁ ଛଡ଼ା ଯାଇଥିଲା।

ସେ ଘରେ ରହି ପୁଣି ଜେଲକୁ ଫେରି ଆସିଥିଲେ। ମୁଦୁଲିପଡ଼ା ଥାନା ଆଇଆଇସି ଦାଖଲ କରିଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ ଜେଲରୁ କିଛି ଦିନ ପାଇଁ ଛାଡ଼ ପାଇବା ପରେ ଆବେଦନକାରୀ ଘରେ ରହି ନିଜକୁ ଚାଷ କାର୍ଯ୍ୟରେ ନିୟୋଜିତ କରିଥିଲେ। ତାଙ୍କୁ ୬୨ ବର୍ଷ ହୋଇଥିବା ବେଳେ ସେ ଆଉ କୌଣସି ଅପରାଧ କରିବା ସମ୍ଭାବନା ନାହିଁ।

ଏଭଳି ରିପୋର୍ଟ ପ୍ରସଂଗରେ ମାଲକାନଗିରି ଏସପିଙ୍କ ତରଫରୁ ଏଡିଏମଙ୍କୁ ଅବଗତ କରାଯାଇଥିଲା। ଅନ୍ୟପକ୍ଷରେ ୨୦୨୩, ଜୁନ୍ ୨ରେ ଏଏସଆରବି ଆବେଦନକାରୀଙ୍କୁ ସମୟପୂର୍ବରୁ ଛାଡ଼ିବା ସଂପର୍କିତ ପ୍ରସ୍ତାବକୁ ଖାରଜ କରିଥିଲା। ବିଭିନ୍ନ ପ୍ରସଙ୍ଗକୁ ଉପଯୁକ୍ତ ଭାବେ ବିଚାରକୁ ନ ନେଇ ଆବେଦନକାରୀଙ୍କ ମୁକ୍ତି ପ୍ରସଂଗ ସଂପର୍କିତ ପ୍ରସ୍ତାବକୁ ଏସଏସଆରବି ଖାରଜ କରିଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସତ୍ୟନାରାୟଣ ମିଶ୍ର ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

## ପୂଜା ଉପରେ ନଜର ରଖିବ ସିସିଟିଭି ଓ ଡ୍ରୋନ୍

**କଟକ,୨୯।୮(ସଂଚାର ବ୍ୟୁରୋ) :** ଏଥର ଡ୍ରୋନ ଜଗିବ ପାର୍ବଣ ଭିଡ। କେତେକ ସ୍ଥାନରେ ପୂଜା ଉପରେ ନଜର ରଖିବ ସିସିଟିଭି ଓ ଡ୍ରୋନ। ଏଥର ଦୁର୍ଗାପୂଜା ସୁରକ୍ଷାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପୋଲିସ ଡିଜି ଓ୍ୱାଇ ବି ଖୁରାନିଆ। ପୂଜା ପାଇଁ ଜୋରଜବରଦସ୍ତ ଚାନ୍ଦା ଆଦାୟକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଛନ୍ତି ଡିଜିପି। ଅଭିଯୋଗ ଆସିଲେ ଚାନ୍ଦା ଆଦାୟ କରୁଥିବା ବ୍ୟକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦେଇଛନ୍ତି ଡିଜିପି। ପୂଜା ସମୟରେ ସଜାଗ ରହିବାକୁ ସମସ୍ତ ଜିଲ୍ଲାପାଳ ଏବଂ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ପୋଲିସ ଅପରାଧିକ କାର୍ଯ୍ୟକଳାପ ଏବଂ ସନ୍ଦିଗ୍ଧଙ୍କ ଉପରେ କଡ଼ା ନଜର ରଖିଥିବା କହିଛନ୍ତି ଡିଜିପି। ଏବେଠାରୁ ପୂଜା ବଜାର ସରଗରମ ହୋଇ ଉଠିଥଇବା ବେଳେ ପରିସ୍ଥିତିକୁ ଦେଖି ପୋଲିସ ସଜାଗ ଥଇବା ସେ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ମୁକେଶ ଅମ୍ବାନିଙ୍କ ବଡ଼ ଘୋଷଣା

# ୨୦୨୬ରେ ଆସିବ ଜିଓ ଆଇପିଓ



**ମୁମ୍ବାଇ, ୨୯।୮:** ରିଲାଏନ୍ସ ଗ୍ରୁପର ବାର୍ଷିକ ସାଧାରଣ ଅଧିବେଶନ ଅବସରରେ କମ୍ପାନୀର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଜିଓର ଆଇପିଓ ଆସନ୍ତା ବର୍ଷର ପ୍ରଥମାର୍ଦ୍ଧ ସୁଦ୍ଧା ଆସିବ। ଅର୍ଥାତ୍ ଜିଓରେ ଆସନ୍ତା ବର୍ଷ ସାଧାରଣ ନିବେଶକମାନେ ନିବେଶ କରିପାରିବେ।

ମୁକେଶ ଅମ୍ବାନୀ କହିଛନ୍ତି ଯେ ଆମେ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ସୁଦ୍ଧା ଜିଓର ଆଇପିଓ ପାଇଁ କାଗଜପତ୍ର ଦାଖଲ କରିବା ପାଇଁ ପୂର୍ଣ୍ଣ ପ୍ରସ୍ତୁତି କରୁଛୁ। ଜିଓର ପବ୍ଲିକ ଇସ୍ୟୁ ୨୦୨୭ ଆର୍ଥିକ ବର୍ଷରେ ବଜାରକୁ ଆସିବ। ଏଜିଏମରେ, ମୁକେଶ ଅମ୍ବାନୀ କମ୍ପାନୀର ଅଭିବୃଦ୍ଧି ଏବଂ ରାଜସ୍ୱ ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି। ଅମ୍ବାନୀ କହିଛନ୍ତି ଯେ ଜିଓ ଏହାର ଆଇପିଓ ଆଣିବା ପାଇଁ ସମସ୍ତ ଆବଶ୍ୟକୀୟ ପ୍ରସ୍ତୁତି କରୁଛି। ସମସ୍ତ ଅନୁମୋଦନ ମିଳିଲେ ଧାର୍ଯ୍ୟ ସମୟରେ ଆଇପିଓ ଜାରି କରାଯିବ।

ମୁକେଶ ଅମ୍ବାନୀ କହିଛନ୍ତି ଯେ ଜିଓ ଏବେ ୫୦୦ ନିୟୁତ ଗ୍ରାହକ ସଂଖ୍ୟା ଅତିକ୍ରମ କରିଛି। ଏହା ସହିତ, କମ୍ପାନୀ ପ୍ରତ୍ୟେକ ଭାରତୀୟଙ୍କୁ ମୋବାଇଲ୍ ଏବଂ ହୋମ୍ ବ୍ରଡବ୍ୟାଣ୍ଡ ସହିତ ସଂଯୋଗ କରିବ। ମୁକେଶ ଅମ୍ବାନୀ କହିଛନ୍ତି ଯେ ଜିଓ ଏବେ ୫୦୦ ନିୟୁତ ଗ୍ରାହକ ସଂଖ୍ୟା ଅତିକ୍ରମ କରିଛି। ଏହା ସହିତ, କମ୍ପାନୀ ପ୍ରତ୍ୟେକ ଭାରତୀୟଙ୍କୁ ମୋବାଇଲ୍ ଏବଂ ହୋମ୍ ବ୍ରଡବ୍ୟାଣ୍ଡ ସହିତ ସଂଯୋଗ କରିବ। ଜିଓ ପ୍ରତ୍ୟେକ ଭାରତୀୟ ଘରକୁ ଜିଓ ସ୍ମାର୍ଟ ହୋମ୍, ଜିଓଟିଭି+, ଜିଓ ଟିଭି ଓଏସ୍ ଏବଂ ସିମଲେସ୍ ଅଟୋମେସନ୍ ଭଳି ଡିଜିଟାଲ୍ ସେବା ସହିତ ସଜ୍ଜିତ କରିବ। ମୁକେଶ ଅମ୍ବାନୀ ଏଜିଏମରେ ରିଲାଏନ୍ସ ଗ୍ରୁପର ଆର୍ଥିକ ପ୍ରଦର୍ଶନର ତଥ୍ୟ ଜାରି କରିଛନ୍ତି। ସେ କହିଛନ୍ତି ଯେ ୨୦୨୫ ଆର୍ଥିକ ବର୍ଷରେ, ରିଲାଏନ୍ସ ୧୦,୭୧,୧୭୪ କୋଟି ଟଙ୍କା (୧୨୫.୩ ବିଲିୟନ ଡଲାର)ର ରେକର୍ଡ ରାଜସ୍ୱ ହାସଲ କରିଛି ଏବଂ ଭାରତରେ ପ୍ରଥମ କମ୍ପାନୀ ଭାବରେ ୧୨୫ ବିଲିୟନ ଡଲାର ବାର୍ଷିକ ରାଜସ୍ୱ ଅତିକ୍ରମ କରିଛି। ରିଲାଏନ୍ସର ନିଟ୍ ଲାଭ ୮୧,୩୦୯ କୋଟି ଟଙ୍କା (୯.୫ ବିଲିୟନ ଡଲାର) କୁ ବୃଦ୍ଧି ପାଇଛି।

## ଆଇଏମ୍ଏଫ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହେଲେ ଡକ୍ଟର ଉର୍ଜିତ ପଟେଲ



ନୂଆଦିଲ୍ଲୀ, ୨୯।୮: ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ଉର୍ଜିତ ପଟେଲଙ୍କୁ ମିଳିଛି ଗୁରୁଦାୟିତ୍ୱ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ତାଙ୍କୁ ନିଯୁକ୍ତ କରାଯାଇଛି। କେନ୍ଦ୍ର ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ଡକ୍ଟର ଉର୍ଜିତ ପଟେଲଙ୍କୁ ତିନି ବର୍ଷ ପାଇଁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବରେ ନିଯୁକ୍ତ କରିଛନ୍ତି। ସରକାର ଏପ୍ରିଲ ୩୦ରେ ଏକ ନିର୍ଦ୍ଦେଶ ଜାରି କରି ହଠାତ୍ ଆଇଏମ୍ଏଫ୍‌ରେ ଭାରତର ବର୍ତ୍ତମାନର ଇଡି କୃଷ୍ଣମୂର୍ତ୍ତି ଭି. ସୁବ୍ରମଣ୍ୟନଙ୍କ କାର୍ଯ୍ୟକାଳ ସମାପ୍ତ କରିଥିଲେ। ତାଙ୍କ କାର୍ଯ୍ୟକାଳ ପ୍ରାୟ ୬ ମାସ ପୂର୍ବରୁ ବନ୍ଦ କରିଦିଆଯାଇଥିଲା। ଉର୍ଜିତ ପଟେଲ ୨୦୧୬ରେ ରଘୁରାମ ରାଜନଙ୍କ ପରେ ଆରବିଆଇର ୨୪ତମ ଗଭର୍ଣ୍ଣର ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୮ରେ ସେ ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଇଥିବା ପ୍ରଥମ ଆରବିଆଇ ଗଭର୍ଣ୍ଣର ହୋଇଥିଲେ। ବର୍ତ୍ତମାନ ତାଙ୍କୁ ଆଇଏମଏଫରେ ଏକ ନୂଆ ଓ ବଡ ଦାୟିତ୍ୱ ମିଳିଛି। ୩ ବର୍ଷ ପାଇଁ ଉର୍ଜିତ ପଟେଲଙ୍କୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ମଧ୍ୟ ସେ ଅନେକ ମହତ୍ତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ସାରିଛନ୍ତି। ସେ ଆରବିଆଇର ଗଭର୍ଣ୍ଣର ଥିବା ସମୟରେ ଦେଶରେ ବିମୁଦ୍ରାକରଣ କରାଯାଇଥିଲା। ଏହି ପଦକ୍ଷେପ ଏପରି ସମୟରେ ନିଆଯାଇଛି ଯେତେବେଳେ ଭାରତ ପାକିସ୍ତାନ ପାଇଁ ଆଇଏମ୍ଏଫ୍ ବେଲଆଉଟ୍ କାର୍ଯ୍ୟକ୍ରମକୁ ବାରମ୍ବାର ବିରୋଧ କରିଆସୁଛି। ଚିନ୍ତା ପ୍ରକାଶ କରିଛି ଯେ ଇସଲାମାବାଦ ଏପରି ପାଣ୍ଠିକୁ ଯୁଦ୍ଧ ଏବଂ ସୀମାପାର ଆତଙ୍କବାଦକୁ ଇନ୍ଧନ ଯୋଗାଇପାରେ। ଉର୍ଜିତ ପଟେଲଙ୍କ ଜନ୍ମ ୧୯୬୩ ମସିହାରେ କେନିଆରେ ହୋଇଥିଲା। ମାତ୍ର ତାଙ୍କ ପରିବାର ଗୁଜରାଟର। ଏହା ପୂର୍ବରୁ ସେ ଆଇଏମଏଫ ସହିତ ମଧ୍ୟ କାମ କରିଛନ୍ତି। ସେ ୧୯୯୮ ରୁ ୨୦୦୧ ପର୍ଯ୍ୟନ୍ତ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ପରାମର୍ଶଦାତା ଭାବରେ କାର୍ଯ୍ୟ କରିଛନ୍ତି।

## ଆଜିର ସୁନା ଦର



ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୩, ୩୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୪,୭୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୩,୩୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୪, ୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୩,୩୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୪ ହଜାର ୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୩,୪୬୦ ଟଙ୍କା ଓ ୨୨ କ୍ୟାରେଟ୍ ୯୪, ୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୩,୩୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୪ ହଜାର ୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୩,୩୧୦ ଓ ୯୪ ହଜାର ୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୯,୯୦୦ ଟଙ୍କା ହୋଇଛି।

# କୋର୍ଟରେ ପହଞ୍ଚିଲା ଗେମିଂ ବିଲ୍ ମାମଲା

ନୂଆଦିଲ୍ଲୀ, ୨୯।୮: କେନ୍ଦ୍ର ସରକାର ଟଙ୍କା ଲାଗୁଥିବା ବା ରିଅଲ ମନି ଗେମ୍‌ଗୁଡ଼ିକୁ ନିଷିଦ୍ଧ କରିବା ପରେ ଏହାକୁ ବିରୋଧ କରି କର୍ଣ୍ଣାଟକ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ଏ୨୩ ନାମକ ଏକ ଗେମିଂ କମ୍ପାନି ରୁଜୁ କରିଥିବା ଏହି ମାମଲାର ଶୁଣାଣି ଚଳିତ ମାସ ୩୦ରେ ହେବ। ଏ୨୩ ଯୁକ୍ତି ବାଢ଼ିଛି ଯେ ସରକାର ଆଣିଥିବା ବିଲ୍ ବ୍ୟବସାୟ କରିବାର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ଆଇନ ଆଖିରେ ଦକ୍ଷତା ଆଧାରିତ ଓ ସୁଯୋଗ ଆଧାରିତ ଗେମ୍ ଭିତରେ କୌଣସି ଅନ୍ତର ନାହିଁ। ଗତ ୭୦ ବର୍ଷ ଭିତରେ ସୁପ୍ରିମକୋର୍ଟ ଓ ଅନେକ ହାଇକୋର୍ଟ ଦକ୍ଷତା ଆଧାରିତ ଗେମ୍‌କୁ ଜୁଆ ନୁହେଁ ବୋଲି



କହିଛନ୍ତି। ସରକାର ମନି ଗେମ୍‌କୁ ନିଷିଦ୍ଧ କରିଥିବାରୁ ଗେମିଂ ଶିଳ୍ପକୁ ବଡ଼ ଧରଣର କ୍ଷତି ହେବ। ଲକ୍ଷ ଲକ୍ଷ ଚାକିରି ବିପଦରେ ରହିଛି। ଏହି ନିଷେଧାଦେଶ ଦ୍ୱାରା ଲୋକମାନେ ବେଆଇନ ବିଦେଶୀ ପ୍ଲାଟଫର୍ମ ଆଡ଼କୁ

### ଆଜି ଶୁଣାଣି

ମୁହାଁଇବେ, ଯେଉଁଠାରେ କୌଣସି ପ୍ରକାର ସୁରକ୍ଷା ନାହିଁ ବୋଲି କମ୍ପାନି କହିଛି। କେନ୍ଦ୍ର ସରକାର ଅନଲାଇନ୍ ଗେମିଂ ବିଲ୍ ୨୦୨୫ ଜରିଆରେ ମନି ଗେମ୍‌କୁ ନିଷିଦ୍ଧ କରିଛନ୍ତି। ଫଳରେ ଟଙ୍କା ଲଗାଇ ଖେଳାଯାଉଥିବା ଲୋକପ୍ରିୟ ଅନଲାଇନ୍ ଗେମ୍ ଡ୍ରିମ୍୧୧, ଗେମ୍‌ସ ୨୪୭, ୱିଞ୍ଜୋ, ଗେମ୍‌ସକ୍ରାଫ୍ଟ ଓ ମାଇଁ୧୧ସର୍କଲ୍ ଆଦି ବନ୍ଦ ହୋଇଯାଇଛି। ଏହି ନିୟମରେ କଠୋର ଦଣ୍ଡବିଧାନ ରହିଛି। ନିୟମ ଉଲ୍ଲଂଘନ କଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଓ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଗଣିବାକୁ ପଡ଼ିବ। ଅନଲାଇନ୍ ମନି ଗେମ୍‌ରେ ବର୍ଷକୁ ୪୫ କୋଟି ଲୋକ ୨୦ ହଜାର କୋଟି ଟଙ୍କା ହରାଉଥିବା ଜଣାପଡ଼ିବା ପରେ ସରକାର ଏହି କଠୋର ଆଇନ ଆଣିଛନ୍ତି।

# ରୁଷ୍ ତେଲ କିଣାର ପୁନର୍ବିଚାର ଆବଶ୍ୟକ: ରାଜନ



ନୂଆଦିଲ୍ଲୀ, ୨୯।୮: ରୁଷ୍‌ରୁ ତେଲ କିଣୁଥିବାରୁ ଖପ୍ପା ହୋଇ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ତାହା ଭାରତୀୟ ଅର୍ଥନୀତି ପ୍ରତି ଏକ ବଡ଼ ସଙ୍କଟ ଡାକି ଆଣିଛି। ଏଭଳି ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ରୁଷ୍ ତୈଳ କ୍ରୟ ନୀତିର ପୁନର୍ବିଚାର କରିବାକୁ ଭାରତ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଆମକୁ ପ୍ରଥମେ ପ୍ରଶ୍ନ କରିବାକୁ ପଡ଼ିବ, ଏହା ଦ୍ୱାରା କିଏ ଲାଭବାନ ହେଉଛି ଓ କିଏ କ୍ଷତଗ୍ରସ୍ତ ହେଉଛି। ରୁଷ୍ ତେଲରୁ ଆମଦାନିକାରୀମାନେ ବିପୁଳ ଲାଭ କରୁଛନ୍ତି। କିନ୍ତୁ ଟ୍ରମ୍ପ ଲଗାଇଥିବା ଶୁଳ୍କ ଦ୍ୱାରା ରପ୍ତାନିକାରୀମାନଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ। ରାଜନ କହିଛନ୍ତି ଯେ ଯଦି ରୁଷ ତେଲରୁ ମିଳୁଥିବା ଲାଭ ବହୁତ ବଡ଼ ନୁହେଁ, ତେବେ ତାହାର ପୁନର୍ବିଚାର କରିବାର ଆବଶ୍ୟକତା ରହିଛି। ଜଣେ ବାଣିଜ୍ୟ ସହଯୋଗୀ ଉପରେ ଅତ୍ୟଧିକ ନିର୍ଭରଶୀଳ ରହିବାର ପରିଣାମ କ'ଣ ହୋଇପାରେ, ସେଥିପାଇଁ ଆମେରିକା ଶୁଳ୍କ ଭାରତ ପାଇଁ ଏକ ସତର୍କ ଘଣ୍ଟି ବୋଲି ରାଜନ କହିଛନ୍ତି। ତାଙ୍କ ମତରେ ଆଜିର ଦୁନିଆରେ ବାଣିଜ୍ୟ, ନିବେଶ ଓ ଫାଇନାନ୍ସକୁ ସ୍ୱାର୍ଥ ହାସଲ କରିବା ଲାଗି ବିଶ୍ୱବ୍ୟାପୀ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି। ସେହିପରି ରାଜନ କହିଛନ୍ତି ଯେ ଆମେରିକା ଓ ୟୁରୋପ ଉଭୟ ଭାରତରୁ ତେଲ କିଣୁଛନ୍ତି। ଯଦି ସେମାନଙ୍କୁ ପସନ୍ଦ ଆସୁନାହିଁ, ତେବେ କିଣନ୍ତୁ ନାହିଁ। କିଏ ସେମାନଙ୍କୁ ବାଧ କରୁଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ଟ୍ରମ୍ପଙ୍କ ୫୦% ଶୁଳ୍କ ପ୍ରଭାବ

# ବିପଦରେ ୪୭୦୦ କୋଟିର ରପ୍ତାନି

ଭୁବନେଶ୍ୱର, ୨୯।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଗାଇଥିବା ୫୦ ପ୍ରତିଶତ ଶୁଳ୍କ ରାଜ୍ୟର ଦୁଇଟି କ୍ଷେତ୍ରକୁ ଗୁରୁତର ଭାବେ ପ୍ରଭାବିତ କରିଛି। ତାହା ହେଉଛି ସିଫୁଡ୍ ରପ୍ତାନି ଏବଂ ବୟନ ଓ ପୋଷାକ କ୍ଷେତ୍ର। ରାଜ୍ୟରୁ ହେଉଥିବା ରପ୍ତାନିରେ ଏହି ଦୁଇ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ତେବେ ଶୁଳ୍କକୁ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତାରୁ ରପ୍ତାନିକାରୀମାନଙ୍କୁ ସୁରକ୍ଷା ଦେବା ବିଷୟରେ ରାଜ୍ୟ ସରକାର ବିଚାର ଗୁରୁତ୍ୱର ସହ କରୁଛନ୍ତି। ରପ୍ତାନିକାରୀମାନଙ୍କୁ ଅନ୍ତରୀଣ ଆଶ୍ୱସ୍ତି ଦେବା ଉପରେ ବିଚାର କରାଯାଉଥିବା ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଛନ୍ତି।

ଗତ ଦୁଇ ଦଶନ୍ଧି ମଧ୍ୟରେ ସିଫୁଡ୍ ରପ୍ତାନି କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ ଭାବେ ଉଭା ହୋଇଛି। ୨୦ ବର୍ଷ ପୂର୍ବେ ରପ୍ତାନି ୩୦୦-୪୦୦ କୋଟି ଟଙ୍କା ମଧ୍ୟରେ ରହିଥିଲା। କିନ୍ତୁ ୨୦୨୪-୨୫ରେ ରାଜ୍ୟରୁ ୪୭୦୦ କୋଟି ଟଙ୍କାର ସିଫୁଡ୍ ରପ୍ତାନି କରାଯାଇଥିଲା। ରାଜ୍ୟକୁ ବୈଦେଶିକ ମୁଦ୍ରା ଆଣିବାରେ ମଧ୍ୟ ଏହି କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଟ୍ରମ୍ପ ଲଗାଇଥିବା ଶୁଳ୍କ ଏହି କ୍ଷେତ୍ରର ବ୍ୟବସାୟୀ, ରପ୍ତାନିକାରୀ, ମତ୍ସ୍ୟଚାଷୀ ଓ କର୍ମଚାରୀମାନଙ୍କ ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି କରିଛି। ମହିଳା ସଶକ୍ତୀକରଣରେ ମଧ୍ୟ ସିଫୁଡ୍ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଏହି କ୍ଷେତ୍ରରେ ନିୟୋଜିତ ଅଧାରୁ



ଅଧିକ କର୍ମଚାରୀ ହେଉଛନ୍ତି ମହିଳା। ଯଦି ରପ୍ତାନି ପ୍ରଭାବିତ ହେବ ତେବେ ସେମାନଙ୍କ ଜୀବିକା ମଧ୍ୟ ସଙ୍କଟରେ ପଡ଼ିଯିବ। ତେଣୁ ସବୁଆଡୁ ବିଚାର କରି ସିଫୁଡ୍ ରପ୍ତାନିକାରୀମାନଙ୍କୁ ସାମୟିକ ଆଶ୍ୱସ୍ତି ଦେବା ବିଷୟରେ ସରକାର ଚିନ୍ତା କରୁଛନ୍ତି। ସେମାନଙ୍କୁ କାର୍ଯ୍ୟକାରୀ ପୁଞ୍ଜି ଉପରେ ସୁଧ ଛାଡ଼ ଭଳି ସୁବିଧା ଦେବାର ସମ୍ଭାବନା ରହିଛି। ଭାରତୀୟ ସିଫୁଡ୍ ରପ୍ତାନିକାରୀ ସଂଘ, ଓଡ଼ିଶା ଶାଖାର ସଭାପତି କମଲେଶ ମିଶ୍ର କହିଛନ୍ତି ଯେ ଆସନ୍ତାକାଲି ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି)ର ଏକ କାର୍ଯ୍ୟକ୍ରମରେ ରପ୍ତାନିକାରୀମାନେ ସରକାରଙ୍କଠାରୁ କ'ଣ ଚାହୁଁଛନ୍ତି, ତାହା ଉପରେ ସେ ତଥ୍ୟ ଉପସ୍ଥାପନ କରିବେ। ପ୍ରସ୍ତାବଗୁଡ଼ିକ ବିଷୟରେ ଏବେ ବିଚାରବିମର୍ଶ ଚାଲିଛି। ସେଗୁଡ଼ିକୁ ସରକାରଙ୍କ ନିକଟକୁ ପଠାଯିବ ବୋଲି ସେ କହିଛନ୍ତି। ସିଫୁଡ୍ ବିଶେଷ କରି ଚିଙ୍ଗୁଡ଼ି ରପ୍ତାନିକାରୀମାନଙ୍କୁ ବିକଳ୍ପ ବଜାର ସନ୍ଧାନ କରିବାକୁ ସରକାର ଆହ୍ୱାନ ଦେଇଥିଲେ ମଧ୍ୟ ସେମାନଙ୍କ ପାଖରେ ହଠାତ୍ ସେଭଳି କୌଣସି ବଡ଼ ବଜାର ନାହିଁ। କାରଣ ଆମେରିକା ସହ ହେଉଥିବା ବ୍ୟବସାୟକୁ ଭରଣା କରିବାର ଶକ୍ତି ୟୁରୋପ ବଜାର ପାଖରେ ନାହିଁ। ରୁଷ୍ ଓ ଚୀନ୍ ସହିତ ଦୀର୍ଘକାଳୀନ କାରବାର ସହଜ ହେବନାହିଁ।

ଶ୍ରୀ ଶର୍ମା ଆଶଙ୍କା ପ୍ରକଟ କରିଛନ୍ତି ଯେ ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ରାଜ୍ୟର ବୟନ ଓ ପୋଷାକ କ୍ଷେତ୍ର ଲାଗି ମଧ୍ୟ ଶକ୍ତ ଧକ୍କା ହୋଇପାରେ। ନିକଟରେ ଅନୁଷ୍ଠିତ ଓଡ଼ିଶା ଟେକ୍ସ ୨୦୨୫ ସମ୍ମିଳନୀରେ ବୟନ କ୍ଷେତ୍ରର କମ୍ପାନିଗୁଡ଼ିକ ରାଜ୍ୟରେ ୭୮୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେମାନେ ନିଜ ପ୍ରକଳ୍ପ ବିଷୟରେ ପୁନର୍ବିଚାର କରିପାରନ୍ତି ବୋଲି ଆଶଙ୍କା କରାଯାଉଛି। ଯଦି ସେଭଳି କିଛି ଘଟିବ ତେବେ ଶିଳ୍ପାୟନରେ ବିବିଧତା ଆଣିବାକୁ ଉଦ୍ୟମ କରୁଥିବା ରାଜ୍ୟ ସରକାରଙ୍କ ପାଇଁ ତାହା ଅନ୍ୟତମ ଶକ୍ତ ଧକ୍କା ହେବ। ବୟନ କ୍ଷେତ୍ର ପାଇଁ ରାଜ୍ୟ ସରକାରଙ୍କ ବଡ଼ ଯୋଜନା ରହିଛି। ବଲାଙ୍ଗୀର, କେନ୍ଦୁଝର, ସମ୍ବଲପୁର, ଜଗତସିଂହପୁର, ଗଞ୍ଜାମ ଓ କଟକରେ ନୂତନ ବୟନ କ୍ଲଷ୍ଟର୍‌ର ସମ୍ପ୍ରସାରଣ କରାଯାଉଛି। ୨୦୩୦ ସୁଦ୍ଧା ଏହି କ୍ଷେତ୍ରରେ ୧ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। କେବଳ ଓଡ଼ିଶା ଟେକ୍ସ ୨୦୨୫ ସମ୍ମିଳନୀରେ ୩୩ଟି କମ୍ପାନି ସହ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ସେହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ୫୩ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

## ଦୈନିକ ସଡ଼କ ନିର୍ମାଣ ୧୦ କିମି କମିଲା

ନୂଆଦିଲ୍ଲୀ, ୨୯।୮: ଦେଶର ସଡ଼କ ନେଟ୍‌ୱର୍କ ବଢ଼ାଇବା ଲାଗି ପୂର୍ବରୁ ଯେଉଁ ଗତିରେ ନୂଆ ସଡ଼କ ତିଆରି ହେଉଥିଲା ତାହା ଏବେ ମନ୍ଥର ହୋଇଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଦିନକୁ ୩୭ କିମି ନୂଆ ସଡ଼କ ତିଆରି ହୋଇଥିଲା। କିନ୍ତୁ ସେହି ଗତି ବଜାୟ ରଖିବାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ସଫଳ ହୋଇନାହିଁ। ୨୦୨୫-୨୬ରେ ଦୈନିକ ୨୭ କିମି ନୂଆ ସଡ଼କ ତିଆରି କରିବାକୁ ସରକାର ଯୋଜନା ରଖିଛନ୍ତି ଯାହା ୨୦୨୦-୨୧ ତୁଳନାରେ ପ୍ରାୟ ୧୦ କିମି କମ୍ ବୋଲି କେୟାର ରେଟିଂସ୍‌ର ଏକ ରିପୋର୍ଟରୁ ଜଣାପଡ଼ିଛି।

ସଡ଼କ ନିର୍ମାଣ ପାଇଁ କମ୍ ବରାଦ ଦିଆଯିବା, ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଆହ୍ୱାନ ଏବଂ ହାଇବ୍ରିଡ୍ ଆନୁଇଟି ମଡେଲ୍‌ରେ ପ୍ରକଳ୍ପ ଆରମ୍ଭ କରିବା ଲାଗି ଲାଗୁଥିବା ଅଧିକ ସମୟ ନୂଆ ସଡ଼କ ନିର୍ମାଣରେ ବିଳମ୍ବର ପ୍ରମୁଖ କାରଣ କୁହାଯାଉଛି। ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୧୭-୧୮ରେ ୧୭,୦୬୫ କିମି ସଡ଼କ ନିର୍ମାଣ କରିବା ଲାଗି କାର୍ଯ୍ୟବରାଦ ଦିଆଯାଇଥିବା ବେଳେ ୯୮୨୮ କିମି ସଡ଼କ ତିଆରି ହୋଇପାରିଥିଲା। ୨୦୧୮-୨୯ରେ ମାତ୍ର ୫୪୯୩ କିମି ସଡ଼କ ତିଆରି କରିବାକୁ ବରାଦ ଦିଆଯାଇଥିଲା, କିନ୍ତୁ ପ୍ରକୃତ ନିର୍ମାଣ ତା'ଠାରୁ ଦୁଇଗୁଣା ପାଖାପାଖି ଅଧିକ ରହିଥିଲା। ସେହି ବର୍ଷ ୧୦,୮୫ କିମି ନୂଆ ସଡ଼କ ନିର୍ମାଣ କରାଯାଇଥିଲା। ୨୦୨୦-୨୧ରେ ରେକର୍ଡ ୧୩,୪୩୫ କିମି ନୂଆ ସଡ଼କ ତିଆରି ହୋଇଥିଲା। କରୋନା ମହାମାରୀ ପ୍ରଭାବରେ ଲକ୍‌ଡାଉନ୍ ଘୋଷଣା କରାଯିବାରୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇନଥିଲା। ୨୦୨୧-୨୨ରେ ୧୦,୪୫୭ କିମି ଓ ୨୦୨୩-୨୪ରେ ୧୦,୩୩୧ କିମି ସଡ଼କ ତିଆରି ହୋଇଥିଲା। ୨୦୨୩-୨୪ରେ ନୂଆ ସଡ଼କ ନିର୍ମାଣ ୮୫୮୧ କିମିକୁ ହ୍ରାସ ପାଇଥିଲା।



## ବ୍ୟାଙ୍କ ଅଫ୍ ବରୋଦାର କାର୍, ବନ୍ଧକ ଋଣ ସୁଧ ହ୍ରାସ

ଭୁବନେଶ୍ୱର, ୨୯।୮: ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ କାର୍ ଋଣ ଓ ବନ୍ଧକ ଋଣ ସୁଧ ହାର ହ୍ରାସ କରାଯାଇଛି। ଫ୍ଲୋଟିଂ କାର୍ ଋଣ ସୁଧ ହାର ବାର୍ଷିକ ୮.୪୦ ପ୍ରତିଶତରୁ ହ୍ରାସ ପାଇ ୮.୧୫ ପ୍ରତିଶତ ହୋଇଛି। କିଛି ଦିନ ପୂର୍ବେ ରିଜର୍ଭ ବ୍ୟାଙ୍କ ରେପୋ ହାର ହ୍ରାସ କରିବା ବେଳେ ବ୍ୟାଙ୍କ ଏହି ସୁଧ ୧ ପ୍ରତିଶତ କମ୍ କରିଥିଲା। ଏହି ସୁଧ ତତ୍କାଳ ଲାଗୁ ହୋଇଥିବା ବେଳେ ନୂଆ କାର୍ କିଣା ଉପରେ ତାହା ଉପଲବ୍ଧ ହେବ। ବ୍ୟାଙ୍କ ପକ୍ଷରୁ ବନ୍ଧକ ଋଣ ସୁଧ ହାରକୁ ମଧ୍ୟ ୯.୧୫ ପ୍ରତିଶତକୁ ହ୍ରାସ କରାଯାଇଛି ଯାହା ପୂର୍ବରୁ ୯.୮୫ ପ୍ରତିଶତ ଥିଲା। ଏ ସମ୍ପର୍କରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ ମୁଦାଲିଆର କହିଛନ୍ତି ଯେ ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଅନେକ ପରିବାର ନୂଆ ଗାଡ଼ି କିଣିବାର ଅଭିଳାଷ ପୂରଣ କରିବାକୁ ଚାହୁଁଛନ୍ତି। ବ୍ୟାଙ୍କ ଅଫ୍ ବରୋଦାର କାର୍ ଋଣ ଜରିଆରେ ସେମାନେ ସହଜରେ ଓ ସୁଲଭ ମୂଲ୍ୟରେ ଗାଡ଼ିର ମାଲିକ ହୋଇପାରିବେ। ଏଥି ସହିତ ଗ୍ରାହକମାନେ କମ୍ ସୁଧରେ ବନ୍ଧକ ଋଣ ନେଇ ଅତିରିକ୍ତ ପାଣ୍ଠି ହାସଲ କରିପାରିବେ।

## ଛତୁଆ ପ୍ରସ୍ତୁତିର ମାନ ଯାଞ୍ଚ କଲେ ବିଡିଓ



**ବୋରିଗୁମ୍ମା,୨୯।୮ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବିଡ଼ିଓ ସୁକାନ୍ତ କୁମାର ପଟନାୟକ ବୋରିଗୁମ୍ମା ବ୍ଲକ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ପହଞ୍ଚି ଛତୁଆ ପ୍ରସ୍ତୁତିର ମାନ ଯାଞ୍ଚ କରିଛନ୍ତି । ସେ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିସର ପରିଷ୍କାର, ପରିମଳ ଉପରେ ମଧ ସମୀକ୍ଷା କରିଥିଲେ। ପରେ ଗର୍ଭବତୀ ମା' ମାନଙ୍କୁ ଛତୁଆର ମାନ ସମ୍ପର୍କରେ ପଚାରି ବୁଝିଥିଲେ । ବିଡ଼ିଓ ଶ୍ରୀ ପଟନାୟକଙ୍କ ସହ ବୋରିଗୁମ୍ମା ସିଡିପିଓ ସୁମିତା ତ୍ରିପାଠୀ, ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ସୁପରଭାଇଜର ମଧ ଉପସ୍ଥିତ ଥିଲେ। ପରେ ଛତୁଆ ପ୍ରସ୍ତୁତ କରୁଥିବା ସଂଘ ସହାୟକ ଗୋଷ୍ଠୀଙ୍କ ଛତୁଆ ପ୍ରସ୍ତୁତି ଉପରେ ଆଲୋଚନା କରି ଉତ୍ତମ ଓ ସୁରକ୍ଷିତ ବ୍ୟବସ୍ଥା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ।

# ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ଦେବାରେ ବିଳମ୍ବ କାହିଁକି ?

**ଫିରିଙ୍ଗିଆ,୨୯।୮ (ସଂଚାର ବ୍ୟୁରୋ):** ସରକାର ଗରିବ ଅସହାୟ ବାସହୀନ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ପକ୍କା ଘର ଯୋଗାଇ ଦେଉଛନ୍ତି ସତ। କିନ୍ତୁ ପ୍ରଶାସନ ଇଚ୍ଛାଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ବି ଏହି ଯୋଜନା କେତେକ ହିତାଧିକାରୀଙ୍କ ପାଖକୁ ପହଞ୍ଚି ପାରୁନଥିବା ଅଭିଯୋଗ ହେଉଛି। ଭାରତ ସ୍ୱାଧୀନତା ୭୯ ବର୍ଷ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ଏହି ପରିବାରଙ୍କୁ ସ୍ୱାଧୀନତା ଦିଆଯାଇନଥିବା କାରଣ କ'ଣ ଥାଇପାରେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମରେ। ଭଙ୍ଗା ଦଦରା କୁଡ଼ିଆରେ ବିତୁଛି ୨ ପ୍ରାଣୀ କୁଟୁମ୍ବଙ୍କ ଜୀବନ। ଶ୍ରମିକ ରଣା (୨୩) ଓ ତାଙ୍କ ସ୍ତ୍ରୀ ଦୁଇ ଜଣ ମିଶି ଦୀର୍ଘ ଦିନ ଧରି ଏହି ଭଙ୍ଗା ଦଦରା କୁଡ଼ିଆରେ ରହି ଆସୁଛନ୍ତି। ଖରା ଦିନରେ ଯେମିତି ସେମିତି ଚଳି ଯାଉଥିବା ବେଳେ ଏବେ ବର୍ଷା ଦିନ ମାନଙ୍କରେ ଚଳିବା ବହୁତ କଷ୍ଟକର ହେଉଛି। କେତେବେଳେ ଭୁଶୁଡ଼ି ପଡ଼ିବ ତାହା ମଧ କହି ହେବନି। ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ କୌଣସି ସୁଫଳ ମିଳିନଥିବା କହିଛନ୍ତି ହିତାଧିକାରୀ। ଏଭଳି ପରିସ୍ଥିତିରେ ଘର ଖଣ୍ଡିଏ କରିବା ତାଙ୍କ ପାଇଁ ସାତ ସପନ ପାଲଟିଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଶ୍ରମିକ ରଣାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ କରି ପକ୍କା ଘର ଖଣ୍ଡିଏ ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ଶ୍ରମିକ ରଣାଙ୍କ ଦୁଃଖ ନୂତନ ଓଡ଼ିଶା ସରକାର କେବେ ଶୁଣୁଛନ୍ତି।



## ବେତନଟୀ ଅବଦୁଲ କଲାମ ଉଚ୍ଚ ମାଧମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ



**ବେତନଟୀ,୨୯।୮ (ସଂଚାର ବ୍ୟୁରୋ):** ଗୁରୁବାର ବେତନଟୀ ସ୍ଥିତ ଅବଦୁଲ କଲାମ ଆବାସିକ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଚଳିତ ଶିକ୍ଷା ବର୍ଷରେ ନାମ ଲେଖାଇ ଥିବା ଛାତ୍ରଛାତ୍ରୀ ମାନଙ୍କର ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ମନୋରଞ୍ଜନ ପରିଡାଙ୍କ ଦିଗ ଦର୍ଶନ ରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବେତନଟୀ ପୁଲିସ ଉପଖଣ୍ଡ ଅଧିକାରୀ ମୀନତି ବିଶ୍ୱାଳ,ବିଦ୍ୟାଳୟ ର ପ୍ରତିଷ୍ଠାତା ଜଗନ୍ନାଥ ନାୟକ, ସତ୍ୱାଧିକାରୀ ମୁରଲୀଧର ସାହୁ - ମୟୂରଭଞ୍ଜ ଜିଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଶିକ୍ଷାବିତ ମଳୟ କୁମାର ପଣ୍ଡା, ସଠିଲୋ ହାଇସ୍କୁଲ ପ୍ରଧାନ ଶିକ୍ଷକ ନରହରି ମହାନ୍ତଙ୍କ ପରିଚାଳନା ନିର୍ଦ୍ଦେଶକ ଦିବ୍ୟ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ଭବିଷ୍ୟତରେ ବଡ ମଣିଷ ଏବଂ ଭଲ ମଣିଷ ହୋଇ ଦେଶ ମାତୃକାର ସେବା କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଚଳିତ ଶିକ୍ଷା ବର୍ଷ ରେ ୧୪୦ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ଦିବାଧାୟୀ ଓ ଆବାସିକ ଭାବେ ଅଧ୍ୟୟନରତ ଅଛନ୍ତି। ଆଜିକାର ଏହି ସ୍ୱାଗତ ଉତ୍ସବରେ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଏବଂ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ମାନଙ୍କୁ ମଞ୍ଚାସୀନ ଅତିଥିମାନେ ସାର୍ଟିଫିକେଟ ଓ ସିଲ୍ ପ୍ରଦାନ କରି ଉତ୍ସାହିତ କରିଥିଲେ। ଶେଷରେ ଓଡ଼ିଆ ବିଭାଗ ଅଧାପକ କମଳାକାନ୍ତ କବାଟ ଧନ୍ୟବାଦ ଅର୍ପଣ କରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କୋଟପାଡ଼ ଏନ୍‌ଏସି ପକ୍ଷରୁ ମିନି ମାରାଥନ

### ପଲିଥିନମୁକ୍ତ ସହର ଗଠନ ଲାଗି ସଚେତନତା ପାଇଁ ଗଣଦୌଡ



**ବୋରିଗୁମ୍ମା,୨୯।୮ (ସଂଚାର ବ୍ୟୁରୋ):** କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆସନ୍ତା ୩୧ ତାରିଖରେ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଶୁକ୍ରବାର ସକାଳୁ ସକାଳୁ ଦୌଡ଼ିଛି ସାରା କୋଟପାଡ଼ ସହର। ବିଭିନ୍ନ ସଂଗଠନ, ବିଦ୍ୟାଳୟ, ମହାବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ଓ ଯୁବଗୋଷ୍ଠୀ ଏହି ଗଣ ଦୌଡରେ ସାମିଲ ହୋଇଥିଲେ। କୋଟପାଡ଼ ଏନଏସି କାର୍ଯ୍ୟାଳୟ ପରିସରରେ ସକାଳ ୬ଟା ଠାରୁ ମାରାଥନରେ ଭାଗନେବାକୁ ପ୍ରତିଯୋଗୀମାନେ ନାମ ପଞ୍ଜିକରଣ କରିଥିଲେ। ପରେ ୭ଟାରେ କୋଟପାଡ଼ ଏନଏସି ଅଧକ୍ଷ ଶଙ୍କର ରାଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସବୁଜ ପତାକା ଦେଖାଇ ଏହି ମିନି ମାରାଥନର ଶୁଭାରମ୍ଭ କରିଥିଲେ। ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କୋମଳେଶ ମହାନ୍ତଙ୍କ ପରିଚାଳନାରେ ମାରାଥନରେ ୩ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷ ମାରାଥନରେ ସାମିଲ ହେବାସହ କୋଟପାଡ଼କୁ ପଲିଥିନ ମୁକ୍ତ ସହର ଗଠନ କରିବାରେ ଜନ ସଚେତନତାର ବାର୍ତ୍ତା ଦେଇଛନ୍ତି।

ଗତଦିନ ମାନଙ୍କରେ ଏହି ଅବସରରେ ସ୍କୁଲ ଛାତ୍ର ଛାତ୍ରୀ ଓ ଜନସାଧାରଣ ମଧରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବା ସୂଚନା ଦେଇଥିଲେ। ଏହି ଅବସରରେ ଆଜି କୋଟପାଡ଼ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଟିମ ଏବଂ ଏନଏସି ଅଧକ୍ଷଙ୍କ ଟିମ ମଧରେ ଏକ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ ଖେଳାଯାଇଥିଲା।

# ଜରାଶ୍ରମ ଅନ୍ତେବାସୀଙ୍କ ସହ ନବାନ୍ନ ଖାଇଲେ ଶ୍ମଶାନ ବନ୍ଧୁ

**ସୁନ୍ଦରଗଡ଼,୨୯।୮ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡିଶାର ପୁର ପଲ୍ଲିରୁ ଦିଲ୍ଲୀ ପର୍ଯ୍ୟନ୍ତ ବର୍ତ୍ତମାନ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇକୁ ଜାକଜମକରେ ପାଳନ କରାଯାଉଛି। କାହିଁ କେତେଦୂରରୁ ପରିବାର ସଦସ୍ୟ ମାନଙ୍କ ସହିତ ନବାନ୍ନ ଭକ୍ଷଣ ପାଳନ କରିବାକୁ ଛୁଟି ଆସୁଛନ୍ତି ପରିବାରର ସଦସ୍ୟମାନେ। ହେଲେ ସୁନ୍ଦରଗଡ ସହରର ଚର୍ଚ୍ଚିତ ଶ୍ମଶାନ ବନ୍ଧୁର ସଦସ୍ୟମାନେ ବିଗତ ପାଞ୍ଚ ବର୍ଷରୁ ଏହି ଗଣପର୍ବକୁ ଏକ ନିଆରା ଢଙ୍ଗରେ ପାଳନ କରି ଆସୁଛନ୍ତି ସୁନ୍ଦରଗଡ ଲୁହୁରାଡିପା ହାଉସିଂ ବୋର୍ଡ ସ୍ଥିତ ଜରାଶ୍ରମ ଠାରେ ଥିବା ଅନ୍ତେବାସୀମାନଙ୍କୁ ନେଇ।

ଏଠାରେ ଅବସ୍ଥାନ କରୁଥିବା ଅନେକ ନିଜ ପରିବାର ବନ୍ଧୁଜନ ଥିବା ସତ୍ତ୍ୱେ ଏମାନେ ଆଜି ପରିତ୍ୟକ୍ତ। କିଏ କେଉଁ ପରିସ୍ଥିତିରେ ଏଠାକୁ ଆସି କର୍ମକୁ ଆଦରି ପଡିଛନ୍ତି, କିଏ ପରିବାରରୁ ତଡା ଖାଇଛି ତ କିଏ ଜ୍ଞାତି କୁଟୁମ୍ବକୁ ହରାଇ ଆଶ୍ରିତ। ସେମାନଙ୍କ ମୁହଁରେ ହସ ଟିକିଏ ଫୁଟାଇବାକୁ ପ୍ରୟାସ କରି ଆସୁଛନ୍ତି ଶ୍ମଶାନ ବନ୍ଧୁର ସଦସ୍ୟମାନେ। ସୁନ୍ଦରଗଡ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନୂତନ ଶାନ୍ତା ସାମନ୍ତ, ଉପଖଣ୍ଡ ପୁଲିସ ଅଧିକାରୀ ନିର୍ମଳ ମହାପାତ୍ର, ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନର ଅଧକ୍ଷ ସଞ୍ଜୟ ନନ୍ଦ ଓ ଭେଡାବାହାଲ କଲେଜର ଅଧାପକ ଅଶୋକ କୁମାର ବରାଇ ଅତିଥି ଭାବରେ ଯୋଗଦାନ କରି ଏମାନଙ୍କ ସହିତ ନବାନ୍ନ ଭକ୍ଷଣ ପାଳନ କରିଥିଲେ। ଅନ୍ତେବାସୀମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯିବା ସହିତ ନୂତନ ଧାନରେ ପ୍ରସ୍ତୁତ ଖିରି, ପିଠା ଓ ଅନେକ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ସେମାନଙ୍କ ଉଦ୍ଦେଶ୍ୟରେ ପରଶା ଯାଇଥିଲା। ଅନ୍ତେବାସୀମାନେ ମଧ ପରିବାରର ମମତା ପାଇ ଉଦ୍ୟୋକ୍ତା ମାନଙ୍କୁ କୃତଜ୍ଞତା ଜଣାଇ ଥିବା ବେଳେ ଅତିଥିମାନେ ଟିମ ଶ୍ମଶାନ ବନ୍ଧୁର ଏହି ଅଭିନବ ପ୍ରୟାସକୁ ପ୍ରଶଂସା କରିବା ସହିତ ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନଙ୍କର ନିରବଚ୍ଛିନ୍ନ ସେବା ମନୋଭାବ ସକାଶେ ସାଧୁବାଦ ଜଣାଇ ଥିଲେ।



## ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ପାଳିତ




**ସୁବର୍ଣ୍ଣପୁର,୨୯।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ମିନି ଷ୍ଟାଡିୟମ ଶୁଇମିଂ ପୁଲରେ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପଧାନ ଯୋଗଦେଇ ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଏହି ପ୍ରବାଦ ପୁରୁଷଙ୍କୁ ସମସ୍ତ ଖେଳାଳି ଅନୁକରଣ କରିବାକୁ ଓ ଦେଶର ନାଁ ରଖିବାକୁ ପ୍ରେରଣା ପ୍ରଦାନ କରିଥିଲେ। କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର ସଭା ସଂଯୋଜନା କରିଥିବା ବେଳେ ସ୍ୱଚ୍ଛ ଭାରତ ସଂଗଠନ ସ୍ୱେଚ୍ଛାସେବୀ, ବ୍ୟାଡ ମିନ୍ଟନ ଏସୋସିଏସନ୍, ଖେଲୋ ଇଣ୍ଡିଆର ଛାତ୍ରଛାତ୍ରୀ ଯୋଗ ଦେଇ ଧାନ ଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଅପରାହ୍ନ ରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ଭଲିବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ୩୧ ତାରିଖ ରେ ସାଇକଲ ରାଲି ସମେତ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ହେବ ବୋଲି କ୍ରୀଡ଼ା ଅଧିକାରୀ ସୂଚନା ଦେଇଛନ୍ତି। ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖକୁ ଭାରତୀୟ ହକିର ପ୍ରବାଦ ପୁରୁଷ ମେଜର୍ ଧାନଚାନ୍ଦଙ୍କ ଜନ୍ମଦିବସକୁ 'ଜାତୀୟ କ୍ରୀଡ଼ା ଦିବସ' ଭାବେ ପାଳନ କରାଯାଉଛି।

## ଦୀପ ନିଆଁରେ ତିନି ଠାକୁର ପୋଡିଗଲେ



**କଣାସ,୨୯।୮ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଆଳିବାଡ ଗ୍ରାମପଞ୍ଚାୟତର କରମଳା ଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତିଧାମ ନିକଟବର୍ତ୍ତୀ କାଣ୍ଡଗୋଦା ଗ୍ରାମରେ ଦୀପ ନିଆଁରୁ ଅଗ୍ନିକାଣ୍ଡ ଘଟି ବଡଠାକୁର ଜଗନ୍ନାଥ ବଡଭାଇ ବଳଭଦ୍ର ଭଉଣୀ ସୁଭଦ୍ରାଙ୍କ ମୂର୍ତ୍ତି ପୋଡି ଯାଇଥିବାରୁ ଗ୍ରାମବାସୀ ଓ ଅଞ୍ଚଳବାସୀ ମର୍ମାହତ ହୋଇପଡ଼ିଛନ୍ତି। ଉକ୍ତ ଗ୍ରାମର ମହାପୁରୁଷ ମନେଇ ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ ମନ୍ଦିର ନିର୍ମାଣ କରାଯାଇଥିଲା। ସେହି ମହାପୁରୁଷଙ୍କ ଉଦ୍ୟମରେ କଣ୍ଡାଗୋଦାରେ ଗ୍ରାମବାସୀମାନଙ୍କ ସହଯୋଗରେ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇ ତିନି ମୂର୍ତ୍ତି ପୂଜା ପାଇ ଆସୁଥିଲେ। ଗତକାଲି ଅଗ୍ନିକାଣ୍ଡ ଘଟି ତିନି ମୂର୍ତ୍ତି ପୋଡିଯାଉଥିବା ସମୟରେ ଗ୍ରାମବାସୀମାନେ ପାଣି ଢାଳି ନିଆଁକୁ ଆୟତ କରିଥିଲେ।

## ରଣ ଭାର ଅସହ୍ୟ, ମହିଳା ଜୀବନ ହାରିଲେ

**କଣାସ,୨୯।୮ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଗଡ଼ିଶାଗୋଦା ଥାନା ପରିସର ଭୁକ୍ତ ସାହୁପଡ଼ା ଗ୍ରାମର ସୁରେଶ ବଳିୟାରସିଂହଙ୍କ ପତ୍ନି ସତ୍ୟଭମା ବଳିୟାରସିଂହ ବିଭିନ୍ନ ସଂସ୍ଥାରୁ ଋଣ ଆଣି ସୁଝିପାରି ନ ଥିବାରୁ ମହିଳା ଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସ୍ ପାଖରୁ ସୂଚନା ମିଳିଛି। ପୋଲିସ୍ ଠାରୁ ପ୍ରକାଶ ସତ୍ୟଭମା ଦୀର୍ଘ ଦିନ ହେଲା ଋଣ ଭାରରେ ବୁଡି ରହିଥିଲା। ସ୍ୱାମୀଙ୍କ ସ୍ୱଳ୍ପ ରୋଜଗାର ହେତୁ ପ୍ରତ୍ୟେକ ଦିନ ସ୍ୱାମୀ ଓ ସ୍ତ୍ରିଙ୍କ ମଧରେ ମନମାଳିନ ହେଉଥିଲା। ସେହି ଋଣ ଚାପରେ ଅତିଷ୍ଠ ହୋଇ ଗତକାଲି ସତ୍ୟଭମା ସ୍ୱାମୀ ଘରେ ନ ଥିବା ସମୟରେ କନିଆରି ମଞ୍ଜି ବାଟି ପିଇଦେଇଥିବା ସ୍ୱାମୀଙ୍କ ନିକଟକୁ ଫୋନରେ ଜଣାଇଥିଲା। ସ୍ୱାମୀ ଫୋନ୍ ପାଇବାପରେ ଘରେ ପହଞ୍ଚିବା ସମୟକୁ ସତ୍ୟଭମାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଖବର ପାଇ ଗଡ଼ିଶାଗୋଦା ଥାନା ଆଇ.ଆଇ.ସି ସୁଧିର କୁମାର ଦାସ ଘଟଣାସ୍ଥଳରେ ପହଞ୍ଚିବା ସହିତ ପୁରୀରୁ ସାଇଟିଫିକ୍ ଟିମ୍ ଡକାଇ ଶବକୁ ପରୀକ୍ଷା ନିରୀକ୍ଷା କରିଥିଲେ। ଗଡ଼ିଶାଗୋଦା ଥାନା ଏକ ଅପମୃତ୍ୟୁ କେସ୍ ନଂ-୬/୨୦୨୫ ଏକ ମକଦମା ରୁଜ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଦେଇଥିବା ଜଣାପଡ଼ିଛି।

## ମନ୍ଦାରବସ୍ତ ଫାଣ୍ଡି ଅଧିକାରୀଙ୍କୁ ଉଠାଇନେଲେ କ୍ରାଇମ ବ୍ରାଞ୍ଚ ଅଧିକାରୀ

**କଣାସ,୨୯।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ଥାନା ଅଧିନରେ ଥିବା ମନ୍ଦାରବସ୍ତ ଫାଣ୍ଡି ଅଧିକରୀ ଏ.ଏସ୍.ଆଇ କୃଷ୍ଣ ଚନ୍ଦ୍ର ବେହେରାଙ୍କୁ ଗତକାଲି ରାତିରେ କ୍ରାଇମ ବ୍ରାଞ୍ଚ ଅଧିକାରୀମାନେ ଧରିନେଇଥିବା ଜଣାପଡ଼ିଛି। ଖବରନେବାରେ ଜଣାପଡ଼ିଛି ଶ୍ରୀବେହେରା ୨୦୨୧ମସିହା କୋରାପୁଟ ଜିଲ୍ଲା ଜୟପୁର ଟାଉନ୍ ଥାନାରେ ଏ.ଏସ୍.ଆଇ ଭାବେ କାର୍ଯ୍ୟ କରୁଥିବା ବେଳେ ଏକ ହତ୍ୟା ମାମଲା କେସ୍ ନଂ-ସି.ଆଇ.ବି. ସି.ବି୧୭/୨୦୨୧ ରେ ମକଦମା ଥିବାରୁ ଶ୍ରୀବେହେରାଙ୍କୁ ମନ୍ଦାରବସ୍ତ ଫାଣ୍ଡି ମଧରୁ କ୍ରାଇମି ବ୍ରାଞ୍ଚ ଅଧିକାରୀମାନେ ଧରି ନେଇଛନ୍ତି। ସେହି ୨୦୨୧ ମସିହାରେ ଅସ୍ତରଙ୍ଗ ଥାନା ଆଇ.ଆଇ.ସି ଜୟପୁର ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ସପ୍ତାହରେ କ୍ରାଇମି ବ୍ରାଞ୍ଚ ଟିମ୍ ଅସ୍ତରଙ୍ଗ ଥାନା ଆଇ.ଆଇ.ସି ରାଜେଶ ବଳିୟାରସିଂହଙ୍କୁ ଅସ୍ତରଙ୍ଗ ଥାନାରୁ ଧରି ଭୁବନେଶ୍ୱର ଆଣି ପଚରାଉଚରା କରିବା ସମୟରେ ବାବୁ ଜଣଙ୍କ ଚକମା ଦେଖାଇ କ୍ରାଇମି ବ୍ରାଞ୍ଚ ଟିମ୍ ନିକଟରୁ ଖସି ପଳାଇଥିଲେ।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ




**ଖଲ୍ଲିକୋଟ,୨୯।୮ (ସଂଚାର ବ୍ୟୁରୋ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଓ କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଲିକଙ୍କ ଉତ୍ସାହ କ୍ରମେ କ୍ରୀଡ଼ା ସଂଯୋଜକ ତଥା ଉପ କୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ରଙ୍କ ପୌରୋହିତ୍ୟରେ ଖଲ୍ଲିକୋଟ କ୍ରୀଡ଼ା ପ୍ରାଙ୍ଗଣରେ ପ୍ରାତଃ ୭ ଘଣ୍ଟା ୩୦ ମିନିଟ ରେ ଜାତୀୟ କ୍ରୀଡ଼ା ଦିବସ ପାଳିତହୋଇଯାଇଛି। ସ୍ନାତକୋତ୍ତର ପରିଷଦ ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଜାତୀୟ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମର ଅଧକ୍ଷତା କରିବା ସହ ହକିର ଯାଦୁକର ମେଜର ଧାନଚାନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ମେଜର ଧାନଚାନ୍ଦଙ୍କ ଜନ୍ମତିଥି କୁ କାହିଁକି ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଉଛି ସେ ସମ୍ପର୍କରେ ଉଲ୍ଲେଖ କରିବା ସହ କ୍ରୀଡ଼ା କିଭଳି ଶୃଙ୍ଖଳା, ସହଯୋଗିତା ଓ ସହନଶୀଳତା ଶିକ୍ଷା ଦିଏ ତାହା ଉଲ୍ଲେଖ କରିଥିଲେ। କ୍ରୀଡ଼ା ସଂଯୋଜକ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର କ୍ରୀଡ଼ା ସମୟନିଷ୍ଠ, ଏକାଗ୍ରତା, ଓ ନେତୃତ୍ୱ ନେବାର କଳା ଶିଖାଇଥାଏ ବୋଲି ନିଜ ଅଭିଭାଷଣରେ କହିବା ସହ କ୍ରୀଡ଼ାବିତ ମାନଙ୍କୁ ନିଜ ନିଜର କ୍ରୀଡ଼ା ନୈପୁଣ୍ୟ ପଦର୍ଶନ ପାଇଁ ଆହ୍ୱାନ ଦେଇଥିଲେ। ଅଧାପକ ଡ. ମନୋରଞ୍ଜନ ବିଷୋୟୀ ଚଳିତ ବର୍ଷର କ୍ରୀଡ଼ା ସ୍ଲୋଗାନ 'ଏକ ଘଣ୍ଟା ଖେଳ ପଡ଼ିଆରେ' ସମ୍ପର୍କରେ ଉଲ୍ଲେଖ କରିବା ସହ କ୍ରୀଡ଼ାବିତଙ୍କୁ ଶପଥ ପାଠ କରାଇଥିଲେ। ତିନିଦିନ ଧରି ପାଳନ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତାର ଆଜି ପ୍ରଥମ ଦିବସର କ୍ରୀଡ଼ା ପ୍ରତିଯୋଗିତା କ୍ରୀଡ଼ା ପ୍ରଶିକ୍ଷକ ଅନିଲ ପାତ୍ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଆଜି ଉଭୟ ପୁରୁଷ ଓ ମହିଳା ବିଭାଗର ବହୁ କ୍ରୀଡା ଆୟୋଜିତ ହୋଇଥିବା ସ୍ଥଳେ ଆସନ୍ତାକାଲି କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କିତ ତର୍କ ପ୍ରତିଯୋଗିତା ଓ ତୃତୀୟ ଦିନ ସାଇକେଲ ସଚେତନତା ଶୋଭାଯାତ୍ରା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ଆଜିର କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ବହୁ ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି କ୍ରୀଡ଼ାବିତଙ୍କୁ ଉତ୍ସାହିତ କରୁଥିବା ପରିଲକ୍ଷିତ ହୋଇଥିଲା।

## ରାସ୍ତାରେ ପଡ଼ିଲା ବିରାଟ ଆମ୍ବଗଛ, ଯାତାୟତ ବାଧାପ୍ରାପ୍ତ

**ଲାଞ୍ଜିଗଡ଼,୨୯।୮ (ସଂଚାର ବ୍ୟୁରୋ):** ବିଶ୍ୱନାଥପୁର ଠାରୁ ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ରାସ୍ତା ଧଅଁରାଭଟା ଆଦର୍ଶ ବିଦ୍ୟାଳୟ ସାମ୍ନାରେ ଥିବା ଏକ ବିରାଟ ଆମ୍ବଗଛ ଆଜି ଶୁକ୍ରବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ହଠାତ ଉପୁଡ଼ି ପଡିବାରୁ ରାସ୍ତା ସଂପୂର୍ଣ୍ଣ ଭାବେ ଅବରୋଧ ହୋଇ ରହିଥିଲା। ସେହିପରି ରାସ୍ତା ଉପରେ ଗଛ ପଡ଼ିରହିବାରୁ ବିଶ୍ୱନାଥପୁରରୁ ଲାଞ୍ଜିଗଡ଼ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଗଛ ଭାଙ୍ଗିବା ସମୟରେ ରାସ୍ତାରେ ଯାଉଥିବା ତିନିଟି ଗାଡି ଓ ଲୋକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏ ସମ୍ପର୍କରେ ଖବର ପାଇ ଲାଞ୍ଜିଗଡ଼ ଅଗ୍ନିଶମ ଅଧିକାରୀ ସନତ ପ୍ରଧାନଙ୍କ ନେତୃତ୍ୱରେ ଅଗ୍ନିଶମ ବାହିନୀ ଏଲଏଫଏଫ ଦେବରାଜ ସାରକା, ସନ୍ତୋଷ ସ୍ୱାଇଁ, ହେମନ୍ତ ଭୋଇ, ମହିନ୍ଦ୍ର ଭୋଇ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚିବା ସହିତ ଗଛକାଟି ହଟାଇବା ପରେ ରାସ୍ତା ଅବରୋଧ ହଟିଥିଲା। ଏହାପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ସେହିପରି ଏହି ରାସ୍ତାର ଟାଙ୍ଗନକଣା ଛକରେ ମଧ ଗୋଟିଏ ଆମ୍ବଗଛ ପଡ଼ି ରାସ୍ତା ଅବରୋଧ ହୋଇଥିବାବେଳେ ଅଗ୍ନିଶମ ବିଭାଗ ତାକୁ ରାସ୍ତାରୁ ହଟାଇଦେଇଛି।



## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ



**କୋରାପୁଟ,୨୯।୮ (ସଂଚାର ବ୍ୟୁରୋ):** ଶୁକ୍ରବାର ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ୧୭ତମ ପ୍ରତିଷ୍ଠା ଦିବସ ପାଳନ ହୋଇଛି। ସୁନାବେଡ଼ା ମୁଖ୍ୟ କ୍ୟାମ୍ପ୍ ପରିସରରେ ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ମଧପ୍ରଦେଶର ବିଲାସପୁର ସ୍ଥିତ ଗୁରୁ ଘାସୀଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଲୋକ କୁମାର ଚକ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

୨୦୦୯ ମସିହାର ଆଜିର ଦିନରେ ଡ. ମନମୋହନ ସିଂଙ୍କ ନେତୃତ୍ୱରେ ତତ୍କାଳୀନ ଉପା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଏହି ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ ୧୫ଟି ସ୍ନାତକୋତ୍ତର କାର୍ଯ୍ୟକ୍ରମ, ଗୋଟିଏ ଏକୀକୃତ ଏମଏସସି କାର୍ଯ୍ୟକ୍ରମ, ବିଏଡ୍ କାର୍ଯ୍ୟକ୍ରମ, ୩ଟି ଚାରି ବର୍ଷୀୟ ବିଏସସି ପାଠ୍ୟ କାର୍ଯ୍ୟକ୍ରମ ସହିତ ୧୭ଟି ବିଷୟରେ ପିଏଚ୍‌ଡି କାର୍ଯ୍ୟକ୍ରମ ରହିଛି। ଗତ ଏକ ବର୍ଷ ମଧରେ ପ୍ରାୟ ୫୦ ଜଣ ନୂତନ ଅଧାପକ ବିଶ୍ୱବିଦ୍ୟାଳୟରେ ଯୋଗଦେଇଛନ୍ତି। ବିଶ୍ୱବିଦ୍ୟାଳୟ ଏହି ଅଞ୍ଚଳ ଓ ରାଜ୍ୟବାସୀଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ନିଜର ଶିକ୍ଷାନୁଷ୍ଠାନିକ ଓ ଭିତ୍ତିଭୂମିର ଉନ୍ନତି ପ୍ରତି ସଙ୍କଳ୍ପବଦ୍ଧ ଅଟୁଟ ରହିଛି। କିଛି ଦିନ ପୁର୍ବରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରି ଏହାର ବିକାଶ ନିମନ୍ତେ ଅଧିକ ଗୁରୁତ୍ୱ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ବିଶ୍ୱ ବିଦ୍ୟାଳୟ ଏହାର ୧୬ ବର୍ଷର ଯାତ୍ରା ସଫଳଭାବେ ସମାପ୍ତ କରିଛି ଓ ଛାତ୍ରଛାତ୍ରୀ, ଅଧାପକ, କର୍ମଚାରୀ ୧୭ତମ ପ୍ରତିଷ୍ଠା ଦିବସକୁ ଉତ୍ସାହରେ ପାଳନ କରିବା ନିମନ୍ତେ ପ୍ରସ୍ତୁତ ରହିଥିବା ଡ. ଫଗୁନାଥ ଭୋଇ କହିଛନ୍ତି।

# ଶହେ ବର୍ଷର ବାସିନ୍ଦାଙ୍କୁ ମିଳୁନି ଜମି ପଟ୍ଟା

### ଅସନ୍ତୋଷ ବ୍ୟକ୍ତ କଲେ ବୁଦ୍ଧିଜୀବୀ, ଅଣ୍ଟା ଭିଡ଼ିଲା ଜନଜୀବନ ସୁରକ୍ଷା ମଞ୍ଚ

**କଳିଙ୍ଗନଗର,୨୯।୮ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଦାନଗଦୀ ଓ ସୁକିନ୍ଦା ଦୁଇ ବ୍ଲକର ୨୯ ମୌଜାବାସୀ ଦୀର୍ଘ ଦଶନ୍ଧି ପରେ ମଧ ଆଜି ପର୍ଯ୍ୟନ୍ତ ନିଜ ଜମିର ହକ ପାଇଲେ ନାହିଁ। ଭୂ- ବନ୍ଦୋବସ୍ତ ହୋଇ ପାରିଲା ନାହିଁ। ବାରମ୍ବାର ଆନ୍ଦୋଳନ ପରେ ୨୦୨୩ ମସିହାରୁ ଆରମ୍ଭ ହୋଇଥିବା ସର୍ଭେ କାମ କଚ୍ଛପ ଗତିରେ ଚାଲିଛି, ତାହା ପୁଣି କଣ କିପରି ହେଉଛି କିଛି ଜାଣି ହେଉନାହିଁ। ଓଡିଶାର ସବୁ ଜିଲ୍ଲାରେ ଜନସାଧାରଣ ଭୂ- ବନ୍ଦୋବସ୍ତ ବ୍ୟବସ୍ଥା ଓ ପ୍ରକ୍ରିୟାରେ ସୁଫଳ ପାଉଥିବା ବେଳେ କଳିଙ୍ଗନଗର ବାସିନ୍ଦା ଅଣଦେଖା ଓ ଅବହେଳିତ କାହିଁକି ? ଏହି ପ୍ରସଙ୍ଗକୁ ନେଇ ସମାଜସେବୀ ପ୍ରଶାନ୍ତ କୁମାର ରାୟଙ୍କ ନେତୃତ୍ୱରେ ଶତାଧିକ ମୁରବୀ ଓ ମୂଳ ଚାଷୀ ଆଜି ଜନ ଜୀବନ ସୁରକ୍ଷା ମଞ୍ଚ, କଳିଙ୍ଗନଗର ବ୍ୟାନର ତଳେ ଦାନଗଦି ଭବନରେ ଏକତ୍ରିତ ହୋଇ ଏକ ଆଲୋଚନା କରିଥିଲେ। ଦଳ ମତ ନିର୍ବିଶେଷରେ ସାମାଜିକ ଆନ୍ଦୋଳନର ଏକ ଭିନ୍ନ ଅନୁଷ୍ଠାନରେ ସର୍ବସମ୍ମତି କ୍ରମେ କଳିଙ୍ଗନଗରର ଭୂମିପୁତ୍ର ମାନଙ୍କ ନାର୍ଯ୍ୟଦାବୀ ହାସଲ ପାଇଁ ସମସ୍ତେ ମିଳିମିଶି ଲଢେଇ କରିବେ ବୋଲି ବଜ୍ର ଶପଥ ନେଇଥିଲେ।

ଆଜକୁ ୧୦୦ ବର୍ଷ ହେଲା ଏହି ଦୁଇ ବ୍ଲକର ବାସିନ୍ଦାଙ୍କୁ ଜମିଜମା ବନ୍ଦୋବସ୍ତ ପ୍ରକ୍ରିୟାରୁ କାହିଁକି ବାଦ ଦିଆଯାଇଛି ? ୨୦୨୩ ମସିହା ସେପ୍ଟେମ୍ବର ୮ ତାରିଖରେ ଭୁବନେଶ୍ୱର ଜିଓ କନ୍ସଲାଣ୍ଟ ପ୍ରାଇଭେଟ ଲିମିଟେଡ଼ ଦ୍ୱାରା ତତ୍କାଳୀନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଜମି ଜମା ସର୍ଭେ ପାଇଁ ନିର୍ବାଚନ ଥିବାରୁ ତିନି ମାସ ଭିତରେ ୨୯ ମୌଜାର ସର୍ଭେ କାମ ସରିବ ବୋଲି ପ୍ରତିଶୃତି ଦେଇ ପଞ୍ଚବାଟିଆ ମୌଜାରେ ସର୍ଭେ କାର୍ଯ୍ୟର ଶୁଭ ଦେଇଥିଲେ। ସେତେବେଳେ ପ୍ରଥମ ପର୍ଯ୍ୟାୟରେ ଦାନଗଦୀ ବ୍ଲକ ୨୨ଟି ମୌଜା ଓ ପରେ ସୁକିନ୍ଦା ବ୍ଲକର ୭ଟି ମୋଟ ୨୯ଟି ମୌଜାରେ ଏହି ଭୂ -ବନ୍ଦୋବସ୍ତ କାର୍ଯ୍ୟ ତିନି ମାସ ଭିତରେ ଶେଷ ହେବ ବୋଲି କୁହାଯାଇଥିଲା। କିନ୍ତୁ ଦୁଃଖ ଦୁର୍ଭାଗ୍ୟର କଥା ଦୁଇ ବର୍ଷ ହେବାକୁ ବସିଲାଣି କିନ୍ତୁ ସର୍ଭେ କାର୍ଯ୍ୟ କଚ୍ଛପ ଗତିରେ ଚାଲୁଥିଲା ବେଳେ ଦୁଇ ମାସ ହେବ ସମ୍ପୂର୍ଣ୍ଣ ବନ୍ଦ ପଡିଛି। ତେଣୁ ଏପରି କାମକୁ ଆଜିର ଆଲୋଚନାରେ ସମସ୍ତେ ନାପସନ୍ଦ କରିବା ସହ କ୍ଷୋଭ ପ୍ରକାଶ କରିଥିଲେ।

ଜମି ପଟ୍ଟା ନ ଥିବାରୁ ସ୍ଥାନୀୟ ବାସିନ୍ଦା ବହୁତ ହଇରାଣ ହରକତ ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ୨୯ଗୋଟି ମୌଜାରେ ଜନଜାତି, ଉପଜାତି ଓ କୃଷକ, ସାଧାରଣ ବର୍ଗ ଲୋକଙ୍କ ସଂଖ୍ୟା ଅଧିକ। ତେଣୁ ଏହାର ଶୀଘ୍ର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଭୂ ବନ୍ଦୋବସ୍ତ ଅଧିକାରୀ, ତହସିଲଦାରଙ୍କୁ ଜନ ଜୀବନ ସୁରକ୍ଷା ମଞ୍ଚ ତରଫରୁ ଏକ ଦାବୀପତ୍ର ପ୍ରଦାନ କରାଯିବ ଓ ଏହାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କୁ ଏହି ମଞ୍ଚ ଭେଟିବ ବୋଲି ଆଜିର ବୈଠକରେ ସ୍ଥିର ହୋଇଛି। ଆଜିର ବୈଠକରେ ମଙ୍ଗଳପୁର ସରପଞ୍ଚ ବାବୁଲି ନାଟିଆ, ପଙ୍କପାଳ ସରପଞ୍ଚ ସ୍ମୃତି ରଞ୍ଜନ ଜେନା, ଧୂଳିଗଡ଼ ସରପଞ୍ଚ ମାନସ ରଣାଙ୍କ ସହ ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ






# ଶୀତଦିନେ ପାଳଙ୍ଗ ଡାଲିଖାଇଲେମିଳେ ଅନେକ ଫାଇଦା

'ପାଳଙ୍ଗ ଡାଲି' ନାଁ ଶୁଣିଲେ ଅନେକ ଲୋକଙ୍କ ମୁହଁରେ ପାଣି ଆସିଯାଏ। ପାଳଙ୍ଗ ଶାଗ ପକାଇ ତିଆରି କରାଯାଇଥିବା ଡାଲି ଖାଇବାକୁ ଯେତିକି ସ୍ୱାଦିଷ୍ଟ, ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ହୀତକର। ଗରମରେ ରୋଷେଇ ହେବା ସତ୍ତ୍ୱେ ବି ପାଳଙ୍ଗର ପୁଷ୍ଟିକର ଗୁଣ ବଜାୟ ରହିଥାଏ। ଏହାକୁ ଶୀତ ଦିନେ ଖାଇଲେ ଶୀରରକୁ ଅନେକ ଲାଭ ମିଳିଥାଏ। ଡାକ୍ତରମାନେ ମଧ୍ୟ ଶୀତଦିନେ ପ୍ରଚୁର ମାତ୍ରାରେ ପାଳଙ୍ଗ ଶାଗ ଖାଇବା ପାଇଁ ପରାମର୍ଶ ଦେଇଥାନ୍ତି। ପାଳଙ୍ଗ ଅପେକ୍ଷା ପାଳଙ୍ଗ ଡାଲି ଖାଇଲେ ଆମ ଶରୀରକୁ ଦ୍ୱିଗୁଣ ଲାଭ ମିଳିଥାଏ। ତେବେ ଆସନ୍ତୁ ଜାଣିବା ଶୀତ ଦିନେ ପାଳଙ୍ଗ ଡାଲି ଖାଇଲେ କ'ଣ ସବୁ ଫାଇଦା ମିଳେ। ପାଳଙ୍ଗ ଡାଲି ଖାଇବା ଦ୍ୱାରା ଆମ ଶରୀରର ପାଚନକ୍ରିୟା ସୁସ୍ଥ ରହିଥାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସହାୟକ ହୋଇଥାଏ। ଯଦି ଆପଣ ଶୀତ ଦିନେ ପାଳଙ୍ଗ ଡାଲି ଖାଉଛନ୍ତି ତେବେ ଏକାସହ ଏହି ଦୁଇଟି ଲାଭ ଉଠାଇ ପାରିବେ। ଇମ୍ୟୁନ ସିଷ୍ଟମକୁ ମଜଭୁତ କରିବା ପାଇଁ ଶୀତ ଦିନେ ସର୍ବଦା ନିଜ ଡାଇଟରେ ପାଳଙ୍ଗ ଡାଲି ନିଶ୍ଚିତ ରୂପେ ସାମିଲ କରନ୍ତୁ। ଡାଲି ଏବଂ ପାଳଙ୍ଗରେ ଭରପୁର ମାତ୍ରାରେ ଆଣ୍ଟି-ଅକ୍ସିଡେଣ୍ଟ ରହିଛି। ଏହା ଆମର ଇମ୍ୟୁନ ସିଷ୍ଟମକୁ ମଜଭୁତ କରିବା ସହ, ଯେ କୌଣସି ବି ପ୍ରକାରର ସଂକ୍ରମଣ ସହ ଲଢ଼ିବାରେ ସହାୟକ ହୁଏ। ପାଳଙ୍ଗରେ ଭିଟାମିନ-ଇ ଭରପୁର ମାତ୍ରାରେ ରହିଛି, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବରେ କାମ କରେ। ପାଳଙ୍ଗ ଶରୀରରେ ଦେଖାଦେଉଥିବା ରକ୍ତ ଅଭାବ ସମସ୍ୟାକୁ ଦୂର କରିଥାଏ। ଗର୍ଭବତୀ ମହିଳାଙ୍କ ଶରୀରରେ ଆଇରନ ଅଭାବ ଯୋଗୁଁ ଦେଖାଯାଉଥିବା ଦୁଷ୍ପ୍ରଭାବରୁ ରକ୍ଷା ପାଇଁ ପାଳଙ୍ଗ ଡାଲି ବା ପାଳଙ୍ଗର ଜୁସ ପିଇବା ପାଇଁ ଅଧିକାଂଶ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ଏହାଦ୍ୱାରା ସେମାନଙ୍କ ଶରୀରରେ ଆଇରନର ଅଭାବ ଦୂର ହେବା ସହ ନୂଆ ରକ୍ତ ମଧ୍ୟ ତିଆରି ହୋଇଥାଏ। ପାଳଙ୍ଗରେ ଭିଟାମିନ ଏବଂ ଡାଲିରେ ପ୍ରୋଟିନ ଭରପୁର ମାତ୍ରାରେ ରହିଛି। ଏଥିପାଇଁ ପାଳଙ୍ଗ ଡାଲି ଖାଇବା ଦ୍ୱାରା ହାଡ ମଜଭୁତ ହୋଇଥାଏ। ଶରୀରର ମାଂସପେଶୀକୁ ମଜଭୁତ କରିବା ପାଇଁ ମଧ୍ୟ ପାଳଙ୍ଗ ଡାଲି ବେଶ ଲାଭଦାୟକ। କେବଳ ଶରୀରକୁ ପାଳଙ୍ଗ ଡାଲି ପ୍ରୋଟିନ ପହଞ୍ଚାଇଥାଏ ତାହା ନୁହେଁ, ଏହା ତ୍ୱଚାର ସୁନ୍ଦରତାକୁ ମଧ୍ୟ ବଢ଼ାଇଥାଏ। ପାଳଙ୍ଗ ଡାଲିରେ ଲେମ୍ବୁ ରସ ପକାଇ ପିଇବା ଦ୍ୱରା ତ୍ୱଚାର ଚମକ ବଢ଼ିବା ସହ ସୁନ୍ଦରତା ଦ୍ୱିଗୁଣିତ ହୋଇଯାଇଥାଏ।

ନିଜ ଡାଇଟ ପ୍ଲାନରେ ପ୍ରତିଦିନ ଏକ କପ୍ ପାଳଙ୍ଗ ଡାଲି ସାମିଲ କରନ୍ତୁ। ଏହା ଆଣ୍ଟି-ଅକ୍ସିଡେଣ୍ଟ ଭଳି କାମ କରେ ଏବଂ ତ୍ୱଚାର ରଙ୍ଗକୁ ସୁଧାରିବା ପାଇଁ ସହାୟକ ହୋଇଥାଏ। ବ୍ରଣ ସମସ୍ୟା ଦୂର କରିବା ପାଇଁ ମଧ୍ୟ ଆପଣ ପାଳଙ୍ଗ ଖାଇପାରିବେ। ପାଳଙ୍ଗରେ ଥିବା ଆମିନୋ ଏସିଡ ସ୍କିନ ଏଜିଂ ସମସ୍ୟାକୁ ଦୂର କରିଥାଏ।

ଥକାପଣ ଦୂର କରିବା ପାଇଁ ଆପଣ ଚାହିଁଲେ ପାଳଙ୍ଗ ଡାଲି ଖାଇପାରିବେ। ପାଳଙ୍ଗରେ ପର୍ଯ୍ୟାପ୍ତ ମାତ୍ରାରେ କ୍ୟାଲସିଅମ ରହିଛି ଏବଂ ଡାଲିରେ ଭରପୁର ପ୍ରୋଟିନ। ତେଣୁ ଏହାକୁ ଏକାଠି ଖାଇବା ଦ୍ୱରା ମାଂସେପଶୀକୁ ଆରାମ ମିଳିଥାଏ ବୋଲି ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିଛି।

ସେହିପରି ପାଳଙ୍ଗ ଡାଲି ଓଜନ କମ୍ କରିବାରେ ମଧ୍ୟ ବେଶ ଲାଭଦାୟକ। ପାଳଙ୍ଗରେ ଓଜନ କମ୍ କରିବା ଗୁଣ ରହିଛି। କମ୍ କ୍ୟାଲୋରୀ ଯୁକ୍ତ ଖାଦ୍ୟ ହୋଇଥବା ଯୋଗୁଁ ଏହା ଆପଣଙ୍କ ବଢ଼ୁଥିବା ଓଜନକୁ ରୋକିବାରେ ସହାୟକ ହୁଏ। ଅଧିକାଂଶ ଲୋକ ସୁସ୍ଥ ଏବଂ ଫିଟ୍ ରହିବା ପାଇଁ ପାଳଙ୍ଗ ଡାଲିର ସେବନ କରିଥା'ନ୍ତି ବୋଲି ଏକ ରିସର୍ଚ୍ଚରୁ ଜଣାପଡ଼ିଛି।

ସଂକ୍ରମଣରୁ ବଞ୍ଚିବା ପାଇଁ ଡାଲି ଏବଂ ସବୁଜ ପନିପରିବା ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ପାଳଙ୍ଗରେ ଭରପୁର ମାତ୍ରାରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଫଳରେ ଏହା ଖାଇବା ଦ୍ୱାରା ଶରୀରରେ ସଂକ୍ରମଣ ଆଶଙ୍କ କମ୍ ହୋଇଥାଏ।



# ରୋଗପ୍ରତିରୋଧକ ଶକ୍ତି ବୃଦ୍ଧାଇବାକୁ ଚାହୁଁଛନ୍ତି କି?

ଶୀତ ଋତୁରେ ବିଭିନ୍ନ ରୋଗରୁ ବଞ୍ଚିବା ପାଇଁ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ନିହାତି ଜରୁରୀ। ଏଭଳି ସ୍ଥିତିରେ ଗ୍ରୀନ୍ ଡାଏଟ୍ ସହ କିଛି ଆୟୁର୍ବେଦ ଔଷଧ ବ୍ୟବହାର କରିବା ଦରକାର, ଯାହାଦ୍ୱାରା ଆମର ରୋଗ ପ୍ରତିରୋଧକ ବଢ଼ିବା ସହ ଛୋଟବଡ଼ ରୋଗରୁ ମଧ୍ୟ ଏହା ଶୀଘ୍ର ଆରୋଗ୍ୟ କରିପାରିବ। ବର୍ତ୍ତମାନ ସମୟରେ ପ୍ରାକୃତିକ ଚିକିତ୍ସାର ବହୁଳ ପ୍ରଚଳନ କାରଣରୁ ନା କେବଳ ହର୍ବାଲର ବ୍ୟାପକ ବ୍ୟବହାର ହେଉଛି ବରଂ ଏହାର ବ୍ୟବହାରକୁ ନେଇ ଲୋକଙ୍କ ମନରେ ସଚେତନତା ମଧ୍ୟ ବୃଦ୍ଧି ପାଉଛି। ଏହି ହର୍ବାଲ ବହୁ ରୋଗକୁ ଦୂର କରିବା ସହ ଲୋକଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବାରେ ମଧ୍ୟ ସହାୟକ ହେଉଛି। ଏଭଳି ଅନେକ ହର୍ବାଲ୍ ଅଛି, ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଏଥିରୁ ଅନେକ ଜିନିଷ ରୋଷେଇ ପାଇଁ ବ୍ୟବହୃତ ସାମଗ୍ରୀରେ ଥାଏ।

**ତୁଳସୀ:** ସାଧାରଣତ ତୁଳସୀ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ତୁଳସୀ ଥଣ୍ଡା-କାଶ, ଜ୍ୱର, ରିକେଟ୍ସ, ନ୍ୟୁମୋନିଆ, କୋଷ୍ଠକାଠିନ୍ୟ, ଡାଇରିଆ ଭଳି ସମସ୍ୟା ଦୂର କରିବା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ।

**ରସୁଣ:** ରସୁଣ ଆଣ୍ଟି ବ୍ୟାକ୍ଟେରିଆ ଭାବେ ବହୁତ କାମ ଦେଇଥାଏ। ଏହାର ଗୋଟିଏ କଢ଼ି ଖାଇବା ଦ୍ୱାରା ଆମକୁ ଭିଟାମିନ୍-ଏ, ବି', ସି ସହ ଆୟୋଡିନ, ଆଇରନ୍, ପୋଟାସିୟମ୍, କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ ଭଳି ପୋଷକ ତତ୍ତ୍ୱ ମିଳିଥାଏ।

**ଡାଲଚିନି:** ଖାଦ୍ୟରେ ଡାଲଚିନିର ବ୍ୟବହାର ଦ୍ୱାରା ଏହା ଭାଇରସ୍ ଓ ବ୍ୟାକ୍ଟେରିଆକୁ ନଷ୍ଟ କରିଦେଇଥାଏ। ଏକ ଅନୁସନ୍ଧାନରେ ପ୍ରମାଣିତ ହୋଇଛି ଯେଉଁ ଖାଦ୍ୟପଦାର୍ଥରେ ଡାଲଚିନିର ବ୍ୟବହାର ହୋଇଥାଏ, ସେଥିରେ ୯୯.୯ ପ୍ରତିଶତ ପର୍ଯ୍ୟନ୍ତ ଜୀବାଣୁ ନଷ୍ଟ ହୋଇଥାଏ।

**ଲବଙ୍ଗ:** ଲବଙ୍ଗ ଶରୀରର ପ୍ରତିରୋଧକ କ୍ଷମତା ବଢ଼ାଇବା ସହ ଆଣ୍ଟିଅକ୍ସିଡେଣ୍ଟ ଓ ବ୍ୟାକ୍ଟେରିଆକୁ ଶେଷ କରିଥାଏ।

**ଅଦା:** ଅଦା ସାଧାରଣତଃ ବାନ୍ତି, ହଜମ ଶକ୍ତି ବୃଦ୍ଧି କରାଇବା ସହ ଅନେକ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ।

**ଅଶ୍ୱଗନ୍ଧା:** ଏହା ଚର୍ମକୁ ସତେଜ ରଖିବା ସହ ଅନେକ ରୋଗ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ।

**ଗ୍ରୀନ୍ ଟି:** ଏହା ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ସହାୟକ ହୋଇଥାଏ। ଏଥିରେ ଆଣ୍ଟି ଅକ୍ସିଡେଣ୍ଟସର ମାତ୍ରା ବହୁତ ରହିଥାଏ। ଏହା କୋଲେଷ୍ଟ୍ରଲ ନିୟନ୍ତ୍ରଣ କରିବା ସହ ହାର୍ଟ ଆଟାକ୍ ଏବଂ ଷ୍ଟ୍ରୋକରୁ ରକ୍ଷା କରିଥାଏ।

ଆୟୁର୍ବେଦ ସେତେବେଳେ କାମ ଦେଇଥାଏ, ଯେତେବେଳେ ଏଥିରେ କୌଣସି ମିଶ୍ରଣ ହୋଇନଥିବ। ଆଜିକାଲି ବଜାରରେ ନକଲି ହର୍ବାଲ ପ୍ରଚୁର ମାତ୍ରାରେ ମିଳୁଛି। ଏଥିପାଇଁ ସମସ୍ତଙ୍କୁ ସତର୍କ ରହିବାକୁ ପଡ଼ିବ। ସର୍ବଦା ବିଶ୍ୱସନୀୟ ଦୋକାନରୁ ହିଁ ହର୍ବାଲ୍ ସାମଗ୍ରୀ କିଣିବା ଦରକାର।



# ଶୀତଦିନେ ରାଶି ଖାଇଲେ ଅନେକ ଫାଇଦା

ସାଧାରଣତଃ ସମସ୍ତଙ୍କ ଘରେ ରାଶିର ବ୍ୟବହାର ହୁଏ। ଖାଦ୍ୟ ହେଉ ବା କୌଣସି ଚଟପଟା ସ୍ନାକ୍ସ, ତା'ର ସ୍ୱାଦ ବଢ଼ାଇବା ପାଇଁ ରାଶିକୁ ବ୍ୟବହାର କରାଯାଏ। ଅନେକ ଲୋକେ ରାଶିରେ ଲଡୁ ତିଆରି କରି ମଧ ଖାଇଥାନ୍ତି। ରାଶିରେ ଥିବା ଲିସାଚୁରେଟେଡ୍ ଫ୍ୟାଟି ଏସିଡ୍, ଓମେଗା-୬, ଫାଇବର, ଆଇରନ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଫସଫରସ୍ ଶରୀର ପାଇଁ ଅନେକ ଲାଭଦାୟକ। ତେବେ ଶୀତ ଦିନେ ରାଶି ଖାଇଲେ କ'ଣ ସବୁ ଫାଇଦା ମିଳେ ଆସନ୍ତୁ ଜାଣିବା। ରାଶିରେ ଥିବା ମୋନୋ-ସ୍ୟାଚୁରେଟେଡ୍ ଫ୍ୟାଟି ଏସିଡ୍ ଆମ ଶରୀରରେ କୋଲେଷ୍ଟ୍ରୋଲ୍ ସ୍ତରକୁ ହ୍ରାସ କରିଥାଏ। ଏହା ହୃଦୟ ସମ୍ବନ୍ଧୀୟ ରୋଗ ପାଇଁ ମଧ ବେଶ ଲାଭଦାୟକ। ଶାରୀରରେ ରକ୍ତଚାପକୁ ମଧ ନିୟନ୍ତ୍ରଣ କରିଥାଏ ରାଶି। ରାଶିରେ ଅନେକ ପ୍ରକାରର ଲୁଣି ଜାତୀୟ କ୍ୟାଲସିଅମ ରହିଥାଏ। କାକ୍ସେରିଏସ୍, ଆଇରନ୍, ମ୍ୟାଗ୍ନେସିୟମ୍, ଜିଙ୍କ, ଏବଂ ସେଲେନିୟମ୍ ଭଳି ତତ୍ତ୍ୱ ଆମ ହୃଦୟର ମାଂସପେଶୀକୁ ସକ୍ରିୟ ରଖିବାରେ ସହାୟକ ହୁଏ। କ୍ୟାଲସିଅମ, ଫସଫରସ ଏବଂ ମ୍ୟାଗ୍ନେସିଅମ ଭଳି ତତ୍ତ୍ୱ ରାଶିରୁ ମିଳେ, ଯାହା ହାଡକୁ ମଜଭୁତ ରଖିବାରେ ସହାୟକ ହୁଏ। ଶୀତଦିନେ ନିୟମିତ ରାଶି ଖାଇବା ଦ୍ୱାରା ଅଣ୍ଠୁ ଗଣ୍ଠି ଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ଦିନରେ ଏକ ଚାମଚ ରାଶି ଖାଇଲେ, ଦାନ୍ତ ମଧ ମଜଭୁତ ହୁଏ। ରାଶିରେ ଫାଇଭର ଏବଂ ଆଣ୍ଟିଅକ୍ସିଡେଣ୍ଟର ସ୍ତର ଅଧିକ ମାତ୍ରାରେ ଥାଏ। ଏହା ଶରୀରରେ ରୋଗପ୍ରତିରୋଧକ କ୍ଷମତାକୁ ବଢ଼ାଇବାରେ ସାହାଯ୍ୟ କରେ। ରାଶିରେ ସେସମିନ ନାମକ ଏକ ଆଣ୍ଟିଅକ୍ସିଡେଣ୍ଟ ମିଳେ, ଯାହା ଶରୀରରେ କ୍ୟାନସର ଭଳି ମାରାତ୍ମକ କୋଷକୁ ଉତ୍ପନ୍ନ ହେବାକୁ ଦିଏ ନାହିଁ। ଏହା ଫୁସଫୁସ କ୍ୟାନସର, ଲ୍ୟୁକେମିଆ, ପ୍ରୋଷ୍ଟେଟ କ୍ୟାନସର, ବ୍ରେଷ୍ଟ କ୍ୟାନସର ଭଳି ଆଶଙ୍କାକୁ କମ କରିଥାଏ। ରାଶି ଖାଇବା ଦ୍ୱାରା ସ୍ମରଣ ଶକ୍ତି ବଢ଼ି ଥାଏ। ଏଥିରେ ଥିବା ଲିପୋଫୋଲିକ ଆଣ୍ଟିଅକ୍ସିଡେଣ୍ଟ ମସ୍ତିଷ୍କ ଉପରେ ବୟସର ପ୍ରଭାବ ପଡ଼ିବାକୁ ଦିଏନାହିଁ। ବୃଦ୍ଧାବସ୍ଥାରେ ମସ୍ତିଷ୍କ ଦୁର୍ବଳ ହେବାକୁ ଲାଗେ, ଏଭଳି ସ୍ଥିତିରେ ଯଦି ଜଣେ ବ୍ୟକ୍ତି ନିୟମିତ ରାଶିର ସେବନ କରନ୍ତି ତେବେ ମେଣ୍ଟାଲ ହେଲଥ୍ ଉପରେ ଏହାର ସକାରତ୍ମକ ପ୍ରଭାବ ପଡ଼ିଥାଏ। ରାଶି ତେଲ ତ୍ୱଚା ପାଇଁ ମଧ ବେଶ ଲାଭଦାୟ। ରାଶି ତେଲ ତ୍ୱଚାର ଚମକ ବଢ଼ାଇବା ସହ ଆବଶ୍ୟକୀୟ ପୋଷଣ ପହଞ୍ଚାଇଥାଏ। ଏହାଦ୍ୱାରା ତ୍ୱଚାର ଚମକ ବଢ଼ିବା ସହ ନରମତା ବଜାୟ ରୁହେ।

# ମାଟି କପ୍‌ରେ ଚା' ପିଇଲେ ଫାଇଦା

ଅଧିକାଂଶ ଲୋକଙ୍କ ଚା'ରୁ ଆରମ୍ଭ ହୋଇଥାଏ ନୂଆ ସକାଳ। ଅଫିସ ବା କୌଣସି କାମରୁ ଥକି ଯାଇଥିବା କଛି ଲୋକଙ୍କ ପାଇଁ ଚା' ଏନର୍ଜି ଡ୍ରିଙ୍କ ଭଳି କାମ କରେ ତ ଆଉ କାହାର ପାଟିର ସ୍ୱାଦ ବଦଳାଇ ଦିଏ। ଯଦି ଏହି ଚା' ମାଟି କପରେ ଥାଏ ତେବେ ତା'ର ମଜା ଟିକେ ନିଆରା। କାଚ, ସେରାମିକ, ମେଟାଲ ବା ଡିସ୍ପୋଜାଲ କପ୍ ବଦଳରେ ଅନେକ ଲୋକେ ମାଟି କପରେ ଚା' ପିଇବାକୁ ପସନ୍ଦ କରିଥାନ୍ତି। ଏହି ଇକୋଫ୍ରେଣ୍ଡଲି ମାଟି କପରେ ଚା' ପିଇବା ଦ୍ୱାରା ସ୍ୱାଦ ବଢ଼ିବା ସହ ଏହାର ଅନେକ ଫାଇଦା ମଧ୍ୟ ରହିଛି। ତେବେ ଆସନ୍ତୁ ଜାଣିବା ଏ ବିଷୟରେ:-

- ମାଟି କପରେ ଗରମ ଚା' ପଡ଼ିବା କ୍ଷଣି ମାଟିର ସୁନ୍ଦର ବାସ୍ନା ବାହାରିଥାଏ। ଏହି ବାସ୍ନା ମନକୁ ବେଶ ଆନନ୍ଦିତ କରିଦେଇଥାଏ। ଅବସାଦରେ ଥିବା ଲୋକଙ୍କ ମନ ପ୍ରଫୁଲ୍ଲିତ ହୋଇଯାଏ।
- ମାଟି କପ୍ ପୁରାପୁରି ହାଇଜେନିକ ହୋଇଥାଏ। ଏଥିରେ ଜୀବାଣୁ ବ୍ୟାପିବା ସମ୍ଭାବନ ବହୁ କମ। କାଚ ଗ୍ଲାସ ଅପେକ୍ଷା ମାଟି କପରେ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ ହିତକର। ମାଟି କପ ବଭିନ୍ନ ସଂକ୍ରମଣରୁ ମଧ୍ୟ ଦୂରେଇ ରଖିଥାଏ।
- ମାଟି ପାତ୍ରରେ ଯେଉଁ ସୁକ୍ଷ୍ମ ତତ୍ତ୍ୱ ରହିଥାଏ, ତାହା ଆମ ଶରୀରର ହାଡ ପାଇଁ ଲାଭଦାୟକ। ମାଟିରେ କ୍ୟାଲସିଅମ ଭରପୁର ମାତ୍ରାରେ ରହିଥାଏ। ତେଣୁ ଏଥିରେ ଚା' ପିଇବା ଦ୍ୱାରା ଆମ ଶରୀରକୁ କିଛି ନା କିଛି ମାତ୍ରାରେ କ୍ୟାଲସିଅମ ମିଳିଥାଏ, ଯାହାଦ୍ୱାରା ଆମ ହାଡ ମଜଭୁତ ହୁଏ।
- ମାଟି କପରେ ଚା' ପିଇଲେ ହଜମ ଶକ୍ତି ମଧ୍ୟ ବଢ଼ିଥାଏ। ମାଟିରେ ତିଆରି କପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ବା ଖରାପ ଜୀବାଣୁ ନଥାଏ। ଅନ୍ୟ ଡିସ୍ପୋଜାଲ କପ୍ ବଦଳରେ ଏହା ଅଧିକ ହିତକର। ଡିସ୍ପୋଜାଲ କପରେ ଗରମ ଚା' ପିଇବା ଦ୍ୱାରା ଏଥିରେ ଥିବା ଏସିଡ ପେଟକୁ ଯାଇ ଆମ ଅନ୍ତନଳୀରେ ଜମା ହୋଇଯାଏ। ଫଳରେ ପେଟ ଖରାପ ହେବା ସହ କ୍ୟାନସର ଭିଳ ମାରାତ୍ମକ ରୋଗର ବିପଦ ରହିଥାଏ।
- ମଣିଷ ଶରୀରରେ ଆସିଡିଟି ହେବା ଫଳରେ ହଜମ ପ୍ରକ୍ରିୟା ସହ ଜଡିତ ଅନେକ ସମସ୍ୟା ଉତ୍ପନ୍ନ ହୋଇଥାଏ। ମାଟି ପାତ୍ରରେ କ୍ଷରିୟ ଗୁଣ ଭରପୁର ମାତ୍ରାରେ ଥାଏ। ତେଣୁ ମାଟି ପାତ୍ରରେ ଚା' ପିଇବା ଦ୍ୱାରା ପେଟ ଜନିତ ସମସ୍ୟା କମ ହେବା ସହ ପେଟ ପୋଡା ଜଳା ମଧ୍ୟ ହୁଏ ନାହିଁ।
- ପୂର୍ବେ ଗାଁ ଗହଳିରେ କେବଳ ମାଟ ପାତ୍ରର ବ୍ୟବହାର କରାଯାଉଥିଲା, ଏବେ ସହରରେ ମଧ୍ୟ ଏହାର ଡିମାଣ୍ଡ ବଢ଼ିଗଲାଣି। ଚା' ପିଇବା ପାଇଁ ଅଧିକାଂଶ ମାଟି କପର ବ୍ୟବହାର କରୁଛନ୍ତି। ବିଶେଷ କରି କରୋନା କାଳରେ ସୁରକ୍ଷିତ ଓ ହାଇଜେନିକ ରହିବା ପାଇଁ ଏଥିରେ ଚା' ପିଇବା ପାଇଁ ଅଧିକାଂଶ ପସନ୍ଦ କରନ୍ତି। ଏହାଦ୍ୱାରା ସଂକ୍ରମଣ ବ୍ୟାପିବା ଆଶଙ୍କା କମ ରହିଥାଏ।



# ଲୋ' ବ୍ଲଡପ୍ରେସର ଥିଲେ କ'ଣ ଖାଇବେ

ଲୋ ବ୍ଲଡପ୍ରେସର ଏକ ଏଭଳି ସ୍ଥିତି ଯେଉଁଠି ବ୍ୟକ୍ତିଙ୍କ ରକ୍ତଚାପ ସ୍ତର ହଠାତ କମିଯାଏ। ଏହା ସାଧାରଣ କଥା କିନ୍ତୁ ଏହାକୁ ଅଣଦେଖା କରିବା ଉଚିତ ନୁହେଁ। ଏହା ବେଳେ ବେଳେ ମାରାତ୍ମକ ସାଜିପାରେ। ଲୋ ବ୍ଲଡପ୍ରେସର ବା କମ ରକ୍ତଚାପର ଆଉ ଏକ କାରଣ ଆପଣଙ୍କ ଖାଦ୍ୟ ମଧ ହୋଇପାରେ। ବିଶେଷଜ୍ଞଙ୍କ ମତ ଅନୁସାରେ ଆପଣ ଯାହା ସବୁ ଖା'ନ୍ତି, ତାହା ଆପଣଙ୍କ ସ୍ୱାସ୍ଥ୍ୟ, ହୃଦୟ ଏବଂ ରକ୍ତଚାପ ଉପରେ ପ୍ରଭାବ ପକାଇଥାଏ। ତେଣୁ ରକ୍ତଚାପଠାରୁ ଦୂରେଇ ରହିବା ପାଇଁ ବିଶେଷ ରୂପେ ନିଜ ଖାଦ୍ୟ ଉପରେ ଧ୍ୟାନ ଦେବା ଜରୁରୀ। ତେବେ ଆସନ୍ତୁ ଜାଣିବା ଲୋ' ବ୍ଲଡପ୍ରେସର ଥିଲେ କ'ଣ ସବୁ ଖାଇବା ଉଚିତ।

**ଅଣ୍ଡା:** ଅଣ୍ଡା ଅନେକ ସମସ୍ୟାର ବିକଳ୍ପ, କିନ୍ତୁ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ଏହା ସବୁଠୁ ଭଲ ଆହର। ଏଥିରେ ଥିବା ଭିଟାମିନ ବି-୧୨ ନାଲି ରକ୍ତ କଣିକା ସୃଷ୍ଟି କରିବାରେ ସହାୟକ ହୁଏ। ଲୋ-ବିପି ଭଳି ସ୍ଥିତିରେ ଭିଟାମିନ ବି-୧୨ ଯୁକ୍ତ ଖାଦ୍ୟ ଖାଇବା ଉଚିତ।

**ଡାର୍କ ଚକୋଲେଟ:** ଯେତେବେଳେ ଆପଣଙ୍କ ରକ୍ତଚାପ କମ ଥିବା ଅନୁଭବ କରନ୍ତି ସେତେବେଳେ ସଙ୍ଗେସଙ୍ଗେ ଡାର୍କ ଚକୋଲେଟ ଖାଇପାରିବେ। ଏହାଦ୍ୱାରା ଆପଣଙ୍କୁ ଆରାମ ମିଳିପାରିବ। ଏଥିରେ ଫ୍ଲାଭାନୋଲ ନାମକ ଏକ ରାସାୟନିକ ପଦାର୍ଥ ଥାଏ, ଯାହା ଶରୀରର ଓଜନ ଏବଂ ଚର୍ବି ସ୍ତରକୁ ପରିବର୍ତ୍ତନ ନକରି ବିପିକୁ କଣ୍ଟ୍ରୋଲ କରିବାରେ କ୍ଷମତା ରଖିଥାଏ।

**ଅଙ୍ଗୁର ଜୁସ୍:** ରକ୍ତଚାପ ଚିକିତ୍ସାରେ ଅଙ୍ଗୁର ଜୁସର ପ୍ରୟୋଗ ବେଶ ପ୍ରବାଶାଳୀ। ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ କୌଣସି ବି ସ୍ଥିତିରେ ଯଦି ବ୍ଲଡପ୍ରେସର କମ୍ ହୋଇଯାଏ, ତେବେ ଏକ ଗ୍ଲାସ ଅଙ୍ଗୁର ଜୁସ୍ ପିଇଲେ ଶୀଘ୍ର ଆରାମ ମିଳିବ। ଅଙ୍ଗୁର ରସରେ ମିଳୁଥିବା ପୋଟାସିୟମ୍ ରକ୍ତ କଣିକାକୁ ଆରାମ ଦେଇ ରକ୍ତଚାପ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ।

**ତରଳ ପଦାର୍ଥ:** ରକ୍ତଚାପ ରୋଗୀମାନେ ଯେତେ ସମ୍ଭବ ସେତେ ତରଳ ଯୁକ୍ତ ଖାଦ୍ୟ ତଥା ପାଣି ପିଇବା ଉଚିତ। ଶରୀରରେ ପାଣିର ମାତ୍ରା କମ ହେବା ଫଳରେ ରକ୍ତ ଅଭାବ ଦେଖା ଦେଇଥାଏ। ତେଣୁ ହାଇଡ୍ରେଟେଡ୍ ରହିବା ଅତ୍ୟନ୍ତ ଜରୁରୀ। ଡାକ୍ତରମାନେ ଏପରି ରୋଗୀଙ୍କୁ ଦିନସାରା ଅତି କମରେ ଦୁଇ ଲିଟର ପାଣି ପିଇବାକୁ ପରାମର୍ଶ ଦିଅନ୍ତି। ପାଣି ବ୍ୟତୀତ ଆପଣ ଫଳ ରସ, ଲସି, ନଡିଆ ପାଣି, ଅଙ୍ଗୁର ଏବଂ ତରଭୁଜ ମଧ୍ୟ ଖାଇପାରିବେ।

**ପନିର:** ଅପଣଙ୍କୁ ପନିର ଖାଇବା ପସନ୍ଦ ଥାଉ କିମ୍ବା ନଥାଉ, ଯଦି ଲୋ ବ୍ଲଡପ୍ରେସର ଶିକାର ହୋଇଥାନ୍ତି ତେବ ଏହା ଖାଇବା ଦ୍ୱାରା ଆପଣଙ୍କୁ ବହୁତ କିଛି ସାହାଯ୍ୟ ମଳିବ। ଲୋ' ବିପିର ସମସ୍ୟା ଥିଲେ ଡାକ୍ତରମାନେ ଲୁଣ ଭଳି ପନିର ଖାଇବା ପାଇଁ ମଧ୍ୟ ପରାମର୍ଶ ଦେଇଥା'ନ୍ତି।

**ଚିନି ଯୁକ୍ତ ଖାଦ୍ୟ:** ଲୋ' ବ୍ଲଡ ପ୍ରେସର ଥିବା ରୋଗୀ ଚିନି ଯୁକ୍ତ ଖାଦ୍ୟ ପଦାର୍ଥ କିମ୍ବା କୋଲ୍ଡ ଡ୍ରିଙ୍କ ସେବନ କରିବା ଉଚିତ। ଯଦି ହଠାତ ରକ୍ତଚାପ କମି ଯାଉଛି ତେବେ ସେହି ସମୟରେ ଏଭଳି କିଛି ଖାଦ୍ୟ ଖାଇବା ଦ୍ୱାରା ଆରାମ ମିଳିଥାଏ। ଆପଣ ଚାହିଁଲେ କେଫିନ ଯୁକ୍ତ ଖାଦ୍ୟ ତଥା ଚା' କିମ୍ବା କଫି ମଧ୍ୟ ପିଇ ପାରିବେ।

# ଭୋକ ଲାଗିଲେ ମୁଣ୍ଡବିନ୍ଧା ହେଉଛି କି ହୋଇଯାଆନ୍ତୁ ସାବଧାନ

ମୁଣ୍ଡବିନ୍ଧା ହେବା ସ୍ୱାସ୍ଥ୍ୟ ସମସ୍ୟା ସହ ଜଡିତ ଏକ ସାଧାରଣ କଥା। ମାଇଗ୍ରେନ ଥିଲେ ସାଧାରଣତଃ ମୁଣ୍ଡବିନ୍ଧା ହୁଏ। ବେଳେ ବେଳେ ଭୋକ ଲାଗିଲେ ବି ମୁଣ୍ଡବିନ୍ଧା ହୋଇଥାଏ। ଖାଦ୍ୟ ସ୍କିପ୍ ବା ଦୀର୍ଘସମୟ ଧରି ଖାଲି ପେଟରେ ରହିଲେ ମୁଖ୍ୟ ରୂପେ ମୁଣ୍ଡ ବିନ୍ଧିଥାଏ। ଯଦି ଆପଣଙ୍କ ମଧ୍ୟ ଭୋକ ଲାଗିଲେ ମୁଣ୍ଡବିନ୍ଧା ହେଉଛି ତାହେଲେ ସାବଧାନ ହୋଇଯା'ନ୍ତୁ। ଏହା ଆଗକୁ ବଡ ବିପଦ ସାଜିପାରେ।

ଏକ ଅଧ୍ୟୟନ ମୁତାବକ, ମୁଣ୍ଡବିନ୍ଧା ହେବାର ମୁଖ୍ୟକାରଣ, ଥକାପଣ, ପାଗ ପରିବର୍ତ୍ତନ, ପରିଅଡସ, ହୋହଲ୍ଲା, ନିଦ, ଭୋକ ଏବଂ ଖାଦ୍ୟ ସ୍କିପ କରିବା ହୋଇଥାଏ। ଡିହାଇଡ୍ରେସନ, କମ୍ ଖାଦ୍ୟ ଏବଂ କେଫିନର ଅଭାବ ଯୋଗୁଁ ଶରୀରରେ ଗ୍ଲୁକୋଜ ମାତ୍ରା କମିଯାଏ, ଫଳରେ ମୁଣ୍ଡବିନ୍ଧା ସୃଷ୍ଟି ହୁଏ। ଭୋକ ଲାଗିଲେ ହଙ୍ଗର ହେଡେକ୍ ବା ମୁଣ୍ଡବିନ୍ଧିବା ଭଲ ଲକ୍ଷଣ ନୁହେଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଭୋକ ଯୋଗୁଁ ମୁଣ୍ଡବିନ୍ଧିବା ସହ କାନ୍ଧ, ବେକ ଉପରେ ମଧ୍ୟ ପ୍ରଭାବ ପଡ଼ିଥାଏ। ପେଟ ଫୁଲିବା, ହାତ ଥରିବା, ମୁଣ୍ଡ ଘୁରେଇବା, ପେଟ ଯନ୍ତ୍ରଣା ହେବା, ଥଣ୍ଡା ଆଦି ଅନୁଭବ ହୁଏ। ବେଳେବେଳେ ଗ୍ୟାସଟ୍ରିକ୍ ସମସ୍ୟା ଯୋଗୁଁ ମଧ୍ୟ ମୁଣ୍ଡ ବିନ୍ଧିଥାଏ। ତେଣୁ ଯେତେ ସମ୍ଭବ ପେଟ ଖାଲି ରଖିବା ଉଚିତ ନୁହେଁ। ନଚେତ ମୁଣ୍ଡାବିନ୍ଧା ସହ ଅନ୍ୟ ରୋଗ ମଧ୍ୟ ମାଡି ବସିବ।

ତେଣୁ ଖାଦ୍ୟ ସ୍କିପ ନ କରି ସଠିକ ସମୟରେ ଖାଇବା ଉଚିତ। ଯଦି କାମ ପ୍ରେସର ଅଧିକ ଥାଏ ତେବେ ସେଥିରୁ ସମୟ ବାହାର କରି ନିୟମିତ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଇବା ଉଚିତ। ହାଇ ସୁଗାର ଚକୋଲେଟ ବା ମିଠା ଜୁସ ଖାଇବାଠୁ ଦୂରେଇ ରୁହନ୍ତୁ। ଭୋକକୁ ମେଣ୍ଟେନ କରିବା ପାଇଁ ପ୍ରଚୁର ମାତ୍ରରେ ପାଣି ପିଅନ୍ତୁ। ଯଦି ଆପଣଙ୍କ ମୁଣ୍ଡାବିନ୍ଧା ଚା, କଫି ବା କେଫିନ ଜାତୀୟ ପାନିୟ ସେବନ କରିବା ପରେ ମଧ୍ୟ ହେଉଛି, ତେବେ ଏହାକୁ ପିଇବା କମାଇ ଦିଅନ୍ତୁ।





# ରାତିରେ ଗାତ ସକାଳୁ ସମତୁଲ, ଟେର ପାଉନି ପ୍ରଶାସନ

**ପାରାଦୀପ,୨୯।୮ (ସଂଚାର ବ୍ୟୁରୋ):** ପାରାଦୀପ ବନ୍ଦରକୁ ସଂଲଗ୍ନ କରୁଥିବା ରାଜପଥରେ ଅତି ଚତୁରତାର ସହ ଖେଳ ଚାଲିଛି। ଟେର ପାଉନି ପ୍ରଶାସନ। ଚଣ୍ଡିଖୋଲରୁ ପାରାଦୀପ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଏହାର ସୁଯୋଗ ନେଇ କିଛି ମାଟି ମାଫିଆ ଏକଦମ ସକ୍ରିୟ ହୋଇ ଉଠିଛନ୍ତି। ରାତି ଏଗାରଟା ବାଜିବା କ୍ଷଣି ହାଇୱା ଆଉ ଜେସିବି ଚାଲି ଆସୁଛନ୍ତି ରାଜପଥକୁ। ଆଉ ଆରମ୍ଭ ହେଇ ଯାଉଛି ଅସଲ ଖେଳ। ରାସ୍ତା କଡରୁ ରାତି ତମାମ ମାଟି ତାଡି ମାଫିଆମାନେ ସେହି ମାଟିକୁ ନେଇ ବିଭିନ୍ନ ପ୍ରାଇଭେଟ ପ୍ଲଟରେ ପକାଇ ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଛନ୍ତି। ଅନ୍ୟପଟେ ମାଟି ଲୁଟ ହେଉଥିବା ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହେଉଥିବା ବେଳେ ସେଥିରେ ସକାଳ ହେବା ପୂର୍ବରୁ ଜିପସମ ପକାଇ ପୋତି ଦିଆଯାଉଛି।

ଭୂତମୁଣ୍ଡାଇ ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ଗ୍ରୁପ ହୋଇ ମାଫିଆମାନେ ନିଜକୁ ଭାଗଭାଗ କରି ଯେତେ ଜଲଦି ହୋଇପାରିବ ସେତେ ଜଲଦି ମାଟି ଲୁଟ କରିବାରେ ବ୍ୟସ୍ତ। ଏହି ସବୁ ମାଫିଆ ଗ୍ରୁପକୁ ଜୈନିକ ବ୍ୟକ୍ତି କଣ୍ଟ୍ରୋଲ କରୁଥିବା ବେଳେ ତାର ଟେର ପାଉନି ପ୍ରଶାସନ। ସ୍ଥାନୀୟ ତହସିଲ, ଜିଲ୍ଲା ପ୍ରଶାସନ, ଖଣି ବିଭାଗ କିମ୍ବା ପୋଲିସ ଏତେ ସବୁ ଘଟଣା ଘଟି ଚାଲିଥିବା ବେଳେ ଜାଣି ପାରୁ ନାହାନ୍ତି କିମ୍ବା ଜାଣି ନଜାଣିଲା ପରି ବଦଳି ଭୟରେ ରହି ଯାଉଛନ୍ତି, ତାହା କିଏ କହିବ। ଅନେକ ଜାଗାରେ ରାସ୍ତା କଡରେ ଏବେବି ଗାତ ଗୁଡିକ ଖାଲି ପଡି ରହିଛି। ରାସ୍ତା ନିର୍ମାଣରେ ନିୟୋଜିତ ଥିବା କର୍ମଚାରୀମାନେ ଏଥିରେ ସାମିଲ ଥିବା ମଧ୍ୟ ଆଲୋଚନା ହେଲାଣି।

ଏହି ମାଫିଆମାନେ ପୂର୍ବ ସରକାରରେ ମାଟି ତାଡି କୋଟିପତି ତାଲିକାରେ ପହଂଚି ଥିବା ବେଳେ ଏହି ସରକାରରେ ନେତାଙ୍କ ସାଙ୍ଗ, ସମ୍ପର୍କୀୟ, ବନ୍ଧୁ ଆଦି ପରିଚୟ ଦେଇ ଖୁବ ଲୁଟିବାରେ ବ୍ୟସ୍ତ। ରାଜପଥ କଡରେ ଥିବା ଅନେକ ଦୋକାନରେ ସିସିଟିଭି କ୍ୟାମେରା ଲାଗିଥିବା ବେଳେ ଏହାକୁ ତଦନ୍ତ କଲେ କିଏ ମାଟି ତାଡି ନେଉଛି ଓ ରାତି ରାତି ରାସ୍ତା କଡରେ ସୃଷ୍ଟି ହେଉଥିବା ଗାତରେ ଜିପସମ ପୁରାଇ ତାକୁ ସମତୁଲ କରୁଛି, ତାହା ନିଶ୍ଚୟ ଜଣା ପଡିପାରନ୍ତା। ଦୀର୍ଘ ଏକମାସ ହେବ ରୀତିମତ ଏହି ଲୁଟ କାର୍ଯ୍ୟ ଚାଲୁଥିବା ବେଳେ ସାଧାରଣ ଜନତା ସବୁ ଦେଖି କେବଳ ଲୁଟ କିଭଳି ହୁଏ ତାକୁ ଦେଖୁଛନ୍ତି। ବିଶେଷକରି ରାଜପଥ ପ୍ରାଧିକରଣ ବିଭାଗ ପକ୍ଷ୍ୟରୁ ରାଜପଥ କଡରେ କଣ ପାଇଁ ଓ କିଏ ଗାତ ସୃଷ୍ଟି କରୁଛି, ତାହାର ମଧ୍ୟ ସମୀକ୍ଷା କରାଯାଉନାହିଁ। ତଳ ଠାରୁ ଉପର ପର୍ଯ୍ୟନ୍ତ ସମସ୍ତେ ଏଥିରେ ସାମିଲ ନହେଲେ ଏସବୁ କଣ ସମ୍ଭବ ବୋଲି ଲୋକେ ପ୍ରଶ୍ନ କଲେଣି।

# ଗ୍ରାମାଞ୍ଚଳରେ ବଢୁଛି ମଶା ଉପଦ୍ରବ



**ବୈଶିଙ୍ଗା,୨୯।୮ (ସଂଚାର ବ୍ୟୁରୋ):** ବିଭିନ୍ନ ଗ୍ରାମ ମାନଙ୍କରେ ଏବେ ମଶାର ଉପଦ୍ରବ ବଢ଼ିବାରେ ଲାଗିଥିବା ବେଳେ ଏହାର ପ୍ରତିକାର ବ୍ୟବସ୍ଥା ହେଉ ନଥିବା ଅଭିଯୋଗ ହେଉଛି। ବହୁ ବର୍ଷ ପୂର୍ବରୁ ଡାକ୍ତରଖାନା ପକ୍ଷରୁ ଡିଡିଟି ସିଞ୍ଚନ ଘରେ ଘରେ ହେଉଥିଲା। ମାତ୍ର ଏବେ ଏହି ସୁବିଧା ଉପଲବ୍ଧ ନଥିବାରୁ ମଶା ଉପଦ୍ରବ ବଢ଼ି ବଢ଼ି ଚାଲିଛି।

ଗ୍ରାମପଞ୍ଚାୟତ ମାନଙ୍କରେ ବ୍ୟାପକ ଅର୍ଥ ବ୍ୟବସ୍ଥା ନଥିବାରୁ ସରପଞ୍ଚ ମାନେ ମଶା ଉପଦ୍ରବରୁ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବାରେ ବିଫଳ ହେଉଛନ୍ତି। ବଜାର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳପର୍ଯ୍ୟନ୍ତ ରାସ୍ତାଘାଟ ଠାରୁ ଆରମ୍ଭ କରି ଡ୍ରେନେଜ ବ୍ୟବସ୍ଥା, ଷ୍ଟ୍ରିଟ୍ ଲାଇଟ, ପିଇବା ପାଣି ସମସ୍ୟା ଏବଂ ରାସ୍ତାଘାଟ ସଫେଇ ପାଇଁ ପଞ୍ଚାୟତରେ ପାଣ୍ଠି ନ ଥିବା ଯୋଗୁଁ ଏହା ବର୍ଷ ଯାକ ହୋଇପାରି ନଥାଏ। ରାସ୍ତାଘାଟର ଦୁଇ ପାର୍ଶ୍ୱ ବିଭିନ୍ନ ପ୍ରକାର ଗଛ ଲତାରେ ପରିପୂର୍ଣ୍ଣ ଯୋଗୁଁ ଛକ ଜାଗାମାନଙ୍କରେ ଦୁର୍ଘଟଣା ମଧ୍ୟ ଘଟିଥାଏ। ବର୍ଷା ଦିନେ ବର୍ଷାଜଳ ରାସ୍ତାରେ ଜମି ରହିବା ଯୋଗୁଁ ଚଳପ୍ରଚଳରେ ବାଧା ସୃଷ୍ଟି ହେବାରେ ଲାଗିଛି। ଏପରିକି ରାସ୍ତା ଗୁଡିକ ମରାମତି ହେଉ ନ ଥିବା ଯୋଗୁଁ ରାସ୍ତାରେ ପାଣି ଜମା ହୋଇ ରହିଗ୍ଲା ଫଳରେ ବାଇକ ଅଟୋ ବା ଯେ କୌଣସି ଯାନ ବାହାନ ଚଳାଚଳ ସମୟରେ ମଇଳା କାଦୁଅ ପାଣି ଛିଟିକି ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇ ପଡୁଥିଲେ ମଧ୍ୟ କେହି ଅଭିଯୋଗ ଶୁଣନ୍ତିନାହିଁ। ସେହିପରି ଡ୍ରେନ ଗୁଡିକ ଦୀର୍ଘ ଦିନରୁ ମରାମତି ହୋଇ ନପାରି ବର୍ଷା ଜଳ ନିଷ୍କାସନ ହେବା ବଦଳରେ ଡ୍ରେନରେ ପାଣି ଜମା ହୋଇରହି ମଶା ମାନଙ୍କ ଜନ୍ମ ପାଇଁ ସୁଯୋଗ ସୃଷ୍ଟି କରିଥାଏ। ଖାଲି ଯେ ଡ୍ରେନରେ ମଶା ଜନ୍ମ ହୋଇଥାନ୍ତି ତାହା ନୁହେଁ, ବିଭିନ୍ନ ସାହି, ପଡା,ଜନବସତି ମାନଙ୍କରେ ଡ୍ରେନେଜ ବ୍ୟବସ୍ଥା ନଥିବା କାରଣରୁ ଜମି ରହିଥିବା ପାଣି ସ୍ଥାନମାନଙ୍କରେ ମଶାଙ୍କ ଦାଉ ରେ ଦିନବେଳା ମଧ୍ୟ ମଶା ମାନଙ୍କ ଉପଦ୍ରବ ରେ ଲୋକେ ଅତିଷ୍ଠ ହୋଇ ବିଭିନ୍ନ ପ୍ରକାର କ୍ଷତିକାରକ ମଶା ଧୂପ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି।

ମଶା ଦାଉରୁ ରକ୍ଷା କରିବା ପାଇଁ ନା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିମ୍ବା ଗ୍ରାପ ପକ୍ଷରୁ କିଛିବି ପ୍ରତିକାର ବ୍ୟବସ୍ଥା ନାହିଁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯେହେତୁ ଆୟୁଷ୍ମାନ ଯୋଜନାରେ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ଯୋଜନାରେ କାର୍ଡ ବାଣ୍ଟିଛନ୍ତି - ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଶା ମାନଙ୍କ ପ୍ରତିକାର ପାଇଁ କିଛି ବ୍ୟବସ୍ଥା ନାହିଁ। ଲୋକେ ଏହି ବର୍ଷା ଦିନରେ ବିଭିନ୍ନ ପ୍ରକାରର ଜ୍ୱରରେ ଆକ୍ରାନ୍ତ ହେଉଥିଲେ ସୁଦ୍ଧା ମଶାମରା ଅଭିଯାନର କିଛି ବ୍ୟବସ୍ଥା ନାହିଁ। ଏହି ମଶା ଦାଉରୁ ରକ୍ଷା ପାଇବା ପାଇଁ କୌଣସି ଅଭିଯୋଗ ପ୍ରକୋଷ୍ଠ ଲୋକେ ପାଉ ନ ଥିବା ଯୋଗୁଁ କେବଳ ମଶା ଧୂପ ଓ ଭଗବାନଙ୍କ ଉପରେ ଭରସା କରି ଜୀବନ ଅତିବାହିତ କରିବାକୁ ବାଧ୍ୟ ହେଉଛନ୍ତି।

# ୭ ଦିନ ମଧ୍ୟରେ କ୍ଷତିପୂରଣ ନଦେଲେ ତହସିଲ ଏବଂ ବ୍ଲକ କାର୍ଯ୍ୟାଳୟ ଘେରାଉ ଚେତାବନୀ



**ବାଲିଆପାଳ, ୨୯।୮ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀଙ୍କ ଆବାହକତ୍ୱରେ ଏକ ବିଶାଳ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଳରାମପୁର ଏବଂ ବାଲିକୁଟୀ ପଞ୍ଚାୟତର ଏକ ହଜାରରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଚାଷୀ ଯୋଗଦେଇ ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଆସିବା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ କିଭଳି ସରକାରୀ ସ୍ତରରେ ଉପଯୁକ୍ତ କ୍ଷତିପୂରଣ ପାଇ ପାରିବେ ସେନେଇ ଦାବି ଉପସ୍ଥାପନା କରିଥିଲେ। ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ଲଗାତାର ଷଷ୍ଠ ଥର ବନ୍ୟା ଆସିଥିବା ବେଳେ ବଳରାମପୁର ଏବଂ ବାଲିକୁଟୀ ପଞ୍ଚାୟତ ର ୫୦୦ ହେକ୍ଟର ରୁ ଊର୍ଦ୍ଧ୍ୱ ଜମିରେ ବନ୍ୟା ପାଣି ପ୍ରବେଶ କରିବା ଯୋଗୁଁ ଧାନ ଚାଷ ସମ୍ପୂର୍ଣ୍ଣ ଭାବରେ ଉଜୁଡି ଯାଇଛି। ୭ ଦିନ ମଧ୍ୟରେ ତଦନ୍ତ କରି ଏହି କ୍ଷତିଗ୍ରସ୍ତ ଚାଷୀ ଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା ନକଲେ ବାଲିଆପାଳ ବ୍ଲକ ଏବଂ ତହସିଲ ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି କ୍ଷତିଗ୍ରସ୍ତ ଚାଷୀ।

# ଦୟନୀୟ ଅବସ୍ଥାରେ ବଣ୍ଡଲି ପ୍ରାଥମିକ ବିଦ୍ୟାଳୟ

## ଭଙ୍ଗା ବିଲଡିଂ ଗୋଟିଏ କୋଠରୀରେ ୨୯ ପିଲାଙ୍କୁ ୨ ଶିକ୍ଷକ

**ମୁନିଗୁଡା,୨୯।୮ (ସଂଚାର ବ୍ୟୁରୋ):** ରାଜ୍ୟରେ ଗତ ସରକାର ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ମାଗଣା ପୋଷାକ, ଖାଇବା, ବହିପତ୍ର ଯୋଗାଇ ଆସୁଥିଲେ। କିନ୍ତୁ ଅନେକ ବିଦ୍ୟାଳୟରେ ଭିତ୍ତିଭୂମିକ ସମସ୍ୟା ରହିଥିବାରୁ ପିଲାମାନେ ଅସୁରକ୍ଷା ମାହୋଲରେ ପଢୁଛନ୍ତି। ଏପରି ଏକ ଚିତ୍ର ଦେଖିବାକୁ ମିଳୁଛି ରାୟଗଡା ଜିଲ୍ଲା, ମୁନିଗୁଡା ବ୍ଲକର ଜଗଦଲପୁର ପଞ୍ଚାୟତ ଅଧୀନ ବଣ୍ଡଲି ପ୍ରାଥମିକ ବିଦ୍ୟାଳୟରେ।




ଏହି ବିଦ୍ୟାଳୟର ବିଲଡିଂ ଡିପିଇପି ପ୍ରକଳ୍ପରେ ତିଆରି ହୋଇଥିଲା। କିନ୍ତୁ କିଛି ବର୍ଷ ହେବା ସହିତେ ବିଲ୍ଡିଂ ଦୟନୀୟ ଅବସ୍ଥାକୁ ପହଞ୍ଚିଛି। ଛାତରୁ ପାଣି ଗଳିବା, ଛାତ ଖସିବା ଭଳି ଘଟଣାରୁ ପିଲାମାନଙ୍କ ଜୀବନ ସଦା ସଙ୍କଟରେ ରହୁଛି। ସୁରକ୍ଷାର ଦୃଷ୍ଟିରୁ ଭଲଥିବା ଗୋଟିଏ କୋଠରୀରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୯ ପିଲାଙ୍କୁ ବାଧ୍ୟ ହୋଇ ଦୁଇଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଏହି ପରିସ୍ଥିତିରେ ନାହିଁ ଭଲ ପାଚେରୀ, ନାହିଁ ପାନୀୟ ଜଳର ବ୍ୟବସ୍ଥା। ଶିକ୍ଷକମାନେ ନିଜେ ଗାଁଠାରୁ ପାଣି ବୋହିଆଣି ବ୍ୟବହାର କରୁଛନ୍ତି। ପିଲାମାନଙ୍କ ପାଇଁ ସୁରକ୍ଷିତ ପରିବେଶରେ ପଢ଼ିବାର ସୁବିଧା ନଥିବାରୁ ଶିକ୍ଷକମାନଙ୍କ ପାଇଁ ପଢ଼ାଇ କଷ୍ଟକର ହୋଇପଡ଼ିଛି। ଶୁଣିବାକୁ ମିଳୁଛି ନୂତନ ସରକାର ସେଠାରେ ନୂତନ ବିଲଡିଂ ନିର୍ମାଣ କରିବାକୁ ଯୋଜନା କରିଥିଲେ। କିନ୍ତୁ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ପିଲାମାନେ ଏପର୍ଯ୍ୟନ୍ତ ଭଙ୍ଗା ବିଲ୍ଡିଂର ଏକ କୋଠରୀରେ ହୋହାଲ୍ଲା ମଧ୍ୟରେ ପଢ଼ିବାକୁ ବାଧ୍ୟ।

ଏହି ପରିସ୍ଥିତି ଦେଖି ଅଭିଭାବକମାନେ ଆଶଙ୍କା କରୁଛନ୍ତି ଯେ ଯେତେବେଳେ ଦୁର୍ଘଟଣା ହୋଇଯାଇପାରେ। ଶିକ୍ଷାକ୍ଷେତ୍ରରେ ପିଲାମାନଙ୍କ ଉନ୍ନତି ପାଇଁ ସରକାର ଯଦି ଶ୍ରେଣୀ ସଂଖ୍ୟାନୁସାରେ ସୁରକ୍ଷିତ ବିଲ୍ଡିଂ ନିର୍ମାଣ କରେ, ତେବେ ପିଲାମାନେ ନିରାପଦ ଭାବରେ ଶିକ୍ଷା ଗ୍ରହଣ କରିପାରିବେ।

# ଶ୍ରୀଜୀଉଙ୍କ ଆଶୀର୍ବାଦ ନେଲେ ଡିଆଇଜି ଡ. ସତ୍ୟଜିତ



**ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ):** ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀଜୀଉଙ୍କ ଆଶୀର୍ବାଦ ନେଇଛନ୍ତି ଡିଆଇଜି ଡ.ସତ୍ୟଜିତ ନାଏକ। ଡି.ଆଇ.ଜି ଡ. ସତ୍ୟଜିତ ନାୟକ କେନ୍ଦ୍ରାଞ୍ଚଳର ନୂତନ ଡିଆଇଜି ଭାବେ ଦାୟିତ୍ୱ ନେବା ପୂର୍ବରୁ ପୁରୀରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ଶ୍ରୀଜୀଉଙ୍କ ଆଶୀର୍ବାଦ ନେଇଛନ୍ତି। ତାଙ୍କର ଏହି ଆଧ୍ୟାତ୍ମିକ ପଦକ୍ଷେପ ତାଙ୍କର କର୍ତ୍ତବ୍ୟନିଷ୍ଠା ଓ ନେତୃତ୍ୱ ପ୍ରତି ସମର୍ପଣକୁ ଦର୍ଶାଉଛି।

# ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ

**ଭୁବନେଶ୍ୱର,୨୯।୮(ସଂଚାର ବ୍ୟୁରୋ):** ଜୟଦେବ ବିହାର ବିଜୁ ପଟ୍ଟନାୟକ କଲେଜ ରାସ୍ତାରେ ଡ୍ରଗ୍ସ ସ୍କ୍ୱାଡ୍ ଓ ଏସଟିଏଫ୍ ପକ୍ଷରୁ ମିଳିତ ଚଢ଼ଉ କରାଯାଇଛି। ଚଢ଼ାଉ ବେଳେ ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ ହୋଇଥିବା ଜଣାପଡ଼ିଛି। ଏହି ମାମଲାରେ ଏସଟିଏଫ୍ ୫ଜଣ ପାନ ଦୋକାନୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ କାରବାରକୁ ରୋକିବା ସକାଶେ ଏନଫୋର୍ସମେଣ୍ଟକୁ କଡାକଡି କରିଛି ଏସଟିଏଫ୍। ସେଥିପାଇଁ ଏସଟିଏଫ୍ ଓ ଡ୍ରଗ୍ସ ସ୍କ୍ୱାଡ୍ ସ୍ପେଶାଲ ଡ୍ରାଇଭ ଚଳାଇଛି।

# ମାଟିହଣା ସାହି କେନାଲ ରାସ୍ତାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଚମ୍ପୁଆ,୨୯।୮(ସଂଚାର ବ୍ୟୁରୋ):** ଚମ୍ପୁଆ ବ୍ଲକ ଅନ୍ତର୍ଗତ କୋଦଗାଡିଆ ନିକଟରେ କେନାଲ ରାସ୍ତା ଉପରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସାଇକେଲରୁ ମୁହଁ ମାଡି ପଡ଼ିଯିବା ହେତୁ ଯୁବକଙ୍କ ମୃତ୍ୟୁ ଘଟିଥିବା ନେଇ ଅନୁମାନ କରାଯାଉଛି। ମୃତ ଯୁବକ ଚମ୍ପୁଆ ବ୍ଲକ ସୁନାପଶି ଗ୍ରାମ ପତଳା ସାହିର ରାଧା ମହାନ୍ତଙ୍କ ପୁଅ ଦିଲ୍ଲୀପ (୪୫)। ମିଳିଥିବା ସୂଚନାନୁସାରେ, ଦିଲ୍ଲୀପ ଆଜି ବାସୁଦେବପୁର ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଯାଇ କାମ ସାରି ସେଠାରୁ କୋଦଗାଡିଆ ରୁ ମୁକୁନ୍ଦପୁର ଯାଇଥିବା କାନପୁର କେନାଲ ରାସ୍ତା ଦେଇ ଘରକୁ ଫେରୁଥିଲେ। ଅପରାହ୍ନରେ ମାଟିହଣା ସାହି ନିକଟରେ କେନାଲ ରାସ୍ତା ଉପରେ ଦିଲ୍ଲୀପ ମୁହଁ ମାଡି ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଚମ୍ପୁଆ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ତେବେ ଘଟଣାସ୍ଥଳରେ ଦିଲ୍ଲୀପଙ୍କ ମୃତ୍ୟୁ ଘଟିଥିବା ନେଇ ସୂଚନା ମିଳିଥିବାବେଳେ ମୃତ୍ୟୁ ର କାରଣ ଅସ୍ପଷ୍ଟ ରହିଛି। ଚମ୍ପୁଆ ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ମହିଳାଙ୍କୁ ରୋଜଗାର ଯୋଗାଇବ ଏଞ୍ଜେଲିନା ଏଣ୍ଟରପ୍ରାଇଜେସ




**ସୁବର୍ଣ୍ଣପୁର, ୨୯।୮ (ସଂଚାର ବ୍ୟୁରୋ):** ଏଞ୍ଜେଲିନା ଏଣ୍ଟର ପ୍ରାଇଜେସ ଭୁବନେଶ୍ୱରର ୧୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋନପୁର ଶାହା ଗେଷ୍ଟ ହାଉସ ଠାରେ ଏକ କଷ୍ଟମର ମିଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କମ୍ପାନୀର ଭୁବେନେଶ୍ୱର ମୁଖ୍ୟ ଶାଖାର ପରିଚାଳିକା ପାୟଲ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସପି ରେଣୁକା ସୁନା ଯୋଗ ଦେଇ ରାଜ୍ୟର ବେରୋଜଗାରୀ ମହିଳାଙ୍କୁ ରୋଜଗାର ଯୋଗାଇବା ଓ ସଶକ୍ତି କରଣ କରିବା ଏହି କମ୍ପାନୀର ପ୍ରୟାସ ଓ ଲକ୍ଷ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଓଡ଼ିଶାରେ ଏବେ ଏ କଂପାନୀର ତିନି ଗୋଟି ଶାଖା ଭୁବନେଶ୍ୱର, ନୂଆପଡ଼ା ଓ କଳାହାଣ୍ଡି କାର୍ଯ୍ୟକ୍ଷମ ହୋଇଥିବା ବେଳେ ଖୁବ ଶୀଘ୍ର ସୁବର୍ଣ୍ଣପୁର ସମେତ ଅନେକ ଜିଲ୍ଲାରେ ଏହାର ଶାଖା ଉଦଘାଟନ କରାଯିବ ବୋଲି ମୁଖ୍ୟ ପରିଚାଳିକା ପାୟଲ ମିଶ୍ର ପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ଶାଖା ର ପରିଚାଳକ ଭାବରେ ଯୁଧିଷ୍ଠିର ନାୟକଙ୍କୁ ନିଯୁକ୍ତି ଦିଆଯିବା ବିଷୟ ଏହି ଉତ୍ସବରେ ନାଁ ଘୋଷଣା କରଯାଇଥିଲା। ଭୁବନେଶ୍ୱର ଶାଖା ହେଡ୍ ମିସ୍ ପାୟଲଙ୍କ ସମେତ କମ୍ପାନୀ ର କଳାହାଣ୍ଡି ଶାଖାର ପରିଚାଳକ ଓମ୍ ପ୍ରକାଶ ସାହୁ, ସର୍ଭିସ୍ ମ୍ୟାନେଜର ରାଜଶ୍ରୀ ରାଉତ ସଭାରେ ଅତିଥିଙ୍କ ସହ ଉପସ୍ଥିତ ରହି ଏମଏସଏମ୍ଇ ଅଧିନସ୍ଥ ପ୍ରସ୍ତୁତ ଧୂପକାଠି, ପେପର ପ୍ଲେଟ୍, ପେପର କପ୍ ମେସିନ ବିକ୍ରୟ ଓ ପ୍ରଡକ୍ସନ ଉପରେ ଉପସ୍ଥିତ ଶତାଧିକ ଗ୍ରାହକ, ବୁଦ୍ଧିଜୀବୀ ଓ ମିଡିଆ ଙ୍କୁ ବୁଝାଇଥିଲେ। ଲଟେରୀ ଉଠାଣ ମାଧ୍ୟ ରେ ପାଞ୍ଚ ଜଣ ଗ୍ରାହକଙ୍କୁ ଉପହାର ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ।

# ରୁପଶ୍ରୀ କଳା ପରିଷଦର ନୂଆଁଖାଇ ଭେଟଘାଟ୍ -୨୦୨୫



**ସୁବର୍ଣ୍ଣପୁର,୨୯।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ସିଂହାରୀ ଗ୍ରାମର ଅଗ୍ରଣୀ ଅନୁଷ୍ଠାନ ରୂପଶ୍ରୀ କଳା ପରିଷଦ, ସିଂହାରୀର ନୂଆଁଖାଇ ଭେଟଘାଟ-୨୦୨୫ ତୃତୀୟ ବର୍ଷରେ ପଦାର୍ପଣ କରିଛି। ଆଖପାଖ ଅଞ୍ଚଳରେ ନୂଆଁଖାଇ ବେଶ ଧୂମଧମ୍ରେ ଜମିଥିବା ବେଳେ ରୂପଶ୍ରୀ କଳା ପରିଷଦ ସିଂହାରୀ, ନୂଆଁଖାଇ ଭେଟଘାଟ-୨୦୨୫ ସିଂହାରୀ କଲ୍ୟାପଣ୍ଡପ ରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଓ ମଞ୍ଚାସୀନ ଅତିଥି ଭାବେ ସିଂହାରୀ ଗ୍ରା:ପ:ର ସମିତି ସଭ୍ୟା ରଶ୍ମିତା କୁଅଁର, ସିଂହାରୀ ଉ:ପ୍ରା:ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଚୌହାନ, ସିଂହାରୀ ପେକ୍ସ ସେକ୍ରେଟାରୀ ଅଜାମ୍ବିଲ ଚୌହାନ, ନିମନ୍ତ୍ରିତ ଅତିଥି କୋଶଳୀ କବି ଭାବେ ଗରିବ ମଲ୍ଲିକ, ଅନୁଷ୍ଠାନର ସଭାପତି ଶ୍ରୀ ଦୂର୍ବଦଳ ସାହୁ,ଓ ସଂପାଦକ କମଳ ଭୁଏ, ନିଜ ନିଜର ବକ୍ତବ୍ୟରେ ନୂଆଁଖାଇ ପରବ ମହତ୍ତ୍ୱ ଓ ମହାନତା ଉପରେ ଆଲୋଚନା କରିଥିଲେ। ସଭାକାର୍ଯ୍ୟ ପରେ ପରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବାକୁ ଯାଇ ମରଣୋତ୍ତର ସମ୍ମାନରେ ସ୍ୱର୍ଗତ ଶ୍ରୀ ବୃଷଭ କୁଅଁର ବଳୀଷ୍ଠ ସଂଗଠକ ଭାବେ ଓ ସ୍ୱର୍ଗତ ଶ୍ରୀ ଗୋପବନ୍ଧୁ ରଣା, ରେଙ୍ଗସା ବିଶିଷ୍ଟ ନାଟ୍ୟ କଳାକାର ଓ ଗୁରୁ ଭାବେ ରୂପଶ୍ରୀ ଅନୁଷ୍ଠାନ ତରଫରୁ ସମ୍ମାନିତ କରିଥିବା ବେଳେ,ବର୍ଷୀୟାନ ଗୀତିନାଟ୍ୟ କଳାକାର ଶ୍ରୀ କୁବେର ସାହୁ,ସିଂ ହାରୀ ଓ କୁନି ଶିଶୁ ସୁରଭୀ ସମ୍ମାନରେ କୁମାରୀ ଦିବ୍ୟଂଶି ଚୁହାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ପରେ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରି ପରିବେଶକୁ ସରଗରମ କରିଦେଇଥିବା ସଙ୍ଗେ ସଙ୍ଗେ ରୁପଶ୍ରୀର କଳା କାରମାନେ ଲୋକ ଗୀତ ପରିବେଷଣ କରି ମନୋରଞ୍ଜନ ଖୋରାକ ପରଶି ଦେଇଥିଲେ।

# ନୀତି ନିୟମକୁ ଅଣଦେଖା କରି ପ୍ରାଥମିକ କୃଷି ସମବାୟ ସମିତି ଗଠନ

**ଜଗତସିଂହପୁର, ୨୯।୮ (ସଂଚାର ବ୍ୟୁରୋ):** ତିର୍ତ୍ତୋଲ ବ୍ଲକ ଗୋପାଳପୁର ଗ୍ରାମପଞ୍ଚାୟତ ସରକାରୀ ନିୟମକୁ ଅଣଦେଖା କରି ବଟମଙ୍ଗଳା ପ୍ରାଥମିକ କୃଷି ସମବାୟ ସମିତି ଗଠନ ହୋଇଥିବା ନେଇ ଅଭିଯୋଗ ହୋଇଅଛି।

୧୯୭୬ ମସିହାରେ ତିନିଗୋଟି ଗ୍ରାମପଞ୍ଚାୟତ ବିରିତୋଳ, ଗୋପାଳପୁର ଏବଂ ସଅଁରାର ଚାଷୀ ଭାଇଙ୍କ ସହମତି ଓ ଉଦ୍ୟମ କ୍ରମେ "ବିରିତୋଳ ସେବା ସମବାୟ ସମିତି" ସ୍ଥାନ ସଅଁରା ଠାରେ ପ୍ରତିଷ୍ଠିତ ହୋଇଥିଲା। କିନ୍ତୁ ଏବେ ବଟମଙ୍ଗଳା ପ୍ରାଥମିକ କୃଷି ସମବାୟ ସମିତି, କୀର୍ତ୍ତନପୁର ଗୋପାଳପୁର ଗ୍ରାମପଞ୍ଚାୟତର ୮ ଗୋଟି ଗ୍ରାମକୁ ନେଇ ଗଠନ କରାଯିବା ପରେ ଏହା ବିବାଦ ଘେରକୁ ଆସିଛି। ଏନେଇ ଗୋପାଳପୁର ଗ୍ରାମପଞ୍ଚାୟତର କିଛି ଚାଷୀ ଆସିଷ୍ଟାଟ ରେଜିଷ୍ଟ୍ରାର କୋ-ଅପରେଟିଭ୍ ସୋସାଇଟି, ଜଗତସିଂହପୁର, ସମବାୟ, ହସ୍ତଶିଳ୍ପ ଓ ବୟନ ବିଭାଗର ମନ୍ତ୍ରୀ ଓଡିଶା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପ ବିଭାଗର ମନ୍ତ୍ରୀ ଓଡିଶାଙ୍କ ନିକଟରେ ଅଭିଯୋଗ କରିଛନ୍ତି।



# ବାରିପଦାରେ ଜାତୀୟ କ୍ରୀଡା ଦିବସ



**ବାରିପଦା,୨୯।୮ (ସଂଚାର ବ୍ୟୁରୋ):** ଅଗଷ୍ଟ ୨୯ରୁ ୩୧ ତାରିଖ ଜାତୀୟ କ୍ରୀଡା ଦିବସ ଅବସରରେ କ୍ରୀଡା, ଉତ୍ସାହ ଓ ଏକତାର ଦେଶ ବ୍ୟାପୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଆଜି ବାରିପଦା ଠାରେ ଜିଲ୍ଲା କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ କ୍ରୀଡା ଛାତ୍ରବାସ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ମୟୁରଭଞ୍ଜ ଏଥେଲେଟିକ ଆସୋସିଏସନ ର ସମ୍ପାଦକ ବିଜୟ କୁମାର ଦାସ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଅନ୍ତର୍ଜାତୀୟ ବେଡ଼ମିଣ୍ଟନ ଖେଳାଳୀ ଆୟୁଷ ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅବସରପ୍ରାପ୍ତ ବରିଷ୍ଠ କ୍ରୀଡା ଅଧିକାରୀ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ଏହି ଜାତୀୟ କ୍ରୀଡା ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଉଲ୍ଲେଖ କରିଥିଲେ। ଏହାପରେ ନିମନ୍ତ୍ରିତ ଅତିଥି ବୃନ୍ଦ ଓ ଉପସ୍ଥିତ ଅନ୍ୟାନ୍ୟ ସମସ୍ତେ ଭାରତୀୟ ହକି ଉଇଜାର୍ଡ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ତାଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ବର୍ତ୍ତମାନର ବ୍ୟସ୍ତ ବହୁଳ ଆଧୁନିକ ଜୀବନ ଶୈଳୀ ଓ ଖାଦ୍ୟପେୟ ଯୋଗୁଁ ଅନେକ ସମୟରେ ହଠାତ ଲୋକମାନେ ବିଭିନ୍ନ ପ୍ରକାର ମାରାତ୍ମକ ରୋଗର ଶିକାର ହେଉଛନ୍ତି। ତେଣୁ ରୋଗ ଠାରୁ ଦୁରେଇ ରହି ନିଜ ଶରୀରକୁ ସୁସ୍ଥ ଓ ଫିଟ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମରେ ଏକ ଘଣ୍ଟା ଖେଳ ପଡିଆରେ ଖେଳକୁଦରେ ବିତାଇବା ଉଚିତ। ଖେଳକୁଦ ମଣିଷକୁ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ଶକ୍ତିଶାଳୀ କରିବା ସହିତ ସକାରାତ୍ମକ ଭାବନା ଉଦ୍ରେକ କରିଥାଏ। ଅତିରିକ୍ତ ଜିଲ୍ଲାପାଳ ମଧ୍ୟ ପିଲା ମାନଙ୍କୁ ଖେଳ ପ୍ରତି ଆକୃଷ୍ଟ ହୋଇ ଉତକର୍ଷତା ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ।

# କୋରାପୁଟ ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିର ବିକାଶ କରୁଛି ଟିପିଏସ୍ଓଡିଏଲ୍



**ବ୍ରହ୍ମପୁର, ୨୯।୮ (ସଂଚାର ବ୍ୟୁରୋ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ତରଫରୁ କୋରାପୁଟ ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିର ବିକାଶ ପାଇଁ ନିଆଯାଇଛି ବିଭିନ୍ନ ପଦକ୍ଷେପ। କମ୍ପାନୀ ପକ୍ଷରୁ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ନେଟୱର୍କ ବୃଦ୍ଧି ଓ ବିଦ୍ୟୁତ ସେବାକୁ ଆଧୁନିକୀକରଣ କରାଯାଉଛି। ଏହି ପଦକ୍ଷେପ ଯୋଗୁଁ ସମଗ୍ର ଜିଲ୍ଲାରେ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣର ଲକ୍ଷ୍ୟକୁ ସୁନିଶ୍ଚିତ କରାଯିବା ସହିତ ଘର, ଅନୁଷ୍ଠାନ ଓ ଶିଳ୍ପକେନ୍ଦ୍ରରେ ବିଦ୍ୟୁତ ସେବାକୁ ଅଧିକ ସୁଦୃଢ଼ କରାଯାଇପାରୁଛି। ପୂର୍ବଘାଟ ପର୍ବତମାଳାରେ ଅବସ୍ଥିତ କୋରାପୁଟ ଜିଲ୍ଲା ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ବେଶ୍ ପରିଚିତ। ଉଚ୍ଚ ପର୍ବତ, ଉପତ୍ୟକା ଓ ଜିଲ୍ଲାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏହାର ଅନ୍ୟ ଏକ ପରିଚୟ ଅଟେ। ବହୁ ଜନଜାତିଙ୍କ ବାସସ୍ଥଳୀ ଏହି ଜିଲ୍ଲା। ବିଶେଷ କରି ପରଜା, ଗଦବା, କନ୍ଧ, ବଣ୍ଡା ଏବଂ ବିଶେଷ ଭାବରେ ବିଲୁପ୍ତ ପ୍ରାୟ ଜନଜାତି ଗୋଷ୍ଠୀ (ପିଭିଟିଜି) ଏହି ଅଞ୍ଚଳରେ ବସବାସ କରିଥାଆନ୍ତି। ଯେଉଁମାନଙ୍କର ଜୀବନଶୈଳୀ ଏବଂ ପରମ୍ପରା ଓଡ଼ିଶାର ପରିଚୟର ଏକ ଅଭିନ୍ନ ଅଂଶ। ଦ୍ରୁତ ସହରୀକରଣ, ସୁନାବେଡ଼ା ଆଖପାଖ ଅଞ୍ଚଳରେ ଶିଳ୍ପାଞ୍ଚଳର ବିକାଶ ଏବଂ ଗ୍ରାମାଞ୍ଚଳରେ ଦିନକୁ ଦିନ ବିଦ୍ୟୁତ ଶକ୍ତିର ଚାହିଦା ବଢ଼ିବାରେ ଲାଗିଛି। ଟିପିଏସ୍ଓଡିଏଲ୍ ତରଫରୁ ନିଆଯାଇଥିବା ଉଲ୍ଲେଖନୀୟ ପଦକ୍ଷେପ ଓ ଚାଲୁ ରହିଥିବା ପ୍ରକଳ୍ପ ଯୋଗୁଁ ଏସବୁ ଅଞ୍ଚଳରେ ବିଦ୍ୟୁତ ଆବଶ୍ୟକତାକୁ ପୂରା କରାଯାଇପାରୁଛି।

ବିଶେଷକରି, ପାୱାର ସବଷ୍ଟେସନଗୁଡ଼ିକର ଉନ୍ନତୀକରଣ କରିବା ଏବଂ ବିତରଣ ନେଟୱର୍କସବୁକୁ ଅଧିକ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି। ପଟାଙ୍ଗୀ ଏବଂ ଲମତାପୁଟରେ ଥିବା ସବଷ୍ଟେସନଗୁଡ଼ିକୁ ଅତିରିକ୍ତ କ୍ଷମତା ସହିତ ଉନ୍ନତୀକରଣ କରାଯାଇଛି। ସେହିପରି କୋରାପୁଟର ପୁରୁଣା ସବଷ୍ଟେସନର ଟ୍ରାନ୍ସଫର୍ମରର କ୍ଷମତାକୁ ୩.୧୫ଏମଭିଏରୁ ୮ଏମଭିଏକୁ ବୃଦ୍ଧି କରାଯାଇଛି। ଏହି ଉଲ୍ଲେଖନୀୟ ପଦକ୍ଷେପ ଯୋଗୁଁ ସହରାଞ୍ଚଳ ସମେତ ଶିଳ୍ପ ଅନୁଷ୍ଠାନଗୁଡ଼ିକରେ ବିଜୁଳି ଯୋଗାଣକୁ ସୁନିଶ୍ଚିତ କରାଯାଇପାରିଛି। ଜିଲ୍ଲାରେ ନୂତନ ୩୩କେଭି ଲାଇନ୍ ତାର ସଂଯୋଗ ହୋଇଛି। ଯାହା ସୁନାବେଡ଼ା ପୁଲିସ୍ ଷ୍ଟେସନ କରିଡରରୁ ବେଲାଇଗୁଡ଼ା ପର୍ଯ୍ୟନ୍ତ ଏବଂ କୁନ୍ଦ୍ରା,କୁସୁମୀ, ନୂଆଗାଁ, ପଟାଙ୍ଗୀ, କୁନ୍ଦୁଲି, ନାରାୟଣପାଟଣା ଓ ସୁନାବେଡ଼ାର ସଂଯୋଗୀକରଣକୁ ଅଧିକ ସୁଦୃଢ଼ କରୁଛି। ନୂତନ ୧୧କେଭି ଲାଇନ ତାର ସଂଯୋଗ ଯୋଗୁଁ ଜାନିଗୁଡ଼ା, ସେମିଳିଗୁଡ଼ା, ରଣ୍ଡାପଲ୍ଲୀ ଓ ସ୍ଥାନୀୟ ଆଖପାଖ ଅଞ୍ଚଳରେ ବିଦ୍ୟୁତ ବିତରଣ ବ୍ୟବସ୍ଥାରେ ସୁଧାର ଆସି ପାରିଛି। ସେହିପରି ଆଲମଣ୍ଡା, ବନ୍ଧୁଗାଁ, କୋଟପାଡ଼, ଲମତାପୁଟ, ରାଣୀତୋଟା, ବୋରିଗୁମ୍ମା, ବର୍ଣ୍ଣିପୁଟ ଏବଂ ସୁନାବେଡା ସହରାଞ୍ଚଳରେ ଥିବା ଫିଡରଗୁଡ଼ିକର ମଧ୍ୟ ଉନ୍ନତୀକରଣ କରାଯାଇଛି। ଟିପିଏସ୍ଓଡିଏଲ୍ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ଯୋଗୁଁ ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର, କ୍ଷୁଦ୍ର ଉଦ୍ୟୋଗ ଓ ହଜାର ହଜାର ଘରକୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହେବା ସହିତ ଆର୍ଥିକ ସ୍ତରରେ ବିକାଶ ହୋଇଛି। ଟିପିଏସ୍ଓଡିଏଲ୍ ତରଫରୁ ନିଆଯାଇଥିବା ଏହିସବୁ ପଦକ୍ଷେପ ତଥା ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ସେବା ଯୋଗୁଁ କୋରାପୁଟ ଜିଲ୍ଲାର ପ୍ରତ୍ୟେକ ଘର ଆଲୋକିତ ହେବା ସହିତ, ଶିଳ୍ପ ଅନୁଷ୍ଠାନକୁ ଶକ୍ତି ଓ ସଶକ୍ତ କରିବା ଦିଗରେ ସମସ୍ତ ପ୍ରୟାସ କମ୍ପାନୀ ତରଫରୁ କରାଯାଉଛି।